

ନୀତୀଶ ହେଉଛନ୍ତି ନିର୍ବାଚନୀ ବର

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 217 | ଭାଗ ୩୩ | ସଂଖ୍ୟା ୨୧୭ Friday 31 October 2025 | Page 8 Rs. 5.00 ● ଭୁବନେଶ୍ୱର ଶୁକ୍ରବାର ୩୧ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଓଡ଼ିଶାରେ ହେବ ୯୨ ରେଳ ଓଭରବ୍ରିଜ୍



● ସବୁ ଖର୍ଚ୍ଚ ଉଠାଇବ ରେଳ ବିଭାଗ

● ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୋହନ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଆଗାମୀ ଦିନରେ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ରେଳବାଇ ପକ୍ଷରୁ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ କରାଯିବ। ଏ ବାବଦରେ ହେବାକୁ ଥିବା ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏ ଦିଗରେ ଆବଶ୍ୟକ ସମସ୍ତ ପ୍ରକାର ଅନୁମୋଦନ କେନ୍ଦ୍ର ରେଳ ମନ୍ତ୍ରଣାଳୟ ପ୍ରଦାନ କରିଥିବା ଜଣାପଡ଼ିଛି।

ପୂର୍ବରୁ ଉଭୟ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍‌ଗୁଡ଼ିକର ନିର୍ମାଣ ବାବଦରେ ୫୦ ପ୍ରତିଶତ ହିସାବରେ ଖର୍ଚ୍ଚ କରିଆସିଛନ୍ତି। କିନ୍ତୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଲୋଚ୍ୟ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଖର୍ଚ୍ଚ ରେଳ ମନ୍ତ୍ରଣାଳୟ ବହନ କରିବା ସକାଶେ ନିବେଦନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧକୁ ରକ୍ଷା କରି କେନ୍ଦ୍ର ରେଳ ମନ୍ତ୍ରଣାଳୟ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ୯୨ଟି ରେଳ ଓଭର ବ୍ରିଜ୍‌ର ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏପରି ସହୃଦୟ ପଦକ୍ଷେପ ପାଇଁ ➢ପୃଷ୍ଠା-୬

## ଜେମିମା ମ୍ୟାଜିକ୍ ଫାଇନାଲରେ ଭାରତ

● ରବିବାର ଦକ୍ଷିଣ ଆଫ୍ରିକା ସହ ଫାଇଟ୍

● ୫ ୱିକେଟରେ ହାରିଲା ଅଷ୍ଟ୍ରେଲିଆ

● ହରମନ୍‌ପ୍ରୀତ୍‌ଙ୍କ ଉପଯୋଗୀ ଇନିଂସ

● ମହିଳା ଟିମ୍ ପାଇଁ ଦେଶ ଗର୍ବିତ: ମୁଖ୍ୟମନ୍ତ୍ରୀ




ନଭି ମୁମ୍ବାଇ,୩୦।୧୦: ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ଭାରତ। ରୋମାଞ୍ଚକର ଓ ସଂଘର୍ଷପୂର୍ଣ୍ଣ ସେମିରେ ୭ ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ୫ ୱିକେଟରେ ହରାଇ ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ଜେମିମା ରଡ୍ରିଗ୍ସଙ୍କ ଦମଦାର ଶତକ ଓ ଅଧିନାୟକ ହରମନପ୍ରୀତ କୌରଙ୍କ ଅର୍ଦ୍ଧଶତକ ଭାରତକୁ ବିଜୟୀ କରାଇଛି। ଏହା ସହ ଭାରତୀୟ ମହିଳା ଦଳ ତୃତୀୟ ଥର ଦିନିକିଆ ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି। ଏହା ପୂର୍ବରୁ ଦଳ ୨୦୦୫ ଏବଂ ୨୦୧୭ରେ ଫାଇନାଲ୍ ଖେଳିଥିଲେ ହେଁ ରନର୍ସଅପ ରହିଥିଲା। ଅନ୍ୟପଟେ ପରାଜୟ ସହ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆର ଅଭିଯାନ ଶେଷ ହୋଇଛି। ନଭେମ୍ବର ୨ରେ ଫାଇନାଲ୍‌ରେ ମୁହାଁମୁହିଁ ହେବେ ଭାରତ ଓ ଦକ୍ଷିଣ ଆଫ୍ରିକା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଫୋଏବେ ଲିଚଫିଲ୍ଡଙ୍କ ୧୧୯ ରନ, ଏଲିସ ପେରିଙ୍କ ୭୭ ରନ ଓ ଆସଲେଗ ଗାର୍ଡନେରଙ୍କ ୬୩ ରନ ବଳରେ ୩୩୮ ରନ କରିଥିଲା। ଜବାବରେ ଭାରତ ୪୮.୩ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ଜେମିମା ରଡ୍ରିଗ୍ସ ଅପରାଜିତ ୧୨୭ ରନ କରି ଦଳକୁ ଜିତାଇଛନ୍ତି। କୌର ୮୯ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଏବେ ମହିଳା ଦିନିକିଆ ବିଶ୍ୱକପକୁ ମିଳିବ ନୂଆ ଚାମ୍ପିଅନ।

୩୩୯ ରନର ବିଶାଳ ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତକୁ ୧୩ ରନ ସ୍କୋରରେ ପ୍ରଥମ ୱିକେଟ୍ ହରାଇଥିଲା। ସେମି ଫାଇନାଲରେ ସୁଯୋଗ ପାଇଥିବା ଶେଫାଳି ବର୍ମା(୧୦), ସ୍ମୃତି ମନ୍ଧାନା ୨୪ ରନ କରି ଆଉଟ୍ ହୋଇଥିଲେ। ୫୯ ରନରେ ଦୁଇ ଓପନରଙ୍କୁ ହରାଇଥିଲା ଭାରତ। ଏହା ପରେ ଦଳର ଇନିଂସ ସମ୍ଭାଳିଥିଲେ ଜେମିମା ରଡ୍ରିଗ୍ସ ଓ ଅଧିନାୟକ ହରମନପ୍ରୀତ କୌର। ଦୁହେଁ ଦମଦାର ବ୍ୟାଟିଂ କରିଥିଲେ। କ୍ରିଜରେ ଜମିବା ପରେ ଓଭର ପିଛା ଆବଶ୍ୟକ ରନ ସଂଗ୍ରହ କରି ଚାଲିଥିଲେ। ଏହି କ୍ରମରେ ଦୁଇ ବ୍ୟାଟର ନିଜ ନିଜର ଅର୍ଦ୍ଧଶତକ ପୂରଣ କରି ଶତକ ଆଡ଼କୁ ଅଗ୍ରସର ହୋଇଥିଲେ।

ତେବେ ୨୨୬ ରନ ସ୍କୋରରେ ହରମନପ୍ରୀତ ଆଉଟ୍ ହେବା ଭାରତକୁ ବଡ଼ ଝଟକା ଲାଗିଥିଲା। ଭାରତୀୟ ଅଧିନାୟକ ୮୮ ବଲରୁ ୧୦ ଚୌକା ଓ ୨ ଛକା ସହ ୮୯ ରନର ଅଧିନାୟକତ୍ୱ ଇନିଂସ ଖେଳିଥିଲେ। ଏହା ସହ ଜେମିମାଙ୍କ ସହ ୩ୟ ୱିକେଟ୍ ପାଇଁ ୧୬୭ ରନ ଯୋଡ଼ି ଭାରତ ପାଇଁ ବିଜୟର ମୂଳଦୁଆ ପକାଇଥିଲେ। ଏହା ପରେ ରଡ୍ରିଗ୍ସ ଓ ଦୀପ୍ତି ଶର୍ମା ସ୍କୋର ଆଗକୁ ବଢ଼ାଇଥିଲେ। ତେବେ ଦୀପ୍ତି ୨୪ ରନ କରି ରନଆଉଟ୍ ହୋଇଥିଲେ। ଅନ୍ୟପଟେ ରଡ୍ରିଗ୍ସ ସେମିରେ ଶତକ ହାସଲ କରିଥିଲେ।

ରିଚା ଘୋଷ କ୍ରିଜକୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୧୬ ବଲରୁ ୨୬ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ସଭିଙ୍କ ନଜର ରଡ୍ରିଗ୍ସଙ୍କ ଉପରେ ଥିଲା। ମ୍ୟାଚ୍ ରୋମାଞ୍ଚକର ମୋଡ ନେଇଥିଲା। ତଥାପି ସେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ଜିତାଇଛନ୍ତି। ତାଙ୍କର ଶତକୀୟ ଇନିଂସରେ ୧୪ ➢ପୃଷ୍ଠା-୬

## ଜଷ୍ଟିସ ସୂର୍ଯ୍ୟକାନ୍ତ ୫୩ତମ ସିଜେଆଇ



ନଭେମ୍ବର ୨୪ରେ ଶପଥ ଗ୍ରହଣ

ନୂଆଦିଲ୍ଲୀ, ୩୦।୧୦: ଭାରତର ୫୩ତମ ପ୍ରଧାନ ବିଚାରପତିଭାବେ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନିଯୁକ୍ତ ମିଳିଛି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନଭେମ୍ବର ୨୩ରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ବିଦାୟ ପରେ ନଭେମ୍ବର ୨୪ ତାରିଖରେ ସିଜେଆଇଭାବେ ଜଷ୍ଟିସ ସୂର୍ଯ୍ୟକାନ୍ତ ଶପଥଗ୍ରହଣ କରିବେ। ପ୍ରଥମ ଥର ଲାଗି ହରିଆନାରୁ ଏଥର ସିଜେଆଇ ଭାବେ ସେ ପଦଭାର ଗ୍ରହଣ କରିବେ। ସିଜେଆଇ ଭାବେ ଜଷ୍ଟିସ ସୂର୍ଯ୍ୟକାନ୍ତି ୧୪ ମାସ କାର୍ଯ୍ୟନିର୍ବାହ କରିବେ। ୨୦୨୭ ଫେବୃଆରୀ ୯ ତାରିଖରେ ତାଙ୍କ କାର୍ଯ୍ୟକାଳ ପୂରିବ। ଜଷ୍ଟିସ ସୂର୍ଯ୍ୟକାନ୍ତ ଜଣେ ବରିଷ୍ଠ ଓ ଅଭିଜ୍ଞ ବିଚାରପତି ହୋଇଥିବାରୁ ସେ ନିଜର ଦାୟିତ୍ୱ ଠିକଭାବେ ତୁଲାଇବେ ବୋଲି ସିଜେଆଇ ଗଭାଇ କହିଛନ୍ତି। ହରିଆଣାର ହିସାରରେ ୧୯୬୨ ଫେବୃଆରୀ ୧୦ରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ବାପା ଜଣେ ସଂସ୍କୃତ ପଣ୍ଡିତ ଥିଲେ। କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟରୁ ଏଲଏଲଏମ ପାସ କରିବା ପରେ ପ୍ରଥମେ ହିସାର ଜିଲ୍ଲା କୋର୍ଟରେ ପ୍ରାକ୍ଟିସ ଆରମ୍ଭ କରି ପରେ ପଞ୍ଜାବ ଓ ହରିଆନା ହାଇକୋର୍ଟରେ ଓକିଲାତି କରିଥିଲେ। ୨୦୦୦ ମସିହାରେ ତାଙ୍କୁ ➢ପୃଷ୍ଠା-୬

## ବିଇଓଙ୍କ ପାଇଁ ଜୀବନ ହାରିବେ ଛାତ୍ରୀ!

❑ କାହା ସ୍ୱାର୍ଥରେ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି ?

❑ ମାନପତ୍ର ଦେଇ ପ୍ରତିଯୋଗିତାରୁ ଦୂରେଇଦେଲେ

❑ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି



ନିଶ୍ଚିନ୍ତକୋଇଲି,୩୦।୧୦(ସଂଚାର ବ୍ୟୁରୋ): ପୁଣି ଥରେ ବିବାଦ ଘେରରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ (ବିଇଓ) ସଂଯୁକ୍ତା ମହାପାତ୍ର। ମଣ୍ଡଳସ୍ତରୀୟ ସୁରଭି ମହୋତ୍ସବରେ ପ୍ରଥମ ହୋଇଥିବା ଜଣେ ଛାତ୍ରୀ ଓ ତାଙ୍କ ଟିମକୁ ସମ୍ମାନିତ କରି ଆସନ୍ତାକାଲି ଜିଲ୍ଲାସ୍ତରୀୟ ସୁରଭି ମହୋତ୍ସବରେ ସାମିଲ ହେବାକୁ ମନୋନୀତ କରାଯାଇଥିଲେ ହେଁ ହଠାତ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଦୁଇ ଅତିରିକ୍ତ ବିଇଓଙ୍କୁ ଅଟକ ରଖାଯାଇଥିଲା। ଏଥିରେ ପୁଲିସ ହସ୍ତକ୍ଷେପ କରିବା ପରେ ଏବିଇଓଦ୍ୱୟ ମୁକ୍ତ ହୋଇଥିଲେ ବି ବିଇଓଙ୍କ ବିରୋଧରେ ଗ୍ରାମବାସୀ ଓ ଅଭିଭାବକ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଛନ୍ତି।

ନିଶ୍ଚିନ୍ତକୋଇଲି ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅନ୍ତର୍ଗତ ରାମକୃଷ୍ଣପୁର ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ବିଇଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଭିନେତା ତଥା ବିଜେପି ନେତା ଅରିନ୍ଦମ୍ ରାୟ ଯୋଗଦେଇଥିଲେ। ଏହି ଅବସରରେ ନଇଁଗୁଆ-ଦାଉଦପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଜଲକ୍ଷ୍ମୀ ନନ୍ଦ ଓ ତାଙ୍କ ସାଥୀଙ୍କ ଦ୍ୱାରା ଅନୁଷ୍ଠିତ ବରିଷ୍ଠ ➢ପୃଷ୍ଠା-୬

## ଏନ୍‌ଏଚ୍‌ରେ ଲାଗିବ କ୍ୟୁଆର୍ କୋଡ୍



➤ ଅଧିକାରୀଙ୍କୁ ଗଡ଼କରୀଙ୍କ ନିର୍ଦ୍ଦେଶ

➤ ଉତ୍ତରଦାୟିତ୍ୱ ବଢ଼ିବ, ପ୍ରଦର୍ଶନରେ ସୁଧାର ଆସିବ

➤ ଏକଲା ଦାୟୀ ହେବାକୁ ନାରାଜ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ,୩୦।୧୦: ଦେଶରେ ସଡ଼କ ଭିତ୍ତିଭୂମିକୁ ନେଇ ଅନେକ ସମୟରେ ସରକାର ସମାଲୋଚନାର ଶିକାର ହୋଇଆସିଛନ୍ତି। ଗୋଟିଏ ପଟେ ସରକାର ଟୋଲ୍ ଫି' ଓ ଅନ୍ୟାନ୍ୟ ଫି' ଆଦାୟ କରିବାରେ କୌଣସି କାର୍ପଣ୍ୟ କରୁନଥିବା ବେଳେ ସେଇ ଅନୁପାତରେ ରାସ୍ତାଘାଟର ଅବସ୍ଥାରେ ସୁଧାର ଆଣିବା ସକାଶେ ଦାବି ହୋଇଆସିଛି। ଏପରି ସ୍ଥିତିରେ ଆଜି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଏଣିକି ସେ ନିଜେ କେବଳ ଗାଳି ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି। କୌଣସି ରାସ୍ତାର ଦୁର୍ବଳ ଅବସ୍ଥା ପାଇଁ ଉକ୍ତ ରାସ୍ତା ସହ ଜଡ଼ିତ ପ୍ରତିଟି ବ୍ୟକ୍ତିବିଶେଷ ଓ ବିଭାଗ ଉତ୍ତରଦାୟୀ ହେବ। ➢ପୃଷ୍ଠା-୬

### ଓପିଜିସିରେ ପରିଚାଳନାଗତ ବିଭ୍ରାଟ

## ୬୬ ମାସରେ ହରାଇଲାଣି ୩୪୫୨ କୋଟି

✪ ବାରମ୍ବାର ପ୍ଲାଣ୍ଟ ବନ୍ଦ ଯୋଗୁ ସ୍ଥିତି ସଙ୍ଗିନ୍

✪ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି ଉପଭୋକ୍ତା

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଅପରେସନ୍ ଓ ରକ୍ଷଣାବେକ୍ଷଣଜନିତ ତ୍ରୁଟି ପାଇଁ ଇବ ତାପଜ ବିଦ୍ୟୁତ କେନ୍ଦ୍ର ବାରମ୍ବାର ବନ୍ଦ ହେଉଛି। ଓଇଆରସି ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ, ପ୍ରଥମ ପର୍ଯ୍ୟାୟ ୪୨୦ ମେଗାୱାଟ (୨x୨୧୦) ପୁରୁଣା ଶକ୍ତିକେନ୍ଦ୍ରଟି ପୂର୍ବ ୫ ବର୍ଷରେ (୨୦୧୯-୨୦ ରୁ ୨୦୨୩-୨୪) ୮୦ ଥର ବନ୍ଦ ହୋଇଥିବା ବେଳେ ୨୦୨୪-୨୫ରେ ୧୮ ଥର ବନ୍ଦ ହୋଇଛି। ଏପରିକି ଚଳିତ ବର୍ଷର ପ୍ରଥମ ୬ ମାସରେ ପୁରୁଣା ଶକ୍ତିକେନ୍ଦ୍ର ୧୨ ଥର ବନ୍ଦ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ୧୩୨୦ ମେଗାୱାଟ (୨x୬୬୦) ନୂତନ ଶକ୍ତିକେନ୍ଦ୍ର ମଧ୍ୟ ୧୪ ଥର ବନ୍ଦ ହୋଇଛି। ଫଳରେ ୨୦୨୦ ଏପ୍ରିଲରୁ ଗତ ସେପ୍ଟେମ୍ବର ପର୍ଯ୍ୟନ୍ତ ୬୬ ମାସରେ ଉତ୍ପାଦନରେ ୯୮୬୪ ନିୟୁତ ୟୁନିଟ କ୍ଷତି ହୋଇଛି। ଏ ବାବଦରେ ଓପିଜିସି ପାଖାପାଖି ୩୪୫୨ କୋଟି ଟଙ୍କାର ରାଜସ୍ୱ ହରାଇଥିବା ଜଣାପଡ଼ିଛି।

ଝାରସୁଗୁଡା ଜିଲ୍ଲାର ବନହରିପାଲସ୍ଥିତ ଓପିଜିସିର ଇବ ତାପଜ ଶକ୍ତି କେନ୍ଦ୍ର ରାଜ୍ୟର ଏକ- ତୃତୀୟାଂଶ ବିଦ୍ୟୁତ ଚାହିଦା ପୂରଣ କରୁଛି। ତେବେ ଓଇଆରସି ଧାର୍ଯ୍ୟ କରିଥିବା ମାନଦଣ୍ଡ ଅନୁସାରେ, ୪୨୦ ମେଗାୱାଟ କ୍ଷମତାର ପୁରୁଣା ଶକ୍ତିକେନ୍ଦ୍ରଟି ବର୍ଷକୁ ସ୍ଥାପିତ କ୍ଷମତାର ୮୩ ପ୍ରତିଶତ ବିଦ୍ୟୁତ ଉତ୍ପାଦନ କରିବ। ସେହିପରି ୧୩୨୦ ମେଗାୱାଟ କ୍ଷମତାର ନୂତନ ଶକ୍ତିକେନ୍ଦ୍ରଟି ୮୫ ପ୍ରତିଶତ ବିଦ୍ୟୁତ ଉତ୍ପାଦନ କରିବ। ଏହି ମାନଦଣ୍ଡରୁ କମ ବିଦ୍ୟୁତ ଉତ୍ପାଦନ ହେଲେ ଓପିଜିସିର ଉତ୍ପାଦନ କ୍ଷତିଗ୍ରସ୍ତ ହେବା ସହ ରାଜସ୍ୱ ମଧ୍ୟ ହାନି ହେବ।

OPGC Power for Progress

ସେହିପରି ଓପିଜିସି ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ, ପୁରୁଣା ଶକ୍ତିକେନ୍ଦ୍ରଟି ପୂର୍ବ ୫ ବର୍ଷରେ (୨୦୨୦-୨୧ ରୁ ୨୦୨୪-୨୫) ଯଥାକ୍ରମେ ୭୧, ୮୦, ୭୬, ୬୮ ଓ ୭୪ ପ୍ରତିଶତ ଉତ୍ପାଦନ କରିଛି। ସେଥିପାଇଁ ପୂର୍ବ ୫ ବର୍ଷରେ ଯଥାକ୍ରମେ ୧୨, ୩, ୭, ୧୫ ଓ ୯ ପ୍ରତିଶତ ଉତ୍ପାଦନ କ୍ଷତି କରିଛି। ସେହିପରି ଚଳିତ ବର୍ଷର ପ୍ରଥମ ୬ ମାସରେ ହାରାହାରି ୮୫ ପ୍ରତିଶତ ବିଦ୍ୟୁତ ଉତ୍ପାଦନ କରି ୨ ପ୍ରତିଶତ ➢ପୃଷ୍ଠା-୬

## ୧ରୁ ସୁଭଦ୍ରା ଶକ୍ତି ମେଳା




● ଭାଗନେବେ ୧୧ ରାଜ୍ୟର ଏସ୍‌ଏଚ୍‌ଜି

● ସାକାର ହେବ 'ଲକ୍ଷପତି ଦିଦି' ସ୍ୱପ୍ନ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଆସନ୍ତା ୧ ତାରିଖଠାରୁ ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ଆୟୋଜିତ ହେବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ସ୍ଥାନୀୟ ମିଶନ ଶକ୍ତି ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ନାରୀମାନେ ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜ ସାମର୍ଥ୍ୟ, ସୃଜନଶୀଳତା ଓ ଔଦ୍ୟୋଗିକତାର ପରିଚୟ ଦେଉଛନ୍ତି। ଏହି ଅପ୍ରତିମ ନାରୀ ଶକ୍ତିକୁ ସମ୍ମାନ ଜଣାଇ ମିଶନ ଶକ୍ତି ବିଭାଗ ଆୟୋଜନ କରିବ ➢ପୃଷ୍ଠା-୬

### ଆଜି ପବିତ୍ର ଅଁଳା ନବମୀ

## ରାଧା ପାଦ ଦର୍ଶନ ଅପେକ୍ଷାରେ ଶ୍ରଦ୍ଧାଳୁ

● ୨୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ

● ଭୋର୍ ୫ଟାରୁ ସର୍ବସାଧାରଣ ଦର୍ଶନ

ସାକ୍ଷୀଗୋପାଳ,୩୦।୧୦(ସଂଚାର ବ୍ୟୁରୋ): ପବିତ୍ର କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥି ତଥା ଅଁଳା ନବମୀରେ ଆସନ୍ତାକାଲି ରାଜ୍ୟର ଅନ୍ୟତମ ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ ଅନୁଷ୍ଠିତ ହେବ। ଏହି ପବିତ୍ର ତିଥିରେ ଭକ୍ତମାନେ ଶ୍ରୀକୃଷ୍ଣଙ୍କ ନଟବର ବେଶ ଓ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ଦର୍ଶନ କରିବା ସହ ମା' ଙ୍କ ପାଦଦର୍ଶନର ସୁଯୋଗ ପାଇବେ। ଏହି ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଭୋର୍ ୫ଟାଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ଭକ୍ତମାନେ ବ୍ୟାରିକେଡ୍ ଦେଇ ଯାଇ ସିଂହଦ୍ୱାରରେ ପ୍ରବେଶ ପୂର୍ବକ ଦର୍ଶନ ଓ ବେଢ଼ା ପରିକ୍ରମା କରି ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେହିପରି ଭିଆଇପି ପାସ୍‌ଧାରୀମାନେ ଦକ୍ଷିଣ ଦ୍ୱାରରେ ପ୍ରବେଶ କରି ଦର୍ଶନ ଓ ବେଢ଼ା ପରିକ୍ରମା କରି ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବେ। ଏହି ପବିତ୍ର ତିଥିରେ ➢ପୃଷ୍ଠା-୬



### କାନ ଡେରିଥା

କାକିନାଡ଼ା ଗଲା ବାତିଆ
ମନ୍ଥା
ଓଡିଶା ଜଳକା ହେଲା
ମନ୍ଥା ବାତ୍ୟା ସେଠି
ମନ୍ଥାମନ୍ଥି କଲା
ସବୁ ସେ ଉଡେଇଦେଲା
ରିଲିଫ କୁଆଡେ ଗଲା...
ରିଲିଫ ପଇସା ଖାଇବା
ପାଇଁକି
କୁଜି ନେତା ଚାହିଁଥିଲା।

■ ଦେବାଶିଷ

## ନୂଆପଡ଼ା ହାତେଇବା ପାଇଁ ଆର୍‌ପାର୍ ଲଢ଼େଇ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ନୂଆପଡ଼ା ବିଧାନସଭା ଆସନ ଏବେ ରାଜ୍ୟର ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ଆର୍ ପାର୍ ଲଢେଇ ଲଢୁଥିବାବେଳେ ତିନି ପ୍ରମୁଖ ସ୍ଥାନ ଖରିଆର, ନୂଆପଡ଼ା ଓ କୋମନା ଉପରେ ସମସ୍ତଙ୍କ ନଜର ରହିଛି। ଉପନିର୍ବାଚନ ପାଇଁ ମାଳ ମାଳ ନେତା ଡେରା ପକାଇଥିବାବେଳେ ଭୋଟର କିନ୍ତୁ ମୁହଁ ଖୋଲୁନାହାନ୍ତି।

● ଖରିଆରରେ ବିଜେପି, କୋମନାରେ ତ୍ରିମୁଖୀ

● ନୂଆପଡ଼ାରେ ୫୦:୫୦







ନୂଆପଡ଼ା ଆସନ ହାତେଇବାପାଇଁ ବିଜେପି, ବିଜେଡି ଓ କଂଗ୍ରେସ ଲାଗି ପଡ଼ିଥିବା ବେଳେ ପରସ୍ପର ବିରୁଦ୍ଧରେ ପ୍ରଚାରକୁ ଜୋରଦାର କରିଛନ୍ତି। ରାଜ୍ୟରେ ଦେଢ଼ ବର୍ଷର ବିଜେପି ସରକାର ତା'ର ନିର୍ବାଚନୀ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା ନେଇ ବିଜେଡି ଲୋକଙ୍କୁ ବୁଝାଉଥିବା ବେଳେ ବିଜେଡି ତା'ର ପ୍ରାର୍ଥୀଙ୍କୁ ନୂଆପଡ଼ା ବାହାରୁ ଆଣିଥିବା ବିଜେପି ବୁଝାଇବାରେ ଲାଗିଛି। ଏହି ଦୁଇ ଦଳର ଟଣାଓଟରା ଭିତରେ କଂଗ୍ରେସ କିନ୍ତୁ ପ୍ରଥମରୁ ଯେଉଁ ସ୍ଥିତିରେ ଥିଲା, ତାହା ଆଉ ଦେଖିବାକୁ ମିଳୁନାହିଁ।

ଉପନିର୍ବାଚନରେ ବିଜେପିର ପ୍ରାର୍ଥୀ ହୋଇଛନ୍ତି ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ। ଜୟ ବିଜେଡିରେ ଥିଲେ ମଧ୍ୟ ଶେଷ ମୂହୂର୍ତ୍ତରେ ବିଜେପିକୁ ଡେଇଁଛନ୍ତି। ଜୟଙ୍କ ପଳାୟନ ପରେ ବିଜେଡି ବହୁ ଭାବିଚିନ୍ତି ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଛି। ଛୁରିଆଙ୍କ ନିର୍ବାଚନମଣ୍ଡଳୀ ହେଉଛି ଅତାବିରା। କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି ଘାସିରାମ ମାଝୀ। ଘାସିରାମ ଗତ ନିର୍ବାଚନରେ କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ଥିଲେ।

ନିର୍ବାଚନ ପ୍ରଚାରରେ କିନ୍ତୁ ସମସ୍ତଙ୍କ ନଜର ରହିଛି ନୂଆପଡ଼ା, ଖରିଆର ଓ କୋମନା ଉପରେ। ବର୍ତ୍ତମାନର ସ୍ଥିତିରେ ଯାହା ଲକ୍ଷ୍ୟ କରାଯାଉଛି ଖରିଆର ବ୍ଲକ୍ ଓ ଏନଏସିରେ ବିଜେପି ଭଲ ସ୍ଥିତିରେ ରହିଛି। କାରଣ ଖରିଆର ହେଉଛି ଜୟ ଢୋଲକିଆଙ୍କ ଘର। ତେବେ ଖରିଆର ଏନଏସିରେ ବିଜେପି ବିଜେପି ସମାନ ସ୍ଥିତିରେ ରହିଥିବା ଲକ୍ଷ୍ୟ କରାଯାଉଛି। ସେହିଭଳି ନୂଆପଡ଼ା ବ୍ଲକ ଓ ନୂଆପଡ଼ା ଏନଏସିରେ ବିଜେପି ଓ ବିଜେଡିର ପ୍ରାୟ ୪୦ ପ୍ରତିଶତ କରି ଭୋଟ ରହିଥିବା ବେଳେ ଅବଶିଷ୍ଟ ଭୋଟ କଂଗ୍ରେସର ରହିଛି। କୋମନାରେ କିନ୍ତୁ ସ୍ଥିତି ଅଲଗା। ଏଠାରେ ତ୍ରିମୁଖୀ ଲଢ଼େଇ। ତିନି ଦଳ ଏଠାରେ ସମାନ ସ୍ଥିତିରେ ଥିବା ଲକ୍ଷ୍ୟ କରାଯାଉଛି।

ଏହାଛଡ଼ା ନୂଆପଡ଼ା ବିଧାନସଭା କ୍ଷେତ୍ରରେ ପଛୁଆ ବର୍ଗ ଓ ଆଦିବାସୀଙ୍କ ➢ପୃଷ୍ଠା-୬



## ଫେବୃଆରୀ ୧୭ରୁ ସିବିଏସଇ ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ,୩୦।୧୦: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ୨୦୨୬ ଶ୍ରେଣୀ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ତାରିଖ ଘୋଷଣା କରିଛି। ବୋର୍ଡର ଘୋଷଣା ଅନୁଯାୟୀ, ୨୦୨୬ ଫେବୃଆରୀ ୧୭ରୁ ପରୀକ୍ଷା ଆରମ୍ଭ ହେବ। ତାରିଖ ଘୋଷଣା କରି ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ଆହୁରି ପ୍ରଭାବଶାଳୀ ଭାବେ ସେମାନଙ୍କର ପ୍ରସ୍ତୁତି ଆରମ୍ଭ କରିବାର ସୁଯୋଗ ଦେଇଛି। ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ସିବିଏସଇ ର ଅଫିସିଆଲ୍ ୱେବସାଇଟ୍ କୁ ଯାଇ ସେମାନଙ୍କର ଡେଟ୍‌ସିଟ୍ ଦେଖିପାରିବେ। ଦଶମ ଶ୍ରେଣୀ ପରୀକ୍ଷା ୧୦ ମାର୍ଚ୍ଚ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ୯ ଏପ୍ରିଲ, ୨୦୨୬ରେ ଶେଷ ହେବ। ପରୀକ୍ଷା ସକାଳ ୧୦ଟା ୩୦ରୁ ଆରମ୍ଭ ହେବ ଏବଂ ଅପରାହ୍ନ ୧ଟା ୩୦ରେ ଶେଷ ହେବ। ସିବିଏସଇ ଦଶମ ଶ୍ରେଣୀ ➢ପୃଷ୍ଠା-୬

# ଦିବ୍ୟାଙ୍ଗଙ୍କ ଗୁହାରି ଶୁଣିଲେ ବ୍ଲକ କର୍ମଚାରୀ




**ମାହାଙ୍ଗା,୩୦।୧୦ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ରେ କାର୍ଯ୍ୟରତ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ମମତା ବେହେରା ଜଣେ ଦିବ୍ୟାଙ୍ଗଙ୍କ ଅଭିଯୋଗ ନିଜ ଆସନରୁ ଉଠି ଶୁଣିଥିଲେ । ପ୍ରକାଶ ଯେ ମାହାଙ୍ଗା ବ୍ଲକ ଅଧୀନ କୁହୁଣ୍ଡା ପଞ୍ଚାୟତର ଜଣେ ଦିବ୍ୟାଙ୍ଗ ତାଙ୍କର ଅଭିଯୋଗ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ ଏହି ଖବର ପାଇ ସହଜିକ ସୁରକ୍ଷା ବିଭାଗ ର ଡାଟା ଅପରେଟର ମମତା ବେହେରା ନିଜ ଆସନରୁ ଉଠି ଆସି ଦିବ୍ୟାଙ୍ଗଙ୍କ ଗୁହାରି ଶୁଣିବା ସହ ତାଙ୍କୁ ତୁରନ୍ତ ତାଙ୍କ ଦିବ୍ୟାଙ୍ଗ ପ୍ରମାଣ ପତ୍ର ମିଳିବ ବୋଲି କହିଥିଲେ ।

ସୂଚନାଯୋଗ୍ୟ ଯେ ବର୍ତ୍ତମାନ ସମୟରେ ସରକାରୀ ବାବୁମାନେ ଗରିବ ଓ ଦିବ୍ୟାଙ୍ଗଙ୍କ କାର୍ଯ୍ୟ ଓ ଗୁହାରି ଶୁଣିବା କଥା ଦୂରରେ କଥା ମାତ୍ର ମମତା ସାଧାରଣ କର୍ମଚାରୀ ଟିଏ ହୋଇ ତାଙ୍କର ଏଭଳି ପଦକ୍ଷେପ ସାଧାରଣ ରେ ପ୍ରସଂଶା ଯୋଗ୍ୟ ହୋଇପାରିଛି ।

# ଜୁଆର ମାଡ଼ରେ କ୍ଷତିଗ୍ରସ୍ତ ପଥର ବନ୍ଧ

**ରାଜନଗର,୩୦।୧୦(ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥା ପ୍ରଭାବରେ ଅଶାନ୍ତ ବଙ୍ଗୋପସାଗରର ପ୍ରଭାବ ଦେଖିବାକୁ ମିଳିଥିଲା କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ପେଣ୍ଠ ନିକଟରେ। ବଙ୍ଗୋପସାଗରରେ ଉଚ୍ଚ ଜୁଆର ଉଠିବା ସହିତ ଜୁଆର ଜିଓ ସିଂଥେଟିକ ୱାଲ ଉପରେ ଭୟଙ୍କର ଭାବେ ମାଡ ନେଇଥିଲା। ଜୁଆର ମାଡ ନେବା ଯୋଗୁ ସିଂଥେଟିକ ୱାଲକୁ ସୁରକ୍ଷା ଦେବାକୁ ବାମ ଓ ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପଥର ବିଶେଷ ଭାବେ କ୍ଷ୍ୟତିଗ୍ରସ୍ତ ହୋଇଥିଲା । ସମୁଦ୍ରର ଉଚ୍ଚ ଉଚ୍ଚ ଜୁଆର ମାଡ଼ ହେବା ଫଳରେ ସମୁଦ୍ର କୂଳରେ ନିର୍ମାଣ ହୋଇଥିବା ପଥର ବନ୍ଧ ଧସିବା ସହିତ ତାର ଜାଲି ଭିତରୁ ପଥର ଗୁଡିକ ବାହାରି ଯାଇଥିଲା ଓ ବନ୍ଧ ମଧ ଧୋଇ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଜିଓ ସିଂଥେଟିକ ୱାଲର ବାମ ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ପଥର ବନ୍ଧ କ୍ଷ୍ୟତିଗ୍ରସ୍ତ ହୋଇଥିବା ବେଳେ ଦକ୍ଷିଣ ପାର୍ଶ୍ୱରେ ପାଖାପାଖି ୫ ଫୁଟ ସମୁଦ୍ର ମଧକୁ ଏହି ପଥର ବନ୍ଧ ଧସି ପଡିଛି। ସମୁଦ୍ରର ଏହି ଉଗ୍ରମୂର୍ତ୍ତି ଦୃଶ୍ୟ ଦେଖି କେବଳ ପେଣ୍ଠ ଗାଁର ଅଧିବାସୀ ନୁହନ୍ତି ସମଗ୍ର ରାଜନଗରବାସୀ ଭୟଭୀତ ହୋଇପଡିଛନ୍ତି।

**ସ୍ଥିତି ଅନୁଧାନ କଲେ ଜିଲ୍ଲାପାଳ, ଅଧୀକ୍ଷଣ ଯନ୍ତ୍ରୀ**



ଆଜି କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଡିଏଫଓ ଭରଦରାଜ ଗାଓଁଙ୍କର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ, ଆଳି ତଟବନ୍ଧ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସମ୍ବିତ କୁମାର ସାହୁ, ସହକାରୀଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ପ୍ରମୁଖ ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ଜିଓ ସିଂଥେଟିକ ୱାଲ ଓ ପଥର ବନ୍ଧର ସ୍ଥିତି ଅନୁଧାନ କରିଥିଲେ। ଜୁଆର ମାଡରେ ପଥରବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ଦେଖିବା ପରେ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ଆସନ୍ତା ସପ୍ତାହରେ ମୁଖ୍ୟଯନ୍ତ୍ରୀ ପେଣ୍ଠରେ ପହଞ୍ଚି ସ୍ଥିତି ଅନୁଧାନ କରିବା ପରେ ଏହାର ମରାମତି କରାଯିବ ଓ ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧିକ୍ଷଣଯନ୍ତ୍ରୀ ଶ୍ରୀସାହୁ ସୂଚନା ଦେଇଛନ୍ତି।

**ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା**

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**କେନ୍ଦ୍ରାପଡ଼ା,୩୦।୧୦(ସଂଚାର ବ୍ୟୁରୋ):** ନିକିରାଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଆକ୍ରମଣ କରାଯିବା ପରେ ତାଙ୍କର ମୃତ୍ୟୁ ଘଟିବା ମାମଲାର ବିଚାର କରି କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାଜଜ୍ ଅଭିଯୁକ୍ତ ସୁନାକର ମଲିକଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ନିକିରାଇ ଥାନା ଅଧିନ ଧୂମାତ ମଠସାହି ଗ୍ରାମର ସନ୍ତୋଷ ମଲିକ ୨୦୧୮ମସିହା ଅଗଷ୍ଟ ମାସ ୨୭ତାରିଖରେ ସୁନାକରଙ୍କ ଘରେ ଚାଲିଥିବା ଏକ ଜନ୍ମଦିନ ଭୋଜିକୁ ଯାଇଥିଲେ । କୌଣସି କାରଣକୁ କେନ୍ଦ୍ର କରି ସୁନାକରଙ୍କ ସହ ସନ୍ତୋଷଙ୍କର ଯୁକ୍ତିତର୍କ ହୋଇଥିଲା। ଏହି ଯୁକ୍ତିତର୍କ କ୍ରମେ ଉଗ୍ର ରୂପ ନେବାରୁ ସୁନାକର ଏକ ବାଉଁଶ କୀଳାରେ ସନ୍ତୋଷଙ୍କ ପେଟକୁ ଭୁସି ଦେଇଥିଲେ। ଏହାଦ୍ୱାରା ସନ୍ତୋଷ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଇନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ସନ୍ତୋଷଙ୍କର ୨୦୧୮ମସିହା ଅଗଷ୍ଟମାସ ୨୯ତାରିଖରେ ମୃତ୍ୟୁ ହୋଇଯାଇଥିଲା । ଏନେଇ ମୃତ ସନ୍ତୋଷଙ୍କ ମା' ଅନୁସୂୟା ମଲିକ ନିକିରାଇ ଥାନାରେ ଏତଲା ଦେଇଥିଲେ। ସେହି ଏତଲାକୁ ଭିତ୍ତିକରି ନିକିରାଇ ଥାନା ପୋଲିସ ସୁନାକର ମଲିକ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ୨୦୨୧ମସିହା ଜାନୁଆରୀ ମାସ ୧୫ତାରିଖରେ ପୋଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା ।



# ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ କାଳୀୟ ଦଳନ ବେଶ

**କେନ୍ଦ୍ରାପଡା,୩୦।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ର ଆରାଧ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ କାଳୀୟ ଦଳନ ବେଶ ମହା ସମାରୋହ ରେ ଥୁଷ୍ଠିତ ହୋଇଯାଇଛି । କାଳୀୟ ଦଳନ ବେଶରେ ପ୍ରଭୁ ବଳଦେବ ଜୀଉ ଆଜି ପବିତ୍ର ଗୋଷ୍ଠାଷ୍ଟମୀ ତିଥିରେ ପ୍ରଭୁ ବଳଦେବ ଜୀଉଙ୍କ କାଳୀୟ ଦଳନ ବେଶ ଅନୁଷ୍ଠିତ ହୋଇଛି । ସନ୍ଧ୍ୟା ନୀତି ସମ୍ପନ୍ନ ପରେ ପୂଜା ପଣ୍ଡାଙ୍କ ଦ୍ୱାରା ବେଶ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ମଉଳି ମଣ୍ଡଳ ବନ୍ଧାଯାଇ ଜଗନ୍ନାଥଙ୍କର ମଣ୍ଡଳ ଛନ୍ଦା ଚରଣ ଆଙ୍ଗୁଠି ପୟର ଲଗାଯାଇଥିଲା । ପ୍ରତୀକାତ୍ମକ ଭାବେ କାଳୀୟ ନାଗ ଚରଣରେ ଲାଗିଥିଲା। ଦୁଇ ପାର୍ଶ୍ୱରେ ନାଗ କନ୍ୟାକୁ ରଖା ଯାଇ ସିଂହାସନ ରେ ଅପୂର୍ବ ଶୋଭା ପାଉଥିଲା ପରେ ସନ୍ଧ୍ୟା ଆଳତି କରାଯାଇଥିଲା । ଏହି ବେଶ ଦେଖିବାକୁ ବହୁ ଭକ୍ତଙ୍କ ଭିଡ଼ ହୋଇଥିଲା ।

# ବିଦ୍ୟାଳୟରେ ପୋଷାକ ବିତରଣ

**ଡେରାବିଶ,୩୦।୧୦ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳସ୍ଥିତ ଜେନାମଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଆଜି ପୋଷାକ ବିତରଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଭିରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୋଷାକ ବିତରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବଜାନୀ ମଳିକ, ପୂର୍ବତନ ସଭାପତି ପ୍ରମୋଦ କୁମାର ପ୍ରଧାନ ଉପସ୍ଥିତ ରହି ପ୍ରଥମ ଶ୍ରେଣୀରୁ ପଞ୍ଚମ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ୨ ହଳ ଲେଖାଏ ପୋଷାକ ବଣ୍ଟନ କରିଥିଲେ।




# ରିଙ୍ଗବନ୍ଧ ଅବସ୍ଥା ଶୋଚନୀୟ

**ଆଳି,୩୦।୧୦ (ସଂଚାର ବ୍ୟୁରୋ):** ଆଳି ବ୍ଲକର ପତ୍ରପୁର ଠାରୁ ଠାରୁ ନୂଆପଡ଼ା ପର୍ଯ୍ୟନ୍ତ ରାସ୍ତାର ଦୁରାବସ୍ଥା ନ କହିବା ଭଲ । ଏ ବିଷୟରେ, ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ପତ୍ରପୁରଠାରୁ ନୂଆପଡା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଖାଲଖମା ରାସ୍ତା ସାଙ୍ଗକୁ ବୋଲ୍ଡର ରାସ୍ତା ଉପରେ ଏପରି ଭାବେ ବିସ୍ତୀର୍ଣ୍ଣ ହେଇ ପଡିରହିଛି ଯଦ୍ଦ୍ୱରା ବାଟୋଇମାନଙ୍କର ନାନାଦି ଦୁର୍ଘଟଣା ହେବା ସହ ଗମନାଗମନରେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆହୁରି ମଧ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ସ୍ୱାସ୍ଥ୍ୟ ସମସ୍ୟା ବେଳେ ଆମ୍ବୁଲାନ୍ସ ଯିବାରେ ଅତ୍ୟନ୍ତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ରାସ୍ତାର ଦୁରାବସ୍ଥା ସାଙ୍ଗକୁ ରାସ୍ତାରେ ଅନେକ ଯାନବାହାନ ଗାଡି ତଥା ମାଲ ବୋଝେଇ ଟ୍ରକ ଏବଂ ଯାତ୍ରୀବାହୀ ବସ ମଧ ଯାତାୟତ କରୁଛି, ଏଥିପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ମଧ ପଡୁଛି । ଗ୍ରାମ୍ୟ ଉନ୍ନୟନ ବିଭାଗକୁ ତରଫରୁ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଶୀଘ୍ର କରିବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି ।



# ବେଆଇନ ରସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ



**କେନ୍ଦ୍ରାପଡ଼ା,୩୦।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବେଆଇନ ରାସ୍ତା ନିର୍ମାଣ କୁ ବିରୋଧ କରି ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କେନ୍ଦ୍ରାପଡା ଜମଧର ପଞ୍ଚାୟତ ବଡଗାଁର ଲୋକେ । ଜମଧର ପଞ୍ଚାୟତ ୧୮ ନମ୍ବର ୱାର୍ଡ ବଡ ଗାଁରେ ଏକ କଙ୍କ୍ରିଟ୍ ସଡକ ନିର୍ମାଣ ପାଇଁ "ବିକଶିତ ଓଡିଶା ବିକଶିତ ଗାଁ" ଯୋଜନାରେ ୪ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏହି କଙ୍କ୍ରିଟ୍ ରାସ୍ତାଟି ବଡଗାଁ ଅଙ୍ଗନବାଡି-୨, ପଣ୍ଡୁଆ ଗାଁର ସେଠି ସାହି, ମୁସଲମାନ୍ ସାହି ଓ ଇଡିଆଲି ସ୍କୁଲ କୁ ସଂଯୋଗ କରୁଛି । ଏହାଦ୍ୱାରା ପ୍ରାୟ ୮ ଶହରୁ ଅଧିକ ଲୋକ ଉପକୃତ ହେବେ । ତେବେ କାର୍ଯ୍ୟଦେଶ ବାହାରିବା ର କିଛିଦିନ ପରେ ହଠାତ୍ ପ୍ରକଳ୍ପ ଟି ଅନ୍ୟତ୍ର ସ୍ଥାନାନ୍ତର ହୋଇ ଯାଇଥିଲା । ଗ୍ରାମବାସୀ ଖବର୍ ନେବାରୁ ଏହା ଜଣ୍ଟିଲୋ ଗାଁର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ନିର୍ମାଣ ହେବ ବୋଲି ଜଣାପଡ଼ିଥିଲା । ଖାଲି ସେତିକି ନୁହେଁ ଏହି ରାସ୍ତା ଟି ଜଳସେଚନ ବିଭାଗ ଜମି ଉପରେ ନିର୍ମାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାଦ୍ୱାରା ଶତାଧିକ ଲୋକ ଉପକୃତ ହେବା ବଦଳରେ ଜଣେ ବ୍ୟକ୍ତି ବା ଗୋଟିଏ ପରିବାର ଉପକୃତ ହେବା ଘଟଣା ଜଣାପଡିବା ପରେ ବଡ଼ଗାଁ ର ଲୋକ ମାନେ ଏହାର ପ୍ରତିବାଦ କରିବା ସହ ସରପଞ୍ଚ ରାଜକିଶୋର ଖୁଣ୍ଟିଆଙ୍କ ନେତୃତ୍ୱରେ ଆଜି ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଆଜି ଜିଲ୍ଲାପାଳ ଅନୁପସ୍ଥିତ ଥିବା ରୁ ଗ୍ରାମବାସୀ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ । ଏହି ରାସ୍ତା ନିର୍ମାଣ ହେଲେ ଏହାର ବିରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି ।

# ଶିକ୍ଷାନୁଷ୍ଠାନ ନିକଟରେ ଗୁଟଖା ବିକୁଥିବା ଦୋକାନୀଙ୍କୁ ଜରିମାନା



**କେନ୍ଦ୍ରାପଡା,୩୦।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବିଭିନ୍ନ ଶିକ୍ଷାନୁଷ୍ଠାନ,ଡାକ୍ତରଖାନା,ସର୍ବସାଧାରଣ ସ୍ଥାନ ଇତ୍ୟାଦି ମାନଙ୍କରେ ୧୦୦ ମିଟର ପରିସର ମଧରେ ବିକ୍ରୟ ଉପରେ ବାରଣ ରହିଛି । ଏହି ପରିପ୍ରେକ୍ଷୀରେ ପ୍ରଶାସନ ତରଫରୁ ଗଠିତ ମିଳିତ ଟିମ ଆଜି ସହରର ତିନିମୁହାଣୀ ଛକ ନିକଟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଞ୍ଚଳରେ ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରି ମୋଟ ୧୩ ଟି ଦୋକାନରୁ ୨୪ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ମିଳିତ ଟିମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ଚରଣ ଗିରି, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରିତିଶ ଦାସ, ଡ୍ରଗ ଇନିସପେକଟର ସୁକାନ୍ତ ସାହୁ,ଆସିଷ୍ଟାଣ୍ଟ ମ୍ୟାନେଜର ଏନସିଡି ଶ୍ୟାମ ସୁନ୍ଦର ବିଶ୍ୱାଳ ସମେତ ପୋଲିସ, ଅବକାରୀ ଟିମ ସାମିଲ ଥିଲେ ।

# ସାଇବର ସୁରକ୍ଷା ସଚେତନତା

**କେନ୍ଦ୍ରାପଡ଼ା,୩୦।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ପୋଲିସ ପକ୍ଷରୁ ପୌର ଟାଉନହଲ ପରିସରରେ ଆୟୋଜିତ ସଚେତନତା ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ ଯୋଗଦେଇ କହିଲେ ବର୍ତ୍ତମାନ ଫୋନପେ, ଗୁଗୁଲପେ, ୟୁପିଆଇ ଭଳି ଅର୍ଥ ଉଠାଣର ସୁବିଧା ସ୍ମାର୍ଟ ଫୋନ ଗୁଡିକରେ ବହୁଳ ମାତ୍ରାରେ ଚାଲିଛି। ଲୋକମାନେ କିଛି ନବୁଝି ସନ୍ଦିଗ୍ଧ ଲିଙ୍କ ଓ ସନ୍ଦେହଯୁକ୍ତ ଆପ୍ ଗୁଡିକର ବ୍ୟବହାର କରିବା ସହିତ ନିଜ ମୋବାଇଲକୁ ଆସିଥିବା ଓଟିପି, ଇ-ମେଲ, ଇନଷ୍ଟାଗ୍ରାମ ଓ ଫେସବୁକର ପାସୱାର୍ଡ ସହିତ ବ୍ୟାଙ୍କ ଏଟିଏମର ପିନ ପ୍ରଭୃତି ଅଜଣା ଅଚିହ୍ନା ଲୋକଙ୍କୁ ଦେଇଦେଲେ । ଫଳରେ ସାଇବର ଅପରାଧୀମାନେ ଏହାର ସୁଯୋଗ ନେଇ ଲୋକମାନଙ୍କୁ ଲୁଟିବା ଆରମ୍ଭ କରିଦେଲେ। ଆମକୁ ଅତ୍ୟନ୍ତ ସତର୍କତାର ସହ ଏସବୁର ବ୍ୟବହାର କରିବାକୁ ପଡିବ । ଏହା ସହିତ ସାଇବର ଅପରାଧୀମାନେ କଲ କଲେ ଆମକୁ ସାବଧାନ ହେବାକୁ ପଡିବ। ଏଥିସହିତ ସାଇବର ଅପରାଧର ଶୀକାର ହେଲେ ତୁରନ୍ତ ହେଲ୍ପଲାଇନ ନମ୍ବର-୧୯୩୦କୁ ଯୋଗାଯୋଗ କରିବା ସହିତ ସ୍ଥାନୀୟ ଥାନାରେ ସଙ୍ଗେ ସଙ୍ଗେ ଅଭିଯୋଗ କରିବାକୁ ଏସପି ପରାମର୍ଶ ଦେଇଥିଲେ । ଏବେ ରାଜ୍ୟରେ ୧୪ଟି ସାଇବର ଥାନା ଥିବା ବେଳେ ରାଜ୍ୟ ସରକାର ଆଉ ୨୦ଟି ନୂତନ ସାଇବର ଥାନା ଖୋଲିବାକୁ ଯାଉଛନ୍ତି। ସେଥିମଧ୍ୟରୁ ଗୋଟିଏ ସାଇବର ଥାନା ଖୁବଶୀଘ୍ର କେନ୍ଦ୍ରାପଡାରେ ଖୋଲିବାକୁ ଯାଉଥିବା ଏସପି ସୂଚନା ଦେଇଥିଲେ। ଏହି ଅବସରରେ ଏସପି ସାଇବର ସୁରକ୍ଷା ସଚେତନତା ରଥକୁ ଉଦଘାଟନ କରିଥିଲେ। ଏହି ରଥ ଜିଲ୍ଲାର ପ୍ରତ୍ୟେକ ଥାନା ଅଳରେ ବୁଲି ଲୋକମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଇବ। ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ଆମ ପାଇଁ ଏକ ଚ୍ୟାଲେଞ୍ଜ ବୋଲି କହିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧରେ ସାଇବର ସୁରକ୍ଷା ସମ୍ପର୍କିତ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।




# ସରକାରୀ ଓକିଲଙ୍କ ଦୁର୍ନୀତି ନିବାରଣ ଶପଥ ପାଠ



**କେନ୍ଦ୍ରାପଡ଼ା,୩୦।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଅଦାଲତ ପରିସରରେ ଥିବା ପବ୍ଲିକ ପ୍ରସିକ୍ୟୁଟର ସୌଭାଗ୍ୟବତୀ ଅହଲ୍ୟାମଣୀ ପଟ୍ଟନାୟକଙ୍କ କାର୍ଯ୍ୟାଳୟରେ ଜିଲ୍ଲାର ସମସ୍ତ ସରକାରୀ ଓକିଲ ଦୁର୍ନୀତିମୁକ୍ତ ସେବା ଯୋଗାଇଦେବାକୁ ଶପଥ ଗ୍ରହଣ କରିଛନ୍ତି । ପବ୍ଲିକ ପ୍ରସିକ୍ୟୁଟର ଶ୍ରୀମତୀ ପଟ୍ଟନାୟକ ସମସ୍ତ ସରକାରୀ ଓକିଲମାନଙ୍କୁ ଏହି ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପିପି ସଞ୍ଜୟ କୁମାର ଜେନା, ମୋନାଲିସା ବିଶ୍ୱାଳ, ସରୋଜ କୁମାର ମଲ୍ଲିକ, ସୁରେଶ ନାୟକ, ରମାକାନ୍ତ ସ୍ୱାଇଁ, ସହକାରୀ ନିର୍ଦ୍ଦେଶକ (ପ୍ରସିକ୍ୟୁସନ) ବିକ୍ରମ ସେଠୀ, ସ୍ୱତନ୍ତ୍ର ପିପି ମନୋଜ ସାହୁ, ସହକାରୀ ପିପି ସରୋଜ କୁମାର ଜେନା, ଅଜୟ କୁମାର ମହାନ୍ତି, ନିରଞ୍ଜନ ବଳ, ବ୍ରଜସୁନ୍ଦର ରାଉତ, ବୃନ୍ଦାବନ ନନ୍ଦ, ମୀର ଅଫସର ଅଲ୍ଲୀବକ୍ସ, ତମସା ପାତ୍ର, ରବି ଦାସ, ଭୀମସେନ ପ୍ରଧାନଙ୍କ ସମେତ ସମସ୍ତ ସରକାରୀ ଓକିଲ ମାନେ ଏଥିରେ ଯୋଗଦେଇ ମହକିଲମାନଙ୍କୁ ନିଶ୍ୱାର୍ଥପର ଭାବରେ ସେବା ଯୋଗାଇଦେବାକୁ ଶପଥ ଗ୍ରହଣ କରିଥିଲେ ।

# ଗ୍ରୀଲ୍ କାଟି ଲୁଟିନେଲେ ସୁନା ଓ ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର

● **ଛୋଟ ପିଲାଙ୍କ ବେକରେ ଭୁଜାଲି ଲଗାଇ**

**ଡେରାବିଶ,୩୦।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ମାତିଛନ୍ତି ଲୁଟେରା। ଗତ ସପ୍ତାହକ ମଧରେ ସଦର ଥାନା ଅଧିନ ଦାନପୁର ପଞ୍ଚାୟତର କେଶରପୁର ଗ୍ରାମରେ ଓ ଗତକାଲି ରାତିରେ ହରିଅଙ୍କ ପଞ୍ଚାୟତ ଅଧୀନ ହରିଅଙ୍କ ଗ୍ରାମରେ ଲୁଟେରା ଘରର ଗ୍ରୀଲ କାଟି ଲୁଟ କରିଥିବା ଅଭିଯୋଗ ହୋଇଛି। କେଶରପୁର ଘଟଣାରେ ଲୁଟେରାମାନେ ଗ୍ରିଲ୍ କାଟି ଘରର ପରିବାର ସଦସ୍ୟଙ୍କ ଶୋଇଥିବା ଅବସ୍ଥାରେ ଚୁପ୍ ଚାପ୍ ଲୁଟ କରିଥିବା ବେଳେ ହରିଅଙ୍କ ଗ୍ରାମରେ ଛୋଟ ପିଲାଙ୍କ ବେକରେ ଭୁଜାଲି ଲଗାଇ ଭୟଭୀତ କରି ଘରେ ଥିବା ସମସ୍ତ ସୁନା ଗହଣା ଲୁଟ କରିଥିବା ଅଭିଯୋଗ ହୋଇଛି। ହରିଅଙ୍କ ଗ୍ରାମର ସ୍ୱାତି ସୁଚରିତା ନାୟକ ସଦର ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ ଗତକାଲି ତାଙ୍କ ପରିବାର ସମସ୍ତେ ରାତି ୧୦ଟାରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ୧୦ ଜଣ ଦୁର୍ବୃର୍ତ୍ତ ତାଙ୍କ ଶିଡ଼ି ଘରର ଗ୍ରିଲ୍ ଓ ଡାଣ୍ଡ କବାଟ ଗ୍ରିଲ୍ କାଟି ଘର ଭିତରେ ପଶିଥିଲେ ଓ ପରିବାରର ସମସ୍ତଙ୍କ ନିକଟରୁ ମୋବାଇଲ ଛଡ଼ାଇ ନେଇ ସମସ୍ତଙ୍କୁ ଗୋଟିଏ ଘରେ ପୁରାଇ ବାହାର ପଟୁ କବାଟ ବନ୍ଦ କରିଥିଲେ। ଘରର ଅନ୍ୟ ପାଂଚୋଟି କୋଠରୀରେ ଥିବା ସୁନା ଅଳଙ୍କାର ଲୁଟିନେଇଥିଲେ। ଚୋରମାନେ ତାଙ୍କ ଘରୁ ତିନୋଟି ମଙ୍ଗଳସୂତ୍ର, ୬ ହଳ କାନଫୁଲ, ଦୁଇଟି ସୁନାହାର, ଏକ ହଳ ଚୁଡ଼ି, ୫ଟି ସୁନା ଚେନ୍ ଲୁଟିନେଇଛନ୍ତି। ଲୁଟ ହୋଇଥିବା ସୁନା ଅଳଙ୍କାରର ଆନୁମାନିକ ଓଜନ ୧୭୩ ଗ୍ରାମ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏଥିସହିତ ୧୦୦ ଗ୍ରାମ ଓଜନର ୪ ହଳ ରୁପା ପଟି, ଦୁଇଟି ମୁଦି ଓ ୪ଟି ମୋବାଇଲ ସମେତ ନଗଦ ୪୦ ହଜାର ଟଙ୍କା ଦୁର୍ବୃର୍ତମାନେ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ ହେବା ପରେ ପୁଲି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହିତ ଘଟଣା ସ୍ଥଳରେ ସାଇଂଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ପହଞ୍ଚି ତଦନ୍ତକୁ ଆଗେଇ ନେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗ୍ରସ୍ତକୁ ନେଇ ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ

**ପାରାଦ୍ୱୀପ,୩୦।୧୦(ସଂଚାର ବ୍ୟୁରୋ):** ଏଥର ବଦଳିବ ପାରାଦୀପ କଳିଙ୍ଗ ବାଲିଯାତ୍ରାର ରୂପରଙ୍ଗ । ପୂର୍ବରୁ ରହିଆସିଥିବା ପରମ୍ପରା ଅନୁସାରେ ଚଳିତବର୍ଷ ଦେଖିବାକୁ ମିଳିବ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ଉଦ୍‌ଘାଟନ। ପୂର୍ବବର୍ଷ ମାନଙ୍କ ଠାରୁ ଚଳିତବର୍ଷ ପାରାଦୀପ ବାଲିଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ବାଲିଯାତ୍ରା କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ବେଳେ ଏହାର ତଦାରଖ କରୁଛନ୍ତି କମିଟିର ଅଧକ୍ଷ ତଥା ଜଗତସିଂହପୁର ଜିଲ୍ଲାପାଳ। ପ୍ରତ୍ୟେକ ସନ୍ଧ୍ୟାକୁ ଆକର୍ଷଣୀୟ କରିବାପାଇଁ ଓଡିଶାର ଲୋକକଳା ସହିତ ବଲିଉଡ ଓ ଓଲିଉଡ଼ର ପ୍ରସିଦ୍ଧ କଳାକାର ମାନଙ୍କ କଳାର ଯାଦୁଗରି ଦେଖିବାକୁ ପାଇବେ ଦର୍ଶକ। ପ୍ରତ୍ୟେକ ସନ୍ଧ୍ୟାରେ କଳିଙ୍ଗ ବାଲିଯାତ୍ରାରେ ଯୋଗଦେବେ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ। ବିଭିନ୍ନ ଷ୍ଟଲ ନିର୍ମାଣ ଶେଷପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସାତଦିନ ଧରି ଆୟୋଜିତ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରା କିପରି ଚଳିତ ବର୍ଷ ନୂଆ କୀର୍ତ୍ତିମାନ ସ୍ଥାପନ କରିବ ଏବଂ ଆଗାମୀ ଦିନରେ କଟକ ପରେ ପାରାଦୀପ ବାଲିଯାତ୍ରା ଓଡ଼ିଶାବାସୀଙ୍କ ଦ୍ୱିତୀୟ ବୃହତ୍ତମ ବାଲିଯାତ୍ରା ଭାବରେ ପରିଗଣିତ ହେବ। ଏନେଇ ସମସ୍ତ ପ୍ରକାର ପଚେଷ୍ଟା ଜାରି ରହିଥିବା ନେଇ ପାରାଦୀପ କଳିଙ୍ଗ ବାଲିଯାତ୍ରାର ଅଧକ୍ଷ ଜିଲ୍ଲାପାଳ ଜେ. ସୋନାଲ ପ୍ରକାଶ କରିଛନ୍ତି ।



# ଦିନରେ ବେଧଡ଼କ ଚାଲିଛି ଗଛକଟା

**ରାତିରେ ଟ୍ରାକ୍ଟରରେ ହେଉଛି କାଠ ଚାଲାଣ**

**କୁମ୍ଭକର୍ଣ୍ଣ ନିଦ୍ରାରେ ରାଜ୍ୱସ ଓ ବନ ବିଭାଗ**



**ଆଳି,୩୦।୧୦(ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ରେ ଦିନକୁ ଦିନ କାଠ ମାଫିଆ ମାନେ ସକ୍ରିୟ ହୋଉଥିବା ବେଳେ। ଦିନରେ ବେଧଡକ ଚାଲିଛି ବିରାଟ ବିରାଟ କାୟ ଗଛକଟା।ରାତି ହେଲେ ଟ୍ରାକ୍ଟର ଲଗାଇ ବୁହାଯାଉଛି। ଏମିତିକି ପ୍ରତିଦିନ ଗୋବିନ୍ଦପୁର ଓ ମାନପୁର ରାସ୍ତା ରେ ରାତି ହେଲେ ଅନେକ ଗାଡ଼ି ଯିବାର ଦେଖାଯାଉଛି। ନା ବନ ବିହାଗ ପାଖରେ ଖବର ରହୁଛି ନା ରାଜ୍ୱସ ବିଭାଗ ପାଖରେ ଖବର ରହୁଛି।ଯାହା ଫଳରେ ଶାଗ ମାଛ ଦରରେ ଗାଁ ଗହଳିରୁ ବିରାଟ ବିରାଟ ଗଛ କାଟି ମାଫିଆ ମାନେ ମାଲେ ମାଲ୍ ହୋଇଥିବା ବେଳେ ଗାଁ ଏବେ ଟାଙ୍ଗରା ଭୂଇଁରେ ପରିଣତ ହେବାକୁ ବସିଲାଣି। ଗୋଟିଏ ପଟେ ଜଙ୍ଗଲ ସୃଷ୍ଟି କରିବାକୁ ପ୍ରତି ପଞ୍ଚାୟତରେ ବୃକ୍ଷ ରୋପଣ କାର୍ଯ୍ୟକ୍ରର୍ମ କରାଯାଇଥିଲା। ଅପର ପକ୍ଷରେ କିନ୍ତୁ ବିରାଟ ବିରାଟ ଗଛ କଟା ଯାଉଥିବା ବେଳେ ଏଥି ପ୍ରତି ନିଘା ନାହିଁ ବନ୍ ବିଭାଗର। ଅନ୍ୟପଟେ ପରିବେଶବିତ ମାନେ ଅଭିଯୋଗ କରିଛନ୍ତି ଏ ସବୁ ବିଭାଗ ଓ ମାଫିଆଙ୍କ ମିଳି ଭାଗତରେ ସବୁ ହୋଇଥିବାରୁ ଦୁଇ ବିଭାଗ ଜାଣି ଶୁଣି କୁମ୍ଭକର୍ଣ୍ଣ ନିଦ୍ରାରେ ସୋଇଛନ୍ତି। ଏ ନେଇ ବନ ବିଭାଗ କିମ୍ବା ରଜ୍ୱସ ବିଭାଗ ର ପ୍ରତିକ୍ରିୟା ମିଳିପାରିନାହିଁ।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ




**ନିଶ୍ଚିନ୍ତକୋଇଲି,୩୦।୧୦(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅନ୍ତର୍ଗତ ରାମକୃଷ୍ଣପୁର ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଅଭିନେତା ଅରିନ୍ଦମ୍ ରାୟ ଯୋଗଦାନ କରିଥିଲେ। ଏହି ଅବସରରେ ନଇଁଗୁଆ-ଦାଉଦପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଜଲକ୍ଷ୍ମୀ ନନ୍ଦ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଅନୁଷ୍ଠିତ ବରିଷ୍ଠ ବିଭାଗ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜଲକ୍ଷ୍ମୀ ଏବଂ ତାଙ୍କ ସାଥୀମାନଙ୍କୁ ନେଇ ଗଠିତ ମଣ୍ଡଳୀକୁ ଆଗାମୀ ୩୧.୧୦.୨୦୨୫ରିଖରେ ଅନୁଷ୍ଠିତ ହେବାକୁ ଥିବା କଟକ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫କୁ ମନୋନୀତ କରାଯାଇ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ, କଟକ ସଦର ବିଧାୟକ ଓ ମାହାଙ୍ଗା ବିଧାୟକଙ୍କ ଦସ୍ତଖତ ଥିବା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ତାଲିମ ଶିବିର




**ପଟ୍ଟାମୁଣ୍ଡାଇ,୩୦।୧୦(ସଂଚାର ବ୍ୟୁରୋ):** ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ପରିଚିତ ଓଡିଶାରେ ବିପର୍ଯ୍ୟ ମୁକାବିଲା, ଜିରୋ କାଜୁୟାଲିଟି ଓ କ୍ଷୟକ୍ଷତି ହ୍ରାସ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଇ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକକୁ ନେଇ ବିପର୍ଯ୍ୟ କ୍ଷୟକ୍ଷତି ହ୍ରାସ ୨ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିପର୍ଯ୍ୟୟର ଚୀର ସହଚର ଓଡିଶା ଅତୀତରେ ବହୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସଫଳ ମୁକାବିଲା କରି ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି । ଆଗାମୀ ଦିନରେ ଆମ୍ଭେମାନେ ବିପର୍ଯ୍ୟୟର ସଫଳ ମୁକାବିଲା କରି ବିପର୍ଯ୍ୟ କ୍ଷୟକ୍ଷତି ହ୍ରାସ କରିପାରିଲେ ସରକାରଙ୍କ ଲକ୍ଷ୍ୟ ଓ ଉଦେଶ୍ୟ ପୂରଣ ହୋଇପାରିବା ସହିତ ଆମ୍ଭେମାନେ ସୁରକ୍ଷିତ ଜୀବନ ବିତାଇ ପାରିବା ବୋଲି ମତପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୀତଳ ଅଗ୍ରୱାଲ, ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀ ଜିଲ୍ଲା ଆପଦକାଳୀନ ଅଧିକାରୀ ଅଜୟ ଜେନା ଯୋଗ ଦେଇ ବିପର୍ଯ୍ୟ ମୁକାବିଲା, କ୍ଷୟକ୍ଷତି ହ୍ରାସ ଉପରେ ତତ୍ତ୍ୱଭିତ୍ତିକ ବିଶ୍ଳେଷଣ କରିଥିଲେ । ଓସଡ଼ମା ତାଲିମଦାତା ଅନନ୍ତ କର, ବାବୁଲାଲ କର, ନିରଞ୍ଜନ ସ୍ୱାଇଁ ପ୍ରମୁଖ ବିପର୍ଯ୍ୟୟ ଆଇନ ୨୦୦୫, ବିପର୍ଯ୍ୟୟ ସମୟରେ ପଂଚାୟତ, ଗୋଷ୍ଠୀର ଭୂମିକା, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ, ବିପର୍ଯ୍ୟୟ କ୍ଷୟକ୍ଷତି ସହାୟତା ଓ କ୍ଷୟକ୍ଷତି ହ୍ରାସ ଉପରେ ତାଲିମ ପ୍ରଦାନ କରିଥିଲେ ।

# ପିନ୍‌କଣ୍ଟା ଗିଳି ଛାତ୍ରଙ୍କ ଜୀବନ ଗଲା



ଦାରିଙ୍ଗବାଡ଼ି, ୩୦।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରେ ବହୁଚର୍ଚ୍ଚିତ ପିନ୍ କଣ୍ଟା ଗିଳି ଜନୈକ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିବା ମାମଲାରେ ପରିବାର ପକ୍ଷରୁ ଦାରିଙ୍ଗବାଡ଼ି ଥାନାରେ ଆଜି ଅପରାହ୍ନରେ ଅଭିଯୋଗ ହୋଇଛି। ପୁଅର ମୃତ୍ୟୁ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ କର୍ତ୍ତୃପକ୍ଷ ଦାୟୀ ବୋଲି ଉକ୍ତ ଅଭିଯୋଗରେ ଦର୍ଶାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଅବହେଳା କରି ନ ଥିଲେ ବୋଧହୁଏ ପୁଅ ଆଜି ଜୀବିତ ଥାଆନ୍ତା ବୋଲି ପରିବାର ଲୋକେ ଦର୍ଶାଇଛନ୍ତି।

ମିଳିଥିବା ସୂଚନାନୁସାରେ, ଦାରିଙ୍ଗବାଡ଼ି ବିଦ୍ୟୁତ କାର୍ଯ୍ୟାଳୟ ସାହିରେ ରହୁଥିବା କାଳୀ ପ୍ରସାଦ ମିଶ୍ରଙ୍କ ୧୨ ବର୍ଷୀୟ ପୁଅ ତାଙ୍କ ମାମୁଘର ଫୁଲବାଣୀ କଣ୍ଟ୍ରାକ୍ଟରପଡ଼ାରେ ରହି ପାଠ ପଢ଼ୁଥିଲେ। ତେବେ ଗତ ୧୫ ତାରିଖରେ ବିଦ୍ୟାଳୟରେ ଲାଗିଥିବା ନୋଟିସ୍ ବୋର୍ଡର ଏକ ପିନ୍‌କଣ୍ଟା ସେ ଅସାବଧାନତାବଶତଃ ଗିଳି ଦେଇଥିଲେ। ଏନେଇ ତୁଷାର ଓ ତାଙ୍କ ସାଥୀମାନେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ ସେମାନେ କେହି ବି ଏହାକୁ ବିଶ୍ୱାସ କରିନଥିଲେ। ବରଂ ସେମାନେ ତୁଷାରଙ୍କୁ ପାଣି ପିଇବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଛୁଟି ହେବା ପରେ ତୁଷାର ଘରକୁ ଫେରି ଅଜା ଓ ମାମୁମାଇଁଙ୍କୁ ସମସ୍ତ ଘଟଣା କହିଥିଲେ। ମାମୁ ତାଙ୍କୁ ତୁରନ୍ତ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଉକ୍ତ ପିନ୍‌କୁ ଅପରେସନ ମାଧ୍ୟମରେ ବାହାର କରିବା ସମ୍ଭବପର ନ ହେବାରୁ ଡାକ୍ତର ତୁଷାରଙ୍କୁ ଅନ୍ୟତ୍ର ନେବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ସେଠାରୁ ପ୍ରଥମେ ତୁଷାରଙ୍କୁ ବ୍ରହ୍ମପୁର ଓ ପରେ ଭୁବନେଶରର କ୍ୟାପିଟାଲ ହସ୍ପିଟାଲ ଏବଂ ଶେଷରେ କଟକ ଶିଶୁଭବନ ନେଇଥିଲେ। ସେଠାରେ ଯଦିଓ ଅପରେସନ ପରେ ପିନ୍ ବାହାରିଥିଲା, କିନ୍ତୁ ତୁଷାରଙ୍କ ଅବସ୍ଥା ଗୁରୁତର ଥିଲା ଏବଂ ଶେଷରେ ଗତ ୨୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କ ଶେଷକୃତ୍ୟ ସାରି ମେଡିକାଲ ରିପୋର୍ଟ ଓ ଅନ୍ୟାନ୍ୟ କାଗଜପତ୍ର ନେଇ ଗୁରୁବାର ଦାରିଙ୍ଗବାଡ଼ି ଫେରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦାରିଙ୍ଗବାଡ଼ି ଥାନାଧିକାରୀ ତଥା ଡିଏସ୍‌ପି କନକ ମାଝୀ ଅଭିଯୋଗପତ୍ର ଗ୍ରହଣ କରିଥିଲେ।

# ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଆଜି ୮୮ତମ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ "ନୌବାଣିଜ୍ୟ, ବାଲିଯାତ୍ରା ଏବଂ ଓଡ଼ିଆ ଅସ୍ମିତା" ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ଆଜିର ଏହି ୮୮ତମ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଥିସହ ବାଲିଯାତ୍ରା ଆମ ଓଡ଼ିଆ ସଂସ୍କୃତିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର




ପରିଚୟ ପ୍ରଦାନ କରିପାରିଛି ବୋଲି ମତପ୍ରକାଶ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବପ୍ରସାଦ ଦାଶ କହିଥିଲେ ଯେ, ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଆମ ଓଡ଼ିଆ ଅସ୍ମିତାର ପ୍ରତୀକ। ବାଲିଯାତ୍ରା ଆମ ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ କରିବା ସହ ଏହାର ପ୍ରଚାର ଓ ପ୍ରସାର କରିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ଶ୍ରୀ ଦାଶ କହିଥିଲେ। ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ଶ୍ରୀମନ୍ଦିରରେ ପଞ୍ଚକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

## ସିଂହଦ୍ୱାରରେ ପ୍ରବେଶ, ୩ ଦ୍ୱାରରେ ପ୍ରସ୍ଥାନ



ପୁରୀ,୩୦।୧୦(ସଂଚାର ବ୍ୟୁରୋ): ଚଳିତ କାର୍ତ୍ତିକ ମାସରେ ଆସନ୍ତା ୧ରୁ ପଞ୍ଚକ ଆରମ୍ଭ ହେଉଥିବା ବେଳେ ଏଥିସକାଶେ ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ଅନୁସାରେ, କେବଳ ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିପାରିବେ। ଏନେଇ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବାକୁ ଥିବାବେଳେ ୩ ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ଏଥିସହ ଆସନ୍ତାକାଲିର ଅଁଳା ନବମୀରେ ଭୋର୍ ୫ଟାରୁ ରାଧାପାଦ ଦର୍ଶନ କରିବା ପାଇଁ ନିଷ୍ପତ୍ତି ହୋଇଛି। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଧାପାଦ ଦର୍ଶନ ଜାରି ରହିଛି। ଦର୍ଶନ ପାଇଁ ୧୧ ଲେନ୍ ବିଶିଷ୍ଟ ବ୍ୟାରିକେଡ୍ ବ୍ୟବସ୍ଥା ମଧ୍ୟ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଖୁବଶୀଘ୍ର ଖୋଲିବ ଗୁଣ୍ଡିଚା ମନ୍ଦିର

ପୁରୀ,୩୦।୧୦(ସଂଚାର ବ୍ୟୁରୋ): ଖୁବଶୀଘ୍ର ଖୋଲିବ ପୁରୀର ଗୁଣ୍ଡିଚା ମନ୍ଦିର ତଥା ମହାପ୍ରଭୁଙ୍କ ଜନ୍ମସ୍ଥଳୀ। ଫଳତଃ ଏହାକୁ ବୁଲି ଦେଖିପାରିବେ ଶ୍ରଦ୍ଧାଳୁ। ଏନେଇ ଆଜି ସୂଚନା ଦେଇଛନ୍ତି ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲ୍ଲାପାଳଙ୍କ ସହ ସମୀକ୍ଷା ପରେ ସେ ଏହି ସୂଚନା ଦେଇଛନ୍ତି। ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ପ୍ରବେଶ କରିପାରିବେ। ସୁରକ୍ଷାରେ ୨୦ ଜଣ ଜେଟିପି ସ୍କ୍ୱାଡ୍ ଜଗିବେ। ଏଥିପାଇଁ ମନ୍ଦିର ଚତୁଃପାର୍ଶ୍ୱ ସଫା କରାଯିବ। ସମସ୍ତ ଦୋକାନ ଉଚ୍ଛେଦ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

● ଘରୋଇ ଅଫିସରେ ଅଗ୍ନିକାଣ୍ଡ

## ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ପାଉଁଶ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ନିଆଁ ଲାଗି ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି। ୩୦ ଲକ୍ଷର ଟଙ୍କା ସମ୍ପତ୍ତି ନଷ୍ଟ। ଭୁବନେଶ୍ୱର ପଳାଶୁଣି ସପ୍ତସତୀ ବିହାରସ୍ଥିତ ଏକ ଘରୋଇ ଅଫିସରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଭୋର ପ୍ରାୟ ୪ଟା ସମୟରେ ନିଆଁ ଲାଗିଯାଇଥିଲା। ଅଫିସର ବହୁ ମେସିନ୍ ସହ ଏକାଧିକ କମ୍ପ୍ୟୁଟର ସହ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ନିଆଁ ଲାଗିବାର କାରଣ ନେଇ କିଛି ଠୋସ୍ ସୂଚନା ମିଳିପାରିନାହିଁ। କିନ୍ତୁ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ



ନୟାଗଡ଼,୩୦।୧୦(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ସଦର ଥାନାରେ ଅଘଟଣ। ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ନୟାଗଡ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଶିମିଳିସାହିରେ ମନୁ ନାୟକ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ଆଜି ସକାଳୁ ମନୁ ନିତ୍ୟକାର୍ଯ୍ୟ ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ସଦସ୍ୟ ପୋଖରୀ ଓ ନିକଟସ୍ଥ ଜଙ୍ଗଲରେ ଖୋଜିଥିଲେ। କିନ୍ତୁ କୌଣସି ସ୍ଥାନରେ ମନୁଙ୍କର ପତ୍ତା ମିଳିନଥିଲା। ତେବେ ଦ୍ୱିପ୍ରହର ସମୟରେ ପୋଖରୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ନୟାଗଡ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପୋଖରୀରୁ ବାହାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପୁଲିସ୍ ମୃତଦେହକୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

## ପୂର୍ବତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପରଲୋକ



ଗରଦପୁର,୩୦।୧୦(ସଂଚାର ବ୍ୟୁରୋ): ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗରଦପୁର ବ୍ଲକ୍ ଅଧିନ କୋଶିଦା ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଉମାକାନ୍ତ ମହାପାତ୍ରଙ୍କର ଆଜି ୯୪ ବର୍ଷ ବୟସରେ ପରଲୋକ ଘଟିଛି। ରାଜ୍ୟ ସରକାରଙ୍କ ଅଧୀନରେ ବହୁ ଉଚ୍ଚ ପଦପଦବୀରେ କାର୍ଯ୍ୟ କରି ସେ ବେଶ୍ ସୁନାମ ଅର୍ଜନ କରିଥିଲେ।। ରେଭେନ୍ସା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଓ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ବଡ଼ଭାଇ ବରିଷ୍ଠ ପ୍ରଶାସକ ଜ୍ଞାନପୀଠ ବିଜେତା ସୀତାକାନ୍ତ ମହାପାତ୍ର ଓ ସାନପୁଅ ଆସାମ ଅତିରିକ୍ତ ପ୍ରମୁଖ ମୁଖ୍ୟ ବନ୍ୟ ସରଂକ୍ଷକ ସୁମନ ମହାପାତ୍ର ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ପୂର୍ବତନ ଏଲଆଇସି ଅଧିକାରୀ ରଞ୍ଜନ ମହାପାତ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ପାଟକୁରା ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ସେହିପରି ତାଙ୍କ ମୃତ୍ୟୁ ଖବର ପାଇବା ପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ବୈଜୟନ୍ତ ପଣ୍ଡା ଓ ବିଧାୟକ ଅରବିନ୍ଦ ମହାପାତ୍ର ଶୋକ ବ୍ୟକ୍ତ କରିବା ସଙ୍ଗେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

# ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ନବନିର୍ମାଣ କୃଷକ ସଂଗଠନ



ପୁରୀ,୩୦।୧୦(ସଂଚାର ବ୍ୟୁରୋ): ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ହଜାର ହଜାର ଚାଷୀ ଆଜି ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ତାଳବଣିଆରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ ଅଫିସରେ ପହଞ୍ଚିବା ପରେ ସେଠାରେ ଏକ ୧୮ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତେବେ ପୁଲିସ ଚାଷୀମାନଙ୍କୁ କାର୍ଯ୍ୟାଳୟ ଭିତରକୁ ଯିବାକୁ ନ ଦେବାରୁ ଏକ ପ୍ରତିନିଧି ଦଳ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ସଂଗଠନର ପ୍ରମୁଖ ଦାବି ମଧ୍ୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସାଢ଼େ ୩ ଟଙ୍କା ଭତ୍ତା, ଆଗାମୀ ବଜେଟ୍‌ରେ ୩୬ ଲକ୍ଷ ଚାଷୀଙ୍କ ପାଇଁ ୨୦ ବର୍ଷରୁ ଚାଷୀଙ୍କ ସୁରକ୍ଷା ମାସିକ ୧୦ ହଜାର ଟଙ୍କା ଭତ୍ତା ହିସାବରେ ବର୍ଷକୁ ୪୩,୨୦୦ କୋଟି ଟଙ୍କାର ବ୍ୟବସ୍ଥା, ଧାନର ଏମଏସପି ଅତି କମରେ ୫ ହଜାର ଟଙ୍କା ଘୋଷଣା ଆଦି ଅନ୍ୟତମ। ଏହାଛଡ଼ା ପୁରୀ ଜିଲ୍ଲାର ଯେଉଁସବୁ ଅଞ୍ଚଳରେ ମାଛ ଓ ପାନ ଚାଷ କରାଯାଉଛି, ସେଠାକାର ଚାଷୀମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ସହ ୫ ବର୍ଷ ମଧ୍ୟରେ ସମସ୍ତ ଜମିକୁ ଜଳସେଚନ ସୁବିଧା, ମଣ୍ଡିରେ ଧାନ କଟନୀ ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ବିକ୍ରି ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରିବା ସକାଶେ ସଂଗଠନ ପକ୍ଷରୁ ଦାବି କରାଯାଇଛି।

# କଳାହାଣ୍ଡି ଯୁବପିଢ଼ିକୁ ଆଧୁନିକ ବୃତ୍ତିରେ ସହଯୋଗ କରୁଛି ବେଦାନ୍ତ



ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ସମୃଦ୍ଧ ପରମ୍ପରା ଓ ଅବ୍ୟବହୃତ ସମ୍ଭାବନାର ଭୂମି କଳାହାଣ୍ଡି ଏବେ ଏକ ଉଲ୍ଲେଖନୀୟ ପରିବର୍ତ୍ତନର ସାକ୍ଷୀ ହେଉଛି। ଏହାର ଶାନ୍ତ ଭୂମିରେ ମହତ୍ତ୍ୱାକାଂକ୍ଷା, ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତାର ଏକ ନୂତନ କାହାଣୀ ରୂପ ନେଉଛି। ଏହାର ନେତୃତ୍ୱ ନେଉଛି ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ। ଏହା ଅଦ୍ୟାବଧି ଭବାନୀପାଟଣା ଓ ଲାଞ୍ଜିଗଡ଼ର ୮୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇସାରିଛି। ୫୫ ପ୍ରତିଶତ ମହିଳାଙ୍କ ଅଂଶଗ୍ରହଣ ସହ କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମ ଲୋକଙ୍କ ପାଇଁ ସୁଯୋଗର ଏକ ଦ୍ୱାର ଖୋଲିପାରିଛି। ବେଦାନ୍ତର ଭବାନୀପାଟଣା ଓ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକରେ ଯୁବକଯୁବତୀମାନେ ନିଯୁକ୍ତିଯୋଗ୍ୟ କୌଶଳ ଶିଖି ନୂତନ ଓ ଆଧୁନିକ ବୃତ୍ତିକ୍ଷେତ୍ରରେ ସୁଯୋଗ ପାଇପାରୁଛନ୍ତି।

ଏହି କେନ୍ଦ୍ରଗୁଡ଼ିକ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ ଓ ନାବାର୍ଡ ସହଯୋଗରେ ଚାଲୁଛି। ଏଠାରେ ଅତିଥି ସେବା, ବିକ୍ରୟ, ଖାଦ୍ୟ ଓ ପାନୀୟ ସେବା ଭଳି ବିଭିନ୍ନ ଶିଳ୍ପ-ସଂପର୍କିତ ପାଠ୍ୟକ୍ରମ ପଢ଼ାଯାଉଛି। ଏପର୍ଯ୍ୟନ୍ତ ଯେଉଁ ୮୦୦ରୁ ଅଧିକ ଯୁବା ଶିକ୍ଷା ପାଇଛନ୍ତି, ସେଥିରୁ ୭୫ ପ୍ରତିଶତ ନିଯୁକ୍ତି ପାଇସାରିଛନ୍ତି। ସମ୍ପ୍ରତି ଖାଦ୍ୟ ଓ ପାନୀୟ ବିଭାଗର ୨୨ତମ ବ୍ୟାଚ୍ ଶତପ୍ରତିଶତ ପ୍ଲେସମେଣ୍ଟ ହାସଲ କରିଛି। ସେହି ୨୪ ଶିକ୍ଷାର୍ଥୀଙ୍କ ମଧ୍ୟରୁ ଛାତ୍ରମାନେ ମଦୁରାଇର ଏଭିଏନ୍ ଗ୍ରୁପ୍, ବାଙ୍ଗାଲୋରର ସୋଡେକ୍ସୋ, ପୁନେର କ୍ଲବ ମହିନ୍ଦ୍ରା ଓ ଭୁବନେଶ୍ୱରର ଅସ୍ମିତା ହଲିଡେଜ୍ ଭଳି ସଂସ୍ଥାରେ କାମ କରୁଛନ୍ତି। ଏ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଯୁବପିଢ଼ିକୁ ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ସଶକ୍ତ କରିବା ଆମ ବିକାଶ ଦୃଷ୍ଟିକୋଣର କେନ୍ଦ୍ରସ୍ଥଳ। ୮୦୦ ଜଣ ଶିକ୍ଷିତଙ୍କ ମଧ୍ୟରୁ ଅଧିକାଂଶ ଝିଅ ହୋଇଥିବାରୁ ଏହା ଲିଙ୍ଗ ସମାନତାକୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ଏହି ବ୍ୟବସ୍ଥା ସମଗ୍ର ଅଞ୍ଚଳର ରୂପ ବଦଳାଇଦେବ ବୋଲି ସେ ଆଶା କରିଛନ୍ତି।

## ବିଜେପି ନେତା ଶଙ୍କର ପରିଡ଼ାଙ୍କ ପରଲୋକ ରାଜ୍ୟ କାର୍ଯ୍ୟାଳୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଜଣାଶୁଣା କବି ତଥା ବରିଷ୍ଠ ବିଜେପି ନେତା ଶଙ୍କର ପରିଡ଼ାଙ୍କର ଆଜି ପରଲୋକ ଘଟିଛି। ସ୍ଥାନୀୟ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିବା ନେଇ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସେ ଅତୀତରେ ପୁରୀ ଜିଲ୍ଲା ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଗତ କିଛି ଦିନ ଧରି ସେ ଫୁସଫୁସ୍ କର୍କଟ ରୋଗରେ ପୀଡ଼ିତ ଥିବା ବେଳେ ଏମ୍ସରେ ଚିକିତ୍ସା ଜାରି ରହିଥିଲା। ତେବେ ଆଜି ତାଙ୍କ ପରଲୋକ ଖବର ପାଇବା ପରେ ସାହିତ୍ୟିକ, ରାଜନେତା ଓ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଁ। ସେହିପରି ରାଜ୍ୟ ବିଜେପି ତରଫରୁ ତାଙ୍କ ପରଲୋକରେ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ତାଙ୍କ ବିୟୋଗ ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି ବୋଲି ଦଳର ବରିଷ୍ଠନେତାମାନେ ପ୍ରକାଶ କରିଛନ୍ତି। ସ୍ୱର୍ଗତଃ ପରିଡ଼ାଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ପୂର୍ବତନ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ମତ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ପରିଡ଼ାଙ୍କ ପାର୍ଥିବ ଶରୀର ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଶ୍ରୀ ମହାନ୍ତି ଦଳୀୟ ପତାକା ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବ୍ୟତୀତ ସାଂସଦ ସମ୍ବିତ ପାତ୍ର, ଉପସଭାପତି ଡ. ଯତୀନ୍ ମହାନ୍ତି, ବରିଷ୍ଠ ନେତା ଗୋଲକ ମହାପାତ୍ର, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା, ପୁରୀ ଜିଲ୍ଲା ସଭାପତି ଡ. ଦେବେନ୍ଦ୍ର ତରାଇ, ଦେବେନ୍ଦ୍ର ନନ୍ଦ, ସମବାୟ ରାଜ୍ୟ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ପବିତ୍ର ଦାଶ, ଲକ୍ଷ୍ମୀ ପ୍ରସାଦ ମିଶ୍ର, ପଞ୍ଚାନନ ନାୟକଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ହାତୀ ଶାବକର ମୃତ୍ୟୁ, ପାଖ ଛାଡୁନି ମା'

ବାଙ୍ଗିରିପୋଷି,୩୦।୧୦(ସଂଚାର ବ୍ୟୁରୋ): ଜନ୍ମ ନେବା ପରେ ଏକ ନବଜାତ ହାତୀ ଶାବକର ମୃତ୍ୟୁ ଘଟିଛି। ତେବେ ନିଜ ପିଲାର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନି ମା' ହାତୀ ପାଖ ଛାଡି ଯାଉନଥିବା ଦେଖିବାକୁ ମିଳିଛି। କିନ୍ତୁ ବନ ବିଭାଗ ଏ ବିଷୟରେ ଜାଣିବା ପରେ ଗୋଟିଏ ଦିନ ପରେ ପଶୁ ଡାକ୍ତରଙ୍କ ମାଧ୍ୟମରେ ଶବ ବ୍ୟବଚ୍ଛେଦ କରିବା ସହ ହାତୀ ଶାବକର ମୃତଦେହକୁ ପୋତି ଦେଇଥିବା ଜଣାପଡ଼ିଛି। ବାଙ୍ଗିରିପୋଷି ରେଞ୍ଜ ଅନ୍ତର୍ଗତ କଳାବାଡିଆ ପଞ୍ଚାୟତର ବ୍ରାହ୍ମଣ ଗାଁରେ ଗତକାଲି ଭୋର ସମୟରେ ହାତୀ ନବଜାତ ଶିଶୁଟିକୁ ଜନ୍ମ ଦେଇଥିଲା। ବନ ବିଭାଗ କର୍ମଚାରୀମାନେ ଡ୍ରୋନ କ୍ୟାମେରା ସାହାଯ୍ୟରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। କିନ୍ତୁ ହାତୀ ଛୁଆଟି ବର୍ଷାରେ ଭିଜି ଭିଜି ମୃତ୍ୟୁ ହୋଇଥିବା ବନବିଭାଗ କହିଛି।

## ସାମ୍‌ସ ପ୍ରସଙ୍ଗରେ ସରକାରଙ୍କୁ ଘେରିଲା ଯୁବ କଂଗ୍ରେସ



ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସାମସ୍ ପ୍ରକ୍ରିୟା ବିପର୍ଯ୍ୟସ୍ତ କରୁଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଏହି ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅଣଦେଖା କରାଯାଉଛି। ସାମସ୍ ମାଧ୍ୟମରେ ହେଉଥିବା ନାମଲେଖାରେ ଦୁର୍ନୀତିର ସୁଯୋଗ ରହିଛି। ନାମଲେଖା ଓ ପରୀକ୍ଷାର କୌଣସି ନିର୍ଦ୍ଦିଷ୍ଟ ସମୟ ରହୁନାହିଁ। ସୁତରାଂ ଓଡ଼ିଶାର ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ସହ ସରକାର ଖେଳୁଛନ୍ତି ବୋଲି ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ତଥା ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ କହିଛନ୍ତି ଯେ କେବଳ ଘରୋଇ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ସାମ୍‌ସ ଲାଗୁ କରିଛନ୍ତି। ଏହାଦ୍ୱାରା ଗରିବ ଛାତ୍ରଛାତ୍ରୀମାନେ ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଏଥିସହ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ବ୍ୟବସାୟୀଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକା ସରକାରୀ ଶିକ୍ଷା ବ୍ୟବସ୍ଥାକୁ ପଦଦଳିତ କରିଦେଉଥିବା ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି।

## ରୁଙ୍ଗ୍‌ଟାରେ ବିପିଏନ୍‌ଏସ୍‌ଆଇର ଦିନିକିଆ କର୍ମଶାଳା



ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ) ପକ୍ଷରୁ ଆଜି ରୁଙ୍ଗଟା ମାଇନ୍ସ ଲିମିଟେଡ୍, (ଢେଙ୍କାନାଳ ଇସ୍ପାତ ପ୍ଲାଣ୍ଟ), ନିମାବାହଲ, ଢେଙ୍କାନାଳରେ ଏକ ଦିନିକିଆ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ପ୍ରତିଷ୍ଠାନର ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ, ୩ପିର ଏକ ଅଂଶ ଭାବେ ଆୟୋଜନ କରିଛି।

ଆର୍‌ଏମ୍‌ଏଲ୍ ଯୁଗ୍ମ ସଭାପତି ସହ ପ୍ଲାଣ୍ଟ ମୁଖ୍ୟ ପିକେ ଚତୁରବାଡ଼ି, ଉପାଧ୍ୟକ୍ଷ ଦେବଦତ୍ତ ମିଶ୍ର, ଆର୍‌ଏମ୍‌ଏଲ୍‌ର ଜିଏମ୍ (ଏଚ୍‌ଆର୍-ଆଡମିନ୍) କୁମାର ପୁଷ୍ପେଶ ରଞ୍ଜନ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଜ୍ଞାନ ଆଦାନପ୍ରଦାନ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଆର୍‌ଏମ୍‌ଏଲ୍ ଢେଙ୍କାନାଳର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ କାର୍ଯ୍ୟକ୍ରମ ସୂଚୀ ଉପସ୍ଥାପନ କରିଥିଲେ।

ଧୀରେନ କୁମାର ନାଥ, ପୂର୍ବତନ ଜିଏମ୍ ଏବଂ ମୁଖ୍ୟ, ଇମ୍ପା ଡିଆର୍‌ଆଇ ପ୍ଲାଣ୍ଟରେ କାର୍ଯ୍ୟକ୍ଷମ ଉତ୍କର୍ଷତା ମାଧ୍ୟମରେ ଖର୍ଚ୍ଚ ଅପ୍ଟିମାଇଜେସନ୍ ଏବଂ ସ୍ଥାୟୀ ବ୍ୟବସାୟ ପାଇଁ ଶକ୍ତି ଏବଂ ଗଣ ସନ୍ତୁଳନ ଉପରେ ତାଙ୍କର ମତାମତ ରଖିଥିଲେ। ସେହିପରି ଅପରାହ୍ନ ଅଧିବେଶନରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ (ସେଲ୍)ର ପୂର୍ବତନ ଜିଏମ୍ ପ୍ରକାଶ ଚନ୍ଦ୍ର ଦାସ ଆଚରଣଗତ ସୁରକ୍ଷା ପରିଚାଳନା-ଶିଳ୍ପ ଦୁର୍ଘଟଣା ରୋକିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଓ ଭୂସମାନ୍ତର ଯାଞ୍ଚ ମାଧ୍ୟମରେ ସୁରକ୍ଷାକୁ ଉନ୍ନତ କରିବା ଉପରେ ଏକ ବ୍ୟାପକ ଆଦାନପ୍ରଦାନ ଅଧିବେଶନ ଉପସ୍ଥାପନ କରିଥିଲେ।

## ନୂଆପଡ଼ାରେ ବିଜେଡି ବିଜୟ ସୁନିଶ୍ଚିତ



ନୂଆପଡା,୩୦।୧୦ (ସଂଚାର ବ୍ୟୁରୋ): ନୂଆପଡା ଉପନିର୍ବାଚନରେ ବିଜେଡିର ବିଜୟ ସୁନିଶ୍ଚିତ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ଦଳର ଉପସଭାପତି ତଥା ବିଧାୟକ ଡ. ଅରୁଣ ସାହୁ। ଗତ ୨୫ ବର୍ଷରେ ହୋଇଥିବା ବିଭିନ୍ନ ଉପନିର୍ବାଚନରେ ୯୦ ପ୍ରତିଶତ ସଫଳତା ପାଇବାରେ ବିଜେଡିର ରେକର୍ଡ ରହିଛି। ଆଗାମୀ ନୂଆପଡା ଉପନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ପ୍ରଚାରରେ ବିଜେପି ନେତାମାନେ ନିର୍ବାଚନ ମୈଦାନକୁ ନ ଆସି ଅନେକ କିଛି କହୁଥିଲେ। କିନ୍ତୁ ଏବେ ନୂଆପଡାବାସୀ ବିଜେଡିର ବିଜୟ ସୁନିଶ୍ଚିତ ବୋଲି ସ୍ପଷ୍ଟ ସଙ୍କେତ ଦେଇସାରିଲେଣି। ବିଜେଡି ପ୍ରଚାର ପ୍ରସାରରେ ଯଥେଷ୍ଟ ଆଗରେ ରହିଛି। ବର୍ତ୍ତମାନ ନୂଆପଡାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସି, ପଞ୍ଚାୟତ, ଗାଁ, ଗଳିକନ୍ଦି ଓ ସାହିରେ ବିଜେଡିର ଜୋରଦାର ପ୍ରଚାର ଚାଲିଛି। ଅନ୍ୟପକ୍ଷରେ ଗତ ୫୦୦ ଦିନରେ ବିଜେପି ସରକାର ଚରମ ବିଫଳ ହୋଇଥିବା ବେଳେ ନୂଆପଡ଼ାରେ ବି ଦଳୀୟ ନେତାମାନେ ନାନାଦି ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ତେଣୁ ଆଗାମୀ ଉପନିର୍ବାଚନରେ ନୂଆପଡ଼ାବାସୀ ବିଜେଡିକୁ ବିଜୟୀ କରାଇ ରାଜ୍ୟକୁ ନୂଆ ସଂକେତ ଦେବେ ବୋଲି ଡ. ସାହୁ କହିଛନ୍ତି।

## ପୂର୍ବତଟ ରେଳପଥର 'ଗୋ ରେଡ୍' ଅଭିଯାନ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଡିସ୍ଲେକ୍ସିଆ ସଚେତନତା ମାସ ପାଳନର ଏକ ଅଂଶ ସ୍ୱରୂପ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଷ୍ଟେସନକୁ 'ଗୋ ରେଡ୍' ଅଭିଯାନ ଅଧୀନରେ ଲାଲ ରଙ୍ଗରେ ଆଲୋକିତ କରାଯାଇଛି। ଏହା ଡିସ୍ଲେକ୍ସିଆରେ ପୀଡିତଙ୍କ ସହ ଏକତାର ପ୍ରତୀକ ଓ ପ୍ରାୟତଃ ଭୁଲ ବୁଝାଯାଉଥିବା ଶିକ୍ଷଣ ପାର୍ଥକ୍ୟ ବିଷୟରେ ସଚେତନତା ପ୍ରସାର କରୁଛି। ଏହି ଅଭିଯାନ ଡିସ୍ଲେକ୍ସିଆ ଚାରି ପାଖର କାହାଣୀକୁ ପରିବର୍ତ୍ତନ କରିବା ଉପରେ ଧ୍ୟାନକେନ୍ଦ୍ରିତ କରେ। ଡିସ୍ଲେକ୍ସିଆ ଚିନ୍ତାଧାରା ସହ ଜଡିତ ଅନନ୍ୟ ଶକ୍ତି, ସୃଜନଶୀଳତା ଏବଂ ସମସ୍ୟା ସମାଧାନ



କ୍ଷମତାକୁ ଚିହ୍ନଟ କରିବା ଦିଗରେ ଭୁଲ ଧାରଣା ଏବଂ କଳଙ୍କରୁ ଦୂରେଇ ଯିବା। ଏହି ପଦକ୍ଷେପ ମାଧ୍ୟମରେ ପୂର୍ବତଟ ରେଳପଥ ସମ୍ପ୍ରଦାୟ ମଧ୍ୟରେ ଓ ଯାତ୍ରୀ ଏବଂ କର୍ମଚାରୀଙ୍କ ବିଶାଳ ନେଟୱାର୍କ ମଧ୍ୟରେ ସହାନୁଭୂତି, ଅନ୍ତର୍ଭୁକ୍ତିକରଣ ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ଷ୍ଟେସନଗୁଡ଼ିକୁ ଲାଲ ରଙ୍ଗରେ ଆଲୋକିତ କରି ପୂର୍ବତଟ ରେଳପଥ ସେମାନଙ୍କର ବିବିଧ ପ୍ରତିଭା ପାଳନ କରିବା ସହ ଶିକ୍ଷଣ ପାର୍ଥକ୍ୟ ଥିବା ବ୍ୟକ୍ତିମାନଙ୍କ ପାଇଁ ବୁଝାମଣା, ଅନ୍ତର୍ଭୁକ୍ତିକରଣ ଏବଂ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ପାଇଁ ଆନ୍ଦୋଳନରେ ଯୋଗଦାନ କରେ। ଏହି ପ୍ରତୀକାତ୍ମକ ଆଭାସ ପୂର୍ବତଟ ରେଳପଥର ସାମାଜିକ ଦାୟିତ୍ୱ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, କାର୍ଯ୍ୟକ୍ଷମ ଉତ୍କର୍ଷତା ବାହାରେ ଅର୍ଥପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ଏକ ସହାନୁଭୂତିଶୀଳ ଏବଂ ସଚେତନ ସମାଜ ଗଠନର ବ୍ୟାପକ ଦୃଷ୍ଟିକୋଣ ସହ ସମନ୍ୱୟ ରଖେ।

# ଖଣି, ପାଣି ରାଜସ୍ୱରେ ହଜାର ହଜାର କୋଟି ବାକି

ଭୁବନେଶ୍ୱର,୩୦।୧୦: ଖଣି ଓ ପାଣି ବାବଦ ଟିକସ ଏବଂ ଜରିମାନା ଅର୍ଥ ଠିକଣା ସମୟରେ ଆଦାୟ ହୋଇପାରୁନଥିବାରୁ ବିଭିନ୍ନ କଳକାରଖାନା ଓ ଖଣି ଲିଜ୍‌ଧାରୀମାନଙ୍କ ଉପରେ ରାଜ୍ୟ ସରକାରଙ୍କ ହଜାର ହଜାର କୋଟି ଟଙ୍କା ପଡ଼ିରହିଛି। ଜଷ୍ଟିସ ଏମ୍. ବି ଶାହା କମିଶନଙ୍କ ରିପୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହି ଅର୍ଥ ଆଦାୟ ହୋଇପାରୁ ନାହିଁ। ଖିଲାପକାରୀଙ୍କଠାରୁ ଅର୍ଥ ଆଦାୟ ଲାଗି ସରକାରଙ୍କ ପକ୍ଷରୁ ସାର୍ଟିଫିକେଟ୍ କେଶ୍ କରି ଅପେକ୍ଷା କରାଯାଉଥିବାବେଳେ ଆଉ କେତେକ କ୍ଷେତ୍ରରେ କାରଖାନା କର୍ତ୍ତୃପକ୍ଷ ଓ ଖଣି ଲିଜ୍‌ଧାରୀମାନେ ଆଇନ୍ ଅଦାଲତରେ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇ ଅର୍ଥ ପୈଠ କରିବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।

ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟ ୨୦୧୭ ମସିହାରେ ଦେଇଥିବା ନିର୍ଦ୍ଦେଶ ମୁତାବକ ନିର୍ଦ୍ଧାରିତ ସୀମା ବାହାରେ ଓ ବିନା ପରିବେଶ ଅନୁମୋଦନରେ ଯେଉଁସବୁ ଖଣି ଉତ୍ତୋଳନ ହୋଇଛି ସେଠାରେ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଅର୍ଥ ଆଦାୟ କରାଯିବା କଥା। କିନ୍ତୁ ଏ କ୍ଷେତ୍ରରେ କେବଳ ସାର୍ଟିଫିକେଟ୍ କେଶ୍ କରି ସରକାର ବସି ପଡୁଥିବାରୁ ସୁପ୍ରିମକୋର୍ଟ ନିକଟରେ ଏ ସଂପର୍କରେ ପ୍ରତିକୂଳ ମନ୍ତବ୍ୟ ଦେବା ସହ ପରବର୍ତ୍ତୀ ଶୁଣାଣି ପାଇଁ ୮ ସପ୍ତାହ ସମୟ ଦେଇଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ଖଣିଜ ସାମଗ୍ରୀର ବ୍ୟାପକ ଚୋରା କାରବାର ଘେନି ହେଉଥିବା ଅଭିଯୋଗର ତଦନ୍ତ ଲାଗି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏମ୍.ବି ଶାହାଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଯାଇଥିଲା। ଏହି କମିଶନ ତାଙ୍କ ରିପୋର୍ଟରେ ଖଣିଜ ସାମଗ୍ରୀର ବ୍ୟାପକ ବେଆଇନ୍ କାରବାର ସଂକ୍ରାନ୍ତରେ ଉଲ୍ଲେଖ କରିବା ସହିତ ପ୍ରାୟ ୬୫୦୦୦ କୋଟି ଟଙ୍କାର ଜରିମାନା ଆଦାୟ ଲାଗି ସୁପାରିସ କରିଥିଲେ। ରାଜ୍ୟ ସରକାର ଏ ସଂକ୍ରାନ୍ତରେ ନୋଟିସ ଜାରି କରିବା ପରେ ଅନେକ ସଂସ୍ଥା ଆଇନ୍ ଅଦାଲତର ଆଶ୍ରୟ ନେଇଥିଲେ। ଏହି ଅନାଦେୟ ଅର୍ଥ ଉପରେ ସୁଧର ପରିମାଣ କେତେ ତାହା କେହି କହିପାରୁ ନାହାନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୮ ସପ୍ତାହ ଭିତରେ କେତେ ଅନାଦେୟ ଅର୍ଥ ଆଦାୟ ହେଉଛି ଏବଂ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କ'ଣ ତଥ୍ୟ ଦେବାକୁ ଯାଉଛନ୍ତି ତାହା ଉପରେ ସମସ୍ତଙ୍କର ନଜର। ସେହିଭଳି ରାଜ୍ୟର ବିଭିନ୍ନ ନଦୀରୁ ବହୁ ଶିଳ୍ପାନୁଷ୍ଠାନ ଜଳ ନେଉଛନ୍ତି। ସେମାନଙ୍କ ଉପରେ ବି ବର୍ଷବର୍ଷ ଧରି ସହସ୍ରାଧିକ କୋଟି ଟଙ୍କାର ଜଳ କର ବାକି ପଡ଼ିଛି। ସରକାରଙ୍କ ପକ୍ଷରୁ ନୋଟିସ ଦିଆଯିବା ପରେ ଅନେକ ସଂସ୍ଥା ବକେୟା ଅର୍ଥ ପୈଠ କରିବା ପରିବର୍ତ୍ତେ ଓଲଟା ଆଇନ୍ ଅଦାଲତକୁ ଯାଇ ସରକାରଙ୍କୁ ନାଲି ଆଖି ଦେଖାଉଛନ୍ତି। ଅନ୍ୟପଟେ ଗୋଟିଏ ପରେ ଗୋଟିଏ ଖଣି ଖାଦାନ ନିଲାମ ଚାଲୁଥିବାବେଳେ ଶିଳ୍ପାନୁଷ୍ଠାମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯାଉଛି। ଅଥଚ ସାଧାରଣ ଲୋକଟିଏ ଜଳ ଖଜଣା, ଜଳକର କିମ୍ବା ପୌର ସଂସ୍ଥା ହୋଲଡିଂ ଟିକସ ଦେବାରେ ବିଳମ୍ବ କଲେ ସରକାରୀ କର୍ତ୍ତୃପକ୍ଷ ନାଲି ଆଖି ଦେଖାଇ ତାହା ଆଦାୟ କରୁଛନ୍ତି।

ଖଣି ଓ ପାଣି ବାବଦ ରାଜସ୍ୱ ସଂକ୍ରାନ୍ତୀୟ ମାମଲାଗୁଡ଼ିକ କିଭଳି ଶୀଘ୍ର ଫଇସଲା ହେବ ଏବଂ ଖିଲାପି ସଂସ୍ଥାମାନଙ୍କଠାରୁ ବାକି ପଡ଼ିଥିବା ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯିବ ସେଥିଘେନି ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଉଛି। (ତଥ୍ୟ)

# ବିହାର ନିର୍ବାଚନ ଓ ବିବାଦୀୟ ବୟାନ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୩୧ ଅକ୍ଟୋବର ୨୦୨୫, ଭୁବନେଶ୍ୱର

Friday 31 October 2025, Bhubaneswar



ନଭେମ୍ବର ୬ ଓ ୧୧ରେ ବିହାର ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବ। ଏହା ରାଜ୍ୟର ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବ। ଏନଡିଏ (ବିଜେପି-ଜେଡିୟୁ) ଓ ମହାଗଠବନ୍ଧନ (ରାଜଦ-କଂଗ୍ରେସ) ମଧ୍ୟରେ କଡ଼ା ସଂଘର୍ଷ। କିନ୍ତୁ ବିକାଶ, ରୋଜଗାର, ପ୍ରବାସୀ ମଜୁରଙ୍କ ସମସ୍ୟା କଥା କାହାରି ମୁହଁରେ ନାହିଁ ବରଂ ବିବାଦୀୟ ବୟାନକୁ ନେଇ ଦେଖାଦେଇଛି ସମସ୍ୟା।

ସଂପ୍ରତି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବୟାନ ବିହାରରେ ଧୂଆଁଧାର ଚର୍ଚ୍ଚାର ଖୋରାକ ଯୋଗାଇଛି। ମୁଜଫ୍ଫରପୁରରେ ରାଲିରେ ସେ କହିଲେ, "ପ୍ରଧାନମନ୍ତ୍ରୀ ମୋଦୀ ଭୋଟ୍ ପାଇଁ ନାଚିବେ!" ଆଉ ଛଠ୍ ପୂଜାକୁ ନିଶାନା କରି କହିଲେ, "ଦିଲ୍ଲୀରେ ଜମୁନାରେ ଛଠ୍ କରିବାକୁ ନଈ କରାଯାଇଛି। ଏହା ଛଠ୍‌ର ଆସ୍ଥାରେ ଆଘାତ। ବିଜେପି ଏହାକୁ ଆଗ୍ରହ୍ୟ କଲା। ଅମିତ ଶାହ୍ କହିଲେ, "ରାହୁଲ ଛଠ୍‌ର ଅପମାନ କରିଛନ୍ତି। ମହାଗଠବନ୍ଧନକୁ 'ଠଗ୍‌ବନ୍ଧନ' କହିଲେ।" ବିଜେପି ନିର୍ବାଚନ ଆୟୋଗରେ ଅଭିଯୋଗ କରିଛି।

ଏହା ପୂର୍ବରୁ ବିଜେପି ନେତା ଗୀରିରାଜ ସିଂଙ୍କ ମୁସଲମାନଙ୍କୁ 'ନମକ୍ ହରାମ୍' କହିବା, ତେଜସ୍ୱୀ ଯାଦବଙ୍କ ଓଃାକ୍ଫ ଆଇନ୍ 'କୁଡ଼ାରେ ଫୋପାଇବା' ଘୋଷଣା, ରାବ୍ରୀ ଦେବୀଙ୍କ 'ନୀତିଶ୍ ଆଉ ସିଏମ୍ ନୁହେଁ' ବୟାନ ଆଦିରେ ଯୋଡ଼ିଛି।ସୋସିଆଲ୍ ମିଡିଆରେ ଏଆଇ ଭିଡିଓ, ଜାତିଗତ ପ୍ରଚାର ବଢ଼ୁଛି।

ଏଭଳି ଉକ୍ତି ରାଜନୀତିକୁ ନିମ୍ନଗାମୀ କରୁଛି। ବିହାରରେ ବେକାରୀ ୧୮%, ମହିଳା ସୁରକ୍ଷାରେ ଅବନତି, ପରୀକ୍ଷାରେ ପେପର୍ ଲିକ୍, ଭୋଟର୍ ତାଲିକା ସଂଶୋଧନରେ ବିବାଦ ଏଗୁଡ଼ିକୁ କେହି ଆଲୋଚନା କରୁନାହାନ୍ତି। ନୀତିଶ ସରକାର ବିକାଶର କଥା କହୁଛି, ତେଜସ୍ୱୀ ନୟା ବିହାରର ସ୍ୱପ୍ନ ଦେଉଛନ୍ତି। କିନ୍ତୁ ଧର୍ମନିରପେକ୍ଷତାର ନାମରେ ବିଭାଜନକୁ କେହି ବିରୋଧ କରୁନାହାନ୍ତି।

ଓଡ଼ିଆ ପାଠକଙ୍କ ପାଇଁ ଏହା ଆହୁରି ଗୁରୁତ୍ୱପୂର୍ଣ୍ଣ। ବିହାରୀ ମଜଦୁରମାନେ ଓଡ଼ିଶାରେ କାମ କରନ୍ତି। ବିହାରର ଅସ୍ଥିରତା ଆମ ରାଜ୍ୟକୁ ମଧ୍ୟ ପ୍ରଭାବିତ କରେ। ଭୋଟାରମାନେ ସତର୍କ ରୁହନ୍ତୁ। କାରଣ ବିବାଦ ନୁହେଁ, ବିକାଶକୁ ପ୍ରାଇୟରିଟି ଦିଅ। ପରିପକ୍ୱ ରାଜନୀତି ଆଶା କରିବା। ନହେଲେ ବିହାର ଆହୁରି ପଛକୁ ଠେଲିଯିବ!

# ଅଁଳା ନବମୀ ଓ ଶ୍ରୀ ରାଧାପାଦ ଦର୍ଶନ



**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

କାର୍ତ୍ତିକମାସ ଶୁକ୍ଳପକ୍ଷ ନବମୀ ତିଥିକୁ ଅଁଳା ନବମୀ ଭାବେ ପାଳନ କରାଯାଇଥାଏ। ଅଁଳାକୁ ହିନ୍ଦୁ ଧର୍ମରେ ଏକ ପବିତ୍ର ଦ୍ରବ୍ୟର ମାନ୍ୟତା ଦିଆଯାଇଛି। ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତ୍ରିଦେବଙ୍କ ଅତିପ୍ରିୟ ବୋଲି ପୁରାଣରେ ବର୍ଣ୍ଣନା ରହିଛି। ଆର୍ଯ୍ୟୁବେଦ ଚିକିତ୍ସା ପଦ୍ଧତିରେ ଅଁଳା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ମାନ୍ୟତା ପାଇଛି। ଅଁଳାକୁ ସଂସ୍କୃତରେ ତିଷ୍ୟଭଳା, ଅମୃତା, ବୟସ୍କା, କାୟସ୍ଥା, ଶ୍ରୀଫଳା, ଧାତ୍ରିକା, ଶିବ, ଶାନ୍ତା, ଧାତ୍ରୀ, ବୃଷ୍ୟା, ବୃତଫଳ, ରୋଚନୀ, କର୍ଷଫଳା ଆଦି କୁହାଯାଇଥାଏ। ସାଧାରଣତଃ କାର୍ତ୍ତିକ ବ୍ରତ କରୁଥିବା ହବିଷ୍ୟାଳୀମାନେ ଭଗବାନ ବିଷ୍ଣୁଙ୍କ ପ୍ରତୀମାକୁ ଅଁଳା ବାଟରେ ସ୍ନାନ କରାଇଥାନ୍ତି। ମହିଳାମାନେ ଦିନଯାକ ଉପବାସ କରିଥାନ୍ତି। ସେମାନେ ଅଁଳା ଗଛ ତଳେ ଭୋଗ ପ୍ରସ୍ତୁତ କରି ପ୍ରଭୁଙ୍କୁ ଅର୍ପଣ କରିଥାନ୍ତି। ଏହାପରେ ସେମାନେ ଅଁଳା ଗଛ ଚାରିପାଖେ ବୁଲି ପୂଜାର୍ଚ୍ଚନା କରିଥାନ୍ତି। ଅଁଳା ନବମୀରୁ କାର୍ତ୍ତିକ ଶେଷ ଯାଏ ଅଁଳା ବଟା ବୋଳି ହୋଇ ସ୍ନାନ କରିବା ଏକ ଓଡ଼ିଆ ପରମ୍ପରା।

ଅଁଳା ବୃକ୍ଷର ଉତ୍ପତ୍ତିକୁ ନେଇ ଏକ କିମ୍ବଦନ୍ତୀ ରହିଛି। ଥରେ ଅଁଳା ବୃକ୍ଷର ଉତ୍ପତ୍ତି ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି ଥରେ ଲକ୍ଷ୍ମୀ ଓ ଭଗବତୀ ହରିଙ୍କୁ କୌଣସି ଏକ ନୂଆ ଦ୍ରବ୍ୟ ଦେବା ପାଇଁ ମନସ୍ଥ କଲେ। କ'ଣ ଦେବେ ଭାବୁ ଭାବୁ ଦୁହିଁଙ୍କ ଆଖିରୁ ଏକ ସଙ୍ଗେ ଲୁହ ବୋହି ଚାଲିଲା। ସେହି ଆନନ୍ଦାଶ୍ରୁ ଭୂଇଁରେ ପଡ଼ି ଅଁଳା ଗଛ ସୃଷ୍ଟି ହୋଇଥିଲା। ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ଦିନେ ଲକ୍ଷ୍ମୀ ଓ ପାର୍ବତୀ ଏକତ୍ର ବନସ୍ତରେ ନିଜ ନିଜ ପତିଙ୍କ ପାଇଁ ପୂଜାପାଠ କରିବାକୁ ମନସ୍ତ କଲେ। ହେଲେ ପାର୍ବତୀଙ୍କ ପାଖରେ ବେଲପତ୍ର କି ଲକ୍ଷ୍ମୀଙ୍କ ନିକଟରେ ତୁଳସୀ ନଥିଲା। ଦୁହେଁ ଭାବନାରେ ପଡ଼ିଗଲେ। ଠିକ୍ ସେତିକିବେଳେ ନାରଦ ମୁନି ସେଠାରେ ପହଞ୍ଚି ସେମାନଙ୍କ ସମସ୍ୟା କଥା ଶୁଣିଲେ। ଅଁଳା, ବିଲ୍ୱ ଓ ତୁଳସୀର ସମାହାର ବୋଲି ନାରଦ ସେମାନଙ୍କୁ କହିଥିଲେ। ଏହାପରେ ଦୁହେଁ ଅଁଳା ଗଛ ନିକଟରେ ପୂଜା କାର୍ଯ୍ୟ କଲେ।

ରାଜା ଉନମାଧବ ଯମୁନା ନଦୀକୂଳରୁ ଆଣିଥିବା ଶ୍ରୀକୃଷ୍ଣଙ୍କ ମଣିବିଗ୍ରହ ସାକ୍ଷାତ ମୂର୍ତ୍ତି ଭାବେ ବୃନ୍ଦାବନରେ ଅଧିଷ୍ଠିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ମଣିବିଗ୍ରହ ବୃନ୍ଦାବନରୁ କାଞ୍ଚିର ଜଣେ ଶ୍ରୀବତ୍ସ ବ୍ରାହ୍ମଣ ପାଇଁ ସାକ୍ଷୀ ଦେବା ପାଇଁ ଆସି କାଞ୍ଚିରେ ରହି ଆଉ ବୃନ୍ଦାବନ ଫେରିଲେ ନାହିଁ ଓ ସାକ୍ଷୀଗୋପାଳ ନାମରେ ପୂଜା ପାଇଲେ। ଓଡ଼ିଶାର ରାଜା ଶ୍ରୀ ପୁରୁଷୋତ୍ତମ ଦେବା କାଞ୍ଚି ବିଜୟ ପରେ ପ୍ରଭୁ ଶ୍ରୀ ସାକ୍ଷୀଗୋପାଳଙ୍କୁ ପୁରୀ ନେଇ ଆସିଥିଲେ। ପ୍ରଥମେ ଏହି ମଣିବିଗ୍ରହ ପୁରୀ ଶ୍ରୀମନ୍ଦିରର ଭୋଗମଣ୍ଡପରେ ରହିଥିଲେ। ପରେ ସ୍ୱପ୍ନାଦେଶ କ୍ରମେ ପୁରୀ ଠାରୁ ୧୫ ମାଇଲ ଦୂର ବ୍ରାହ୍ମଣ ଶାସନର କେନ୍ଦ୍ରସ୍ଥଳ ପୁଣ୍ୟତୋୟା ରତ୍ନଚିରା ନଦୀ ତୀରବର୍ତ୍ତୀ ଛୁରିଅନା, ବକୁଳ, ତମାଳ, କେତକୀ ଓ ନାରିକେଳ ବୃକ୍ଷ ପରିପୂର୍ଣ୍ଣ ପ୍ରାକୃତିକ ବନରେ ସାକ୍ଷୀଗୋପାଳ ସ୍ଥାପିତ ହୋଇଥିଲେ। ସାକ୍ଷୀଗୋପାଳ ରହିଥିବାରୁ ସେହି ସ୍ଥାନଟି ସାକ୍ଷୀଗୋପାଳ ନାମରେ ନାମିତ ହେଲା। ସମୟକ୍ରମେ ଶ୍ରୀକୃଷ୍ଣଙ୍କ ପ୍ରିୟା ଶ୍ରୀରାଧା ସାକ୍ଷୀଗୋପାଳ ବଡ଼ପଣ୍ଡ ବେଲେଶ୍ୱର ମହାପାତ୍ରଙ୍କ ଘରେ ମାନବୀ ପ୍ରିୟା ଲକ୍ଷ୍ମୀ ରୂପରେ ଜନ୍ମ ନେଲେ।

ପ୍ରଭୁ ସାକ୍ଷୀଗୋପାଳ ପ୍ରତି ରାତ୍ରର ତୃତୀୟ ପ୍ରହରରେ ମନ୍ଦିର ଛାଡ଼ି ଆସି ଗୁପ୍ତ ବୃନ୍ଦାବନ ରୂପେ ପରିଚିତ ବକୁଳବନରେ ଲକ୍ଷ୍ମୀଙ୍କ ସହ କେଳି କରନ୍ତି ଅଧିକାଂଶ ସମୟରେ ପ୍ରଭୁଙ୍କ ବଂଶୀ, ରାତ୍ର ପିନ୍ଧା ବସନ, ଚୂଳ ଆଦି ଲକ୍ଷ୍ମୀଙ୍କ ଶୟନ ଶେଯରୁ ମିଳିବାରୁ ରାଜା ବଡ଼ପଣ୍ଡାଙ୍କୁ ଚୋରା କହି ନିର୍ଯାତନା ଦେଲେ।

ହେଲେ ଭକ୍ତବତ୍ସଳ ଭଗବାନ ଏହା ଜାଣିପାରି ରାଜାଙ୍କୁ ସ୍ୱପ୍ନାଦେଶ କଲେ। ତୁରନ୍ତ ଲକ୍ଷ୍ମୀଙ୍କ ପରି ଏକ ସୁବର୍ଣ୍ଣ ପ୍ରତିମା ଶୀଘ୍ର ନିର୍ମାଣ କରାଇବା ପାଇଁ ରାଜାଙ୍କୁ କହିଲେ।

ରାଜା ଗଡ଼ଜାତ ରଣପୁର ଅଞ୍ଚଳରୁ କେତେକ କୁଶଳୀ କାରିଗର ଆଣି ଲକ୍ଷ୍ମୀଙ୍କ ଏକ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରାଇଲେ। ମୂର୍ତ୍ତି ନିର୍ମାଣ ଆରମ୍ଭ ହେବା ଦିନରୁ ଲକ୍ଷ୍ମୀ ରୋଗରେ ଶଯ୍ୟାଶାୟୀ ହେଲେ। ମୂର୍ତ୍ତିର ଜୀବନ୍ୟାସ ଦିଆଯିବା ସମୟରେ ଲକ୍ଷ୍ମୀ ଇହଲୀଳା ସମ୍ବରଣ କଲେ। ପ୍ରଭୁ ସାକ୍ଷୀଗୋପାଳଙ୍କ ଇଚ୍ଛା ଅନୁଯାୟୀ ଲକ୍ଷ୍ମୀଙ୍କ ମରଶରୀରକୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସଂସ୍କାର କରାଯାଇଥିଲା। ଠାକୁର ପଶ୍ଚିମାଞ୍ଚଳବାସୀ ହୋଇଥିବାରୁ ଅନ୍ନପ୍ରସାଦ ପରିବର୍ତ୍ତେ ଗହମ ଜାତ ସାମଗ୍ରୀ ଭୋଗ କରାଗଲା।

ପଶ୍ଚିମାଞ୍ଚଳ ମହିଳାଙ୍କ ପରି ମା'ଲକ୍ଷ୍ମୀ ବା ଶ୍ରୀରାଧାଙ୍କୁ ପଶ୍ଚିମାଞ୍ଚଳ ମହିଳାଙ୍କ ପରି ପିନ୍ଧା ଶାଢ଼ୀ ଦ୍ୱାରା ତାଙ୍କ ପାଦପଦ୍ମ ବର୍ଷସାରା ଘୋଡ଼ି ହୋଇ ରହିଲା।

ତେବେ ମା'ଙ୍କୁ ବର୍ଷକେ ଥରେ ଓଡ଼ିଆଣୀ ଭାବେ ବେଶ କରିବା ଲାଗି କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଠାକୁରାଣୀ କାଣିଆ କଛା ମାରି ଶାଢ଼ୀ ପିନ୍ଧନ୍ତି। ଫଳରେ ତାଙ୍କ ପାଦଯୋଡ଼ି ଦେଖାଯାଇଥାଏ। ଭକ୍ତମାନେ ଶ୍ରୀରାଧାଙ୍କ ପାଦପଦ୍ମ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ଏହାକୁ ରାଧାପାଦ ଦର୍ଶନ କୁହାଯାଏ। ଏହିଦିନ ଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଏ। ଦେବୀ ଶ୍ରୀରାଧାଙ୍କ ପାଦ ଦର୍ଶନ ନିମିତ୍ତ ଓଡ଼ିଶା ଓ ଓଡ଼ିଶା ବାହାରୁ ଲକ୍ଷାଧିକ ଭକ୍ତଙ୍କ ଜନସମାଗମ ହୋଇଥାଏ।

**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ,**
**ଦୂରଭାଷ : ୯୪୩୭୨୪୨୩୧୭**
E-MAIL :DRBICHITRANANDAACHARYA@GMAIL.COM

# କାର୍ତ୍ତିକ ମାସରେ ପଡୁଥିବା ପର୍ବପର୍ବାଣୀ



**ଗଙ୍ଗାଧର ସାମଲ**

ସନାତନ ଧର୍ମରେ କାର୍ତ୍ତିକକୁ ପର୍ବପର୍ବାଣୀରେ ସମୃଦ୍ଧ ମାସ ଭାବେ ବର୍ଣ୍ଣନା କରାଯାଇଛି। କାରଣ ଏହି ମାସରେ ଧର୍ମ କାର୍ଯ୍ୟ କରିବା ନିମନ୍ତେ ବହୁ ପୂଣ୍ୟମୟ ତିଥି ପଡ଼ିଥାଏ। କାର୍ତ୍ତିକ ବ୍ରତ ସମୟରେ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନାଦି ସାରି ସୂର୍ଯ୍ୟଦେବଙ୍କୁ ଉପାସନା ଓ ତୁଳସୀ ଚଉଁରା ମୂଳେ ପାଣି ଚଢ଼ାଇଲେ ଅଶେଷ ପୁଣ୍ୟ ହୋଇଥାଏ। ଏକ ହଜାର ତୁଳସୀ ପତ୍ରରେ ଭଗବାନ ବିଷ୍ଣୁଙ୍କୁ ପୂଜା କଲେ ସେ ସନ୍ତୁଷ୍ଟ ହୋଇ ଅଶେଷ ବରଦାନ କରନ୍ତି ବୋଲି ବିଶ୍ୱାସ ଅଛି। ତୁଳସୀ ପତ୍ରକୁ ସେବନ କଲେ ଶରୀର ନିରୋଗ ରହେ। କାର୍ତ୍ତିକରେ ଦାନ : ଏହି ମାସରେ ଗରୀବଙ୍କୁ ଓ ବ୍ରାହ୍ମଣମାନଙ୍କୁ ଦାନ କଲେ ବିଶେଷ ପୁଣ୍ୟ ହୁଏ ବୋଲି ଲୋକ ବିଶ୍ୱାସ କରନ୍ତି। ବ୍ୟକ୍ତି କାର୍ତ୍ତିକ ମାସର ଦିନମାନଙ୍କରେ ତୁଳସୀ ଦାସ, ଅନ୍ନଦାନ, ଗୋଦାନ ଇତ୍ୟାଦି ଦାନ କଲେ ସର୍ବାଧିକ ପୂଣ୍ୟ ପ୍ରାପ୍ତ ହୁଏ। କାର୍ତ୍ତିକରେ ବାଣିଜ୍ୟ ଶୁଭାରମ୍ଭ : କାର୍ତ୍ତିକ ମାସରେ ବ୍ୟବସାୟର ଶୁଭାରମ୍ଭ କଲେ ବ୍ୟବସାୟ ପ୍ରତିଷ୍ଠିତ ହୁଏ ବୋଲି ବିଶ୍ୱାସ କରାଯାଏ। ଅତୀତରେ ଓଡ଼ିଆ ସାଧବ ପୁଅ କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ କରି ବିଦେଶକୁ ବ୍ୟବସାୟ ପାଇଁ ଯାଉଥିଲେ ଓ ଫେରିଲା ବେଳକୁ ସାଥିରେ ଅପର୍ଯ୍ୟାପ୍ତ ଧନଦୌଲତ ଘେନି ଫେରୁଥିଲେ। ତେଣୁ ଏହି ପୂର୍ଣ୍ଣମୀ ଦିନ ସାଧବ ବୋହୂମାନେ ତାଙ୍କ ସ୍ୱାମୀମାନଙ୍କର ଶୁଭ ମନାସୀ ବୋଇତ ବନ୍ଦାଣ କରି ସ୍ୱାମୀମାନଙ୍କୁ ବ୍ୟବସାୟ ପାଇଁ ମେଲାଣି ଦେଉଥିଲେ। ଯାହାକୁ ସ୍ମରଣୀୟ କରିବାକୁ ଆଜି ଆମ ଓଡ଼ିଶାର କଟକରେ ଗଡ଼ଗଡ଼ିଆ ଘାଟ ଓ ପାରାଦ୍ୱୀପରେ ବୋଇତ ବନ୍ଦାଣ ଉତ୍ସବରେ ପରିଣତ ହୋଇଛି। କାର୍ତ୍ତିକ ସୋମବାରରେ ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କୁ ପୂଜା କରାଯାଏ।

କରବାଚୌଥ : ସଧବା ନାରୀମାନେ ପତିଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ କରିଥାନ୍ତି। ବିବାହିତା ମହିଳା ଦିନ ସାରା ନିରାହାର ରହି ବ୍ରତ ରଖିବା ପରେ ସନ୍ଧ୍ୟାରେ ଚନ୍ଦ୍ରଙ୍କୁ ସାକ୍ଷୀ ରଖି ପତିଙ୍କ ଦର୍ଶନ କରିଥାନ୍ତି ଏବଂ ତାଙ୍କ ହାତରୁ ଜଳପାନ କରି ବ୍ରତ ଭାଙ୍ଗିଥାନ୍ତି।

ଦ୍ୱାଦଶୀ : ଏହି ଦିନ ଗୋବତ୍ସ ଦ୍ୱାଦଶୀ ବ୍ରତ ପାଳନ କରାଯାଏ। ଗାଈବାଛୁରୀଙ୍କ ପୂଜା କରାଯିବାର ବିଧାନ ରହିଛି ଏହି ତିଥିରେ।

ତ୍ରୟୋଦଶୀ : ସୁଖ-ସମୃଦ୍ଧି କାମନା କରି ଏହି ଦିନ ଧନତେରାସ୍ ପର୍ବ ପାଳନ କରାଯାଇଥାଏ। ଏଥିରେ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଘରେ ଘରେ ମାତା ଲକ୍ଷ୍ମୀଙ୍କ ସହିତ ଗଣେଶଙ୍କ ପୂଜା କରାଯାଇଥାଏ। ଏହି ଦିନ ଆୟୁର୍ବେଦର ଜନକ ଧନ୍ୱନ୍ତରୀଙ୍କ ଜୟନ୍ତୀ ମଧ ପାଳନ କରାଯାଇଥାଏ।

ଚତୁର୍ଦ୍ଦଶୀ : କୃଷ୍ଣ ଚତୁର୍ଦ୍ଦଶୀକୁ ନରକ ଚତୁର୍ଦ୍ଦଶୀ ପର୍ବ ଭାବେ ପାଳନ କରାଯାଉଥିବା ବେଳେ ଏହି ଦିନ ହନୁମାନ ଜୟନ୍ତୀ ମଧ ପାଳନ କରାଯାଇଥାଏ।

ଅମାବାସ୍ୟା : ଏହି ଦିନ ଶ୍ୟାମାକାଳୀଙ୍କୁ ପୂଜା କରାଯାଏ। ଦୀପାବଳୀ ପାଳିତ ହୁଏ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଏବଂ ପୟା ଅମାବାସ୍ୟା ବିଧି ମୁତାବକ ପାଳନ କରାଯାଏ।

ପ୍ରତିପଦା : କାର୍ତ୍ତିକ ମାସର ଏହି ତିଥିରେ ଗୋବର୍ଦ୍ଧନ ପୂଜା କରାଯାଏ। ଭଉଣୀମାନେ ଭାଇଙ୍କ ନିଷ୍କଣ୍ଟକ ତଥା ଦୀର୍ଘ ଆୟୁ କାମନା କରି ଗୋବର୍ଦ୍ଧନଙ୍କୁ ପୂଜା କରିଥାନ୍ତି। କାଶୀର ଦେବାଳୟରେ ଏହି ତିଥି ଠାରୁ ଅନ୍ନକୁଟ ପରମ୍ପରା ଆରମ୍ଭ ହୋଇଥାଏ।

ଦ୍ୱିତୀୟା : କାର୍ତ୍ତିକ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଭାଇଦୁଜ୍ ପର୍ବ ପାଳନ କରାଯାଇଥାଏ। ଭଉଣୀମାନେ ଭାଇଙ୍କ ପୂଜା କରିଥାନ୍ତି। ଏହି ତିଥିରେ ଭଗବାନ ଚିତ୍ରଗୁପ୍ତଙ୍କ ମଧ ପୂଜା କରାଯାଏ।

ଷଷ୍ଠୀ : ଏହି ତିଥିରେ ଭାରତର କେତେକ ସ୍ଥାନରେ ଡାଲା ଛଟ୍ ନାମକ ପର୍ବ ପାଳନ କରାଯାଇଥାଏ। ମହିଳା ଏବଂ ପୁରୁଷମାନେ ଅଣ୍ଟାଏ ପାଣିରେ ଛିଡ଼ା ହୋଇ ଅସ୍ତ ଯାଉଥିବା ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଥାନ୍ତି। ପଞ୍ଚମୀ ଠାରୁ ଆରମ୍ଭ ହେଉଥିବା ଏହି ପର୍ବର ବିଧିବିଧାନ ସପ୍ତମୀ ତିଥିରେ ଉଦିତ ହେଉଥିବା ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ ସହ ସମାପ୍ତ ହୋଇଥାଏ।

ଅଷ୍ଟମୀ : କାର୍ତ୍ତିକ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ପର୍ବ ପାଳନ କରାଯାଏ। ଏହି ଦିନ ଗୋମାତାଙ୍କ ପୂଜା କରାଯାଇଥାଏ।



ନବମୀ : କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥି, ଅଁଳା ନବମୀ ନାମରେ ଖ୍ୟାତ। ଏହି ତିଥିରେ ଅଁଳା ବୃକ୍ଷର ପୂଜା କରିବା ସହ ଏହି ବୃକ୍ଷ ଛାଇରେ ବସି ଭୋଜନ କରିବାର ବିଧି ରହିଛି। ଭଗବାନ ଜଗନ୍ନାଥ ମନ୍ଦିରରେ ଏହି ଦିନ ବିଧିମୁତାବକ ଅଁଳା ନବମୀ ପୂଜା ଅନୁଷ୍ଠିତ ହୋଇଥାଏ।

ଏକାଦଶୀ : କାର୍ତ୍ତିକ ଶୁକ୍ଳ ଏକାଦଶୀ ବଡ଼ ଏକାଦଶୀ ନାମରେ ଖ୍ୟାତ। ଏହାକୁ ଦେବପ୍ରବୋଧିନୀ ବା ହରିପ୍ରବୋଧିନୀ ଏକାଦଶୀ ମଧ କୁହାଯାଇଥାଏ। ଚର୍ତୁମାସ୍ୟା ଅବସରରେ ନିଦ୍ରା ଯାଇଥିବା ଭଗବାନ ଶ୍ରୀହରି ବିଷ୍ଣୁ ଏହି ଦିନ ତୁଳସୀ ବିବାହୋତ୍ସବ ମଧ ପାଳିତ ହୋଇଥାଏ। ହବିଷ୍ୟାଳୀମାନେ ଏକାଦଶୀ ତିଥିରେ ରାଧାଦାମୋଦରଙ୍କୁ ପୂଜା କରିଥାନ୍ତି।

ଚତୁର୍ଦ୍ଦଶୀ : କାର୍ତ୍ତିକ ଚତୁର୍ଦ୍ଦଶୀକୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇଥାଏ। ପୂର୍ଣ୍ଣମା : କାର୍ତ୍ତିକ ସ୍ନାନ ଏହି ଦିନ ସମାପନ ହୋଇଥାଏ। ଏହି ଦିନ ଜଳୋତ୍ସବ ଏବଂ ଦେବ ଦୀପାବଳୀ ମଧ ପାଳନ କରାଯାଇଥାଏ। ନବରାତ୍ରରୁ ଆରମ୍ଭ ହୋଇଥିବା ଉତ୍ସବର ପର୍ବ ସମାପ୍ତ ହୋଇଥାଏ। ବୋଇତ ବନ୍ଦାଣ ଉତ୍ସବ ମଧ ଏହି ତିଥିରେ ପାଳିତ ହୋଇଥାଏ। ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ଜୟନ୍ତୀ ଏହି ଦିନ ପାଳନ କରାଯାଇଥାଏ।

କାର୍ତ୍ତିକ ପୂର୍ଣ୍ଣମା : କାର୍ତ୍ତିକ ମାସ ପରି କାର୍ତ୍ତିକ ପୂର୍ଣ୍ଣମା ବା ରାସ ବା ରାହାସ ପୂର୍ଣ୍ଣମା ମଧ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ଏହି ପୂର୍ଣ୍ଣମାରେ ଭୋଜରାଜ ଓ ଭୀଷ୍ମ ଗଙ୍ଗାସ୍ନାନ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ଅନୁଜ ଲକ୍ଷ୍ମଣ ଓ ସୀତା ମାତାଙ୍କ ସହ ପ୍ରଭୁ ରାମଚନ୍ଦ୍ର ଦଣ୍ଡକାରଣ୍ୟରେ ବୁଲୁଥିବା ବେଳେ ମୁନିଋଷିମାନେ ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ସେମାନେ ନାରୀ ରୂପେ ରାମଙ୍କ ସାହଚର୍ଯ୍ୟ ଲାଭ କରିବା ପାଇଁ ମନେ ମନେ ଅଭିଳାଷ କରିଥିଲେ। ନରରୂପୀ ଗୋଲକବିହାରୀ ସେମାନଙ୍କ ମାନସିକ ଅବସ୍ଥା ବୁଝିପାରି, ଦ୍ୱାପର ଯୁଗରେ ଗୋପବାଳା ରୂପେ ଜନ୍ମ ହେବା ପାଇଁ ସେମାନଙ୍କୁ ବର ଦେଇଥିଲେ। ଗୋପୀମାନେ କୃଷ୍ଣଙ୍କ ସାନ୍ନିଧ ଲାଭ ଆଶାରେ କାର୍ତ୍ତିକ ମାସରେ ପ୍ରତି ଦିନ ସକାଳେ ନଦୀରେ ସ୍ନାନ ସାରି, ବାଲିରେ କୃଷ୍ଣ ପ୍ରତିମା ତିଆରି କରି ଫୁଲ ଚନ୍ଦନ ଲଗାଇ ପୂଜାପାଠ କରୁଥିଲେ। ପୂର୍ଣ୍ଣମୀରେ ପୂଜାପାଠ ଶେଷ ହେଉଥିଲା। ଏହି ପୂର୍ଣ୍ଣମୀର ଐତିହାସିକ ଗୁରୁତ୍ୱ ମଧ ରହିଛି। ଓଡ଼ିଆ ସାଧବପୁଅମାନେ ଏହି ପୂର୍ଣ୍ଣମାରେ ରେଶମୀ ବସ୍ତ୍ର, ଅଳଙ୍କାର, ସୁଗନ୍ଧ ଦ୍ରବ୍ୟ ଓ ହାତୀ ଦାନ୍ତ ପ୍ରସ୍ତୁତି ସାମଗ୍ରୀ ଆଦି ନେଇ ଜାଭା, ସୁମାତ୍ରା ଏବଂ ବୋର୍ଣ୍ଣିଓ ଦ୍ୱୀପକୁ ଯାତ୍ରା କରୁଥିଲେ। ସେହି ପ୍ରାଚୀନ ନୌବାଣିଜ୍ୟର ସ୍ମୃତିରେ କଦଳୀ ପଟୁଆ ନିର୍ମିତ ଡଙ୍ଗା ଭସାଣ ଏକ ଓଡ଼ିଆ ପରମ୍ପରା।

ବାଲିଯାତ୍ରା : ଏହି ପୂର୍ଣ୍ଣମୀରେ ବାଲିଯାତ୍ରା ଆରମ୍ଭ ହୁଏ। କେଉଁ କାଳୁ ଏହା ଗଡ଼ି ଆସିଲାଣି। ଏହାର ଉତ୍ପତ୍ତିକୁ ନେଇ ଗବେଷକଙ୍କ ମଧରେ ମତପାର୍ଥକ୍ୟ ରହିଛି। ଏକ ମତ ଅନୁଯାୟୀ ଏହା ବାଲିକୁ ଯାତ୍ରା ନୁହେଁ ବାଲି ଉପରେ ବସୁଥିବା ଯାତ୍ରା। କାରଣ ସାଧବପୁଅମାନେ ବାଲି ନାମକ କୌଣସି ଦ୍ୱୀପକୁ ଯାତ୍ରା କରୁଥିବାର ଐତିହାସିକ ପ୍ରମାଣ ନାହିଁ ସେମାନେ ଯବଦ୍ୱୀପ (ଜାଭା), ବରୁଣଦ୍ୱୀପ (ବୋର୍ଣ୍ଣିଓ) ଓ ସ୍ୱର୍ଣ୍ଣଦ୍ୱୀପ (ସୁମାତ୍ରା)କୁ ଯାତ୍ରା କରୁଥିବାର ପ୍ରମାଣ ମିଳେ। ବଳିଦ୍ୱୀପର ଅପଭ୍ରଂଶ ହେଉଛି ବାଲିଦ୍ୱୀପ। କଳିଙ୍ଗବାସୀଙ୍କର ଏହି ଦ୍ୱୀପ ସହ କୌଣସି ସିଧାସଳଖ ବାଣିଜ୍ୟ ସମ୍ପର୍କ ନଥିଲା। ତେଣୁ, ବାଲି ଉପରେ ବସୁଥିବା ଯାତ୍ରା ହେଉଛି ବାଲିଯାତ୍ରା। କାର୍ତ୍ତିକ ତ୍ରୟୋଦଶୀରେ ଯାତ୍ରୀମାନେ ଧବଳେଶ୍ୱରରେ ବଡ଼ ଓଷା ପାଳନ ସାରି, ଚତୁର୍ଦ୍ଦଶୀ ଦିନ ପିଠା ଭୋଗ ଖାଇ ବାରବାଟୀ ଗ୍ରାମ ନିକଟସ୍ଥ ବାଲିବନ୍ଧକୁ ଫେରୁଥିଲେ। ସେଠାରେ ମେଳା ବା ଯାତ୍ରା ଅନୁଷ୍ଠିତ ହେଉଥିଲା। ମେଳାରୁ ଘରକରଣା ଜିନିଷ ଆଦି କିଣି, ସେମାନେ ଫେରୁଥିଲେ। ବାଲିବନ୍ଧ ଉପରେ ଅନୁଷ୍ଠିତ ହେଉଥିବା ଯାତ୍ରା କ୍ରମେ ବାଲିଯାତ୍ରା ପାଲଟିଥିଲା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୩୨୮୯୪୮୬୪୩ / ୯୪୩୭୨୨୬୬୪୭**

# ବିଷ ବଳୟରେ ଅମୃତ ପିଢ଼ି



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଭାରତ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ବିଶିଷ୍ଟ ଦେଶ। ସ୍ୱାଧୀନତାର ଅମୃତ ଯୁଗରେ ଦେଶର ବିକାଶରେ ଯୋଗଦାନ ଦେଇଥିବା ଯୁବଶକ୍ତିକୁ ଅମୃତ ପିଢ଼ି ବୋଲି ନାମିତ କରାଯାଇଛି। ଏହି ପିଢ଼ି ମୁଖ୍ୟତଃ ୩୫ ବର୍ଷରୁ କମ୍ ବୟସର ସମସ୍ତ ଭାରତୀୟ ଯୁବପିଢ଼ିଙ୍କୁ ଅନ୍ତର୍ଭୁକ୍ତ କରେ। ସେମାନେ ମୋଟ ଜନସଂଖ୍ୟାର ପ୍ରାୟ ୬୫ ପ୍ରତିଶତ ଅଟନ୍ତି ଏବଂ ଦେଶର ବିକାଶ ଏବଂ ଏହାର ଭବିଷ୍ୟତ ଗଠନରେ ଯୋଗଦାନ ଦେଉଛନ୍ତି। ଭାରତର ପ୍ରଧାନମନ୍ତ୍ରୀ କହିଛନ୍ତି ଅମୃତ ପିଢ଼ିର ସମସ୍ତ ସ୍ୱପ୍ନ ପୂରଣ କରିବା, ସେମାନଙ୍କ ପାଇଁ ଅଗଣିତ ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କ ପଥରୁ ସମସ୍ତ ପ୍ରତିବନ୍ଧକ ଦୂର କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସରକାର ଏହି ପିଢ଼ି ପାଇଁ ବଜେଟ୍ ଏବଂ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ଅନେକ ପ୍ରୟାସ କରିଛନ୍ତି।

୨୦୨୩-୨୪ କେନ୍ଦ୍ରୀୟ ବଜେଟରେ ଅମୃତ ପିଢ଼ିକୁ ପ୍ରାଥମିକତା ଭାବରେ ଆଲୋକିତ କରାଯାଇଛି। ବଜେଟରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟବହାରିକ ଏବଂ ଶିଳ୍ପ-ମୁଖୀ କରିବା ପାଇଁ ପୁନଃନିର୍ମାଣ ଉପରେ ଧ୍ୟାନ ଦିଆଯାଇଥିଲା ଏବଂ ବୃତ୍ତିଗତ ଏବଂ ଦକ୍ଷତା ତାଲିମ ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା।ସବକା ସାଥ, ସବକା ପ୍ରୟାସ ମାଧ୍ୟମରେ ଜନସାଧାରଣଙ୍କ ଅଂଶଗ୍ରହଣ ଏଥିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ।

ଏହି ଦୃଷ୍ଟିକୋଣକୁ ସାକାର କରିବା ପାଇଁ ଅର୍ଥନୈତିକ ଏଜେଣ୍ଡା ମୁଖ୍ୟତଃ ତିନୋଟି ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ନାଗରିକମାନଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ସେମାନଙ୍କର ଆକାଂକ୍ଷା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବା, ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଏବଂ ସାମଗ୍ରିକ ଅର୍ଥନୈତିକ ସ୍ଥିରତାକୁ ସୁଦୃଢ଼ କରିବା। ଗତ ଦଶନ୍ଧି ମଧ୍ୟରେ ଦେଶ ସ୍କୁଲରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏହାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପ୍ରଗତି କରିଛି। ଆଇଆଇଟି, ଆଇଆଇଏମ୍ ଏବଂ ଏମ୍ସ ଭଳି ପ୍ରତିଷ୍ଠାନର ସଂସ୍କାର ଏବଂ ବିସ୍ତାର ସହିତ ସମସ୍ତଙ୍କୁ ଗୁଣାତ୍ମକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରୟାସ କରାଯାଇଛି।

୨୦୨୩-୨୪ ବଜେଟ୍ ଅଧୀନରେ ଆଗାମୀ ତିନି ବର୍ଷ ମଧ୍ୟରେ ଲକ୍ଷ ଲକ୍ଷ ଯୁବକଙ୍କୁ ଦକ୍ଷତା ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ୪.୦ ଆରମ୍ଭ କରାଯାଇଥିଲା। ଚାକିରିଭିତ୍ତିକ ତାଲିମ, ଶିଳ୍ପ ସହଭାଗୀତା ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଯୋଜନା ଅଧୀନରେ ପାଠ୍ୟକ୍ରମରେ ବିଭିନ୍ନ ନୂତନ ଯୁଗର ଦକ୍ଷତା ଅନ୍ତର୍ଭୁକ୍ତ କରାଯିବ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭାରତ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ମଧ୍ୟରୁ ଗୋଟିଏ। ତଥାପି ଏହି ସମ୍ଭାବନାକୁ ସର୍ବାଧିକ କରିବା ପାଇଁ ଶିଳ୍ପ ଆବଶ୍ୟକତା ସହିତ ପ୍ରାସଙ୍ଗିକ ଦକ୍ଷତାରେ ଯୁବପିଢ଼ିଙ୍କୁ ତାଲିମ ଦେବା ଅତ୍ୟନ୍ତ ଜରୁରୀ। ଏହି ପ୍ରୟାସର ଏକ ଅଂଶ ଭାବରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ୨୦୧୫ ବିଭିନ୍ନ ଦକ୍ଷତା କ୍ଷେତ୍ରରେ ୧୬.୩ ନିୟୁତ ଯୁବକଙ୍କୁ ତାଲିମ ଦେଇଛି। ଦେଶର ଯୁବପିଢ଼ିଙ୍କୁ ସ୍ୱଳ୍ପକାଳୀନ ତାଲିମ ଏବଂ ପ୍ରାକ୍-ଶିକ୍ଷଣ ମାଧ୍ୟମରେ ଦକ୍ଷତା ପ୍ରଦାନ କରିବା ଲକ୍ଷ୍ୟରେ ଏହି ଦକ୍ଷତା ଯୋଜନା ଆରମ୍ଭ କରାଯାଇଥିଲା। ୨୦୨୦-୨୧ ରେ ୭.୩୭ ଲକ୍ଷ ଯୁବକଙ୍କୁ ତାଲିମ ଦିଆଯାଇଥିଲା।ହେଲେ ବୃହତ୍ ସଂଖ୍ୟା ବିଶିଷ୍ଟ ଅମୃତ ପିଢ଼ି ବିଭିନ୍ନ ପ୍ରକାରର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଗୃହ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାର କ୍ରମାଗତ ବୃଦ୍ଧି ପାଉଥିବା ମୂଲ୍ୟ ଆର୍ଥିକ ସୁରକ୍ଷା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଅସୁରକ୍ଷିତ ପାରମ୍ପରିକ ନିଯୁକ୍ତି ଏବଂ କମ୍ ଦରମା ଯୁକ୍ତ ଚାକିରି ଦ୍ୱାରା ଆର୍ଥିକ ସ୍ଥିରତାରେ ହ୍ରାସ ଘଟୁଛି। ଋଣ, ସ୍ଥିର ଦରମାର ଅଭାବ ଏବଂ ବେକାରୀ ଏହି ଯୁବକମାନଙ୍କ ପାଇଁ ସେମାନଙ୍କ ପରିବାର ପ୍ରତିପାଳନ କରିବା କ ଷ୍ଟ କ ର କରୁଛି। ଅନେକ ଯୁବକ ଯୁବତୀ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ପାଇପାରୁନାହାଁନ୍ତି। ଫଳସ୍ୱରୂପ ସେମାନେ ନିମ୍ନ ସ୍ତରର ଚାକିରିରେ କାମ କରିବାକୁ ବାଧ ହେଉଛନ୍ତି। ଯୁବପିଢ଼ିଙ୍କ ମଧ୍ୟରେ ଚିନ୍ତା, ଚାପ ଏବଂ ମାନସିକ ଅବସାଦ ଭଳି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବରେ ଉଭା ହେଉଛି। ଯାହା ସେମାନଙ୍କ ଉତ୍ପାଦକତାକୁ ପ୍ରଭାବିତ କରୁଛି। ଅନେକ ଦ୍ୱନ୍ଦ୍ୱପୂର୍ଣ୍ଣ ପରିବେଶର ସମ୍ମୁଖୀନ ହୁଅନ୍ତି। ଉପଯୁକ୍ତ ମାର୍ଗଦର୍ଶନର ଅଭାବ ରଖନ୍ତି ଏବଂ ଏହା ସେମାନଙ୍କୁ ନିଶା ସେବନ ଏବଂ ଅପରାଧ ଭଳି ଭୁଲ ପଥକୁ ନେଇଯାଏ। ଇଣ୍ଟରନେଟରେ କିଛି ବିଷୟବସ୍ତୁ ମଧ ଯୁବକ ଯୁବତୀମାନଙ୍କୁ ବିପଥଗାମୀ କରିଥାଏ। ସେମାନଙ୍କ ପାରିବାରିକ ସମ୍ପର୍କକୁ ପ୍ରଭାବିତ କରିଥାଏ ଏବଂ ସେମାନଙ୍କୁ ସେମାନଙ୍କ ଲକ୍ଷ୍ୟରୁ ବିଚ୍ୟୁତ କରିଥାଏ। ଦେଶର ଯୁବ ପିଢ଼ି ସମ୍ମୁଖୀନ ହେଉଥିବା ଏହି ସମସ୍ୟାଗୁଡ଼ିକର ସମାଧାନ କରିବା ଅତ୍ୟନ୍ତ ଜରୁରୀ। ସ୍ଥିର ଏବଂ ଗୁଣାତ୍ମକ ନିଯୁକ୍ତି, ଗୃହ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାକୁ ଯୁବକ ଯୁବତୀମାନଙ୍କ ପାଇଁ ଅଧିକ ସୁଲଭ କରିବାକୁ ପଡ଼ିବ। ଏହା ହାସଲ କରିବା ପାଇଁ ବୃତ୍ତିଗତ ଏବଂ ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ଯାହା ଦ୍ୱାରା ଯୁବପିଢ଼ି ଶିଳ୍ପର ଆବଶ୍ୟକତା ପୂରଣ କରିବା ଏବଂ ଆଧୁନିକ ଅର୍ଥନୀତିରେ ଯୋଗଦାନ ଦେବା ପାଇଁ ସେମାନଙ୍କର ଦକ୍ଷତା ବିକାଶ କରିପାରିବେ।

ଯୁବପିଢ଼ିଙ୍କୁ ଡିପ୍ରେସନ୍ ଏବଂ ଅନ୍ୟାନ୍ୟ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସହାୟତା ଏବଂ ପରାମର୍ଶ ସେବା ଯୋଗାଇ ଦିଆଯିବା ଉଚିତ। ଆଜିର ଯୁବପିଢ଼ିଙ୍କ ମଧ୍ୟରେ ନିଶା ସମସ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଯାହା ଲକ୍ଷ ଲକ୍ଷ ଯୁବକଙ୍କ ଭବିଷ୍ୟତକୁ ବିପଦରେ ପକାଏ। ପ୍ରଶ୍ନ ହେଉଛି ଏହି ପିଢ଼ି ଯେଉଁମାନେ ନିଶାର କ୍ରମବର୍ଦ୍ଧିଷ୍ଣୁ ଚକ୍ରରେ ଫସି ରହିଛନ୍ତି ସେମାନଙ୍କଠାରୁ କି ପ୍ରକାରର ଭବିଷ୍ୟତ ଆଶା କରାଯାଇପାରେ। ନିଶା ବିକ୍ରିକୁ କଡ଼ାକଡ଼ି ନିଷିଦ୍ଧ କରିବା ଏବଂ ନିଶାର କୁପ୍ରଭାବ ବିଷୟରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ। ଏହା ବ୍ୟତୀତ ଯୁବପିଢ଼ିଙ୍କୁ ନୈତିକ ମୂଲ୍ୟବୋଧ ଶିକ୍ଷା ଦିଆଯିବା ଉଚିତ ଏବଂ ଜୀବନର ପ୍ରତ୍ୟେକ ପରିସ୍ଥିତିର ସମ୍ମୁଖୀନ ହେବା ଶିଖାଯିବା ଉଚିତ। ଏହି ପ୍ରୟାସରେ ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ଉପରେ ମାର୍ଗଦର୍ଶନ ପ୍ରଦାନ କରୁଥିବା ପ୍ରେରଣାଦାୟକ ବ୍ୟକ୍ତି ଏବଂ ସଂଗଠନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ। ପିତାମାତାମାନେ ସେମାନଙ୍କ ପିଲାମାନଙ୍କ ସହିତ ଅଧିକ ଗୁଣାତ୍ମକ ସମୟ ବିତାଇବା ଉଚିତ ଏବଂ ସେମାନଙ୍କୁ ଶାରୀରିକ ଏବଂ ମାନସିକ ଭାବରେ ସଶକ୍ତ କରିବା ପାଇଁ ଚେଷ୍ଟା କରିବା ଉଚିତ। ସରକାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତିରେ ନିବେଶ ବୃଦ୍ଧି କରିବା ଉଚିତ। ଯୁବପିଢ଼ିଙ୍କ ସମସ୍ୟାର ସମାଧାନ ପାଇଁ ବ୍ୟାପକ ନୀତି ପ୍ରଣୟନ ଏବଂ କାର୍ଯ୍ୟକାରୀ କରାଯିବା ଉଚିତ।



**ନୟାଗଡ଼। ୯୪୩୭୬୪୨୯୪୭**

# ଥାଇଲାଣ୍ଡରେ ଫସିଲେ ୫୦୦ ଭାରତୀୟ

ପ୍ରତ୍ୟାବର୍ତ୍ତନ ପାଇଁ ସରକାରଙ୍କ ଉଦ୍ୟମ



**ନୂଆଦିଲ୍ଲୀ, ୩୦।୧୦:** ଚୀନ ମାଫିଆ ଦ୍ୱାରା ପରିଚାଳିତ ଏକ ସାଇବର ଅପରାଧ ହବ୍‌ରେ ଜାଲରେ ଫସି କାମ କରୁଥିବା ପ୍ରାୟ ୫୦୦ ଭାରତୀୟ ନାଗରିକ ମ୍ୟାଁମାରରୁ ଥାଇଲାଣ୍ଡକୁ ପଳାଇ ଆସିବା ପରେ ସେଠାରେ ଅଟକ ଅଛନ୍ତି। ସେମାନଙ୍କୁ ଦେଶକୁ ଫେରାଇ ଆଣିବା (ପ୍ରତ୍ୟାବର୍ତ୍ତନ) ପାଇଁ ଭାରତ ଥାଇଲାଣ୍ଡ ସରକାରଙ୍କ ସହ ମିଶି କାର୍ଯ୍ୟ କରୁଛି।

ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ୍ କହିଛନ୍ତି ଯେ ଭାରତ ଏହି ନାଗରିକମାନଙ୍କୁ ଫେରାଇ ଆଣିବା ପାଇଁ ଏକ ବିମାନ ପଠାଇବାକୁ ଯୋଜନା କରିଛି, ଯେଉଁମାନେ ମ୍ୟାଁମାରରୁ ଥାଇଲାଣ୍ଡରେ ପ୍ରବେଶ କରିଥିଲେ। ଗତ ସପ୍ତାହରେ ମ୍ୟାଁମାର ସେନା ଏହି ଚୀନ୍ ମାଫିଆ ପରିଚାଳିତ କେକେ ପାର୍କ କ୍ୟାମ୍ପରେ ଚଢ଼ାଉ କରିବା ପରେ ଭାରତୀୟଙ୍କ ସମେତ ପ୍ରାୟ ୭୦୦ ଶ୍ରମିକ ସେଠାରୁ ପଳାଇ ଆସିଥିଲେ।

ସୀମା ପାର୍ ହେବା ପରେ ଶହ ଶହ ଲୋକଙ୍କୁ ଥାଇଲାଣ୍ଡ କର୍ତ୍ତୃପକ୍ଷ ଅଟକ ରଖିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ ଏକ ବିବୃତ୍ତିରେ କହିଛନ୍ତି ଯେ ଥାଇଲାଣ୍ଡରେ ଅଟକ ଥିବା ଭାରତୀୟଙ୍କ ସ୍ଥିତି ବିଷୟରେ ମନ୍ତ୍ରଣାଳୟ ଅବଗତ ଅଛି। ସେ କହିଛନ୍ତି, "ସେମାନଙ୍କ ଜାତୀୟତା ଯାଞ୍ଚ କରିବା ଏବଂ ଥାଇଲାଣ୍ଡରେ ଆବଶ୍ୟକ ଆଇନଗତ ଔପଚାରିକତା ସମାପ୍ତ ହେବା ପରେ ସେମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଥାଇଲାଣ୍ଡରେ ଥିବା ଆମ ମିଶନ ଥାଇଲାଣ୍ଡ କର୍ତ୍ତୃପକ୍ଷଙ୍କ ସହ ନିବିଡ଼ ଭାବରେ କାର୍ଯ୍ୟ କରୁଛି।" ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ରାଷ୍ଟ୍ରଦୂତ ଆଜି ଇମିଗ୍ରେସନ୍ ମୁଖ୍ୟଙ୍କୁ ଭେଟି ପ୍ରାୟ ୫୦୦ ଭାରତୀୟ ନାଗରିକଙ୍କ ଆଇନଗତ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ବିଷୟରେ ଆଲୋଚନା କରିବେ। ମ୍ୟାଁମାରର କେକେ ପାର୍କ ଏକ କୁଖ୍ୟାତ ଆନ୍ତର୍ଜାତୀୟ ସାଇବର ଠକେଇ କେନ୍ଦ୍ର ଭାବରେ ଜଣାଶୁଣା। ୟୁଏନ୍ ଅନୁଯାୟୀ, କୋଭିଡ୍-୧୯ ମହାମାରୀ ପରଠାରୁ ଏହି ଅଞ୍ଚଳ ଅନ୍ଲାଇନ୍ ଠକେଇର ଏକ ବଡ଼ କେନ୍ଦ୍ରରେ ପରିଣତ ହୋଇଛି।

## ମହଙ୍ଗା ପଡ଼ିଲା ନୂଆ କଟକଣା, ରୁଷଠାରୁ ତେଲ ଆମଦାନୀ ବନ୍ଦ

# ବଢ଼ିପାରେ ପେଟ୍ରୋଲ ଓ ଡିଜେଲ ଦର



**ନୂଆଦିଲ୍ଲୀ,୩୦।୧୦:** ଅନ୍ତର୍ଜାତୀୟ କଟକଣା ପରେ ଭାରତୀୟ କମ୍ପାନୀଗୁଡ଼ିକ ରୁଷରୁ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିବା ଆରମ୍ଭ କରିଛନ୍ତି। ଲକ୍ଷ୍ମୀ ମିତ୍ତଲ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡର ମିଳିତ ଉଦ୍ୟୋଗ ହିନ୍ଦୁସ୍ତାନ ମିତ୍ତଲ ଏନର୍ଜି ଲିମିଟେଡ୍ ରୁଷରୁ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିଥିବା ବୁଧବାର ସୂଚନା ଦେଇଛନ୍ତି। ରୁଷର ଶକ୍ତି ବାଣିଜ୍ୟ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ (ଆମେରିକା, ଇୟୁ, ୟୁକେ) ଦ୍ୱାରା ଲାଗୁ କରାଯାଇଥିବା ନୂଆ କଟକଣା ପରେ କମ୍ପାନୀ ଏହି ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି।

ଅକ୍ଟୋବର ୨୨ ତାରିଖରେ ଟ୍ରମ୍ପ ରୁଷିଆର ପ୍ରମୁଖ ତୈଳ ଉତ୍ପାଦନକାରୀ କମ୍ପାନୀ, ରୋସନେଫ୍ଟ ଏବଂ ଲୁକୋଇଲ୍ ଉପରେ ନୂଆ କଟକଣା ଲଗାଇଥିଲେ। ୟୁରୋପୀୟ ସଂଘ ରୁଷିଆର ଏଲଏନଜି ଆମଦାନୀ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ପରେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଥିଲେ। ସେହିପରି ବ୍ରିଟେନ ମଧ୍ୟ ଉଭୟ କମ୍ପାନୀ ଉପରେ କଟକଣା ଲଗାଇଛି। କେବଳ ବେସରକାରୀ କମ୍ପାନୀ ନୁହେଁ, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍, ଭାରତ ପେଟ୍ରୋଲିୟମ୍ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ଭଳି ସରକାରୀ କମ୍ପାନୀଗୁଡ଼ିକ ମଧ୍ୟ ସେମାନଙ୍କର ବାଣିଜ୍ୟ ଡକ୍ୟୁମେଣ୍ଟଗୁଡ଼ିକୁ ଯାଞ୍ଚ କରୁଛନ୍ତି। ଯେମିତି ରୋସନେଫ୍ଟ କିମ୍ବା ଲୁକୋଇଲ୍ ରୁ କୌଣସି ସିଧାସଳଖ ଆମଦାନୀ ନ ହେଉ ଏଥିପାଇଁ ସରକାରୀ କମ୍ପାନୀ ନଭେମ୍ବର ୨୧ ପରେ ଆସୁଥିବା ଶିପମେଣ୍ଟ ପାଇଁ ବିଲ୍ ଯାଞ୍ଚ କରୁଛନ୍ତି।

ଭାରତ ସରକାର ଘରୋଇ ଭାବରେ କମ୍ପାନୀଗୁଡ଼ିକୁ ରୁଷରୁ ତୈଳ ଆମଦାନୀ ହ୍ରାସ କରିବା ଆରମ୍ଭ କରିବାକୁ କହିଥିବା ଜଣାପଡ଼ିଛି। ସରକାର ଏବଂ ପ୍ରାଇଭେଟ୍ ରିଫାଇନର୍ସଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଷୟରେ ଜାଣିଥିବା ଜଣେ ବ୍ୟକ୍ତି ଇକୋନୋମିକ୍ସଙ୍କୁ ଏହି ସୂଚନା ଦେଇଛନ୍ତି। ସେପଟେ ରୁଷ କମ୍ପାନୀଗୁଡ଼ିକ ଉପରେ ଲଗାଯାଇଥିବା ନୂଆ କଟକଣା ନଭେମ୍ବର ୨୧ ତାରିଖଠାରୁ ଲାଗୁ ହେଉଛି। ଆମେରିକାର ଟ୍ରେଜେରୀ କମ୍ପାନୀଗୁଡ଼ିକୁ ରୋସନେଫ୍ଟ ଏବଂ ଲୁକୋଇଲ୍ ସହିତ ସେମାନଙ୍କର କାରବାର ସମାପ୍ତ କରିବା ପାଇଁ ୨୧ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ସମୟ ଦେଇଛି। ଏହା ପାଳନ ନ କଲେ ଜରିମାନା, କଳା ତାଲିକାଭୁକ୍ତ କିମ୍ବା ବାଣିଜ୍ୟ ପ୍ରତିବନ୍ଧକ ଲାଗିପାରେ ବୋଲି ଟ୍ରମ୍ପ ପ୍ରଶାସନ ଚେତାବନୀ ଜାରି କରିଛି। ଆମେରିକାର ସଂସ୍ଥାଗୁଡ଼ିକୁ ବର୍ତ୍ତମାନ ଏହି କମ୍ପାନୀଗୁଡ଼ିକ ସହିତ କୌଣସି ବ୍ୟବସାୟ କରିବାରୁ ବାରଣ କରାଯାଇଛି।

ସେପଟେ ରୁଷ ଠାରୁ ତେଲ ଆଣିବା ବନ୍ଦ କରିବା ମାନେ ଭାରତରେ ମହଙ୍ଗା ପରିସ୍ଥିତିକୁ ଡାକି ଆଣିବା ସହ ସମାନ ହେବ। କାରଣ ଭାରତ ରୁଷ ଠାରୁ ଶସ୍ତାରେ ତେଲ ଆଣୁଥିଲା। କିନ୍ତୁ ଏବେ ଆମକୁ ମଧ୍ୟପ୍ରାଚ୍ୟ କିମ୍ବା ଆମେରିକା ଭଳି ବିକଳ୍ପ ଉତ୍ସରୁ ତେଲ ସଂଗ୍ରହ କରିବାକୁ ପଡ଼ିବ। ଯାହା ଅଧିକ ମହଙ୍ଗା ହେବ। ଏଥିରେ ବିଶୋଧନ ଖର୍ଚ୍ଚ ବୃଦ୍ଧି ପାଇବ, ଯାହା ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟକୁ ପ୍ରଭାବିତ କରିବାର ଆଶଙ୍କା ରହିଛି।

# ନୀତୀଶ ହେଉଛନ୍ତି ନିର୍ବାଚନୀ ବର



**ପାଟନା,୩୦।୧୦:** ବିହାର ବିଧାନସଭା ନିର୍ବାଚନ ସମ୍ପର୍କରେ ଏସପି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ, ବିହାର ପରିବର୍ତ୍ତନର ଦାବି କରୁଛି। ସେ ଦାବି କରିଛନ୍ତି ଯେ, ନିର୍ବାଚନ ପରେ ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ନାହିଁ। ସେ ମହାରାଷ୍ଟ୍ରରେ କ'ଣ ଘଟିଥିଲା ଏବଂ ମଧ୍ୟପ୍ରଦେଶରେ ଅନ୍ୟ କେହି ମୁଖ୍ୟମନ୍ତ୍ରୀ ହେବା ଘଟଣା ଉଲ୍ଲେଖ କରିଛନ୍ତି। ସେ ନିଶ୍ଚିତ ଭାବରେ ବିଜେପିର 'ବର', କିନ୍ତୁ ସେ କେବଳ 'ନିର୍ବାଚନୀ ବର'। ସେ କହିଛନ୍ତି ଯେ, ଇଣ୍ଡି ମେଣ୍ଟ ନୀତୀଶ କୁମାରଙ୍କୁ 'ପ୍ରଧାନମନ୍ତ୍ରୀ' କରୁଥିଲା ନୀତୀଶ କୁମାର କେବଳ ଏକ ନିର୍ବାଚନୀ ମୁହଁ ଏବଂ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସେ ଉତ୍ତର ପ୍ରଦେଶର ଗାଜିପୁରରେ ଏକ ଗଣମାଧ୍ୟମ ବିତର୍କ ସମୟରେ ଏହି ମନ୍ତବ୍ୟ ଦେଇଛନ୍ତି।

ବାସ୍ତବରେ ବିହାରର ବିରୋଧୀ ଦଳଗୁଡ଼ିକ କ୍ରମାଗତ ଭାବରେ ଦାବି କରିଆସୁଛନ୍ତି ଯେ, ଏନଡିଏର ବିଜୟ ପରେ ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ କରାଯିବନାହିଁ। ଅଖିଳେଶ ଯାଦବ ଏହା ମଧ୍ୟ କହିଥିଲେ ଯେ, ଜନତା ଖାଲି ପଦବୀ ସୃଷ୍ଟି କରନ୍ତି। ପ୍ରକୃତରେ, ବୁଧବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ବିହାରରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ପଦ ପାଇଁ କୌଣସି ଖାଲି ପଦବୀ ନାହିଁ। ଅଖିଳେଶ ଯାଦବ ଏହି ବିବୃତ୍ତିର ଜବାବ ଦେଇଥିଲେ। ସେ ଏହା ମଧ୍ୟ କହିଛନ୍ତି ଯେ, ସରକାର ପ୍ରକାଶ କରିବାକୁ ଚାହୁଁନାହାନ୍ତି ଯେ ଚୀନ୍ ଆମଠାରୁ କେତେ ଜମି ନେଇଛି। ସମାଜବାଦୀ ପାର୍ଟି ମୁଖ୍ୟ କହିଛନ୍ତି ଯେ, ଆମେରିକାର ରାଷ୍ଟ୍ରପତି ଆମ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟାକାରୀ କହୁଛନ୍ତି।

● ନାଳନ୍ଦା ରାଲିରେ ବର୍ଷିଲେ ରାହୁଲ

# ଭୋଟ ଚୋରିକରି ଏନଡିଏ କ୍ଷମତାକୁ ଆସିଛି



**ନାଳନ୍ଦା,୩୦।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରି ବିହାର ବିଧାନସଭା ନିର୍ବାଚନ ପ୍ରଚାରରେ ତାଙ୍କର ସମ୍ପୂର୍ଣ୍ଣ ଶକ୍ତି ଖଟାଇ ଦେଇଛନ୍ତି ବିରୋଧୀ ଦଳ କଂଗ୍ରେସର ନେତା ରାହୁଲ ଗାନ୍ଧୀ। ରାହୁଲ ଲଗାତାର ଦ୍ୱିତୀୟ ଦିନ ପାଇଁ ବିହାର ବିଧାନସଭା ନିର୍ବାଚନ ରାଲି କରିଛନ୍ତି। ଗୁରୁବାର ନାଳନ୍ଦାରେ ଅନୁଷ୍ଠିତ ରାଲିରେ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀ ଗତ ଲୋକସଭା ନିର୍ବାଚନରେ ଭୋଟ ଚୋରି କରି କେନ୍ଦ୍ର ସରକାର ଗଠନ କରିଛନ୍ତି। ରାହୁଲ ଗାନ୍ଧୀ ବିହାରର ଅନ୍ୟ ଏନଡିଏ ଦଳଗୁଡ଼ିକୁ ମଧ୍ୟ ଆକ୍ରମଣ କରିଥିଲେ। ସେ କହିଥିଲେ ଯେ, ମୋଦୀଙ୍କ ପାଖରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ରିମୋଟ୍ କଣ୍ଟ୍ରୋଲ୍ ରହିଛି।

ରାହୁଲ ଆହୁରି ବି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଭୋଟ ଚୋରିକରି ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ସମ୍ବିଧାନକୁ ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ଭୋଟ ଚୋରି କରି ସେ ଅଳ୍ପ ଭୋଟରେ ନିର୍ବାଚନ ଜିତିଥିଲେ। ଯଦି ସେ ଭୋଟ ଚୋରି କରିନଥାନ୍ତେ, ତେବେ ଆଜି ଅଖିଳ ଭାରତୀୟ ମେଣ୍ଟ ସରକାର ଭାରତରେ ଶାସନ କରୁଥାନ୍ତେ। ଏହା ପୂର୍ବରୁ ଗୁରୁବାର ଦିନ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ରାଷ୍ଟ୍ରୀୟ ଜନତା ଦଳ ନେତା ତେଜସ୍ୱୀ ଯାଦବଙ୍କୁ ନେଇ କଡ଼ା ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୋଦୀ ସେ ଦୁଇ ଜଣଙ୍କୁ ଦୁଇ ଦୁର୍ନୀତିସଂପନ୍ନ ପରିବାରର ୨ ରାଜକୁମାର ବୋଲି ସମ୍ବୋଧନ କରିଛନ୍ତି। ମୋଦୀ ଆହୁରି ବି ଦାବି କରିଛନ୍ତି ଯେ, ଦୁହେଁ ମିଥ୍ୟା ପ୍ରତିଶ୍ରୁତିର ଦୋକାନ ଚଳାଉଛନ୍ତି।

● ଟ୍ରମ୍ପଙ୍କୁ ଭେଟିବେ ଜିନପିଙ୍ଗ

# ୬ ବର୍ଷ ପରେ ବୁସାନରେ ହେବ ଆଲୋଚନା



**ବେଜିଂ,୩୦।୧୦:** ଚୀନ- ଆମେରିକା ଟାରିଫ ୱାରରେ ପଡିବ ପୂର୍ଣ୍ଣଚ୍ଛେଦ। ଆପେକ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଦକ୍ଷିଣ କୋରିଆରେ ପହଞ୍ଚିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଛି ସମୟ ମଧ୍ୟରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିବେ। ଏହି ବୈଠକରେ ଟ୍ରେଡ ଡିଲ ନେଇ ଚୂଡାନ୍ତ ପର୍ଯ୍ୟାୟ ଆଲୋଚନା ହେବ। ବିଶ୍ୱ ବାଣିଜ୍ୟ ଶୃଙ୍ଖଳା ସ୍ଥିର କରିବା ସହ ବାଣିଜ୍ୟ ଯୁଦ୍ଧର ପ୍ରଭାବ ହ୍ରାସ ପାଇଁ ଏହି ବୈଠକକୁ ବେଶ ଗୁରୁତ୍ୱ ଦିଆଯାଉଛି। ବୈଠକର ଫଳାଫଳ ନେଇ ଆଶାବାଦୀ ଥିବା କହିଛନ୍ତି ଆମେରିକା ରାଷ୍ଟ୍ରପତି। ଚୀନ ଓ ଆମେରିକା ମଧ୍ୟରେ ଅସ୍ଥାୟୀ ବାଣିଜ୍ୟ ଚୁକ୍ତି ହୋଇଥିଲା। ଏହି ଅସ୍ଥାୟୀ ଚୁକ୍ତିର ମିଆଦ ନଭେମ୍ବର ୧୦ ତାରିଖରେ ଶେଷ ହେବ। ତେବେ ପ୍ରଯୁକ୍ତି, ଇଭି ଏବଂ ପ୍ରତିରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବିରଳ ଖଣିଜ ଉପରେ ଚୀନର ନିୟନ୍ତ୍ରଣକୁ ନେଇ ପୁଣି ଚୀନ ଆମେରିକା ବିବାଦ ତେଜିଥିଲା। ଚୀନ ଉପରେ ଶହେ ପ୍ରତିଶତ ଟାରିଫ ଲାଗୁ କରିବାକୁ ଧମକ ଦେଇଥିଲେ ଟ୍ରମ୍ପ। ସେହିପରି ଆଜିର ବୈଠକରେ ଫେଣ୍ଟାନିଲ୍ ଭଳି ନିଶାଦ୍ରବ୍ୟ ଚୋରାଚାଲାଣ ଓ ସୀମା ସୁରକ୍ଷା ଉପରେ ଗୁରୁତ୍ୱ ଦେବେ ଟ୍ରମ୍ପ। ଏହା ବ୍ୟତୀତ ୟୁକ୍ରେନ, ଉତ୍ତର କୋରିଆ ଏବଂ ତାଇୱାନ ଭଳି ଭୂ-ରାଜନୈତିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହେବ। ସେମିକଣ୍ଡକ୍ଟର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଯୋଗାଣ ଶୃଙ୍ଖଳ ପୃଥକ କରିବା ମଧ୍ୟ ଏକ ବଡ଼ ପ୍ରସଙ୍ଗ ହେବ। ବୈଠକ ପୂର୍ବରୁ ସି ଜିନପିଙ୍ଗଙ୍କୁ ପ୍ରଶଂସା କରିଛନ୍ତି ଟ୍ରମ୍ପ।

● ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବଡ଼ ଘୋଷଣା

# ପୁଣି ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାକୁ ନିର୍ଦ୍ଦେଶ

**ୱାଶିଂଟନ, ୩୦।୧୦:** ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବଡ଼ ଘୋଷଣା କରିଛନ୍ତି। ପୁଣି ପରମାଣୁ ଅସ୍ତ୍ର ପରୀକ୍ଷଣ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପରମାଣୁ ଅସ୍ତ୍ର ପରୀକ୍ଷା ପାଇଁ ପେଣ୍ଟାଗନକୁ ନିର୍ଦ୍ଦେଶ ଦେଇଛନ୍ତି। ଚୀନ୍ ଓ ରୁଷ ଚାଲୁ ରହିଥିବା ପରମାଣୁ ଅସ୍ତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ଜବାବରେ 'ଯୁଦ୍ଧ ବିଭାଗ' କୁ ପୁଣି ପରମାଣୁ ଅସ୍ତ୍ର ପରୀକ୍ଷା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣ କୋରିଆରେ ଚୀନର ରାଷ୍ଟ୍ରପତି ଜିନପିଙ୍ଗଙ୍କ ସହ ସମ୍ମିଳନୀ ପୂର୍ବରୁ ଟ୍ରମ୍ପଙ୍କ ଏଭଳି ବିସ୍ମୟକର ବୟାନ ଆସିଛି। ଆମେରିକା ତୁରନ୍ତ ପରମାଣୁ ଅସ୍ତ୍ର ପରୀକ୍ଷଣ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କହିଛନ୍ତି ଅନ୍ୟ ଦେଶ ତୁଳନାରେ ଆମେରିକା ପାଖରେ ଅଧିକ ପରମାଣୁ ଅସ୍ତ୍ରଶସ୍ତ୍ର ଅଛି। ରୁଷିଆ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛି ଚୀନ। ୧୯୯୨ ମସିହା ସେପ୍ଟେମ୍ବର ୨୩ ପରେ ଅର୍ଥାତ ୩୩ ବର୍ଷ ପରେ ପରମାଣୁ ଅସ୍ତ୍ର ପରୀକ୍ଷା ପାଇଁ ପେଣ୍ଟାଗନକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି। ଅଣ୍ଡର ୱାଟର ଆଣବିକ ଡ୍ରୋନର ସଫଳ ପରୀକ୍ଷଣ କରି ଶକ୍ତି ପ୍ରଦର୍ଶନ କରିଥିଲା ରୁଷ। ପରମାଣୁ ଶକ୍ତି ଚାଳିତ ଅଣ୍ଡରୱାଟର ଡ୍ରୋନ ପୋସାଇଡନର ପରୀକ୍ଷଣ ସଫଳ ହୋଇଥିବା ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଥିଲେ। ପୋସାଇଡନ ୨ ମେଗାଟନ୍ ନ୍ୟୁକ୍ଲିୟର ୱାରହେଡ ବହନ କରିପାରିବ। ଏହା ସମୁଦ୍ରରେ ରେଡିଓ ଆକ୍ଟିଭ ସୁନାମୀ ଆଣିବା ସହ ଉପକୂଳ ଅଞ୍ଚଳ ଶହ ଶହ ବର୍ଷ ପର୍ଯ୍ୟନ୍ତ ବାସଯୋଗ୍ୟ ହୋଇପାରିବ ନାହିଁ। ଘଣ୍ଟାପ୍ରତି ୧୮୫ କିଲୋମିଟର ବେଗରେ ଗତି କରିବାର କ୍ଷମତା ଥିବା ପୋସାଇଡନକୁ ସ୍ୱତନ୍ତ୍ର ବୁଡ଼ାଜାହାଜରେ ନିୟୋଜିତ କରାଯିବ। ପ୍ରତିଦ୍ୱନ୍ଦ୍ୱୀଙ୍କ ପରୀକ୍ଷଣ ଯୋଗୁଁ ଆମେରିକାର ସୁରକ୍ଷା କ୍ଷମତା ହ୍ରାସ ପାଉଥିବା ଟ୍ରମ୍ପ କହିଛନ୍ତି।

# ବନ୍ଧକ ୨୦ ଶିଶୁ ଉଦ୍ଧାର, ଅଭିଯୁକ୍ତ ମୃତ



**ମୁମ୍ବାଇ,୩୦।୧୦ :** ମୁମ୍ବାଇର ପୱାଇ ଅଞ୍ଚଳରେ ଅଡିସନ ବାହାନାରେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ପ୍ରାୟ ୨୦ ଶିଶୁଙ୍କୁ ବନ୍ଧକ ରଖିଥିଲା। ତେବେ ପୋଲିସ ଶିଶୁମାନଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁସାରେ ପୁଲିସ ଦ୍ୱାରା ଗିରଫ ହେବା ସମୟରେ ସେ ଅଚାନକ ପୁଲିସ ଉପରକୁ ଗୁଳି ଚଳାଇଥିଲା। ଏହାର ଜବାବରେ ପୁଲିସ ବି ଗୁଳି ଚଳାଇଥିଲା। ପୁଲିସ ଗୁଳି ଦ୍ୱାରା ସେ ଗୁରୁତର ଆହତ ହେବା ପରେ ତାକୁ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ମୁତାବକ, ମୁମ୍ବାଇର ପୱାଇ ଅଞ୍ଚଳରେ ଥିବା ଏହି ଷ୍ଟୁଡିଓରେ ଗତ ୪ରୁ ୫ ଦିନ ହେଲାଣି ଅଡିସନ ଚାଲୁଥିଲା। ଅଡିସନ ଦେବାକୁ ୧୦୦ରୁ ଅଧିକ ପିଲା ଆସିଥିଲେ। ରୋହିତ ଆର୍ଯ୍ୟା ନାମକ ଏହି ବ୍ୟକ୍ତି ଶିଶୁମାନଙ୍କ ମଧ୍ୟରେ ୮୦ ଜଣଙ୍କୁ ଘରକୁ ପଠାଇ ଦେଇଥିଲେ। ଆଉ ବାକି ୨୦ ଜଣକୁ ପୱାଇ ସ୍ଥିତ ଷ୍ଟୁଡିଓର ପ୍ରଥମ ମହଲାରେ ବନ୍ଧକ ରଖିଥିଲା। ତେବେ ଘଟଣା ବିଷୟରେ ଜଣାପଡିବା ପରେ ଷ୍ଟୁଡିଓ ବାହାରେ ହଙ୍ଗାମା ହୋଇଛି। ରୋହିତ ଆର୍ଯ୍ୟା ୟୁଟ୍ୟୁବ ଚ୍ୟାନେଲ ଚଳାଉଥିଲେ। ପୋଲିସକୁ ପିଲାମାନେ ବନ୍ଧକ ଥିବା ଖବର ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ଉଦ୍ଧାର କରିବା ସହିତ ରୋହିତଙ୍କୁ ଗିରଫ କରିଥିଲା। ଯାଞ୍ଚରୁ ଜଣାପଡିଛି ଯେ, ରୋହିତ ମାନସିକ ରୂପେ ରୋଗଗ୍ରସ୍ତ ବୋଲି ମେଡିକାଲ ଯାଞ୍ଚରୁ ଜଣାପଡିଛି।

# ଡଙ୍ଗା ଓଲଟି ୮ ମୃତ

**ଲକ୍ଷ୍ନୌ, ୩୦।୧୦:** ଉତ୍ତରପ୍ରଦେଶ ବହରାଇଚର ଗେରୁଆ ନଦୀରେ ଡଙ୍ଗା ଓଲଟିବା ଯୋଗୁଁ ୨୨ ଜଣ ବୁଡ଼ିଯାଇଛନ୍ତି। ଏହି ଘଟଣାରେ ୧୩ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ୮ ଜଣ ପ୍ରାଣ ହରାଇଛନ୍ତି। ଏସଡିଆରଏଫ ଏବଂ ଏନଡିଆରଏଫ ଟିମ୍ ରେସକ୍ୟୁ ଅପରେସନରେ ଲାଗିପଡିଛି। ମୁଖ୍ୟମନ୍ତ୍ରୀ ଏହି ଘଟଣା ଉପରେ ନଜର ରଖିଛନ୍ତି। ଲକ୍ଷ୍ମୀପୁର ଖେରିରେ ଖୈରାଟିଆ ବଜାରରୁ ଲୋକେ ନିଜ ଘର ଭରଥାପୁରରୁ ଯାଉଥିଲେ। ଡଙ୍ଗାରେ ଲୋକ ବସିଥିବା ବେଳେ ହଠାତ୍ ଡଙ୍ଗା ଗଛରେ ଧକ୍କା ହୋଇ ଓଲଟିପଡିଥିଲା। ଫଳରେ ୨୨ ଜଣ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକ ୧୩ ଜଣଙ୍କୁ ଉଦ୍ଧାର କରି ସୁରକ୍ଷିତ ବାହାର କରିଛନ୍ତି। ୮ ଜଣଙ୍କୁ ଖୋଜା ଖୋଜି ଚାଲିଛି।

# ଏବେ ତୃତୀୟ ଶ୍ରେଣୀରୁ ଏଆଇ ଶିକ୍ଷା

**ନୂଆଦିଲ୍ଲୀ,୩୦।୧୦:** ଏବେ ସ୍କୁଲରେ ତୃତୀୟ ଶ୍ରେଣୀ ପିଲାଙ୍କୁ ଦିଆଯିବ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ଶିକ୍ଷା। ଏନେଇ ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶ ଜାରି କରିଛି। ଫଳରେ ଯେଉଁ ପିଲା ଏବିସିଡି ଶିଖୁଛନ୍ତି, ସେମାନେ ଖୁବ୍ ଶୀଘ୍ର ଶିଖିପାରିବେ ରୋବଟ୍ କିଭଳି ଭାବିଥାଏ। ମେସିନ୍ କିଭଳି କଥା ହୁଏ ଓ ଟେକ୍ନୋଲୋଜିରୁ ଦୁନିଆକୁ କିଭଳି ସୁନ୍ଦର କରିହେବ। ଏହି ପ୍ରୋଜେକ୍ଟର ନାଁ AI & Computational Thinking (AI & CT) । ଏହି କୋର୍ସ ପିଲାଙ୍କୁ ଟେକ୍ନୋଲୋଜିର ସାହାଯ୍ୟରୁ ଭାବିବା, ବୁଝିବା ଓ ସମସ୍ୟାର ସମାଧାନ ବାହାର କରିବା ଶିଖାଇବ। ଯଦି କୌଣସି ପିଲାକୁ ପଚରାଯାଏ ରୋବଟ୍ କିଭଳି ଚଲାଯିବ, ସେ କେବଳ ବଟନ ଦାବିବ ନାହିଁ, ବୁଝିବ ଯେ, ରୋବଟ୍ ଭିତରେ କ'ଣ ଚାଲିଛି।

# ଦୁର୍ଗାପୁର କାଣ୍ଡର ୨୦ ଦିନ ପରେ ଚାର୍ଜସିଟ୍ ଦାଖଲ

- ଛାତ୍ରୀଙ୍କ ସହପାଠୀଙ୍କ ବିରୋଧରେ ବଳାତ୍କାର ମାମଲା
- ଅନ୍ୟ ୩ ଜଣଙ୍କ ବିରୋଧରେ ଗଣଦୁଷ୍କର୍ମ ମାମଲା

**କୋଲକାତା, ୩୦।୧୦(ସଂଚାର ବ୍ୟୁରୋ):** ଡାକ୍ତରୀ ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ ମାମଲାରେ ପୋଲିସ ଦୁର୍ଗାପୁର ମହକୁମା କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରିଛି। ଘଟଣାର ୨୦ ଦିନ ପରେ ଗୁରୁବାର କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଆଇନଗତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚାର୍ଜସିଟ୍‌ରେ ଡାକ୍ତରୀ ଛାତ୍ରୀଙ୍କ ସହପାଠୀଙ୍କ ବିରୋଧରେ ଏକ ବଳାତ୍କାର ମାମଲା ଅନ୍ତର୍ଭୁକ୍ତ। ଛାତ୍ରୀ ଜଣଙ୍କ ଗତ ୧୦ ଅକ୍ଟୋବର ରାତି ପ୍ରାୟ ୮ଟା ସମୟରେ ସହପାଠୀ ଜଣେ ଛାତ୍ରଙ୍କ ସହିତ କଲେଜ କ୍ୟାମ୍ପସ ବାହାରକୁ ଯାଇ ନିର୍ଯ୍ୟାତନା ହୋଇଥିଲେ ବୋଲି ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ପୀଡିତାଙ୍କ ସହପାଠୀ ଏବଂ କଲେଜ ସଂଲଗ୍ନ ଗ୍ରାମର ୫ ଜଣ ଯୁବକଙ୍କୁ ଗିରଫ କରିଥିଲା। କୋର୍ଟ ସୂତ୍ର ଅନୁଯାୟୀ, ଗିରଫ ସହପାଠୀଙ୍କ ବିରୁଦ୍ଧରେ ବଳାତ୍କାର, ଅନ୍ୟ ତିନି ଅଭିଯୁକ୍ତଙ୍କ ବିରୁଦ୍ଧରେ ଗଣଦୁଷ୍କର୍ମ ଏବଂ ବାକି ଦୁଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ଯୋର କରି ଟଙ୍କା ଆଦାୟ କରିବା ପାଇଁ ଚାର୍ଜସିଟ୍ ଦାଖଲ କରାଯାଇଛି। କୋର୍ଟ ଏହି ମାମଲାରେ ଶୀଘ୍ର ବିଚାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସ୍ୱତନ୍ତ୍ର ସରକାରୀ ଓକିଲ ବିଭାସ ଚାଟାର୍ଜୀ କହିଛନ୍ତି, 'ତ୍ୱରିତ ତଦନ୍ତ କରିବା ପରେ ଚାର୍ଜସିଟ୍ ପ୍ରସ୍ତୁତ କରାଯାଇଥିଲା। ଆମେ ଗୁରୁବାର କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛୁ। ଆମେ ଆଶା କରୁଛୁ ଯେ ଦୁଇ ମାସ ମଧ୍ୟରେ ଟ୍ରାଏଲ ଶେଷ ହୋଇ ବିଚାର ସମାପ୍ତ ହେବ।

● ଡ୍ରଗ୍ସ ଗ୍ୟାଙ୍ଗ ବିରୁଦ୍ଧରେ ସବୁଠୁ ବଡ଼ ଅଭିଯାନ

# ବ୍ରାଜିଲ ପୁଲିସ ଗୁଳିରେ ୧୩୨ ମୃତ



**ନୂଆଦିଲ୍ଲୀ,୩୦।୧୦:** ବ୍ରାଜିଲରେ ଡ୍ରଗ୍ସ ଗ୍ୟାଙ୍ଗ ବିରୁଦ୍ଧରେ ପୁଲିସ ବଡ଼ ଅଭିଯାନ ଚଳାଇଛି। ପୁଲିସ ଏହି ଅଭିଯାନରେ ରିଓ ଡି ଜେନେରିଓ ଏବେ ସୁଦ୍ଧା ଡ୍ରଗ୍ସ ଗ୍ୟାଙ୍ଗର ୧୩୨ଜଣଙ୍କୁ ନିହତ କରିଛି। ପୋଲିସ କାର୍ଯ୍ୟାନୁଷ୍ଠାନରେ ରିଓ ଡି ଜେନେରିଓର ରାସ୍ତା ମୃତଦେହରେ ଭର୍ତ୍ତି ହୋଇଛି। ରାଜ୍ୟ ପୁଲିସର କହିବା ଅନୁସାରେ ଏକ ବଡ଼ ଡ୍ରଗ୍ସ ଗ୍ୟାଙ୍ଗରୁ ଟାର୍ଗେଟ୍ କରିବା ପାଇଁ ଦୁଇ ମାସ ପୂର୍ବରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନ୍ୟପଟେ ଏହି ଘଟଣାରେ ସ୍ଥାନୀୟ ଲୋକେ ପୁଲିସ ଉପରେ ନରସଂହାର ଅଭିଯୋଗ ଲଗାଇଛନ୍ତି। ରିଓ ଡି ଜେନେରିଓର ବାହାର ଅଞ୍ଚଳରେ ଏକ ଛକରେ ଫୁଥପାଟ୍ ଉପରେ ମୃତଦେହଗୁଡ଼ିକୁ ଗୋଟିଏ ପରେ ଗୋଟିଏ ରଖାଯାଇଛି। ସ୍ଥାନୀୟ ଲୋକଙ୍କ କହିବା କଥା ମୃତଦେହକୁ ସେମାନଙ୍କ ସମ୍ପର୍କୀୟଙ୍କ ଦ୍ୱାରା ଚିହ୍ନଟ ପାଇଁ ଶରୀରରେ ଗୋଟିଏ ବି ପୋଷାକ ରଖାଯାଇନଥିଲା।

ବ୍ରାଜିଲ ରାଜ୍ୟ ପୁଲିସ କହିଛି ଯେ ଏକ ପ୍ରମୁଖ ଡ୍ରଗ୍ସ ଗ୍ୟାଙ୍ଗକୁ ଭାଙ୍ଗିବା ପାଇଁ ଏହି ଚଢ଼ାଉ ଦୁଇ ମାସରୁ ଅଧିକ ସମୟ ଧରି ଯୋଜନା କରାଯାଇଥିଲା। ପରେ ଜଣେ ଅଧିକାରୀ ସ୍ୱୀକାର କରିଛନ୍ତି ଯେ, ଗ୍ୟାଙ୍ଗର ଜଣେ ଶୀର୍ଷ ନେତାଙ୍କୁ ଧରିବାରେ ଏହି ଅଭିଯାନ ବିଫଳ ହୋଇଛି। ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ବୁଧବାର ରିଓ ଡି ଜେନେରିଓକୁ ଏକ ମନ୍ତ୍ରିସ୍ତରୀୟ କମିଟି ପଠାଇଛନ୍ତି ଏବଂ ଫୋରେନସିକ୍ ତଦନ୍ତ ପାଇଁ ସଂଘୀୟ ସମର୍ଥନ ପ୍ରତିଶ୍ରୁତି ଦେଇଛନ୍ତି। ରିଓ ରାଜ୍ୟର ରାଜ୍ୟପାଳ କ୍ଲାଉଡିଓ କାଷ୍ଟ୍ରୋ ଏହି ଚଢ଼ାଉକୁ ସଫଳ ବୋଲି କହିଛନ୍ତି। ୧୧୩ ଜଣ ଅଭିଯୁକ୍ତ ରେଡ୍ କମାଣ୍ଡ ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରାଯିବା ସହିତ ୧୧୮ଟି ଅସ୍ତ୍ରଶସ୍ତ୍ର ଏବଂ ବିପୁଳ ପରିମାଣର ଡ୍ରଗ୍ସ ଜବତ କରାଯାଇଛି। କାଷ୍ଟ୍ରୋ କହିଛନ୍ତି ଯେ, ଏହି ଅଭିଯାନ ରେଡ୍ କମାଣ୍ଡର ବଢୁଥିବା ପ୍ରଭାବକୁ ରୋକିବା ଏବଂ ସହରର ବଡ଼ ଅଂଶ ଉପରେ ଏହି ଗ୍ୟାଙ୍ଗର ନିୟନ୍ତ୍ରଣ ବିସ୍ତାର କରିବାରୁ ରୋକିବା ପାଇଁ କରାଯାଇଥିଲା।

# ଚାବାହାର ବନ୍ଦର ଉପରୁ ଆମେରିକା କୋହଳ

**ନୂଆଦିଲ୍ଲୀ,୩୦।୧୦ :** ଭାରତ ନିୟନ୍ତ୍ରଣରେ ଥିବା ଇରାନର ଚାବାହାର ବନ୍ଦର ଉପରେ ୬ ମାସ କୋହଳ ହେବ ଆମେରିକାର ଆର୍ଥିକ କଟକଣା। ଏ ନେଇ ଭାରତର ବୈଦେଶିକ ମନ୍ତ୍ରାଳୟ ନିଶ୍ଚିତ କରିଛି। ଏହା ଭାରତ ପାଇଁ ଏକ ବଡ଼ ଆଶ୍ୱସ୍ତି ବୋଲି ମନେ କରାଯାଉଛି। ଗତବର୍ଷ ସରକାର ଇରାନ ସହିତ ଏକ ୧୦ ବର୍ଷର ଚୁକ୍ତି ସ୍ୱାକ୍ଷର କରିଥିଲେ, ଯାହା ଅଧୀନରେ ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆ ପୋର୍ଟସ୍ ଗ୍ଲୋବାଲ୍ ଲିମିଟେଡ୍ ଚାବାହାରରେ ୩୭୦ ନିୟୁତ ଡଲାର ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଭାରତ ଏବଂ ଆମେରିକା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରୁଥିବା ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏହି ଘୋଷଣା ଆସିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆମେ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ଆମେ ଆମେରିକା ପକ୍ଷ ସହିତ ଆଲୋଚନା ଜାରି ରଖିବୁ। ଉଭୟ ପକ୍ଷ ନିରନ୍ତର ଆଲୋଚନାରେ ଅଛନ୍ତି। ଇରାନ ବନ୍ଦର ଉପରେ ଲାଗୁ ପ୍ରତିବନ୍ଧକ କୋହଳତା ପ୍ରତ୍ୟାହାର କରିବା ପାଇଁ ଆମେରିକା ପୂର୍ବରୁ ସେପ୍ଟେମ୍ବର ୨୯ ତାରିଖ ଧାର୍ଯ୍ୟ କରିଥିଲା, କିନ୍ତୁ ଏବେ ଏହାକୁ ଛଅ ମାସ ବୃଦ୍ଧି କରାଯାଇଛି। ଆଫଗାନିସ୍ତାନ, ଉଜବେକିସ୍ତାନ, ତାଜିକିସ୍ତାନ ପରି ଦେଶମାନଙ୍କୁ ନିଜର ମାଲ୍ ପହଞ୍ଚାଇବାକୁ ଭାରତ ଚାବାହାରର ଏକ ଟର୍ମିନାଲର ବିକାଶ କରିଛି। ଏଥିପାଇଁ ଇଣ୍ଡିଆ ପୋର୍ଟସ୍ ଗ୍ଲୋବାଲ୍ ଲିମିଟେଡ୍ ୩୭ କୋଟି ଡଲାରର ନିବେଶ କରିଛି।



# ମହାକାଶକୁ ଆଷ୍ଟ୍ରୋନାଟ ପଠାଇବ ପାକିସ୍ତାନ

**ଇସଲାମାବାଦ,୩୦।୧୦ :** ପାକିସ୍ତାନରେ ଲୋକେ ମୁନ୍ଦେ ପାଣି ଓ ମୁଠାଏ ଖାଦ୍ୟ ପାଇଁ ଖୁବ୍ ଦୟନୀୟରେ ସ୍ଥିତିରେ ଅଛନ୍ତି। ତଥାପି ସେ ଭାରତ ସହ ପ୍ରତିଯୋଗିତା କରିବାକୁ ପଛାଉ ନାହିଁ। ଭାରତ ସହ ସମକକ୍ଷ ହେବାର ସେ ଦିବା ସ୍ୱପ୍ନ ଦେଖି ଚାଲିଛି। ଏବେ ପୁଣି ଆଉ ଏକ ଭୂତ ପାକିସ୍ତାନ ମୁଣ୍ଡରେ ଚଢ଼ିଛି। ମହାକାଶରେ ମଧ୍ୟ ଭାରତକୁ ଚ୍ୟାଲେଞ୍ଜ କରିବାକୁ ସ୍ୱପ୍ନ ଦେଖୁଛି। ଯେଉଁ ଦେଶ ସାଟେଲାଇଟ୍ ଲଞ୍ଚ ପାଇଁ ବିଦେଶୀ ସହାୟତା ନେଉଛି, ସେଠାରେ ସେ ନିଜର ମହାକାଶ ଯାତ୍ରୀ ସ୍ପେସ୍‌କୁ ପଠାଇବାକୁ କଳ୍ପନା କରୁଛି। ପାକିସ୍ତାନ ଏଥିରେ ଚୀନର ସହାୟତା ନେଉଛି। ଚୀନ ଗୁରୁବାର ଘୋଷଣା କରିଛି ଯେ, ସେ ନିଜର ମହାକାଶ ଷ୍ଟେସନ ମିଶନର ପରିସରରେ ଜଣେ ପାକିସ୍ତାନୀ ମହାକାଶ ଯାତ୍ରୀଙ୍କୁ ସ୍ୱଳ୍ପ ଅବଧିର ଯାତ୍ରାରେ ପଠାଇବ। ଚାଇନା ସରକାରୀ ନ୍ୟୁଜ୍ ଏଜେନ୍ସି ସିନହୁଆ ଅନୁସାରେ , ଦୁଇ ଜଣ ପାକିସ୍ଥାନୀ ଯାତ୍ରୀ ଚାଇନା ତାଇକୋନଟ୍ସ ସହ କଡ଼ା ଟ୍ରେନିଂ ନେବ, ପୁଣି ଜଣକୁ ଆଗାମୀ ମିଶନ ପାଇଁ 'ସ୍ୱତନ୍ତ୍ର ବୈଜ୍ଞାନିକ ପେଲୋଡ ବିଶେଷଜ୍ଞ' ଭାବେ ଚୟନ କରାଯିବ।

● ରାଜ୍ୟ ଓ ୟୁଟିକୁ ତଥ୍ୟ ମାଗିଲା ଗୃହ ମନ୍ତ୍ରାଳୟ

# ଲାଗୁ ହେବ ୱାନ ନେସନ ୱାନ ପୁଲିସ ୟୁନିଫର୍ମ ପଲିସି



**ନୂଆଦିଲ୍ଲୀ, ୩୦।୧୦:** ସାରା ଦେଶରେ ଖୁବଶୀଘ୍ର ଲାଗୁ ହେବ ୱାନ ନେସନ ୱାନ ପୋଲିସ ୟୁନିଫର୍ମ ପଲିସି। ଦେଶରେ ଏଣିକି ପୋଲିସ ମାନଙ୍କର ଗୋଟିଏ ପ୍ରକାରର ୟୁନିଫର୍ମ ରହିବ। ଭିନ୍ନ ଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପୋଲିସଙ୍କ ୟୁନିଫର୍ମ ଆଉ ରହିବ ନାହିଁ। ଓଡ଼ିଶା ସମେତ ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ତଥ୍ୟ ମାଗିଲା ଗୃହ ମନ୍ତ୍ରାଳୟ। ଆନ୍ଧ୍ର, ଅରୁଣାଚଳ, ଆସାମ, ଗୋଆ, ହିମାଚଳ, ଝାଡ଼ଖଣ୍ଡ, କେରଳ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ଓଡ଼ିଶା, ସିକ୍କିମ୍, ତେଲେଙ୍ଗାନା, ତ୍ରିପୁରା, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗକୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ଚିଠି ଲେଖିଛି। ନଭେମ୍ବର ୪ ମଧ୍ୟରେ ସମସ୍ତ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଛି। କେନ୍ଦ୍ରର ଚିଠି ପରେ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ତଥ୍ୟ ପାଇଁ ଡିଜିପି କଣ୍ଟ୍ରୋଲ୍ ରୁମର ନିର୍ଦ୍ଦେଶ।

ସରକାରୀ ବିଜ୍ଞପ୍ତି ଅନୁଯାୟୀ, କନଷ୍ଟେବଲ ପଦଠାରୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ପର୍ଯ୍ୟନ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ତଥ୍ୟ ମାଗିଛି। ଏହା ୧୬ଟି ରାଜ୍ୟର ପୋଲିସ ଡିଜିଙ୍କଠାରୁ ପୋଲିସ କର୍ମଚାରୀଙ୍କୁ ବର୍ତ୍ତମାନ ମଞ୍ଜୁର କରାଯାଇଥିବା ବାର୍ଷିକ ୟୁନିଫର୍ମ ଭତ୍ତା, ପଦବୀ ଅନୁଯାୟୀ ଓ ପ୍ରତ୍ୟେକ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ବର୍ତ୍ତମାନ ବ୍ୟବହୃତ ହେଉଥିବା ୟୁନିଫର୍ମର ଆନୁମାନିକ ମୂଲ୍ୟ ସମ୍ପର୍କରେ ବିବରଣୀ ମାଗିଛି। ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶ ପରେ, ଓଡ଼ିଶା ଡିଜିପି କଣ୍ଟ୍ରୋଲ ରୁମ୍ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ବିଳମ୍ବ ନକରି ଆବଶ୍ୟକୀୟ ସୂଚନା ସଂଗ୍ରହ ଏବଂ ପଠାଇବାକୁ ନିର୍ଦ୍ଦେଶ ଦେଇଛି।

ରିପୋର୍ଟରେ କୁହାଯାଇଛି ଯେ, ଏହି ଅଭ୍ୟାସ ପୋଲିସ ଗବେଷଣା ଓ ବିକାଶ ବ୍ୟୁରୋ ଦ୍ୱାରା ଏକ ୟୁନିଫର୍ମ ଜାତୀୟ ନୀତି ଅଧୀନରେ ପୋଲିସ ପୋଷାକକୁ ମାନକୀକରଣ କରିବା ପାଇଁ ଚାଲିଥିବା ପ୍ରୟାସର ଏକ ଅଂଶ। ଦେଶବ୍ୟାପୀ ଗ୍ରହଣ କରାଯାଇପାରୁଥିବା ୟୁନିଫର୍ମର ଏକକ ମଡେଲ ସୁପାରିଶ କରିବା ପାଇଁ ବିପିଆର ଆଣ୍ଡ ଡିକୁ ସାମଗ୍ରୀ, ରଙ୍ଗ, ଚିହ୍ନ ଏବଂ ମୂଲ୍ୟ କାରକଗୁଡ଼ିକର ଅଧ୍ୟୟନ କରିବାର ଦାୟିତ୍ୱ ଦିଆଯାଇଛି।

# ମନ୍ଧାନାଙ୍କ ୱିକେଟ୍ ଉପରେ ବିବାଦ

## ମୈଦାନରେ ଛିଡ଼ା ହୋଇଥିବା ଅମ୍ପାୟର ବି ଆଶ୍ଚର୍ଯ୍ୟ



ନୂଆଦିଲ୍ଲୀ,୩୦।୧୦: ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଇସିସି ମହିଳା ବିଶ୍ୱକପର ସେମିଫାଇନାଲ୍ ମୁକାବିଲା ମୁମ୍ବାଇରେ ଖେଳାଯାଇଛି। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଭାରତ ସାମନାରେ ୩୩୯ ରନ୍ ଲକ୍ଷ୍ୟ ରଖିଥିଲା। କିନ୍ତୁ ଏହାର ଜବାବରେ ଭାରତର ବ୍ୟାଟିଂ ବେଳେ ମନ୍ଧାନାଙ୍କ ୱିକେଟକୁ ନେଇ ବେଶ ବିବାଦ ଦେଖିବାକୁ ମିଳିଥିଲା।

ସ୍ମୃତି ମନ୍ଧାନା ଭଲ ଲୟରେ ବ୍ୟାଟିଂ କରୁଥିଲେ। ସେ ୨୪ ରନ୍ କରି ସାରିଥିଲେ। କିନ୍ତୁ ପାୱାର ପ୍ଲେର ଶେଷ ଓଭରରେ ଅର୍ଥାତ୍ ୧୦ତମ ଓଭରରେ କିମ୍ ଗାର୍ଥଙ୍କ ବଲ୍ ଏକପ୍ରକାର ୱାଇଡ୍ ଥିଲା। କିନ୍ତୁ ୱିକେଟ୍ ପଛରେ ଛିଡା ହୋଇଥିବା କ୍ୟାପ୍ଟେନ ହିଲି କ୍ୟାଚ୍ ଆଉଟ୍ ଅପିଲ୍ କରିଥିଲେ। ମୈଦାନରେ ଛିଡ଼ା ହୋଇଥିବା ଅମ୍ପାୟର ନଟଆଉଟ୍ ଦେଇଥିଲେ। ଏହାପରେ ହିଲି ରିଭ୍ୟୁ ନେବାକୁ ନିଷ୍ପତ୍ତି ନେଇଥିଲେ।

ମନ୍ଧାନା ସମ୍ପୂର୍ଣ୍ଣ ଆଶ୍ୱସ୍ତ ନଜର ଆସୁଥିଲେ। ତାଙ୍କ ବଡି ଲାଙ୍ଗୁଏଜ୍ ସ୍ପଷ୍ଟ ଭାବରେ ସୂଚାଇ ଦେଉଥିଲା ଯେ, ବଲ୍ ତାଙ୍କ ବ୍ୟାଟରେ ବାଜି ନାହିଁ। କିନ୍ତୁ, ଯେତେବେଳେ ତୃତୀୟ ଅମ୍ପାୟର ଅଲ୍ଟ୍ରା ଏଜ୍ ଦେଖିଲେ, ସେତେବେଳେ ମନ୍ଧାନାଙ୍କ ବ୍ୟାଟ୍ ଏବଂ ବଲ୍ ମଧ୍ୟରେ ସମ୍ପର୍କ ଦେଖାଗଲା। ଆଉଟ୍ ଦିଆଯିବା ପରେ ମଧ୍ୟ, ମନ୍ଧାନା କହିଥିଲେ, କିଛି ବି ବାଜି ନାହିଁ ମୁଁ ସତ କହୁଛି।

ଥାର୍ଡ ଅମ୍ପାୟରଙ୍କ ନିଷ୍ପତ୍ତି ପଡ଼ିଆରେ ଥିବା ଅମ୍ପାୟର ଲରେନ୍ ଏଜେନବାଗଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଥିଲା। ସେ ବ୍ୟାଟ୍ ଏବଂ ବଲ୍ ମଧ୍ୟରେ କୌଣସି ସମ୍ପର୍କ ନ ଥିବା ସୂଚାଇବାକୁ ଇଙ୍ଗିତ ମଧ୍ୟ କରିଥିଲେ। ବ୍ୟାଟ୍ ଏବଂ ବଲ୍ ମଧ୍ୟରେ କୌଣସି ସମ୍ପର୍କ ଦେଖାଯାଉ ନଥିବାରୁ କମେଣ୍ଟ୍ରି ବକ୍ସରେ ଥିବା ଲୋକମାନେ ମଧ୍ୟ ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ହୋଇଥିଲେ। ତଥାପି, ଅଲ୍ଟ୍ରା ଏଜକୁ ଦେଖି ମନ୍ଧାନାଙ୍କୁ ଆଉଟ୍ ଘୋଷଣା କରାଯାଇଥିଲା। ଏପରି କି ପଡ଼ିଆ ଛାଡ଼ିବା ପୂର୍ବରୁ ମଧ୍ୟ ମନ୍ଧାନା ଅଧିନାୟକ ହରମନପ୍ରୀତଙ୍କୁ ସେ ଆଉଟ୍ ନାହାନ୍ତି ବୋଲି କହିଥିଲେ।

**● ରାଉରକେଲାରୁ ଦିଲ୍ଲୀକୁ ହେଉଥିଲା ଚାଲାଣ**

## ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



**ସୁନ୍ଦରଗଡ଼/ବନ୍ଧମୁଣ୍ଡା, ୩୦।୧୦ (ସଂଚାର ବ୍ୟୁରୋ):** ରାଉରକେଲା ରେଲ ଷ୍ଟେସନ୍ ପରିସର ଭିତରେ ଥିବା ପାର୍ସଲ ଗୋଦାମରୁ ପ୍ରାୟ ୩୦ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ ହୋଇଛି। ରାଷ୍ଟ୍ରୀୟ ରାଜଧାନୀ ନୂଆଦିଲ୍ଲୀକୁ ଚାଲାଣ ହେବା ପୂର୍ବରୁ ଚାଲାଣକାରୀଙ୍କ ଉଦ୍ୟମ ବିଫଳ ହୋଇଛି। ଆଜି ଅପରାହ୍ନ ପ୍ରାୟ ୨ଟା ବେଳେ ରାଉରକେଲା ଜିଆରପି ଟିମ୍ ହଠାତ୍ ଅଭିଯାନ ଚାଲାଇ ଦୁଇଟି ବଡ଼ ଅଖାକୁ ଜବତ କରିଛି, ଯେଉଁଥିରେ ବହୁ ପରିମାଣରେ ଗଞ୍ଜେଇ ରହିଥିବା ଜଣାପଡ଼ିଛି। ଏହି ଦୁଇଟି ଅଖା ଆଜି ସକାଳେ ପାର୍ସେଲ୍ ଅଫିସ୍‌ରେ ଦିଲ୍ଲୀ ପଠାଇବା ପାଇଁ ବୁକ୍ କରାଯାଇଥିଲା। ସରକାରୀ ରେଳବାଇ ପୁଲିସ (ଜିଆରପି)କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, ସମ୍ବଲପୁର- ଜମ୍ମୁତବି ଏକ୍ସପ୍ରେସ୍ ଟ୍ରେନ୍‌ରେ ଗଞ୍ଜେଇ ଭର୍ତ୍ତି ଏହି ପ୍ୟାକେଜ୍ ଚାଲାଣ କରିବାକୁ ପ୍ରସ୍ତୁତି ଚାଲିଥିଲା। ଏହି ସୂଚନାର ଆଧାରରେ ତ୍ୱରିତ ଅଭିଯାନ ଚାଲାଇ ପୁଲିସ୍ ଟିମ୍ ପାର୍ସଲ ଗୋଦାମ ଉପରେ ଅତର୍କିତ ଚଢ଼ଉ କରିଥିଲା। ଗତକାଲି ମାଲକାନଗିରି ଜିଲ୍ଲାର ୩ଟି ସ୍ଥାନରୁ କୋଟିକୋଟି ଟଙ୍କାର ଗଞ୍ଜେଇ ଜବତ ହୋଇଥିବା ବେଳେ ଆଜି ରାଉରକେଲା ରେଳଷ୍ଟେସନରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ନବୀନ ବରଣ ଉତ୍ସବ ଅନୁଷ୍ଠିତ




**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ନବୀନ ବରଣ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସମୃଦ୍ଧ ଭାରତୀୟ ଜ୍ଞାନ ପରମ୍ପରା ଓ ମୂଲ୍ୟବୋଧକୁ ପାଥେୟକରି ଗୁଣାତ୍ମକ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବାରେ ସଫଳ ହେବେ ବୋଲି ମତବ୍ୟକ୍ତ କରିଥିଲେ । ଜୀବନରେ ନିଜସ୍ୱ ଆତ୍ମବିଶ୍ୱାସ ସହ ଜ୍ଞାନ ଆହରଣ ନିମନ୍ତେ ଏକାଗ୍ରତା ସହ ସଂକଳ୍ପ ନେଇ ଛାତ୍ରଛାତ୍ରୀମାନେ ଆମର ସାଂସ୍କୃତିକ ବିକାଶ ନିମନ୍ତେ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳା ଓ ଦୃଢ଼ ମନୋବଳ ଦ୍ୱାରା ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସମ୍ଭବପର ହୋଇପାରିବ ବୋଲି କହିଥିଲେ । ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅନନ୍ୟତା ସଂପର୍କରେ ସୂଚନା ଦେବା ସହ ସାଂସ୍କୃତିକ ଶିକ୍ଷାଲାଭ ସୁଯୋଗର ସଦୁପଯୋଗ କରିବା ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡଙ୍ଗୀ ଗୁରୁ-ଶିଷ୍ୟ ପରମ୍ପରାକୁ ବଜାୟ ରଖି ଆମ କଳା ଓ ସଂସ୍କୃତିର ବିକାଶ ନିମନ୍ତେ ଛାତ୍ରଛାତ୍ରୀମାନେ ସଂକଳ୍ପବଦ୍ଧ ହେବା ଉଚିତ୍ ବୋଲି ମତ ଦେଇଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ନବୀନ ବରଣ ଉତ୍ସବର ପ୍ରାସଙ୍ଗିକତା ସଂପର୍କରେ ସୁବିସ୍ତୃତ ସୂଚନା ଦେଇଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ଡ. ଲକ୍ଷ୍ମଣ କୁମାର ସାହୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଣବ କୁମାର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ନବାଗତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଉତ୍ସବରେ ସମସ୍ତ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ନିଶାଦ୍ରବ୍ୟ ବିକ୍ରୟ ଦୋକାନ ଉପରେ ଚଢ଼ଉ

ଜୟପୁର,୩୦।୧୦ (ସଂଚାର ବ୍ୟୁରୋ): ଜୟପୁରରେ ଗୁଟୁଖା, ସିଗାରେଟ ଆଦି ବିକ୍ରୟ ହେଉଥିବା ଚା ଦୋକାନ ପାନ ଦୋକାନ ଉପରେ ଆଜି ଚଢ଼ଉ କରାଯାଇଛି। ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ କଲେଜ ନିକଟରେ ବିକ୍ରୟ କରାଯାଉ ଥିବା ଗୁଟୁଖା, ସିଗାରେଟ ଆଦି ନିଶା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରଣ ସାମଗ୍ରୀ ଉପରେ ଦୋକାନ ଚଢ଼ଉ କରାଯାଇଛି। ଜୟପୁର ଉପଜିଲାପାଳ ଆକା ବରମ ଶଶା ରେଡ୍ଡିଙ୍କ ନିର୍ଦ୍ଦେଶ କ୍ରମେ ପୌର ପାଳିକା, ସ୍ୱାସ୍ଥ୍ୟ ବିଭାଗ, ପୁଲିସ ଓ ଅବକାରୀ ମିଳିତ ଟିମ ଗଠନ କରାଯାଇ ବିଭିନ୍ନ ଦୋକାନ ଉପରେ ଚଢ଼ଉ କରାଯାଇଛି। ଚଢ଼ଉ କରାଯାଇ ଜରିମାନା ଆଦାୟ ସହ କଡା ଚେତାବନୀ ଦିଆଯାଇଛି। ବିଶେଷ କରି ଯେଉଁ ମାନେ ଶିକ୍ଷାନୁଷ୍ଠାନର ଶହେ ମିଟର ଦୂରରେ ଗୁଟୁଖା ଓ ଧୁମପାନ ସାମଗ୍ରୀ ବିକ୍ରି କରୁଛନ୍ତି ସେମାନଙ୍କୁ ପ୍ରଶାସନ ତରଫରୁ ଦାଗିତ୍ ମଧ୍ୟ କରାଯାଉଛି। ନିଶା ସାମଗ୍ରୀ ବିକ୍ରି ଉପରେ କଟକଣା ଲଗାଇବାରୁ କେନ୍ଦ୍ର ସରକାର ୨୦୦୩ ମସିହାରେ ଆଇନ ପ୍ରଣୟନ କରିଥିଲେ। ତାହାକୁ ରାଜ୍ୟ ସରକାର କାର୍ଯ୍ୟ କରୁଥିବା ବେଳେ ଜିଲା, ଉପଖଣ୍ଡ ସ୍ତରରେ ମଧ୍ୟ ତତ୍ପରତା ଦେଖାଯାଇଛି। ଚଢ଼ଉବେଳେ ଡ୍ରଗ୍ସ ଇନ୍ସପେକ୍ଟର ନକ୍ଷେତ୍ର ନାୟକ, ମାଜିଷ୍ଟ୍ରେଟ ଭାବେ ଆସିଷ୍ଟାଣ୍ଟ କଲେକ୍ଟର ବାଲାଜି ପ୍ରସାଦ ବ୍ରହ୍ମା ଉପସ୍ଥିତ ଥିଲେ। ୧୪ଟି ଦୋକାନ ଉପରେ ଚଢ଼ଉ କରାଯାଇ ୩ ହଜାର ୮ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ୬ କେଜି ଗଞ୍ଜେଇ ଜବତ, ୨ ଗିରଫ

**ମାଲକାନଗିରି, ୩୦।୧୦ (ସଂଚାର ବ୍ୟୁରୋ):** କାଲିମେଳା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ, ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇ ଜାତୀୟ ରାଜପଥ ୩୨୬ କାଲିମେଳା-ମାଲକାନଗିରି ରାସ୍ତାର ଏମପିଭି ୩୧ ଗ୍ରାମ ନିକଟରେ ଦୁଇ ଅଭିଯୁକ୍ତ ଏକ ଏୟାର ବ୍ୟାଗରେ ଲୁଚାଇ ବେଆଇନ ଭାବରେ ଚୋରାରେ ଗଞ୍ଜେଇକୁ ଆନ୍ଧ୍ରପ୍ରଦେଶ ପରିବହନ କରିବା ପାଇଁ ନେଉଥିଲେ। ଚୋରା ଗଞ୍ଜେଇର ସନ୍ଧାନ ଏବଂ ଜବତ କରିବା ସମୟରେ, ପୁଲିସ ଏନଡିପିଏସ ଆଇନର ସମସ୍ତ ବାଧ୍ୟତାମୂଳକ ବ୍ୟବସ୍ଥା ଅନୁସରଣ କରି ନିର୍ବାହୀ ମାଜିଷ୍ଟ୍ରେଟ ଏବଂ ସାକ୍ଷୀଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କ କବଜାରୁ ୬ କେଜି ଗଞ୍ଜେଇ ଜବତ କରିବା ସହ ସେମାନଙ୍କ ଠାରୁ ଗୋଟିଏ ମୋବାଇଲ୍ ଫୋନ୍ ଦୁଇଟି ଆଧାର କାର୍ଡ, ଦୁଇଟି ପାନ କାର୍ଡ, ନଗଦ ଟଙ୍କା ୬୦୦୦ ଟଙ୍କା ଜବତ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ତେଲେଙ୍ଗାନା ରାଜ୍ୟ ଜଗିତିଆଲ ଜିଲ୍ଲାର ତାତିପାମୁଲା ଭାମସି ଓ ରାଚରଲା ଭାମସି। ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇ ଆଜି କୋର୍ଟଚାଲାଣ କରାଯାଇଛି।

### ଚାନ୍ଦବାଲିରେ ରାସ୍ତା ପାଇଁ ଦୌଡ଼ିଲେ ଛାତ୍ରଛାତ୍ରୀ

## କାଳୀମନ୍ଦିରରୁ କନ୍ଧା ରାସ୍ତା ମରଣଯନ୍ତା

**ଭଦ୍ରକ,୩୦।୧୦ (ସଂଚାର ବ୍ୟୁରୋ):** ଚାନ୍ଦବାଲି କାଳୀମନ୍ଦିର ଠାରୁ କନ୍ଧା ରାସ୍ତା ମରଣଯନ୍ତା ପାଲଟିଛି।

ରାସ୍ତାର ଦୁର୍ଦ୍ଦଶାକୁ ନେଇ ସ୍ଥାନୀୟ ଯୁବକ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଏକ ଜନଜାଗରଣ ଦୌଡ଼ ଆୟୋଜନ କରିଥିଲେ।

ଏହି ଦୌଡ଼ ଚାନ୍ଦବାଲି ଏନ୍‌ଏସି ପୋଖରୀ ସାହି ଠାରୁ ହରିପୁର ମଠ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଦୌଡ଼ ହୋଇଥିଲା। ଅଂଶଗ୍ରହଣ କରିଥିବା ଯୁବକ ଓ ଛାତ୍ରଛାତ୍ରୀମାନେ 'ରାସ୍ତା ଦିଅ, ଜୀବନ ବଞ୍ଚାଅ' ଉଚ୍ଚାରଣ କରି ଦୌଡ଼ିଥିଲେ। ସେମାନେ ପ୍ରଶାସନ ନିକଟରେ ଶୀଘ୍ର ରାସ୍ତା ମରାମତି ଓ ନିର୍ମାଣ ଦାବି କରିବା ସହ ମାରାଥନ ମାଧ୍ୟମରେ ପ୍ରଶାସନଙ୍କୁ ସନ୍ଦେଶ ଦେଇଛନ୍ତି ଯେ, ଯଦି ଶୀଘ୍ର ରାସ୍ତା ମରାମତି ଓ ସ୍ଥାୟୀ ସମାଧାନ ନ ହୁଏ, ତେବେ ହଜାର ହଜାର ଲୋକ ରାସ୍ତାରେ ବସି ଆନ୍ଦୋଳନ କରିବେ। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ୫ କିମି ରାସ୍ତା ଚାନ୍ଦବାଲି ଏନଏସି ସମେତ ୭/୮ଟି ପଞ୍ଚାୟତର ଲୋକଙ୍କ ପାଇଁ ଏହା ଏକମାତ୍ର ରାସ୍ତା। ଉକ୍ତ ରାସ୍ତା ଉପରେ ଚାନ୍ଦବାଲି ଏନ୍‌ଏସି ସମେତ ଓରାସାହି, ବିଜୟନଗର, କାଣ୍ଡଗରଡି, ଚରଦିଆ ପଞ୍ଚାୟତର ଅଧିବାସୀଙ୍କ ପାଇଁ ମେଡିକାଲ, ସ୍କୁଲ, କଲେଜ, ମାର୍କେଟକୁ ଏହା ମୁଖ୍ୟ ରାସ୍ତା।

ରାସ୍ତା ପାଇଁ ୭ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟବରଦାରେ ଟେଣ୍ଡର ହୋଇଥିଲା। ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ ଶିଳାନ୍ୟାସ ସରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରାସ୍ତା କାମ ହୋଇପାରିଲା ନାହିଁ।

## ଧାନବିଲରେ ପଡ଼ିଥିବା ଯୁବତୀଙ୍କ ମୃତଦେହ ଚିହ୍ନଟ

**ବଲାଙ୍ଗିର,୩୦।୧୦(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଗଏଲପିଟା ଗାଁ ନିକଟ ଏକ ଧାନ କିଆରିରୁ ଗତକାଲି ସକାଳେ ଏକ ଯୁବତୀଙ୍କ ଗଳିତ ମୃତଦେହ ଜବତ କରିଥିଲା ଦେଓଗାଁ ପୋଲିସ। ଆଜି ସମ୍ପୃକ୍ତ ଯୁବତୀଙ୍କ ପରିଚୟ ମିଳିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଆଜି ବଲାଙ୍ଗିର ଏସପି ସୂଚନା ଦେଇଛନ୍ତି।

ସମ୍ପୃକ୍ତା ଯୁବତୀ ଜଣକ ପାଟଣାଗଡ଼ ଅଞ୍ଚଳ ରତାଖଣ୍ଡି ଗାଁ କୁମତି ଧରୁଆ (୨୯)ହୋଇଥିବା ବେଳେ ସେ ଗତ ୨୩ ତାରିଖରୁ ନିଖୋଜ ଥିଲେ। ତାଙ୍କ ପରିବାରବର୍ଗଙ୍କ ସୂଚନା ଅନୁସାରେ ସେ ମାନସିକ ବିକାର ଗ୍ରସ୍ତ ଥିଲେ। ସେ ଜଣେ ବିବାହିତା। ୨୦୨୧ରୁ ସ୍ୱାମୀଙ୍କୁ ଛାଡ଼ି ବାପଘରେ ରହୁଥିଲେ। ଆଜି ଅପରାହ୍ନରେ ଏକ ପ୍ରେସମିଟ୍‌ରେ ବଲାଙ୍ଗୀର ଏସ୍‌ପି ଅଭିଳାଷ ଜୀ ଏହି ସୂଚନା ଦେଇଛନ୍ତି।

## ବାଘ ପାଦଚିହ୍ନକୁ ନେଇ କୋକୁଆ ଭୟ

**ବାରିପଦା,୩୦।୧୦ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ମହାବଳ ବାଘ ଆତଙ୍କ ସୃଷ୍ଟି ହୋଇଛି। ମାଟିରେ ବାଘର ପାଦ ଚିହ୍ନକୁ ଦେଖି ସ୍ଥାନୀୟ ଜନସାଧାରଣ ମଧ୍ୟରେ କୁକୁଆ ଭୟ ଖେଳିଯାଇଛି। ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳର କାଳିଆ ଜିଆଣୀ ଗାଁ ନିକଟ ସଂରକ୍ଷିତ ଜଙ୍ଗଲକୁ ଶିମିଳିପାଳ କୋର ଏରିଆରୁ ଏକ ମହାବଳ ବାଘ ଚଳପ୍ରଚଳ କରୁଥିବାର ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା କେହି ବାଘକୁ ଦେଖିନଥିଲେ ମଧ୍ୟ ବାଘର ପାଦଚିହ୍ନ ଠାବ ହୋଇଛି। ବିଶେଷ କରି ହାତୀଗୋଡା ଓ ସାଲେଇବେଡା ପଞ୍ଚାୟତର ଆଖପାଖ ଗ୍ରାମଗୁଡିକର ଲୋକ ଆତଙ୍କିତ ହୋଇ ପଡ଼ିଛନ୍ତି। ମହାବଳ ବାଘ ବୁଲୁଥିବା ଖବର ପାଇ ବନ କର୍ମଚାରୀମାନେ ଉକ୍ତ ଅଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏହା ସହିତ ଗତିବିଧି ଅନୁଧ୍ୟାନ କରି ଲୋକଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ସଚେତନ କରୁଛନ୍ତି। ଏନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ଜନସାଧାରଣଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଉକ୍ତ ଅଞ୍ଚଳ ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ସହ ସଂରକ୍ଷିତ ଜଙ୍ଗଲ ହୋଇଥିବା କାରଣରୁ ବାଘ ଚଳପ୍ରଚଳ କରିବା ସ୍ୱାଭାବିକ ଅଟେ। ତେବେ ଲୋକଙ୍କ ସୁରକ୍ଷା ନେଇ ବନ ବିଭାଗ ସଚେତନ ରହିଛନ୍ତି। ବନ ବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲରେ ୨୦ରୁ ଉର୍ଦ୍ଧ୍ୱ ଟ୍ରାପ କ୍ୟାମେରା ଲଗାଯାଇ ବାଘ ଗତିବିଧି ଉପରେ ନଜର ରଖାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଫାଇନାଲରେ...

ଚୌକା ସାମିଲ୍। ଅମନଜତ କୌର ବିଜୟ ସୂଚକ ଚୌକା ମାରି ୧୫ ରନରେ ଅପରାଜିତ ଥିଲେ।

ଏହା ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଅଷ୍ଟ୍ରେଲିଆ। ଦଳ ୪୯.୫ ଓଭରରେ ୩୩୮ ରନରେ ଅଲଆଉଟ୍ ହୋଇଥିଲା। ଭାରତ ବିପକ୍ଷ ସେମିଫାଇନାଲରେ ଲିଚଫିଲ୍ଡ ଅଷ୍ଟ୍ରେଲିଆ ପାଇଁ ଚମତ୍କାର ବ୍ୟାଟିଂ କରି ଶତକ ହାସଲ କରିଥିଲେ। ଲିଚଫିଲ୍ଡ ୯୩ ବଲରୁ ୧୧୯ ରନ କରି ଆଉଟ ହୋଇଥିଲେ। ପେରି ୭୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତାହଲିଆ ମ୍ୟାକଗ୍ରାଥ ମ୍ୟାଚରେ ଅଧିକ କିଛି କରିପାରି ନଥିଲେ, ୧୨ ରନ କରି ରନ ଆଉଟ ହୋଇଥିଲେ। ତଥାପି, ଆଶଲେ ଗାର୍ଡନର ଶେଷରେ ଏକ ଦ୍ରୁତ ଇନିଂସ ଖେଳି ଅଷ୍ଟ୍ରେଲିଆକୁ ୩୦୦ ଅତିକ୍ରମ କରାଇଥିଲେ। ଗାର୍ଡନର ୬୩ ରନ କରି ରନ ଆଉଟ ହୋଇଥିଲେ। ଏହି ମ୍ୟାଚରେ, ଭାରତ ପାଇଁ ଶ୍ରୀ ଚରଣ ଏବଂ ଦୀପ୍ତି ଶର୍ମା ଦୁଇଟି ଲେଖାଏଁ ୱିକେଟ ନେଇଥିଲେ। ଅମନଜୋତ କୌର, କ୍ରାନ୍ତି ଗୌଡ଼ ଏବଂ ରାଧା ଯାଦବ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଥିଲେ। ଭାରତୀୟ ଦଳର ଏପରି ଏକ ଚମତ୍କାର ବିଜୟ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛା ଦିଆଯାଇଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ଦଳର ସଫଳତାରେ ଦେଶ ଗର୍ବିତ ବୋଲି ମତ ଦେବା ସହ ଫାଇନାଲ୍ ମଧ୍ୟ ଦଳ ଅନୁରୂପ ସଫଳତା ପାଇବ ବୋଲି 'ଏକ୍ସ'ରେ କରିଥିବା ପୋଷ୍ଟରେ ଆଶା ପ୍ରକଟ କରିଛନ୍ତି।

## ଓଡ଼ିଶାରେ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇଆସିଛନ୍ତି। ରେଳପଥ, ସଡ଼କ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଇଆସିଛନ୍ତି। ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ଫେବୃଆରୀ ...

ପରୀକ୍ଷା ତାରିଖକୁ ମଧ୍ୟ ସଂଶୋଧନ କରିଛି। ଅନେକ ବିଷୟର ପରୀକ୍ଷା ତାରିଖ ପୁନଃନିର୍ଦ୍ଧାରିତ କରାଯାଇଛି। ଗୃହ ବିଜ୍ଞାନ ପରୀକ୍ଷା ତାରିଖ ବର୍ତ୍ତମାନ ଫେବୃଆରୀ ୧୮ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପ୍ରଥମେ ଫେବୃଆରୀ ୨୬ ପାଇଁ ସ୍ଥିର କରାଯାଇଥିଲା। ୨୦୨୫ ପରୀକ୍ଷାର ଫଳାଫଳ ପ୍ରକାଶ କରିବା ସମୟରେ, ସିବିଏସଇ ଘୋଷଣା କରିଥିଲା ଯେ, ୨୦୨୬ରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୭, ୨୦୨୬ରେ ଆରମ୍ଭ ହେବ। ୨୦୨୬ରେ ଜାତୀୟ ଶିକ୍ଷା ନୀତିରେ ସୁପାରିଶ ଅନୁଯାୟୀ ସିବିଏସଇ ଦଶମ ଶ୍ରେଣୀ ପାଇଁ ଦୁଇଟି ବୋର୍ଡ ପରୀକ୍ଷା କରିବ। ୯ମ ଏବଂ ୧୧ ଶ୍ରେଣୀ ପାଇଁ ପଞ୍ଜୀକରଣ ତଥ୍ୟ ଆଧାରରେ, ସିବିଏସଇ ପ୍ରଥମେ ପରୀକ୍ଷା ଆରମ୍ଭ ହେବାର ୧୪୬ ଦିନ ପୂର୍ବରୁ ସେପ୍ଟେମ୍ବର ୨୪ରେ ୨୦୨୬ ପରୀକ୍ଷା ପାଇଁ ଏକ ପ୍ରାରମ୍ଭିକ ଅସ୍ଥାୟୀ ତାରିଖ ସୂଚୀ ପ୍ରକାଶ କରିଥିଲା।

## ବିଇଓଙ୍କ...

ବିଭାଗ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ୍ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ରାଜଲକ୍ଷ୍ମୀ ଓ ତାଙ୍କ ସାଥୀଙ୍କୁ ଆସନ୍ତାକାଲି (ଅକ୍ଟୋବର-୩୧) ଅନୁଷ୍ଠିତ ହେବାକୁ ଥିବା କଟକ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫କୁ ମନୋନୀତ କରାଯାଇଥିବା ନେଇ ଘୋଷଣା କରାଯାଇଥିଲା। ଏଥିପାଇଁ ନିଶ୍ଚିନ୍ତକୋଇଲି ବିଇଓ, କଟକ ସଦର ବିଧାୟକ ଓ ମାହାଙ୍ଗା ବିଧାୟକଙ୍କ ଦସ୍ତଖତ ଥିବା ମାନପତ୍ର ଓ ଟ୍ରଫି ମଧ୍ୟ ପ୍ରଦାନ କରାଯାଇଥିଲା।

ତେବେ ନଇଁଗୁଆ-ଦାଉଦପୁର ବିଦ୍ୟାଳୟର ଛାତ୍ରୀମାନେ ରେଭେନ୍ସା କଲେଜିଏଟ୍ ସ୍କୁଲରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ସୁରଭି ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ପ୍ରସ୍ତୁତ ହୋଇଥିବା ବେଳେ ହଠାତ ବିଇଓଙ୍କ ନିଷ୍ପତ୍ତି ବଦଳିଗଲା। ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ମଧ୍ୟାହ୍ନରେ ଦୁଇ ଜଣ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ କୁମାର ବେହେରା ଓ ମହମ୍ମଦ୍ ଜାକିର ହୁସେନ୍ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଏକ ସରକାରୀ ଚିଠି ଦେଇଥିଲେ। ଯେଉଁଥିରେ ନଇଁଗୁଆ-ଦାଉଦପୁର ବିଦ୍ୟାଳୟର ଛାତ୍ରୀମାନେ ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ ବୋଲି କୁହାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବା ଛାତ୍ରୀ ଓ ସେମାନଙ୍କ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସଦସ୍ୟ ଓ ଗ୍ରାମବାସୀ ପହଞ୍ଚି ଦୁଇ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟ ପରିସରରେ ଅଟକ ରଖିଥିଲେ। ପ୍ରଥମ ହୋଇ ମାନପତ୍ର ପାଇଥିବା ବିଦ୍ୟାଳୟକୁ କାହିଁକି ଜିଲ୍ଲା ସ୍ତରକୁ ପଠାଗଲା ନାହିଁ ବୋଲି ଏବିଇଓଙ୍କୁ ସେମାନେ ପ୍ରଶ୍ନ କରିବା ସହ ବିଇଓଙ୍କ ଉପସ୍ଥିତି ଦାବି କରିଥିଲେ।

ଖବର ଲେଖା ହେଲା ପର୍ଯ୍ୟନ୍ତ ବିଇଓ ସେଠାରେ ପହଞ୍ଚି ନଥିଲେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାରୁ ବଞ୍ଚିତ ହୋଇଥିବାରୁ ଛାତ୍ରୀମାନେ ମାନସିକ ସ୍ତରରେ ଆଘାତ ପାଇଛନ୍ତି ଓ ସେମାନେ ଆତ୍ମହତ୍ୟା କରିବାର ଧମକ ମଧ୍ୟ ଦେଇଛନ୍ତି। ବିଦ୍ୟାଳୟର ଛାତ୍ରୀମାନଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ମାନସିକ ନିର୍ଯାତନା ଦିଆଯିବା ଅଭିଯୋଗ ସହ ବିଦ୍ୟାଳୟର ଗାରିମା ହାନି କରି ଏକରକମ ଅପମାନିତ କରାଯାଇଛି। ଏହି ଅପମାନ ନେଇ ଛାତ୍ରୀମାନଙ୍କ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଓ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ନେମାଳ ଥାନାଧିକାରୀ ସୁଶୀଳ କୁମାର ନାୟକଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗର ନକଲ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ଦିଆଯାଇଛି। ନେମାଳ ଥାନାଧିକାରୀ ଅଟକ ରହିଥିବା ଦୁଇ ଏବିଇଓଙ୍କୁ ବୁଝାସୁଝା କରି ସେଠାରୁ ନିଜ ସାଙ୍ଗରେ ଆଣିଥିଲେ। ତେବେ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଦିନକୁ ଦିନ ବିବାଦ ଘେରକୁ ଟାଣି ହୋଇ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୬୬ ମାସରେ...

ଲାଭ କରିଛି। ତେଣୁ ପୁରୁଣା ଶକ୍ତିକେନ୍ଦ୍ରଟି ୨୦୨୦ ଏପ୍ରିଲ୍‌ରୁ ଗତ ସେପ୍ଟେମ୍ବର ପର୍ଯ୍ୟନ୍ତ ୬୬ ମାସରେ ଧାର୍ଯ୍ୟ ମାନଦଣ୍ଡଠାରୁ ୧୬୭୧ ନିୟୁତ ୟୁନିଟ କମ ଉତ୍ପାଦନ କରି ୟୁନିଟ ପିଛା ୩ ଟଙ୍କା ୫୦ ପଇସା ହିସାବରେ ୫୮୫ କୋଟି ଟଙ୍କାର ରାଜସ୍ୱ ହରାଇଛି। ଏହାଛଡ଼ା ଦ୍ୱିତୀୟ ପର୍ଯ୍ୟାୟ ନୂତନ ଶକ୍ତିକେନ୍ଦ୍ରଟି ପୂର୍ବ ୫ ବର୍ଷରେ ଯଥାକ୍ରମେ ୫୧, ୬୩, ୭୭, ୮୦ ଓ ୮୭ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରିଛି। ସେଥିପାଇଁ ପୂର୍ବ ୫ ବର୍ଷରେ ଯଥାକ୍ରମେ ୩୪, ୨୨, ୮, ୫ ଓ -୨ ପ୍ରତିଶତ ଉତ୍ପାଦନ କ୍ଷତି ହୋଇଛି। ଆହୁରି ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ୭୬ ପ୍ରତିଶତ ଉତ୍ପାଦନ କରି ୯ ପ୍ରତିଶତ କ୍ଷତି କରିଛି। ତେଣୁ ୧୩୨୦ ମେଗାୱାଟ କ୍ଷମତାର ଦ୍ୱିତୀୟ ପର୍ଯ୍ୟାୟ ଶକ୍ତିକେନ୍ଦ୍ରଟି ଉପରୋକ୍ତ ୬୬ ମାସରେ ୮୧୯୨ ନିୟୁତ ୟୁନିଟ ଉତ୍ପାଦନ କ୍ଷତି ସହିବା ସହ ୨୮୬୭ କୋଟି ଟଙ୍କା ରାଜସ୍ୱ ହାନି କରିଥିବା ଜଣାପଡ଼ିଛି।

ସେହିପରି ଇବ ଶକ୍ତି କେନ୍ଦ୍ରରେ ସମୁଦାୟ ୪ଟି ଟର୍ବାଇନ୍ ଜେନେରେଟର (ଟିଜି) କାର୍ଯ୍ୟକ୍ଷମ ରହିଛି। ପ୍ରତିଟି ଟିଜିର ପରମାୟୁ ୨୫ ବର୍ଷ। ପୁରୁଣା ଶକ୍ତିକେନ୍ଦ୍ର ଇତିମଧ୍ୟରେ ୨୫ ବର୍ଷର ପରମାୟୁ ପୂରଣ କରିସାରିଥିବା ବେଳେ ନୂତନ ଶକ୍ତିକେନ୍ଦ୍ର ୬ ବର୍ଷ ପୂରଣ କରିସାରିଛି। ଶକ୍ତିକେନ୍ଦ୍ରରେ ସ୍ଥାପିତ ଟିଜିଗୁଡିକ ବର୍ଷସାରା ଅନବରତ ବିଦ୍ୟୁତ ଉତ୍ପାଦନ ପାଇଁ ସକ୍ଷମ। କିନ୍ତୁ ପ୍ଲାଣ୍ଟର ସୁରକ୍ଷା ଓ ସ୍ଥାୟିତ୍ୱ ପାଇଁ ପ୍ରତି ବର୍ଷ ୧ ମାସ ପ୍ଲାଣ୍ଟ ବନ୍ଦ କରି ସାଧାରଣ ମରାମତି କାର୍ଯ୍ୟ କରାଯାଉଥିବାବେଳେ ପ୍ରମୁଖ ମରାମତି କାର୍ଯ୍ୟ ପାଇଁ ପ୍ରତି ୪ ବର୍ଷରେ ୧ ମାସ ପାଇଁ ବନ୍ଦ କରାଯାଏ। ସାରା ଦେଶରେ ଏହି ନିୟମ ଲାଗୁ ହେଉଛି। କିନ୍ତୁ ମରାମତି ପାଇଁ ବାରମ୍ବାର ପ୍ଲାଣ୍ଟ ବନ୍ଦ କରାଯିବା ଦ୍ୱାରା ଟିଜି ପରମାୟୁ ହ୍ରାସ ପାଉଛି। ସେଥିପାଇଁ ଶକ୍ତିକେନ୍ଦ୍ରର ସ୍ଥାୟିତ୍ୱ ଉପରେ ଆଶଙ୍କା ପ୍ରକାଶ କରିଛନ୍ତି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର। ଓପିଜିସି କର୍ତ୍ତୃପକ୍ଷ ବାରମ୍ବାର ପ୍ଲାଣ୍ଟ ବନ୍ଦ କରିବା ଦ୍ୱାରା ବର୍ଷକୁ ହାରାହାରି ୮ ଥର ଟିଜି ବନ୍ଦ ହେଉଛି। ଏପରି ଘଟଣା ସମଗ୍ର ଦେଶରେ ବିରଳ ହୋଇଥିଲେ ବି ଏଥିରେ ସୁଧାର ଆଣିବା ପାଇଁ ଓପିଜିସି କର୍ତ୍ତୃପକ୍ଷ ବାରମ୍ବାର ଅବହେଳା ପ୍ରଦର୍ଶନ କରିଆସୁଥିବା ଅଭିଯୋଗ ହେଉଛି।

ଏନେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ଶକ୍ତିକେନ୍ଦ୍ରକୁ ମରାମତି ପାଇଁ ବର୍ଷକୁ ମାତ୍ର ଥରେ ବନ୍ଦ କରାଯିବ। କିନ୍ତୁ ଓପିଜିସିର ଅବହେଳା ପାଇଁ ମରାମତି ପାଇଁ ବର୍ଷକୁ ୮ ଥର ବନ୍ଦ ହେବା ଦ୍ୱାରା ଶକ୍ତି କେନ୍ଦ୍ରର ଟିଜି କ୍ରମଶଃ ଦୁର୍ବଳ ହେଉଛି। ଫଳରେ ଦ୍ୱିତୀୟ ପର୍ଯ୍ୟାୟ ପ୍ଲାଣ୍ଟର ୨୫ ବର୍ଷ ପରମାୟୁ ପୂରଣ ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ଲାଣ୍ଟ ବାରମ୍ବାର ବନ୍ଦ ହେବା ଯୋଗୁଁ ପ୍ରବଳ ମାତ୍ରାରେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ସେଥିପାଇଁ ଓପିଜିସି ଗ୍ରୀଡ୍‌କୋକୁ ଶସ୍ତା ବିଦ୍ୟୁତ ଯୋଗାଇବାରେ ବିଫଳ ହେବା ସହ ପ୍ରବଳ ରାଜସ୍ୱ ହରାଉଛି। ସେହପରି ଗ୍ରୀଡକୋକୁ ଓପିଜିସିର ଶସ୍ତା ବିଦ୍ୟୁତ ମିଳୁନଥିବାରୁ ରାଜ୍ୟର ବିଦ୍ୟୁତ ଚାହିଦା ପୂରଣ ପାଇଁ ଗ୍ରୀଡକୋକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଫଳରେ ବିଦ୍ୟୁତ ମୂଲ୍ୟ ବୃଦ୍ଧି ଘଟୁଛି, ଯାହାର ସିଧାସଳଖ ଚାପ ଉପଭୋକ୍ତାଙ୍କ ଉପରେ ପଡୁଛି। ବିଶେଷକରି ସମସ୍ତ ୪ଟି ୟୁନିଟ ପର୍ଯ୍ୟାୟ କ୍ରମେ ଗତ ଏପ୍ରିଲରୁ ଚଳିତ ଅକ୍ଟୋବର ପର୍ଯ୍ୟନ୍ତ ପ୍ରାୟ ୨୬ ଥର ବନ୍ଦ ହୋଇ ୧ ହଜାର ନିୟୁତ ୟୁନିଟ ଉତ୍ପାଦନ କରିପାରିନାହି ଏବଂ ସେଥିପାଇଁ ଓପିଜିସିର ୩୫୦ କୋଟି ଟଙ୍କାର ରାଜସ୍ୱ ହରାଇଛି।

## ଏନ୍‌ଏଚ୍‌ରେ...

ଉଚିତ। ତେଣୁ ଏଣିକି ପ୍ରତ୍ୟେକ ଜାତୀୟ ରାଜପଥରେ କ୍ୟୁଆର୍ କୋଡ୍ ବୋର୍ଡ ଲଗାଯିବ। ଯେକୌଣସି ବ୍ୟକ୍ତି କୋଡ୍ ସ୍କାନ୍ କରି ଦେଖିପାରିବେ ଯେ ଉକ୍ତ ରାସ୍ତା କେଉଁ ଠିକାଦାର ନିର୍ମାଣ କରିଛନ୍ତି, କେଉଁ ପରାମର୍ଶଦାତା ଏହାକୁ ଡିଜାଇନ୍ କରିଛନ୍ତି ଏବଂ କେଉଁ ସରକାରୀ ଅଧିକାରୀ ଏହାର ତଦାରଖ କରୁଛନ୍ତି। ଯଦି କୌଣସି ରାସ୍ତା ଖରାପ ଅଛି ଓ ସାଧାରଣଲୋକେ ସୋସିଆଲ ମିଡିଆରେ ଅଭିଯୋଗ କରୁଛନ୍ତି, ତା'ହେଲେ ସେମାନେ ଜାଣିବା ଉଚିତ ଯେ ଏପରି ସ୍ଥିତି ପାଇଁ କିଏ ଦାୟୀ। କେନ୍ଦ୍ର ମନ୍ତ୍ରୀ ଭାବେ କେବଳ ସେ କାହିଁକି ଗାଳି ଶୁଣିବେ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି। ସେହିପରି ଶ୍ରୀ ଗଡ଼କରୀ କହିଛନ୍ତି ଯେ କ୍ୟୁଆର୍ କୋଡ୍‌ରେ ସମସ୍ତ ସୂଚନା ରହିବ, ଯାହାଦ୍ୱାରା ଜନସାଧାରଣ ସିଧାସଳଖ ସଠିକ୍ ସ୍ଥାନରେ ପ୍ରଶ୍ନ ପଚାରିପାରିବେ। ଭୁଲ ଯେଉଁଠି ହେବ, ଦାୟିତ୍ୱ ସେଇଠି ହିଁ ସ୍ଥିର କରାଯିବ। ଏହି ଆଧାରରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଓ ରାସ୍ତା ନିର୍ମାଣ କମ୍ପାନୀଗୁଡ଼ିକୁ ସେମାନଙ୍କର ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ ତିଆରି କରିବା ସହ ପ୍ରତ୍ୟେକ ପ୍ରକଳ୍ପର ଭିଡିଓ ରିପୋର୍ଟ ଜନସାଧାରଣଙ୍କ ସହ ଶେୟାର କରିବାକୁ କେନ୍ଦ୍ର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଗଡ଼କରୀ ଘୋଷଣା କରିଛନ୍ତି ଯେ ଯଦି ସାଧାରଣ ଲୋକେ ଟୋଲ୍ ଟିକସ ଦେଉଛନ୍ତି, ତା'ହେଲେ ସେମାନେ ଅନ୍ତର୍ଜାତୀୟ ମାନର ରାସ୍ତା ବ୍ୟବହାର କରିବାର ସୁଯୋଗ ପାଇବା ଉଚିତ। ଆଉ କୌଣସି ରାସ୍ତା ଖରାପ ହେଲେ କେହି ପାଗକୁ କି ପିଚୁର ବାହାନା ନେଇପାରିବେ ନାହିଁ। ଯଦି ରାସ୍ତା ଆରାମଦାୟକ ନୁହେଁ, ତା'ହେଲେ ତୁରନ୍ତ ଏହାକୁ ମରାମତି କରାଯିବା ବାଞ୍ଛନୀୟ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି। ଏହାଦ୍ୱାରା ଉତ୍ତରଦାୟିତ୍ୱ ବଢ଼ିବା ସହ ଠିକାଦାର ଓ ରାସ୍ତା ସହ ଜଡ଼ିତ ପ୍ରତିଟି ବ୍ୟକ୍ତିବିଶେଷ ଓ ସଂସ୍ଥାର ପ୍ରଦର୍ଶନରେ ଉନ୍ନତି ଆସିପାରିବ ବୋଲି ସେ ଆଶା କରିଛନ୍ତି।

## ୧ରୁ...

'ସୁଭଦ୍ରା ଶକ୍ତି ମେଳା-୨୦୨୫'। ଆସନ୍ତା ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୩୦୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ଓ ବିପଣନ କରିବେ। ଏହି ମେଳାରେ ୫୦ଟି ଖାଦ୍ୟ ଷ୍ଟଲର ବ୍ୟବସ୍ଥା ହେବ। ଦେଶର ୧୧ଟି ଅନ୍ୟାନ୍ୟ ରାଜ୍ୟ ଯଥା ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜରାଟ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଓ ଗୋଆରୁ ନିମନ୍ତ୍ରିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦ ମଧ୍ୟ ପ୍ରଦର୍ଶନ କରିବେ। ଏହି ମେଳା କେବଳ କ୍ରୟବିକ୍ରୟର ମଞ୍ଚ ନୁହେଁ, ବରଂ ନାରୀମାନଙ୍କର ଆତ୍ମବିଶ୍ୱାସ, ସଫଳତା ଓ ସାମାଜିକ ସଶକ୍ତିକରଣର ଏକ ଉଜ୍ଜ୍ୱଳ ପ୍ରତୀକ। ଏହି ମେଳାରେ ବିବିଧ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଓ ଅଣକାଷ୍ଠ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ହେବ। ପରିଦର୍ଶକ ଅତିଥିମାନେ ଏଠାରେ ଲୁଗାପଟା, ଖାଦ୍ୟଶସ୍ୟ, ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ। ଏହା ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ, ଯେଉଁଠାରେ ସେମାନେ ନିଜର ଉତ୍ପାଦକୁ ବିଶାଳ ବଜାରରେ ପ୍ରଦର୍ଶନ କରି ନୂତନ ଗ୍ରାହକ ଓ ସମ୍ଭାବନାର ଦ୍ୱାର ଖୋଲିପାରିବେ।

ଏହି ୧୨ଦିନିଆ ମେଳାରେ ଦର୍ଶକମାନେ ରାଜ୍ୟର ସମୃଦ୍ଧ ସଂସ୍କୃତି, ନାରୀ ଶକ୍ତି ଓ ପାରମ୍ପରିକ ସ୍ୱାଦର ଅନୁପମ ସଙ୍ଗମକୁ ଉପଲବ୍ଧି କରିପାରିବେ। ପ୍ରତି ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ, ଛଉ, ଗୀତିନାଟ୍ୟ, ମାଲଖମ୍ବ, ଗୋଟିପୁଅ, ରଣପା, ସମ୍ବଲପୁରୀ ନୃତ୍ୟ, ପୁରୀର ଯୋଡ଼ି ଶଙ୍ଖ ନୃତ୍ୟ, ବିହୁ, ସଙ୍ଗୀତ ସନ୍ଧ୍ୟା ଓ ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ମୋହିତ ହେବେ। ପ୍ରଥମ ଥର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ପୋଷାକର ଫ୍ୟାଶନ୍ ସୋ ଆୟୋଜିତ ହେବ। ଦର୍ଶକମାନେ ୫୦ଟି ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲରେ ମିଲେଟ୍ଭିତ୍ତିକ ସ୍ୱାସ୍ଥ୍ୟକର ଖାଦ୍ୟ ସହ ବିବିଧ ପାରମ୍ପରିକ ଓଡ଼ିଆ ଖାଦ୍ୟ ଉପଭୋଗ କରିପାରିବେ। ଏହି ମେଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ନିଜର ଉତ୍ପାଦକୁ ବୃହତ ବଜାର ସହ ସଂଯୋଗ କରି ଆୟ ବୃଦ୍ଧି ଓ ଆତ୍ମନିର୍ଭରତା ଅର୍ଜନ କରିବେ। ଏହା ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ 'ଲକ୍ଷପତି ଦିଦି' ହେବା ସ୍ୱପ୍ନକୁ ବି ସାକାର କରିବ। ମିଶନ ଶକ୍ତିର ଏହି ପଦକ୍ଷେପ 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବ। ଏହି ମେଳା ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବାକୁ ଥିବାରୁ ଜନସାଧାରଣ ଏହାର ସୁଯୋଗ ନେବାକୁ ମିଶନ ଶକ୍ତି ବିଭାଗ ପକ୍ଷରୁ ଶ୍ରୀମତୀ ପରିଡ଼ା ଆମନ୍ତ୍ରଣ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ଗିରିଶ ଏସଏନ, ନିର୍ଦ୍ଦେଶକା ଡଃ ମୋନିକା ପ୍ରିୟଦର୍ଶିନୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରାଧା ପାଦ...

ଶ୍ରୀକୃଷ୍ଣଙ୍କ ନଟବର ବେଶ ଓ ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ସୂଚନା ଦେଇ କହିଛନ୍ତି ଯେ ଆସନ୍ତାକାଲି ପବିତ୍ର ଅଁଳା ନବମୀ ଓ ରାଧା ପାଦଦର୍ଶନ ସାକ୍ଷୀଗୋପାଳ ମନ୍ଦିରରେ ବିଧି ଅନୁଯାୟୀ ଅନୁଷ୍ଠିତ ହେବ। ଏହି ଅବସରରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ସେଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ୍ ଏବଂ ସିସିଟିଭି ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ଭିତରେ ଓ ବାହାରେ ୨୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ୩ ଜଣ ଅତିରିକ୍ତ ଏସପି, ୧୧ ଜଣ ଡିଏସପି, ୧୬ ଜଣ ଆଇଆଇସି, ୭୦ ଜଣ ଏସଆଇ ଓ ଏଏସଆଇ, ୨୫୦ ଜଣ ହୋମଗାର୍ଡ ଓ କ୍ୱିକ୍ ଆକ୍ସନ ଟିମ୍ ମୁତୟନ ହୋଇଥିବା ନେଇ ଶ୍ରୀ ସିଂ ସୂଚନା ଦେଇଛନ୍ତି।

## ଜଷ୍ଟିସ...

ହରିଆନାର ଆଡଭୋକେଟ ଜେନେରାଲ ଭାବେ ମାତ୍ର ୩୮ ବର୍ଷରେ ନିଯୁକ୍ତ କରାଯାଇଥିଲା। ପରେ ୨୦୦୪ରେ ସେ ପଞ୍ଜାବ ଓ ହରିଆନା ହାଇକୋର୍ଟର ବିଚାରପତି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ପରେ ହିମାଚଳ ପ୍ରଦେଶ ହାଇକୋର୍ଟର ସେ ମୁଖ୍ୟ ବିଚାରପତିଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୯ରେ ସେ ସୁପ୍ରିମକୋର୍ଟ ବିଚାରପତି ଓ ପରେ ଏବେ ବରିଷ୍ଠତା ଦୃଷ୍ଟିରୁ ଦେଶର ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି।

## ନୂଆପଡ଼ା...

ଉପରେ ସମସ୍ତଙ୍କ ନଜର ରହିଛି। ଏଠାରେ ପଛୁଆବର୍ଗ ବା ଓବିସି ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୨୫ ହଜାର ହୋଇଥିବା ବେଳେ ଆଦିବାସୀ ବା ଏସଟି ଭୋଟରଙ୍କ ସଂଖ୍ୟା ୯୫ ହଜାର ରହିଛି। ତେଣୁ ଓବିସି ଓ ଏସଟି ଭୋଟରମାନେ ଏଠାରେ ନିର୍ଣ୍ଣାୟକ ଭୂମିକା ନେବେ। ତେଣୁ ଏହି ଦୁଇ ବର୍ଗର ଭୋଟରଙ୍କୁ ନିଜ ପଟକୁ ଆଣିବା ପାଇଁ ତିନି ଦଳର ନେତାଏ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଏପରିକି ଓବିସି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଦଳଗୁଡ଼ିକ ରାଜ୍ୟର ଆଗଧାଡ଼ିର ଓବିସି ନେତାଙ୍କୁ ନୂଆପଡ଼ା ପଠାଇବାରେ ଲାଗିଛନ୍ତି।

## କଳିଙ୍ଗା ଘାଟିକୁ ନେଇ ଚିନ୍ତାରେ ପ୍ରଶାସନ



**ଫୁଲବାଣୀ,୩୦।୧୦ (ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥା ପ୍ରଭାବରେ କଳିଙ୍ଗିଆରେ ପ୍ରବଳ ବର୍ଷା ଯୋଗୁଁ ତୃତୀୟ ଥର ପାଇଁ ପୁନଃ ନିର୍ମିତ ସ୍ଥାନର ମାଟି ଓ ପଥର ଖସିଲା । ଏଥିପୂର୍ବରୁ ଦୁଇ ଦୁଇଥର ଘାଟିର ଭୂସ୍ଖଳନ ହୋଇଥିଲା । ଫଳରେ ଦୀର୍ଘଦିନ ଧରି କନ୍ଧମାଳରୁ ବ୍ରହ୍ମପୁର ଯିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇ ରହିଛି। ମରାମତି ପାଇଁ କାମ ଚାଲୁ ରହିଥିଲା ବେଳେ ଗତକାଲି ବାତ୍ୟା ପ୍ରଭାବିତ ବର୍ଷାରେ ପୁଣି ଶୀର୍ଷରୁ ମାଟି ଓ ପଥର ଖସିଛି ।

ଗତ ୨୭ରୁ ଦୁର୍ଗା ପ୍ରସାଦ ଓ କଳିଙ୍ଗିଆ ଦୁଇ ପଟୁ ରାସ୍ତାକୁ ସିଲ କରିଦିଆଯାଇଥିଲା । କାମ କରୁଥିବା ଲୋକଙ୍କୁ ସେଠାରୁ ପ୍ରତ୍ୟାହାର କରାଯାଇଥିଲା । ପଥର ମାଟି ହଟାଇବାକୁ ପୁଣି ୩ରୁ ୪ ଦିନ ଲାଗିପାରେ। ବହୁ ଦିନରୁ ଗମନା ଗମନରେ ଅସୁବିଧା ଥିବାହେତୁ ଚିନ୍ତାରେ ପ୍ରଶାସନ। କନ୍ଧମାଳ ଜିଲ୍ଲାପାଳ ଦେବ ଭୂଷଣ ବାରମ୍ବାର କଳିଙ୍ଗା ଘାଟି ପରିଦର୍ଶନ କରି କିପରି ସମସ୍ୟାର ଶୀଘ୍ର ସମାଧାନ ହେବ ସେ ବିଷୟରେ ଅଧିକ ଧ୍ୟାନ ଦେଇଛନ୍ତି ।

## ବାତ୍ୟା ‘ମୋନ୍ଥା’ ପରେ ଗଞ୍ଜାମରେ ବର୍ଷା ଓ ବନ୍ୟା

**ବିଭିନ୍ନ ଅଞ୍ଚଳରେ ଚାଷ ଜମି ପ୍ରଭାବିତ**

**ପାଣି କାଦୁଅରେ ବୁଲି ସମୀକ୍ଷା କଲେ ଜିଲ୍ଲାପାଳ**

**ତୁରନ୍ତ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ**



**ଗଞ୍ଜାମ,୩୦।୧୦ (ସଂଚାର ବ୍ୟୁରୋ):** ବାତ୍ୟା ‘ମୋନ୍ଥା’ ପ୍ରଭାବରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି। ଏହାସହ ଉପର ମୁଣ୍ଡରେ ପ୍ରବଳ ବର୍ଷା ଏବଂ ଘୋଡାହଡ଼ା ଡ୍ୟାମରୁ ପାଣି ଛଡ଼ାଯିବା ପରେ ଋଷିକୂଲ୍ୟା ନଦୀର ଜଳସ୍ତର ଦ୍ରୁତ ଭାବରେ ବୃଦ୍ଧି ପାଇଛି, ଫଳରେ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଇଥିବା ଦେଖାଦେଇଛି। ବିଶେଷକରି ସମୁଦ୍ର ଉପକୂଳ ଓ ତଳିଆ ଅଂଚଳ ପ୍ରଭାବିତ ହୋଇଛି। ପ୍ରଭାବରେ ଗଞ୍ଜାମ ବ୍ଲକ୍ ଓ ଛତ୍ରପୁର ବ୍ଲକରେ ଅନେକ ପଞ୍ଚାୟତ ଜଳମଗ୍ନ ଥିବା ବେଳେ ଏକର ଏକର ଧାନ ଚାଷ ଜମି ବନ୍ୟା ଜଳରେ ସମ୍ପୂର୍ଣ୍ଣ ପ୍ରଭାବିତ ହେବା ସହ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ବିଶେଷ କରି ଛତ୍ରପୁର ବ୍ଲକର ଅଗସ୍ତିନୁଆଁ ଗାଁ, ବଡମାଧପୁର, ଭିକାରୀପଲ୍ଲୀ, ବଉଳଗାଁ, ମହାନାଦପୁର, ବିପୁଳିଙ୍ଗି ଓ ଗଂଜମା ବ୍ଲକର ପାଳିବନ୍ଧ ଓ ରାମଗଡ଼ ପଞ୍ଚାୟତ ବିଶେଷ ପ୍ରଭାବିତ ହୋଇଥିବା ଦେଖାଦେଇଛି।

ସୂଚନା ପାଇବା ପରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ନିଜେ ପ୍ରଭାବିତ ଚାଷ ଜମି ସ୍ଥଳ ପରିଦର୍ଶନ କରିଛନ୍ତି ଏବଂ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ଆଲୋଚନା କରି ତାଙ୍କ ସମସ୍ୟା ବୁଝିଛନ୍ତି। ଜଳସେଚନ ବିଭାଗ, ତହସିଲଦାର, ବିଡ଼ିଓ ଓ କୃଷି ବିଭାଗ ସହ ବିଭିନ୍ନ ଅଧିକାରୀମାନଙ୍କ ସହ ଜିଲ୍ଲାପାଳ ବୈଠକ କରି କ୍ଷୟକ୍ଷତି ଅନୁମାନ ପାଇଁ ତତ୍କାଳ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। କ୍ଷତିଗ୍ରସ୍ତ "ଚାଷୀମାନେ ସରକାରୀ ସହାୟତା ପାଇବେ ବୋଲି ଜିଲ୍ଲାପାଳ ନିଶ୍ଚିତ କରିଛନ୍ତି।"

### ଦୁର୍ନୀତି ବିରୋଧୀ ସଚେତନତା ସପ୍ତାହ ପାଳନ




**ଯାଜପୁର,୩୦।୧୦ (ସଂଚାର ବ୍ୟୁରୋ):** ରାଜ୍ୟସ୍ତରରେ ୨୭ ଅକ୍ଟୋବରରୁ ୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଥିବା ପରିପ୍ରେକ୍ଷିତରେ, ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସିଭିଲ କୋର୍ଟ ପରିସର ଭିଡିଓ କନଫରେନ୍ସିଂ ହଲରେ ଏକ ଶପଥ ପାଠ ସମାରୋହ ଆୟୋଜନ କରାଯାଇଥିଲା । "ସ୍ୱଚ୍ଛତାଃ ଆମର ସହଭାଗୀ ଦାୟିତ୍ୱ" ବିଷୟକ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜଜ ତଥା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦ ଅଧକ୍ଷତା କରିଥିଲେ । ସେ ଅଦାଲତର ସମସ୍ତ କର୍ମଚାରୀ ଓ ବିଚାରପତିମାନଙ୍କୁ ସତ୍ୟନିଷ୍ଠ ଓ ଅଖଣ୍ଡତାର ଶପଥ ପାଠ କରାଇଥିଲେ ।

## ନଭେମ୍ବର ୧ରେ ନୟାଗଡ଼ ବୋଇତ ବନ୍ଦାଣ ଉତ୍ସବ

**ନୟାଗଡ଼,୩୦।୧୦ (ସଂଚାର ବ୍ୟୁରୋ):** ଉତ୍ସବ ମୁଖର ହେବାକୁ ଯାଉଛି ନୟାଗଡ଼ ପୁରୁଣା ସହର । ବ୍ୟବସାୟ ସାଙ୍ଗକୁ ମନୋରଞ୍ଜନର ମଜ୍ଜା ଉଠାଇବେ ଦର୍ଶକ। ନଭେମ୍ବର ୧ରୁ କାର୍ତ୍ତିକ ପୂର୍ଣ୍ଣିମା ୫ତାରିଖ ପର୍ଯ୍ୟନ୍ତ ନୟାଗଡ଼ ପୁରୁଣା ସହରରେ ଅନୁଷ୍ଠିତ ହେବାକୁ ଯାଉଛି ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜ୍ୱଳିତ କରିଆସୁଥିବା ବୋଇତ ବନ୍ଦାଣ ଉତ୍ସବ-୨୦୨୫।

ସୂଚନାନୁସାରେ, ଉତ୍କଳୀୟ ପରମ୍ପରା ତଥା ଐତିହାସିକ ବୋଇତ ବନ୍ଦାଣ ପ୍ରଥାର ସ୍ମୃତି ଉଦ୍ଦେଶ୍ୟରେ ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀଙ୍କ ଯାତ୍ରା ପଡ଼ିଆଠାରେ ଆସନ୍ତା ନଭେମ୍ବର ୫ତାରିଖ ସକାଳ ଘ୭.୩୦ ମି. ସମୟରେ "ବୋଇତ ବନ୍ଦାଣ ଉତ୍ସବ" ପାଳନ କରାଯାଉଅଛି । ଉକ୍ତ ଉତ୍ସବକୁ ଲୋକାଭିମୁଖୀ କରିବା ପାଇଁ ନଭେମ୍ବର ୧ତାରିଖ ଠାରୁ ୫ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର, ପଲ୍ଲିଶ୍ରୀ ମେଳା ଓ ରାମ ଦୋଳିର ଆୟୋଜନ କରାଯାଇଅଛି । ୧ ତାରିଖ ବୋଇତ ବନ୍ଦାଣ ଉତ୍ସବ ସନ୍ଧ୍ୟାକୁ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗଦେଇ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ମୁଖ୍ୟ ଆକର୍ଷଣ ଇରା ମହାନ୍ତି ଓ ଶୀତଲ ପାତ୍ର**

ସହ ଭୁବନେଶ୍ୱରର ଶର୍ମିଷ୍ଠା ସରକାରଙ୍କ ମେଲୋଡ଼ି ନାଇଟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ ନୃତ୍ୟ ସାଙ୍ଗକୁ ଶିଳ୍ପିକା ଡ୍ୟାନ୍ସ ଗ୍ରୁପ୍ ସହ ହାସ୍ୟ ଅଭିନେତା ନନସେନ୍ସ ମଣି ଓ ଟ୍ରାକ ସିଙ୍ଗର, ବିଶିଷ୍ଟ କଳାକାର ତାନସେନ୍ ସିଂଙ୍କଦ୍ୱାରା ରଙ୍ଗାରଙ୍ଗ ସମାରୋହ ଅନୁଷ୍ଠିତ ହେବ। ସେହିପରି ତୃତୀୟ ସନ୍ଧ୍ୟାକୁ ସାଂସ୍କୃତିକ ନୃତ୍ୟ ସାଙ୍ଗକୁ ମିଲୋଡ଼ି ସୁର ତରଙ୍ଗ ଟିମ ସହ ଇରା ମହାନ୍ତି କଣ୍ଠ ସ୍ୱରରେ ଦର୍ଶକମାନେ ଝୁମିବାର କାର୍ଯ୍ୟକ୍ରମ ରହିଛି। ଚତୁର୍ଥ ସନ୍ଧ୍ୟାରେ ସାଂସ୍କୃତିକ ନୃତ୍ୟ ସହ କମେଡି ତଡକା, ଟ୍ରାକ ସିଙ୍ଗର ଓ ପୁରୀ ସୂର୍ଯ୍ୟ ଡ୍ୟାନ୍ସ ଗ୍ରୁପ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

କାର୍ତ୍ତିକ ପୂର୍ଣ୍ଣିମା ସକାଳୁ ସକାଳୁ ସାଗର ପୋଖରୀ କୂଳରେ ଡଙ୍ଗା ଭସା ସହ ହଜାର ହଜାର ଦର୍ଶକ ମଧରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ' ବୋଇତ ବନ୍ଦାଣ' ନୃତ୍ୟ ସହ ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ରଙ୍କ ଠୁମୁକା ଦେଖିବାକୁ ମିଳିବ ଏବଂ ଉଦଯାପନୀ ଉତ୍ସବରେ ସନ୍ଧ୍ୟାରେ କଟକର ମେଲୋଡ଼ି ବାଦଶାହା ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବୋଇତ ବନ୍ଦାଣ ଯାତ୍ରା ଉତ୍ସବ କମିଟି ପକ୍ଷରୁ ସୂଚନା ମିଳିଛି ।

## କାହା ବଳରେ ବଳିୟାନ ମଦ ମାଫିଆ ?



**କାକଟପୁର/ଅସ୍ତରଙ୍ଗ,୩୦।୧୦(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାଅଞ୍ଚଳ ମଦ ମାଫିଆଙ୍କ ଚରାଭୂଇଁ ପାଲଟିଛି। ଥାନା ଅଧୀନ ବିଭିନ୍ନ ଅଂଚଳରେ ବେଆଇନ ମଦ କାରବାର ବଢ଼ିବାରେ ଲାଗିଛି। ଗଳିକନ୍ଦିରେ ବେଆଇନ ମଦର ସୁଅ ଛୁଟୁଥିବା ବେଳେ କୋଚିଆ ଏହି କାରବାରରେ ସେଲ୍ସମ୍ୟାନ ସାଜିଛନ୍ତି। ବଡ଼ ବଡ଼ ବେପାରୀଙ୍କ ଠାରୁ ଦେଶୀ ଓ ବିଦେଶୀ ମଦ ଆଣି କୋଚିଆ ଗାଁ ଗହଳିରେ ପହଞ୍ଚାଉଛନ୍ତି। ଫଳରେ ଗାଁ ମାନଙ୍କରେ ଥିବା ପାନ ଦୋକାନ, ଜଳଖିଆ ଦୋକାନ ଓ କ୍ୟାବିନି କିମ୍ବା ସନ୍ଧ୍ୟା ହେଲେ ଗାଁ ଛକରେ ଏକ ବ୍ୟାଗରେ ମଦ ଧରି ବିକିବାରୁ ସହଜରେ ମଦ ମିଳିଯାଉଛି।

- **ଅବକାରୀ ବିଭାଗ ନିଷ୍କ୍ରିୟ**
- **ସୁରକ୍ଷା ଯୋଗାଉଛି କି ପୁଲିସ**
- **ଦିନ ଦ୍ୱିପ୍ରହରରେ ଖୁଲମଖୁଲ୍ଲା ବିକ୍ରି**

ଅବକାରୀ ବିଭାଗ ବେଆଇନ ମଦ କାରବାରକୁ ରୋକିବାକୁ ଘନଘନ ଚଢ଼ାଉ କରୁଛି। ମାତ୍ର କର୍ମଚାରୀ ଅଭାବରୁ ଅବକାରୀ ବିଭାଗ ସବୁ ଜାଗାରେ ପହଂଚି ପାରୁନାହିଁ। ହେଲେ ଖୋଦ ପୁଲିସର କିଛି ଅସାଧୁ କର୍ମଚାରୀ ନିଜ ପକେଟ ଗରମ କରି ମଦ ମାଫିଆଙ୍କୁ ବଳିୟାନ କରିବାକୁ ଲାଗି ପଡିଛନ୍ତି। କହିବାର ତାତ୍ପର୍ଯ୍ୟ ଦିନ ଦ୍ୱିପ୍ରହରରେ ବିଭିନ୍ନ ଲୋକ ଚୋରା ମଦ କାରବାର ଖୁଲମ ଖୁଲ୍ଲା କରୁଛନ୍ତି କିନ୍ତୁ ପୁଲିସ ନିରବ। ଅସ୍ତରଙ୍ଗ ଥାନା ଅଧୀନ ଚକରପଡ଼ା ଛକରେ ଦୀର୍ଘ ଦିନ ହେବ ଜଣେ ଚୋରା ମଦ ବ୍ୟବସାୟୀ ମଦ ବିକ୍ରି କରୁଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଗତ ୦୧ ମେ ୨୦୨୪ରିଖ ଦିନ ଏହା ସହ ୧୪ ଅକ୍ଟୋବର ୨୦୨୫ମଧ ସ୍ଥାନୀୟ ପ୍ରଶାସନ ଓ ପୁଲିସଙ୍କୁ ଲିଖିତ ଆକାର ଦାବୀ ଜଣାଇଥିଲେ। ତେବେ କେବଳ ଏହି ଘଟଣା ନୁହେଁ, ପ୍ରତ୍ୟେକ ପଂଚାୟତର ବିଭିନ୍ନ ଗାଁରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଲୋକ ଦେଖାଣିଆ ସ୍ୱଳ୍ପ ପରିମାଣ ମଦ ଜବତ କରି ମାମଲା ସଂଖ୍ୟା ବଢୁଛି କିନ୍ତୁ ବିପୁଳ ପରିମାଣ ଜବତ ହେଉନାହିଁ। ତେଣୁ ପୁଲିସ ପ୍ରତ୍ୟକ୍ଷ ଭାବେ ସମର୍ଥନ କରୁଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ସୃଷ୍ଟି ହୋଇଛି। ତେଣୁ ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବା ସାଧାରଣରେ ଦାବୀ ହୋଇଛି।

### ନାଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



**ବ୍ରହ୍ମପୁର,୩୦।୧୦ (ସଂଚାର ବ୍ୟୁରୋ):** ସଦର ଥାନା ଅର୍ନ୍ତଗତ ମାୟାପୁରୀର ବଡ଼ ନାଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ବ୍ରହ୍ମପୁର ଅଗ୍ନିଶମ ବିଭାଗର କର୍ମଚାରୀ ଭାସମାନ ଅବସ୍ଥାରେ ଥିବା ମୃତଦେହକୁ ଉଦ୍ଧାର କରିଛନ୍ତି। ତେବେ ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି। ଆଜି ଭୋରରୁ ସ୍ଥାନୀୟ ଲୋକେ ଏକ ମୃତଦେହ ନାଳରେ ଭାସୁଥିବା ଦେଖିବାକୁ ପାଇଥିଲେ। ଭାସୁଥିବା ମୃତଦେହ ଜଣେ ବୟସ୍କ ବ୍ୟକ୍ତିଙ୍କ ହୋଇଥିବା ସୂଚନା ମିଳିଥିଲା। ସମ୍ପୃକ୍ତ ବ୍ୟକ୍ତି ନାଳରେ ପଡ଼ି ମୃତ୍ୟୁ ହୋଇଛି ନା କେହି ତାଙ୍କୁ ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ନାଳଟି ବଡ଼ ନାଳ ସହ ମୁକୁଳା ନାଳ ହୋଇଥିବା ଯୋଗୁଁ କେହି ବୃଦ୍ଧ ନାଳରେ ପଡ଼ି ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି।

**ଦୁଃଖ ଦେଲା ‘ମୋନ୍ଥା’**

## ପାଣିରେ ଭାସୁଛି ଧାନ, ଚିନ୍ତାରେ ଚାଷୀ



**ଯାଜପୁର,୩୦।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ଝଡ଼ ‘ମୋନ୍ଥା’ର ପ୍ରଭାବରେ ଯାଜପୁର ଜିଲ୍ଲାର ଚାଷୀମାନେ ପୁଣିଥରେ ଆଶା ଭାଙ୍ଗି ନିରାଶାରେ ଡୁବିଯାଇଛନ୍ତି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଅବିରତ ବର୍ଷା ଓ ଝଡ଼ ପବନରେ ଜିଲ୍ଲାର ଅଧିକାଂଶ ଧାନ ଫସଲ ପାଣିରେ ବୁଡି ରହିଛି।

ଦଶରଥପୁର, ବିଂଝାରପୁର, ବରୀ, ରସୁଲପୁର, ବଡ଼ଚଣା, ଧର୍ମଶାଳା, କୋରାଇ ଆଦି ବ୍ଲକରେ ହଜାର ହଜାର ହେକ୍ଟର ଚାଷ ଜମି ପାଣିରେ ଡୁବିଯାଇଛି। ବର୍ଷାରେ ଭିଜା ମାଟି, ପବନରେ ଦୋହଲାଉଥିବା ଧାନ ଗଛ ଏବେ ସେହି ସୁନା ଫସଲ ପାଣିରେ ଭାସୁଛି। ବିଭିନ୍ନ ସୂତ୍ରରୁ ଋଣ ନେଇ ଚାଷ କରିଥିବା ଚାଷୀମାନେ ଆଜି ମୁଣ୍ଡରେ ହାତ ଦେଇ ବସିଛନ୍ତି। “ଏପରି ବେଳେ ଫସଲ ଡୁବିଗଲେ ଆମେ କେମିତି ଋଣ ଦେବୁ, ଘର ଚାଲିବ କେମିତି?” ଏପରି ଅନେକ ଚାଷୀଙ୍କ ମନକଥା ଏବେ ଯାଜପୁର ଜିଲ୍ଲାର ସମସ୍ତ ଅଞ୍ଚଳରେ ଶୁଣିବାକୁ ମିଳୁଛି। ଧାନ ଫସଲ ଅଗାଡ଼ି ହୋଇଯିବା ଆଶଙ୍କାରେ ସେମାନେ ଦୁଃଖ ଓ ଚିନ୍ତାରେ ଡୁବି ରହିଛନ୍ତି। ସ୍ଥାନୀୟ କୃଷକ ଓ ବୁଦ୍ଧିଜୀବୀମାନଙ୍କ ଦାବି ପ୍ରଶାସନ ତ୍ୱରିତ ମାପଜୋଗ ନେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ବିଶେଷ ସହାୟତା ଦେଇ ସେମାନଙ୍କୁ ନୂଆ ଆଶା ଦିଅନ୍ତୁ।

### ପଟ୍ଟଚିତ୍ର ଶିଳ୍ପୀ ଶିବିର ଉଦ୍‌ଘାଟିତ



**ବାଲିଅନ୍ତା,୩୦।୧୦ (ସଂଚାର ବ୍ୟୁରୋ):** ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଆର୍ଟିଷ୍ଟ୍ ମିଟ୍ କାର୍ଯ୍ୟକ୍ରମରେ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିଜୟ ପରିଡ଼ାଙ୍କ ସହ ସାକ୍ଷାତ ସହିତ ଉଦ୍‌ଘାଟିତ ହୋଇଯାଇଛି ଓଡ଼ିଶାର ପାରମ୍ପାରିକ ପଟ୍ଟଚିତ୍ର ଶିଳ୍ପୀ ଶିବିର। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଓ ମହାବିଦ୍ୟାଳୟର ଅଧକ୍ଷ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଡ. ପଞ୍ଚାନନ୍ ସାମଲ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିଳ୍ପୀଙ୍କ ଜୀବନୀ ବିଷୟରେ ପଚାରି ବୁଝିବା ସହିତ ୩୬ ଜଣ ଛାତ୍ରଛାତ୍ରୀ ଏହି ଶିବିରରେ ଅଂଶଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ କଥାବସ୍ତୁ, ଛଅ ଋତୁ,କୃଷ୍ଣ ଲୀଳା,ବୋଇତ ବନ୍ଦାଣ ଏବଂ ସାମାଜିକ କଥାବସ୍ତୁକୁ ନେଇ ସୁନ୍ଦର ସୁନ୍ଦର ଚିତ୍ରାଙ୍କନ କରିଥିଲେ।

### ଅଙ୍ଗନବାଡ଼ି କେନ୍ଦ୍ର ଉପରେ ଉପୁଡି ପଡିଲା ବରଗଛ



**ଯାଜପୁର,୩୦।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବଡଚଣା ବ୍ଲକ, ରଇପୁର ପଞ୍ଚାୟତ ଅଧୀନ ରଇପୁର ଅଙ୍ଗନବାଡ଼ି କେନ୍ଦ୍ର-୧ ଉପରେ ବିରାଟ ବରଗଛ ଉପୁଡ଼ି ପଡ଼ିବାରୁ ଆଜି ଶିକ୍ଷାଦାନ ବନ୍ଦ ରହିଛି। ମୋନ୍ଥା ପ୍ରଭାବରେ ହୋଇଥିବା ଝଡ଼-ବର୍ଷାରେ ପୁରୁଣା ବରଗଛଟି ଅଙ୍ଗନବାଡ଼ି ଭବନ ଉପରେ ଆସି ଉପୁଡ଼ି ପଡ଼ିଥିଲା। ଏହି ଘଟଣାରେ ଭବନର ଛାତ ଗୁରୁତର କ୍ଷତିଗ୍ରସ୍ତ ହେବା ସହ କିଛି ଅଂଶ ଭାଙ୍ଗି ପଡ଼ିଛି। ଖବର ପାଇଁ ଅଗ୍ନିଶମ ବାହିନୀ ଦଳ ପହଞ୍ଚି ଗଛର ଶାଖାପ୍ରଶାଖା କାଟି ମୁଖ୍ୟ ଭାଗ ସଫା କରିଛନ୍ତି। ତଥାପି ଭବନର ସ୍ଥାୟୀତ୍ୱ ନେଇ ସନ୍ଦେହ ଥିବାରୁ ଅଙ୍ଗନବାଡ଼ି କେନ୍ଦ୍ର ଅବଶ୍ୟକ ନିରାପତ୍ତା ପରୀକ୍ଷା ପର୍ଯ୍ୟନ୍ତ ବନ୍ଦ ରହିବ। ଘଟଣାସ୍ଥଳରେ ପହଞ୍ଚିଥିବା ରଇପୁର ସରପଞ୍ଚ ଏହା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତ୍ୱରିତ ମରାମତି ଓ ପୁନରୁଦ୍ଧାର ପାଇଁ ଅନୁରୋଧ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀମାନେ ମଧ ଶିଶୁମାନଙ୍କ ଶିକ୍ଷା ଯେପରି ଅବରୋଧିତ ନ ହୁଏ, ସେଥିପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ସୋଆ ଆଇବିସିଏସ୍ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଓ ନିଶାମୁକ୍ତି ସମ୍ପର୍କିତ କର୍ମଶାଳା




**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ମାନସିକ ସ୍ୱାସ୍ଥ୍ୟକୁ ନେଇ ସୋମବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ନିଶାମୁକ୍ତି ଏବଂ ମାନସିକ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ଆଲୋଚନା କରାଯାଇଥିବା ବେଳେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମାନସିକ ରୋଗ ବିଭାଗର ମୁଖ୍ୟ ଡାକ୍ତର ସୁରଜିତ ସାହୁ ଏହି ସମସ୍ୟା ସହିତ ମୁକାବିଲା କରିବା ନେଇ ଆଲୋଚନା କରିଥିଲେ। ସେହିପରି ମାନସିକ ରୋଗ ବିଭାଗର ଆସିଷ୍ଟାଂଟ ପ୍ରଫେସର ଡାକ୍ତର ହିରଣ୍ମୟ ମହାପାତ୍ର ମାନସିକ ଅସୁସ୍ଥତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆସିଷ୍ଟାଂଟ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ମାନସିକ ସ୍ୱାସ୍ଥ୍ୟ ସଚେତନତା ଏବଂ ଏହି ସମସ୍ୟାରୁ ମୁକୁଳିବାର ପନ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ପ୍ରୀତି ଓ୍ୱାଇ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

## ଭୂମିହୀନ ଅସହାୟ ପରିବାରର ଅସୁମାରୀ ଦୁଃଖ

**ମିଳୁନି ଭତ୍ତା କି ଆବାସ, ଭଙ୍ଗା କୁଡ଼ିଆରେ କଟୁଛି ଜୀବନ**

**ବୋରିଗୁମ୍ମା,୩୦।୧୦ (ସଂଚାର ବ୍ୟୁରୋ):** ବର୍ଷେ କି ଦୁଇବର୍ଷ ନୁହେଁ ପ୍ରାୟ ୧୫ ବର୍ଷ ହେଲା ମହିଳା ଜଣକ ସରକାରଙ୍କ ଅବାସ ଯୋଜନା ଏବଂ ଭତ୍ତା ପାଇବାରେ ବଞ୍ଚିତ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ଗୁହାରି କରିବା ପରେ ମଧ ତାଙ୍କ ନିକଟରେ ସରକାରୀ ଯୋଜନା ଅପହଞ୍ଚ ହୋଇଛି। ଏପରି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ସନ୍ତଷପୁର ଗ୍ରାମର ଉପକଣ୍ଠ ସ୍ଥଳରେ ଅବସ୍ଥିତ କେନାଲ କଡରେ ଅନାବାଦୀ ଜାଗାରେ କୁଡ଼ିଆ କରି ରହି ଆସୁଥିବା ସନେଇ ମାଝୀଙ୍କ କ୍ଷେତ୍ରରେ।



ସୂଚନା ମୁତାବକ ଏହି ମହିଳା ସନେଇ ମାଝୀ ୧୧ବର୍ଷର ଝିଅକୁ ନେଇ ଏହି ଭଙ୍ଗା କୁଡ଼ିଆ ତଳେ ରହି ଆସୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଅଧିକାରୀଙ୍କ ନିତିଦିନିଆ ଯିବା ଅସିବା ରାସ୍ତା କଡ ବିଲ ହୁଡ଼ାରେ ଏହି ପରିବାର ବସବାସ କରୁଛନ୍ତି। ବିପଦପୂର୍ଣ୍ଣ ଅବସ୍ଥାରେ ପଲିଥନ କୁଡ଼ିଆ ତଳେ ମହିଳାଙ୍କ ପରିବାର ଜୀବନ ବାଜି ଲାଗିଥିଲେ ମଧ ଏଥିପ୍ରତି କାହାରିନଜର ପଡୁନାହିଁ। ବିଧବା ମହିଳା ଜଣକ ଦୀର୍ଘ ବର୍ଷ ହେବ ଏହି ବିଲ ହୁଡ଼ା ଉପରେ ଛ ଖଣ୍ଡ ଖୁଣ୍ଟି ଆଉ କିଛି ପଟିଆ ସାହାରା ତା ଉପରେ ଖଣ୍ଡିଏ ପଲିଥନ କାଛ ଭୁଶୁଡି ଯାଇଛି ଚାରି ପଟେ ଫୋଟା ଚିରା ଶାଢୀରେ ଘଡ଼ାଇ ଜୀବନଯାପନ କରୁଛନ୍ତି ମହିଳା ସନେଇ ମାଝୀ ଓ ଝିଅ।

ଗତ ୧୨ ବର୍ଷ ତଳେ ସ୍ୱାମୀ ନିଜ ସ୍ତ୍ରୀ ଓ ଝିଅ କୁ ଛାଡି କେଉଁ ଆଡେ ଚାଲିଯାଇଛନ୍ତି। ସନେଇ ମାଝି ଦିନ ମଜୁରିଆ ଭାବେ କାମ କରି ଗାଁ ଗାଁ ବୁଲି ଭିକ ମାଗି ପାରିବାରକୁ ଭରଣ ପୋଷଣ କରିଆସୁଥିଲେ। ସରକାରଙ୍କ ପକ୍ଷରୁ ମାସିକ ମାତ୍ର ୫ କିଲୋ ଚାଉଳ ମିଳୁଛି ତାହାପୁଣି ସମୁଦ୍ରକୁ ଶଙ୍ଖେ।ଘର ଖଣ୍ଡିଏ ଯୋଗେଇ ଦେବାପାଇଁ ସରକାରଙ୍କ ପାଖରେ ନିବେଦନ କରିଛନ୍ତି ସନେଇ ମାଝୀ । ଏହି ବିକଳ ଚିତ୍ରକୁ ଯେକେହିବି ଦେଖିବ ତା ଆଖିରୁ ଲୁହ ଆସିଯିବ।

**ମେଡ଼ିକାଲକୁ ଖାଦ୍ୟ ଯୋଗାଣ କରି ସ୍ୱାବଲମ୍ବୀ**

**୪ ବର୍ଷରେ ହୋଇଥିଲେ ବାପା ମା' ଛେଉଣ୍ଡ**



## ସଂଘର୍ଷର ଅନ୍ୟ ନାଁ ‘ବିରାଜିନୀ’

**ହିଞ୍ଜିଳିକାଟୁ,୩୦।୧୦ (ସଂଚାର ବ୍ୟୁରୋ):** ସଂଘର୍ଷର ଅନ୍ୟ ନାମ ବିରାଜିନୀ କହିଲେ କିଛି ଭୁଲ ହେବନି। ବୁଗୁଡ଼ା ବ୍ଲକ ଖୋଳାଖଳି ପଂଚାୟତର ବାସିନ୍ଦା ବିରାଜିନୀ ୪ ବର୍ଷ ବୟସରେ ବାପା ମା’ଙ୍କୁ ହରାଇଥିଲେ। ତେଣୁ ୧୯୯୪ ମସିହାରେ ପ୍ରାକ୍ତନ ସରପଞ୍ଚ ବିପ୍ର ଚରଣ ପାଣିଗ୍ରାହୀ ବ୍ରହ୍ମପୁର ଉତ୍କଳ ବାଳାଶ୍ରମରେ ଛାଡ଼ି ଦେଇଥିଲେ। ସେଠାରେ ରହି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସରିବା ପରେ କାମ ଉଦ୍ଦେଶ୍ୟରେ ଖୋଜି ବୁଲିଲେ। ସେତେବେଳେ ଆଶ୍ରମ ଅଧିକ୍ଷକ ଦାୟିତ୍ୱରେ ଥିବା ଇନ୍ଦିରା ପଟ୍ଟନାୟକ ଲିପିକା ଏନଜିଓ ନାମରେ ଏକ ସଂସ୍ଥାରେ କାମ ଯୋଗାଇଥିଲେ। ୨ବର୍ଷ ଟେଇଲରିଙ୍ଗ ଟ୍ରେନିଂ ଶିକ୍ଷା ପରେ ପିପିଲି ଚାନ୍ଦୁଆ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇପାରିଲେ। ୨୦୦୪ମସିହାରେ ସେହି ସମୟରେ ବିରାଜିନୀଙ୍କୁ ମିଳୁଥିଲା ମାସିକ ପ୍ରାପ୍ୟ ୭ଶହ ଟଙ୍କା।

୨୦୧୧ମସିହାରେ ତାଙ୍କର ବିବାହ ହିଞ୍ଜିଳିରେ ହୋଇଥିଲା। ବିବାହ ପରେ ସ୍ୱାମୀଙ୍କ ଅତ୍ୟାଚାର ସହି ନ ପାରି ୮ ମାସର ପେଟରେ ଛୁଆକୁ ଧରି ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ବାଲେଶ୍ୱର ଜିଲ୍ଲାର ଇସ୍କନ ମନ୍ଦିରରେ ପ୍ରଭୁଜିଙ୍କ ସହ ଭେଟଘାଟ ହୋଇଥିଲା। ନିଜର ପାରିବାରିକ ସମସ୍ୟା ତାଙ୍କୁ ଜଣାଇଥିଲେ। ବାଲେଶ୍ୱର ଇସ୍କନରୁ ଆଙ୍କୁଶପୁର ବୁଢ଼ୀ ଠାକୁରାଣୀ ସମ୍ମୁଖରେ ଥିବା ଇସ୍କନ ମନ୍ଦିରକୁ ନେଇ ଆସିଥିଲେ। ଏହାରି ଭିତରେ ୨୦୧୩ ଜାନୁଆରୀ ୩୧ ତାରିଖରେ ପୁଅ ଜନ୍ମ ହୋଇଥିଲା। ହିଞ୍ଜିଳିରେ ବିବାହ ଯୋଗୁଁ ସେହି ପ୍ରଭୁଜୀଙ୍କ ମାଧମରେ ବୁଝାସୁଝା ପରେ ସ୍ୱାମୀଙ୍କ ସହ ପୁଣି ଦେଖା ସାକ୍ଷାତ ପରେ ମିଳିମିଶି ରହିବାକୁ ପରାମର୍ଶ ଦେଇ ଚାଲିଯାଇଥିଲେ।

ସ୍ୱାମୀଙ୍କ ପାଇଁ ଧାର କରଜ କରି ଏକ ପଟ୍ଟା ରିକ୍ସା ଆଣି ପରିବା ବ୍ୟବସାୟ ଆରମ୍ଭ କଲେ। ସାହି ଅଙ୍ଗନବାଡି ଦିଦି ରାଣୀ ଗୌଡ଼ଙ୍କ ସଂସ୍ପର୍ଶରେ ଆସି ମିଶନ ଶକ୍ତି ସଭ୍ୟା ହୋଇଥିଲେ। ସେଥିରୁ ୫୦ ହଜାର ଉଠାଇ ଗାଁରେ ଚା' ଦୋକାନ ଆରମ୍ଭ କଲେ। ବ୍ଲକ ଲେଭଲ ଫେଡେରେସନ ମାଧମରେ ବ୍ଲକ ଲେଭଲ କୋରଡିନେଟର ଫନି ବେହେରା ଆଉ ପାଦେ ଆଗକୁ ବଢ଼ିବାକୁ ସାହସ ଯୋଗାଇଥିଲେ। ଏବେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଗର୍ଭବତୀ ମହିଳାଙ୍କୁ ମନିଷା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଖାଦ୍ୟ ଯୋଗାଣ ହେଉ କି ଶାରୀରିକ ଡାଏଟ ପାଇଁ ଶିକ୍ଷା ଅବା ଓଏସଆରଟିସି ଲକ୍ଷ୍ମୀ ବସ ଡ୍ରାଇଭରମାନଙ୍କୁ ନିଶାଦ୍ରବ୍ୟ ସଚେତନତା କରି ଏବେ ସ୍ୱାବଲମ୍ବୀ ବିରାଜିନୀ। ପ୍ରତି ଗର୍ଭବତୀ ମହିଳାଙ୍କୁ ଦୈନିକ ୧୧୦ ଟଙ୍କାରେ ଖାଦ୍ୟ ଯୋଗାଇଥା'ନ୍ତି। ମାସିକ ୧୦ରୁ ୧୨ ହଜାର ରୋଜଗାର କରି ଶାନ୍ତିରେ ପରିବାର ସହ ଖୁସିରେ ଥିବା ସେ କହିଛନ୍ତି।

## ସାଇବର ଲୁଟେରା କରୁଛନ୍ତି ବ୍ୟାଙ୍କ୍ ଖାତା ଖାଲି

**ଆନନ୍ଦପୁର,୩୦।୧୦ (ସଂଚାର ବ୍ୟୁରୋ):** ଲୋକେ ଲୋଭରେ ପଡ଼ି ହେଉଛନ୍ତି ସାଇବର ଠକଙ୍କ ଶିକାର। ସାରା ରାଜ୍ୟରେ ସାଇବର ଠକଙ୍କ ପାର୍ଦୁଭାବ ବଢ଼ିବାରେ ଲାଗିଛି। ସାମ୍ପ୍ରତିକ ସମୟରେ ସମାଜ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ହୋଇଛି ସାଇବର ଅପରାଧ। ସାଇବରଙ୍କ ଜାଲରେ ପଡ଼ି ପ୍ରତିଦିନ କେହି ନା କେହି ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଉପାୟ ଅବଲମ୍ବନ କରି ଲୋକଙ୍କୁ ଲୋଭ ଦେଖାଇ ଓଟିପି ମାଗି କରୁଛନ୍ତି ବ୍ୟାଙ୍କ ଖାତା ଖାଲି। ମୋବାଇଲ୍‌କୁ ଆସୁଥିବା ନୂଆ ନୂଆ ନମ୍ବରର କଲ୍‌କୁ ଦେଖି ମୋବାଇଲ୍ ବ୍ୟବହାର କରୁଥିବା ଉପଭୋକ୍ତା ମାନଙ୍କ ମନରେ ଆସୁଛି କୋକୁଆ ଭୟ।

ଏବେ ପୁଲିସ୍ ପ୍ରଶାସନ ପକ୍ଷରୁ ସାଇବର ସଚେତନତା ରଥ ପ୍ରତି ଛକ ବଜାରରେ ବୁଲି ବୁଲି ସଚେତନ କରାଯାଉଥିବା ବେଳେ ଏହି ସଚେତନତା ରଥ ପ୍ରତି ଗାଁ ଗାଁରେ ବୁଲାଇବାକୁ ବୁଦ୍ଧିଜୀବି ମହଲରେ ଦାବୀ ହୋଇଛି। ଯଦି ସାଇବର ଠକଙ୍କ ଶିକାର ହେଉଥିବା ସନ୍ଦେହ ହେଉଛି ତେବେ ତୁରନ୍ତ ସାଇବର ପୁଲିସ୍‌ର ଟୋଲ୍ ଫ୍ରି ନଂ ୧୯୩୦କୁ ଜଣାନ୍ତୁ। ଅପରାଧିଙ୍କୁ ସାବାଡ଼ କରିବା ପାଇଁ ରାଜ୍ୟରେ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ଆଉ ୨୦ନୂଆ ସାଇବର ଅପରାଧ ଥାନା। ଏହି କ୍ଷେତ୍ର ପାଇଁ ୧୧୨୭ଟି ନୂତନ ପୁଲିସ୍ ପଦବୀ ସହିତ ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍ ଶୀଘ୍ର ନିଯୁକ୍ତି ଦିଆଯିବ। ଏଥିସହ କ୍ରାଇମବ୍ରାଞ୍ଚ ଅଧିନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ ଓ ଏହାର ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର ସୁରକ୍ଷା ସଚେତନତା ଅଭିଯାନ ୨୦୨୫ ର ଶୁଭାରମ୍ଭ ଅବସରରେ କହିଛନ୍ତି। ତେବେ ଦେଖିବାକୁ ବାକି ରହିଲା ନୂତନ ସରକାର ଏହା କେବେ ସଫଳ କରି ଦେଖାଉଛନ୍ତି।



ଲୋକସେବା ଭବନ ଠାରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ସୋଭନା ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ନିକଟରେ ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ଅଛନ୍ତି।

# ବେକାବୁ ହେଉଛି କିଡ୍‌ନୀ ରୋଗ

● କଟକ ସମେତ ୪ ଜିଲ୍ଲାରେ ସ୍ଥିତି ସଙ୍ଗୀନ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ): ଓଡ଼ିଶାରେ ବଢୁଛି କ୍ରୋନିକ କିଡନୀ ରୋଗୀଙ୍କ ସଂଖ୍ୟା। କଟକର ନରସିଂହପୁର, ବଲାଙ୍ଗୀର, ବରଗଡ଼, ସମ୍ବଲପୁର ଜିଲ୍ଲା ଏବେ କିଡନୀ ରୋଗୀଙ୍କ ହବ୍ ପାଲଟିଲାଣି। ମାଲକାନଗିରି, ଢେଙ୍କାନାଳ ଓ ନୟାଗଡ଼ରେ ବି ଚିନ୍ତାଜନକ ସ୍ଥିତି। ଏହି ରୋଗ ବିଶେଷତଃ ନିର୍ମାଣ ଶ୍ରମିକ ଓ କୃଷକଙ୍କଠାରେ ବ୍ୟାପୁଥିବା ଦେଖିବାକୁ ମିଳିଛି। ତେବେ ସବୁଠାରୁ ଉଦ୍‌ବେଗର ବିଷୟ ଯେ ଏହି ରୋଗର କାରଣ ନେଇ କିଛି ବି ସ୍ପଷ୍ଟ ହୋଇପାରୁନାହିଁ। ରାଜ୍ୟରେ ଏବେ ଏପରି ୨୦ ପ୍ରତିଶତ କିଡନୀ ରୋଗୀ ଅଛନ୍ତି, ଯେଉଁମାନଙ୍କଠାରେ ଏହି ରୋଗ କିପରି ଭାବେ ବ୍ୟାପିଲା, ସେନେଇ କିଛି ବି ଜଣାପଡ଼ିନାହିଁ। ସେମାନେ ଠିକ ଭାବେ ପାଣି ପିଅନ୍ତି ନାହିଁ କି ସେମାନଙ୍କ ଇଲେକ୍ଟ୍ରୋଲାଇଟ ବାଲାନ୍ସ ରହୁନି। ଯେଉଁଥିପାଇଁ ସେମାନଙ୍କ କିଡନୀ ଠିକ ଭାବେ କାମ କରେନି। ଏଥିସହ ଅନେକ ଲୋକ ମରକୁରି, କ୍ରୋମିୟମ, ଆର୍ସେନିକ ମିଶା ପାଣି ପିଇ କିଡନୀ ରୋଗରେ ପଡୁଛନ୍ତି। ଅନ୍ୟପଟେ ୬୦ ପ୍ରତିଶତ ଡାଏବେଟିସ ଓ ହାଇପର ଟେନସନ ଯୋଗୁଁ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜାତୀୟ ହାର ଅନୁସାରେ, ରାଜ୍ୟରେ ୪ରୁ ୭ ପ୍ରତିଶତ କ୍ରୋନିକ କିଡନୀ ରୋଗୀ ରହିବା କଥା। ବର୍ତ୍ତମାନ ୧୭ ହଜାର ରୋଗୀଙ୍କ ଡାଇଲିସିସ ହେଉଥିବା ନେଇ ତଥ୍ୟ ରହିଛି। ୩୦ ଜିଲ୍ଲାର ୭୦ଟି ଡାଇଲିସିସ ୟୁନିଟରେ ୬୩୦ଟି ଶଯ୍ୟା ରଖାଯାଇଛି। ସମ୍ବଲପୁର ଓ କଟକରେ ଡାଇଲିସିସ ୟୁନିଟ ଥିବାରୁ ଏଠାକୁ ଅଧିକ ରୋଗୀ ଆସୁଛନ୍ତି। ତେଣୁ ସେଠାରେ ଆଗାମୀ ଦିନରେ ଅଧିକ ଡାଇଲିସିସ ୟୁନିଟ ଖୋଲିବାକୁ ଯୋଜନା କରୁଛି ସ୍ୱାସ୍ଥ୍ୟ ବିଭାଗ। ରାଜ୍ୟର କିଡନୀ ରୋଗର ଚିନ୍ତାଜନକ ସ୍ଥିତିକୁ ନେଇ ରିସର୍ଚ୍ଚ କରିଥିଲା ସ୍ୱାସ୍ଥ୍ୟ ବିଭାଗ। ଯେଉଁଥିରେ ସାମିଲ ଥିଲେ ଏମସ ସହ ବିଭିନ୍ନ ମେଡିକାଲ କଲେଜ ଓ ରାଜ୍ୟ ବାହାରର ବିଶେଷଜ୍ଞ। ଯାହାକୁ ଆଧାର କରି ରାଜ୍ୟରେ ଏକ କ୍ରୋନିକ କିଡନୀ ରୋଗ ରେଜିଷ୍ଟ୍ରି ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି।



## କାର୍ତ୍ତିକରେ ରାଜଭବନରେ ମହାପ୍ରସାଦ ସେବନ

ଭୁବନେଶ୍ୱର, ୩୦।୧୦ (ସଂଚାର ବ୍ୟୁରୋ): ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ରାଜଭବନସ୍ଥିତ ଅଭିଷେକ ହଲ୍‌ରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ ସେବନ କରି ପବିତ୍ର କାର୍ତ୍ତିକ ମାସ ପାଳନ କରିଛନ୍ତି। ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମ୍ପାଟି ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ କମିଶନର୍-ତଥା-ଶାସନ ସଚିବ ରୁପା ରୋଶନ ସାହୁ ଏବଂ ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ମହାପ୍ରସାଦ ସେବନ କରିଥିଲେ।

# ଜାତୀୟ ଜଳପଥ-୫ ଏବଂ ୬୪ର ବିକାଶ ପାଇଁ ବୁଝାମଣା

ଭୁବନେଶ୍ୱର, ୩୦।୧୦(ସଂଚାର ବ୍ୟୁରୋ): ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ, ଓଡ଼ିଶା ସରକାର, ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ମଧ୍ୟରେ ମୁମ୍ବାଇର ନେସ୍କୋ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍ ୨୦୨୫ ସମୟରେ ଜାତୀୟ ଜଳପଥ-୫ ଏବଂ ଜାତୀୟ ଜଳପଥ-୬୪ ର ବିକାଶ ଏବଂ କାର୍ଯ୍ୟକ୍ଷମତା ପାଇଁ ଏକ ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।



ସ୍ଥାୟୀ ମାଲ ପରିବହନ ଏବଂ ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧି ପାଇଁ ଓଡ଼ିଶାର ନଦୀ ପ୍ରଣାଳୀକୁ ଉପଯୋଗ କରିବା ଦିଗରେ ଏହି ଚୁକ୍ତିନାମା ଏକ ପ୍ରମୁଖ ପଦକ୍ଷେପ। ୧୨,୨୦୦ କୋଟି ଟଙ୍କାର ଆନୁମାନିକ ନିବେଶ ସହିତ ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଆଭ୍ୟନ୍ତରୀଣ ଜଳପଥ ମାଧ୍ୟମରେ ତାଳଚେର କୋଇଲା କ୍ଷେତ୍ରରୁ ପାରାଦୀପ ଏବଂ ଧାମରା ବନ୍ଦରକୁ କୋଇଲା ଏବଂ ଅନ୍ୟାନ୍ୟ ବଲ୍କ କାର୍ଗୋର ସୁଗମ ପରିବହନ।ଏହି ପଦକ୍ଷେପ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ, ରାସ୍ତା ଏବଂ ରେଳ ନେଟୱାର୍କକୁ କମ କରିବାରେ ଏବଂ ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ। ଏହା ଭାରତ ସରକାରଙ୍କ ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବ। ଏହି ପ୍ରକଳ୍ପ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ - ଓଡ଼ିଶା ଲିମିଟେଡ୍ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି, ବୈଧାନିକ ମଞ୍ଜୁରୀ ହାସଲ ଏବଂ ଟର୍ମିନାଲ, ବ୍ୟାରେଜ୍ ଏବଂ ନାଭିଗେସନ୍ ସିଷ୍ଟମ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ କରିବାରେ ନେତୃତ୍ୱ ନେବ। ଓଡ଼ିଶା ସରକାର ଜବରଦଖଲମୁକ୍ତ ଜମି ଯୋଗାଇବ, ମଞ୍ଜୁରୀକୁ ସହଜ କରିବ ଏବଂ ପ୍ରଶାସନିକ ସହାୟତା ପ୍ରଦାନ କରିବ। ଏମସିଏଲ ନିଶ୍ଚିତ କାର୍ଗୋ ପରିବହନ ଏବଂ ପ୍ରଥମ ମାଇଲ୍ ସଂଯୋଗୀକରଣ ନିଶ୍ଚିତ କରିବ । ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କାର୍ଗୋ ପରିଚାଳନାକୁ ପ୍ରୋତ୍ସାହିତ କରିବ ଏବଂ ଅନ୍ତର୍ଦେଶୀୟ ଜଳପଥକୁ ମୋଡାଲ୍ ସ୍ଥାନାନ୍ତରକୁ ଉତ୍ସାହିତ କରିବ। କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

## ସମ୍ବଲପୁରରେ ହିଟ୍ ଆଣ୍ଡ ରନ୍: ୨ ମୃତ

ସମ୍ବଲପୁର,୩୦।୧୦ (ସଂଚାର ବ୍ୟୁରୋ): ସମ୍ବଲପୁରରେ ଆଜି ସନ୍ଧ୍ୟାରେ ଏକ ହିଟ୍ ଆଣ୍ଡ ରନ୍ ମାମଲା ଦେଖିବାକୁ ମିଳିଛି। ବାଇକ୍ (ଓଡ଼ି ୧୭ଭି ୭୭୮୭) ଆରୋହୀ ତିନି ଜଣକୁ ସାମ୍ନା ପଟରୁ ଏକ ଦ୍ରୁତଗାମୀ କାର୍ ଧକ୍କା ମାରି ଫେରାର ହୋଇଯାଇଛି। ଏହି ଦୁର୍ଘଟଣାରେ ଜଣେ ମହିଳା ଓ ଜଣେ ନାବାଳିକାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବାଇକ୍ ଚାଳକଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା କୁହାଯାଉଛି। ମୃତକମାନେ ହେଲେ ପାୟଲ ପଟେଲ ଓ ନାବାଳିକା ମାନିଆ। ଗୁରୁତର ଓମ୍ ପଟେଲ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ ଆଜି ସନ୍ଧ୍ୟା ସମୟରେ ଏକ ବାଇକ୍‌ରେ ଭାଇ, ଭଉଣୀ ଓ ସେମାନଙ୍କର ନାବାଳିକା ଝିଅାରି କୌଣସି କାମରେ ଦୁର୍ଗାପାଲି ସେତୁ ଦେଇ ଆଗକୁ ଯାଉଥିଲେ। ଏହି ସମୟରେ ସାମ୍ନା ପଟରୁ ଆସୁଥିବା ଏକ ଦ୍ରୁତଗାମୀ କାର ବ୍ରିଜ୍ ପାର ହେଉଥିବା ପରିବାରକୁ ଧକ୍କା ଦେଇଥିଲା। ଧକ୍କା ଯୋଗୁଁ ମହିଳା ଜଣେ ବ୍ରିଜ୍ ଉପରୁ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ଓ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାନରେ ନାବାଳିକାକୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଓମ୍ ପଟେଲ ଏବେ ଚିକିତ୍ସାଧୀନ ଅଛନ୍ତି।

## ଓଲଟିଲା ଲକ୍ଷ୍ମୀ ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଗୋପ,୩୦।୧୦(ସଂଚାର ବ୍ୟୁରୋ): ଭାରସାମ୍ୟ ହରାଇ ଓଲଟିଲା ଲକ୍ଷ୍ମୀ ବସ୍। ଅଳ୍ପକେ ବର୍ତ୍ତିଲେ ଯାତ୍ରୀ। କାକଟପୁର କୋଣାର୍କ ଅଭିମୁଖେ ଯାଉଥିବା କାଦୁଆ ନଦୀ ଭିତରକୁ ଖସି ପଡିଛି ଲକ୍ଷ୍ମୀବସ। ଭାରସାମ୍ୟ ହରାଇ ଲକ୍ଷ୍ମୀ ବସ୍ ନଦୀକୁ ଖସି ପଡ଼ିଛି। ଷ୍ଟିୟରିଂ ଫେଲ ହେବା ଯୋଗୁଁ ଏଭଳି ଦୁର୍ଘଟଣା ହୋଇଥିବା ନେଇ ଅନୁମାନ କରାଯାଉଛି। ତେବେ ବଡ଼ ଧରଣର ଦୁର୍ଘଟଣାରୁ ବସ୍ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଥିରେ ବସିଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି । ଡ୍ରାଇଭରଙ୍କ କହିବାନୁଯାୟୀ ବସ୍‌ର ଷ୍ଟିୟରିଂ କାମ ନକରିବାରୁ ଦୁର୍ଘଟଣା ଘଟିଛି। ଅନ୍ୟପଟେ ବେପରୁଆ ଗାଡିଚାଳନା ପାଇଁ ଏମିତି ଘଟିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଶେଷରେ ବସ୍ ନଦୀ ଭିତରକୁ ପଶି ଯାଇଥିବା ସେ କହିଛନ୍ତି। ତେବେ ଏହି ଲକ୍ଷ୍ମୀ ବସ ଦୁର୍ଘଟଣା କିଛି ନୂଆ କଥା ନୁହେଁ। ବ୍ରେକ୍ ଫେଲ୍ ହେବା ଯୋଗୁଁ ହେଉ ଅଥବା ଚାଳକଙ୍କର ଅବହେଳା ଯୋଗୁଁ ଲକ୍ଷ୍ମୀ ବସ୍ ପୂର୍ବରୁ ବହୁଥର ଦୁର୍ଘଟଣାର ସାମ୍ନା କରିଛି। ଯଦି ଆମେ ଦେଖିବା ରାଜ୍ୟରେ ଆମ ବସ ଆଉ ଲକ୍ଷ୍ମୀ ବସ ଦୁର୍ଘଟଣା ନୀତିଦିନ ଘଟୁଛି। ବୁଧବାର ଦିନ ବ୍ରେକ୍ ଫେଲ୍ ହୋଇଯିବା ଯୋଗୁ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ କାଙ୍ଗୁଡୁମା ଘାଟି ତଳକୁ ଲକ୍ଷ୍ମୀ ବସ୍ ଖସି ପଡ଼ିଥିଲା। ଫଳରେ ୩ ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଠିକ ସେମିତି ଶୁକପୋଖରୀରୁ ନୟାହାଟ କୋଣାର୍କ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଲକ୍ଷ୍ମୀ ବସ କାକଟପୁରରୁ କୋଣାର୍କ ଅଭିମୁଖେ ଯାଉଥିବା ସମୟରେ ସାନ୍ତରସ ନିକଟରେ ଲକ୍ଷ୍ମୀ ବସଟି ଓଲଟିପଡିଛି।

■ ଏସ୍‌ଆଇ ପରୀକ୍ଷା ନିଯୁକ୍ତି ସ୍କାମ୍

# ୧୧୪ଙ୍କୁ ଜାମିନ୍, ଜେଲରୁ ମୁକୁଳିଲେ ୯୪



ବ୍ରହ୍ମପୁର,୩୦।୧୦ (ସଂଚାର ବ୍ୟୁରୋ): ପୁଲିସ ଏସଆଇ ନିଯୁକ୍ତି ମହାକେଳେଙ୍କାରୀ ଘଟଣାରେ ଆଜି ବ୍ରହ୍ମପୁର ଜେଲ୍ ରୁ ମୁକୁଳିଛନ୍ତି ଗିରଫ ହୋଇଥିବା ମୋଟ ୯୪ ଜଣ ପରୀକ୍ଷାର୍ଥୀ। ବୁଧବାର ୫୦ ହଜାର ଟଙ୍କା ଏବଂ

● ମୁନା ମହାନ୍ତିଙ୍କ ସମେତ ୯ ଦଲାଲଙ୍କୁ ଜାମିନ ମିଳିନି

● ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ପତ୍ତା ଏପର୍ଯ୍ୟନ୍ତ ମିଳିନି

୨ ଜାମିନଦାରଙ୍କ ବଦଳରେ ଏମାନଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର କୋର୍ଟ ଜାମିନ୍ ଦେଇଥିଲେ। ତେବେ ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତିଙ୍କ ସମେତ ୯ ଦଲାଲଙ୍କୁ ଜାମିନ ମିଳିନି। ନିଯୁକ୍ତି କେଳେଙ୍କାରୀ ଘଟଣାରେ ୧୧୪ ପରୀକ୍ଷାର୍ଥୀଙ୍କ ସମେତ ୩ ଦଲାଲଙ୍କୁ ପୁଲିସ୍ ଗିରଫ କରିଥିଲା। ଭୁବନେଶ୍ୱରରୁ ୩ଟି ବସ ଯୋଗେ ବିଜୟୱାଡା ଯିବାବେଳେ ଶ୍ରୀକାକୁଲମରୁ ବ୍ରହ୍ମପୁର ପୁଲିସ୍ ଧରିଥିଲା। ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ ପୂର୍ବରୁ କରିଥିବା ବେଳେ ଏବେ ଏହି ମାମଲାର ସିବିଆଇ ତଦନ୍ତ ସୁପାରିସ କରିଥିଲେ ସରକାର।

ମାମଲାରେ ଏଯାଏଁ ୧୨୩ ଜଣ ଗିରଫ ହୋଇଛନ୍ତି। ୧୧୪ ଆଶାୟୀ ଓ ୯ ଦଲାଲ ଗିରଫ ହୋଇଛନ୍ତି। ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ହାଇକୋର୍ଟରେ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ପତ୍ନୀ ଦୀପ୍ତିମୟୀ ସାହୁଙ୍କ ଆଗୁଆ ଜାମିନ ଆବେଦନ ଖାରଜ ହୋଇଛି। ଏଭଳି ସଙ୍ଗିନ ମାମଲାରେ ଆଗୁଆ ଜାମିନ ଦେବାକୁ ହାଇକୋର୍ଟ ମନା କରିଥିଲେ। ପୁଲିସ ଏସଆଇ ଚାକିରି ଲାଗି କୋଟି କୋଟି ଟଙ୍କାର ଅର୍ଥ କାରବାର ହୋଇଥିବା ସନ୍ଦେହ କରାଯାଉଛି। ପ୍ରତି ଆଶାୟୀ ପରୀକ୍ଷାଙ୍କ ପିଛା ୨୫ ଲକ୍ଷ ନେବାକୁ ଡିଲ୍ ହୋଇଥିଲା। ପ୍ରତି ଆଶାୟୀ ୧୦ ଲକ୍ଷ ଲେଖାଏଁ ଅଗ୍ରୀମ ଦେଇଥିଲେ। ସେମାନଙ୍କୁ ପରୀକ୍ଷା ପୂର୍ବରୁ ଉତ୍ତର ପୁସ୍ତିକା ସହ ଅଭ୍ୟାସ କରିବାକୁ ଆନ୍ଧ୍ରପ୍ରଦେଶ ନିଆଯାଉଥିଲା।

● ମୁଖ୍ୟମନ୍ତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଘଟଣା

# ପ୍ରଧାନଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ

ଭଦ୍ରକ, ୩୦।୧୦ (ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତିଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେବା ଜନୈକ ପ୍ରଧାନଶିକ୍ଷକଙ୍କ ପାଇଁ ମହଙ୍ଗା ପଡ଼ିଛି। ଯାହାକୁ ନେଇ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ଦୀର୍ଘ ୮୦ ବର୍ଷ ପରେ ଭୂଦାନ ଗ୍ରାମରୁ ରାମପୁର ଓ ଦଶିଆବସାକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ହେବାକୁ ଯାଉଥିବାରୁ ଏହାକୁ ନେଇ ଶିକ୍ଷାବିତ ପ୍ରଫୁଲ୍ଲ ଦାସ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତିଙ୍କୁ ଧନ୍ୟବାଦ ଜଣାଇ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ। ହେଲେ ଏହି ପୋଷ୍ଟରେ କିସ୍ମତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜକିଶୋର ଦାସ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏହା ବିରୋଧରେ କେତେକ ବିଜେପି କର୍ମୀ ଅଭିଯୋଗ କରିଛନ୍ତି।

ଇଣ୍ଡିଆ ମେରିଟାଇମ୍ ସପ୍ତାହ

# ‘ଐତିହ୍ୟ ଓ ଆଶାର ଯାତ୍ରା’କୁ ଶ୍ରେଷ୍ଠ ଷ୍ଟଲ୍ ପୁରସ୍କାର



ଭୁବନେଶ୍ୱର, ୩୦।୧୦ (ସଂଚାର ବ୍ୟୁରୋ): ପୂର୍ବ ଭାରତର ସାମୁଦ୍ରିକ ପ୍ରବେଶ ଦ୍ୱାର ଓଡ଼ିଶା ପୁଣି ଥରେ ଏକ ଜାତୀୟ ମଞ୍ଚରେ ଏହାର ସାମୁଦ୍ରିକ ଶକ୍ତି, ନବସୃଜନ ଏବଂ ସାଂସ୍କୃତିକ ଗଭୀରତା ପ୍ରଦର୍ଶନ କରିଛି। ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍ ସପ୍ତାହରେ ଓଡ଼ିଶା ରାଜ୍ୟ ଷ୍ଟଲ୍ ଏହାର ସୃଜନଶୀଳ ଡିଜାଇନ୍, ଆକର୍ଷଣୀୟ ବିଷୟବସ୍ତୁ ଓ ରାଜ୍ୟର ସାମୁଦ୍ରିକ ଐତିହ୍ୟକୁ ସ୍ୱୀକୃତି ଦେଇ ଶ୍ରେଷ୍ଠ ଷ୍ଟଲ୍ ବିବେଚିତ ହୋଇଛି। ଏହି ପୁରସ୍କାର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପ୍ରଦାନ କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ଶାସନ ସଚିବ ବିଧାନ ଚନ୍ଦ୍ର ରାୟ ବନ୍ଦର ଓ ଆଇ ଡବ୍ଲ୍ୟୁଟି ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଓ କ୍ୟାପଟେନ୍ ସୁଶାନ୍ତ ରାଉଳ ବାଗ ସିଏନ୍‌ଓ, ଓଏମ୍‌ବି ଗ୍ରହଣ କରିଥିଲେ। ଓଡିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଓଡ଼ିଶା ସାମୁଦ୍ରିକ ବୋର୍ଡ ଦ୍ୱାରା ସଂଯୋଜିତ, ଷ୍ଟଲ୍ ‘ଓଡିଶା - ଐତିହ୍ୟ ଏବଂ ଆଶାର ଯାତ୍ରା’ ବିଷୟବସ୍ତୁ ଉପରେ ଡିଜାଇନ୍ କରାଯାଇଥିଲା। ଏହା ଓଡ଼ିଶାର ନୌବାଣିଜ୍ୟ ଯାତ୍ରାର ବିବର୍ତ୍ତନକୁ ସ୍ପଷ୍ଟ ଭାବରେ କଏଦ କରିଥିଲା - ପ୍ରାଚୀନ ବୋଇତା ବନ୍ଦନା ପରମ୍ପରା ଏବଂ କଳିଙ୍ଗର ଜାହାଜ ନିର୍ମାଣ କାରିଗରୀଠାରୁ ଆରମ୍ଭ କରି ରାଜ୍ୟର ଆଧୁନିକ ବନ୍ଦର-ନେତୃତ୍ୱାଧୀନ ବିକାଶ, ଜାହାଜ ନିର୍ମାଣ କ୍ଲଷ୍ଟର, ଆଭ୍ୟନ୍ତରୀଣ ଜଳପଥ, କ୍ରୁଜ୍ ପର୍ଯ୍ୟଟନ ଏବଂ ନୀଳ ଅର୍ଥନୀତି ପଦକ୍ଷେପ ପର୍ଯ୍ୟନ୍ତ। ଓଡ଼ିଶା ଷ୍ଟଲ୍ ଏହାର ନିବିଡ଼ କାହାଣୀ କହିବା ଏବଂ ସୃଜନଶୀଳ ଚିତ୍ରଣ ପାଇଁ ବିଶିଷ୍ଟ ବ୍ୟକ୍ତି, ଶିଳ୍ପ ନେତା ଏବଂ ପରିଦର୍ଶକଙ୍କଠାରୁ ବ୍ୟାପକ ପ୍ରଶଂସା ଆକର୍ଷିତ କରିଥିଲା।

● ବ୍ରାଉନସୁଗର କାରବାର

# ୪ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଭୁବନେଶ୍ୱର,୩୦।୧୦(ସଂଚାର ବ୍ୟୁରୋ) : ବ୍ରାଉନସୁଗର କାରବାର ପାଇଁ ୨୦ ବର୍ଷ ଜେଲ ଦଣ୍ଡ। ଚାରିଜଣ ଅଭିଯୁକ୍ତଙ୍କୁ ୧୦ଜଣ ସାକ୍ଷୀ ଓ ୨୮ଟି ଡକ୍ୟୁମେଣ୍ଟ ଆଧାରରେ ସଜା ଶୁଣାଇଲେ ସ୍ୱତନ୍ତ୍ର କୋର୍ଟ। ୨୦୨୨ ମସିହା ମାର୍ଚ୍ଚ ୧୦ ତାରିଖରେ ଜଟଣୀ ରାଜା ବଜାର ଗଜପତି ନଗରୁ ଜବତ ହୋଇଥିଲା ୧କେଜି ୩୨୦ଗ୍ରାମ ବ୍ରାଉନସୁଗର। ଜବତ ବ୍ରାଉନସୁଗର ସହ କାରବାର କରୁଥିବା ଚାରି ଜଣଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍। ଏହି ମାମଲାରେ ଏସ କେ ଇରାନ୍,ଏସ କେ ସମୀର, ସୟେଦ ଇମତାଜ ଓ ରତିରଞ୍ଜନ ରାଉତଙ୍କୁ ଦଣ୍ଡ ଶୁଣାଇଛନ୍ତି କୋର୍ଟ। ପ୍ରତ୍ୟେକଙ୍କୁ ଏକ ଲକ୍ଷ ଲେଖାଏଁ ଜରିମାନା ସହ ଅନାଦେୟ ୨ବର୍ଷ ଅଧିକ ଜେଲ ମଧ୍ୟ ଶୁଣାଣି କରିଛନ୍ତି କୋର୍ଟ। ଏନେଇ ସୂଚନା ଦେଇଛନ୍ତି କେସ ପରିଚାଳନା କରୁଥିବା ସରକାରୀ ଓକିଲ ରଶ୍ମି ରଞ୍ଜନ ବ୍ରହ୍ମା।

## ବିଦ୍ୟୁତ୍ ଖୁଣ୍ଟ ପଡ଼ି ଛାତ୍ର ଗୁରୁତର




ସୋର, ୩୦।୧୦(ସଂଚାର ବ୍ୟୁରୋ): ବିଦ୍ୟୁତ ଖୁଣ୍ଟ ପଡି ଜଣେ ନବମ ଶ୍ରେଣୀର ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଛାତ୍ର ଜଣଙ୍କ ହେଲେ ସୋର ଥାନା ସରଶଙ୍ଖ ଗ୍ରାମର ଦେବାଶିଷ ବେହେରା(୧୪)। ଦେବାଶିଷ ନିକଟସ୍ଥ ସରଶଙ୍ଖ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢନ୍ତି। ଗୁରୁବାର ସକାଳେ ଟିଉସନରୁ ଫେରୁଥିବା ବେଳେ ପଞ୍ଚାୟତ ଅଫିସ ପାଖ ଗୁଲାସାହି ନିକଟରେ ଏକ କୁକୁଡା ବୋଝେଇ ଟ୍ରକ୍ ରାସ୍ତା କଡ଼ରେ ଥିବା ବିଦ୍ୟୁତ ଖୁଣ୍ଟକୁ ଧକା ଦେଇଥିଲା। ଫଳରେ ବିଦ୍ୟୁତ ଖୁଣ୍ଟଟି ଦେବାଶିଷଙ୍କ ସାଇକେଲ ଉପରେ ପଡ଼ିବାରୁ ଦେବାଶିଷଙ୍କର ସାଇକେଲ ଭାଙ୍ଗିବା ସହିତ ସେ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ତୁରନ୍ତ ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଡ୍ରାଇଭର ଓ ହେଲପର୍ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସୋର ପୁଲିସ ଗାଡିକୁ ଜବତ କରି ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀଙ୍କ ଯୋଗଦାନ

ନୂଆପଡା / ଭୁବନେଶ୍ୱର, ୩୦।୧୦ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ବିକଶିତ ନୂଅପଡ଼ା ଗଠନ ପାଇଁ ୧୧୦୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମାଝୀଙ୍କ ଉପରେ ଆସ୍ଥା ପ୍ରକଟ କରି ନୂଆପଡ଼ାସ୍ଥିତ ବିଜେପି କାର୍ଯ୍ୟାଳୟରେ ଏହି ନିର୍ବାଚନମଣ୍ଡଳୀର ବିଜେଡ଼ି ଓ କଂଗ୍ରେସର ଶତାଧିକ ସକ୍ରିୟ ମହିଳା ଓ ପୁରଷ କାର୍ଯ୍ୟକର୍ତ୍ତା ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ନୂତନ କାର୍ଯ୍ୟକର୍ତାମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ମିଶ୍ରଣ ପର୍ବରେ ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ପାତ୍ର ଏବଂ ନୂଆପଡ଼ା ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

ବିଜେପିର ମିଶ୍ରଣ ପର୍ବ




ଲକ୍ଷ୍ମୀପୁରରେ ବାଘ ଆତଙ୍କ

# ବନ ବିଭାଗ କହୁଛି ‘ମାଛଖିଆ ବିଲେଇ’



ଛତ୍ରପୁର, ୩୦।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗାଁ ଓ ତାହାର ଆଖିପାଖି ଅଞ୍ଚଳରେ ଗତ କିଛିଦିନ ଧରି ଏକ ବାଘ ବୁଲୁଥିବା ଗୁଜବ ଚାଲିଛି। ଗ୍ରାମବାସୀ ରାତିରେ ଅଜଣା ଜନ୍ତୁ ଦେଖିଥିବା ଓ ଚାଷ ଜମି ନିକଟରେ ବଡ଼ ପାଦଚିହ୍ନ ମିଳିଥିବା ଅଭିଯୋଗ କରିଥିବାରୁ ଭୟର ପରିବେଶ ସୃଷ୍ଟି ହୋଇଛି। ସୂଚନା ମିଳିବା ସହ ଫରେଷ୍ଟର ବାବୁଲା ସେଠୀ ଦଳ ସହ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଛନ୍ତି। ସେମାନେ ଜମିରେ ପାଦ ଚିହ୍ନ ମାପି ତାହାର ଆକାର ଓ ଆକୃତି ଯାଞ୍ଚ କରିଛନ୍ତି। ତାର ବାଡ଼ ନିକଟରୁ ମିଳିଥିବା ଲୋମ ନମୁନାକୁ ସଂଗ୍ରହ କରି ଜିଲ୍ଲା ବନ ଅଧିକାରୀ ଏବଂ ବନ୍ୟପ୍ରାଣୀ ବିଭାଗକୁ ପଠାଯାଇଛି। ପ୍ରାରମ୍ଭିକ ଯାଞ୍ଚ ପରେ ବନ ବିଭାଗ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ଏହି ପାଦଚିହ୍ନ ବାଘର ନୁହେଁ। ସମ୍ଭବତଃ ଏହା ‘ମାଛଖିଆ ବିଲେଇ’ ନାମକ ଜନ୍ତୁ ହୋଇପାରେ, ଯାହା ଗଞ୍ଜାମର କିଛି ଜଳାଶୟ ଓ ଘାସ ଭୂମି ଅଞ୍ଚଳରେ ମିଳେ। ଏହି ବିଲେଇ ଆକୃତିରେ ଛୋଟ ବାଘ ପରି ଦେଖାଯାଏ, ଯାହା ଫଳରେ ଗ୍ରାମବାସୀ ଭ୍ରମିତ ହୋଇଥିବା ସମ୍ଭାବନା ଅଛି। ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଅସତ୍ୟ ଗୁଜବ ସୃଷ୍ଟିକରିବାକୁ ନିଷେଧ କରାଯାଇଛି। ଗାଁ ନିକଟରେ ରାତିରେ ଚଳଚଳା ନ କରିବାକୁ ପରାମର୍ଶ ଦିଆଯାଇଛି।

ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ

# ଗୁରୁଡ଼ିଝାଟିଆ କଲେଜ ଅଧ୍ୟକ୍ଷଙ୍କୁ ବଦଳି କର

ଭୁବନେଶ୍ୱର, ୩୦।୧୦ (ସଂଚାର ବ୍ୟୁରୋ): ଉଚ୍ଚଶିକ୍ଷା ବିଭାଗ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗୁରୁଡିଝାଟିଆ କଲେଜର ଅଧ୍ୟକ୍ଷ ଅଶୋକ ସାମନ୍ତରାୟଙ୍କ ବର୍ଷକ ତଳର ବଦଳି ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଠଗଡ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବହୁଚର୍ଚ୍ଚିତ ଏହି ଅଧ୍ୟକ୍ଷଙ୍କ ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କିମ୍ବା ପ୍ରତ୍ୟାହାର କରିବାକୁ ନେଇ ହାଇକୋର୍ଟରେ ଉଭୟ ଅଭିଯୋଗକାରୀ ଅଧ୍ୟାପିକା, ପ୍ରାଧ୍ୟାପକ ଓ ଅଭିଯୁକ୍ତ ସାମନ୍ତରାୟଙ୍କ ତରଫରୁ ଅନେକ ଗୁଡ଼ିଏ ମାମଲା ଦାୟର ହୋଇଥିଲା।

ଅଧ୍ୟାପିକା ରଶ୍ମିତା ବେହେରା ଓ ଅନ୍ୟ ଅଧ୍ୟାପିକାମାନଙ୍କ ମାମଲାରେ ମୁଖ୍ୟ ଶାସନ ସଚିବଙ୍କୁ ମିଶାଇ ଛଅ ଜଣକୁ ହାଇକୋର୍ଟଙ୍କ ତରଫରୁ ନୋଟିସ କରାଯାଇଥିଲା। ହାଇକୋର୍ଟରେ ଆବେଦନକାରିଣୀ ୩ ଜଣ ଅଧ୍ୟାପିକା ସୁଶ୍ରୀ ରଶ୍ମିତା ବେହେରା, ରୋଜାଲି ରଶ୍ମିତା ଓ ସୁଷମା ବେହେରାଙ୍କ ତରଫରୁ ଆଗତ ମାମଲାର ବିଚାର ଅବସରରେ ବିଚାରପତି ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ପ୍ରତିପକ୍ଷ ଛଅ ଜଣଙ୍କୁ ନୋଟିସ ଜାରି କରିବା ସହ ଆନ୍ତରୀଣ ଆଦେଶରେ ଆବେଦନ ବିଚାରଧୀନ ଥିବାବେଳେ କାମଚଳା ଅଧ୍ୟକ୍ଷଙ୍କ ବଦଳି ଆଦେଶକୁ କାର୍ଯ୍ୟକାରୀ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ, ନିର୍ଦ୍ଦେଶକ, କଟକ ଜିଲ୍ଲାପାଳ ଓ ଆଠଗଡ ଉପଜିଲ୍ଲାପାଳ ତଥା ଗୁରୁଡିଝାଟିଆ କଲେଜର ପରିଚାଳନା କମିଟିର ସଭାପତିଙ୍କୁ ନୋଟିସ ଜାରି କରିବା ସହ ଅଭିଯୁକ୍ତ ଅଶୋକ ସାମନ୍ତରାୟଙ୍କୁ ମଧ୍ୟ ପକ୍ଷ ରଖିବାକୁ କୁହାଯାଇଥିଲା।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆଧାରରେ ୨୦୨୪ ଅକ୍ଟୋବର ୨୩ ତାରିଖରେ ଗୁରୁଡିଝାଟିଆ କଲେଜର କାମଚଳା ଅଧ୍ୟକ୍ଷ ଅଶୋକ କୁମାର ସାମନ୍ତରାୟଙ୍କୁ ଗଞ୍ଜାମ ଜିଲ୍ଲାର ଆସ୍କା ବିଜ୍ଞାନ ମହାବିଦ୍ୟାଳୟକୁ ବଦଳି କରା ଯାଇଥିଲା। ତାଙ୍କ ସ୍ଥାନରେ ସେହି କଲେଜର ରାଜନୀତି ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅବସ୍ଥାପିତ କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ପରିଚାଳନା କମିଟିର ସଭାପତି ତଥା ଆଠଗଡ ଉପଜିଲ୍ଲାପାଳ ତା ପର ଦିନ ଅର୍ଥାତ୍ ଅକ୍ଟୋବର ୨୪ ତାରିଖରେ ଶ୍ରୀ ସାମନ୍ତରାୟଙ୍କୁ କର୍ମଚ୍ୟୁତ କରିଥିଲେ। ଶ୍ରୀ ସାମନ୍ତରାୟ ତାଙ୍କର ବଦଳି ଆଦେଶକୁ ରଦ୍ଦ କରିବା ଲାଗି ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ୨୦୨୪ ଅକ୍ଟୋବର ୩୦ ତାରିଖରେ ସରକାରଙ୍କ ବଦଳି ଆଦେଶକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ହାଇକୋର୍ଟଙ୍କ ନୋଟିସ ପାଇବା ପରେ ଆଠଗଡ ଉପଜିଲ୍ଲାପାଳ ରିଲିଭ ଆଦେଶକୁ ପ୍ରତ୍ୟାହାର କରିନେଇଥିଲେ। ନଭେମ୍ବର ୧୨ ତାରିଖ ଦିନ ମାମଲାଟିର ପୁନଃ ଶୁଣାଣି ବେଳେ ଶ୍ରୀ ସାମନ୍ତରାୟ ମାମଲାଟିକୁ ଆଉ ଆଗକୁ ନ ନେବାକୁ ଉତ୍ତର ରଖିଥିଲେ। ଏହାପରେ ମାମଲାଟିର ଅନ୍ତ ଘଟିଲା ବୋଲି କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଥିଲେ। ନିଜ ସପକ୍ଷରେ ହାଇକୋର୍ଟଙ୍କ ରାୟ ରହିଥିବା ଦର୍ଶାଇ ରାଜ୍ୟ ସରକାରଙ୍କ ଜାରୀ ବଦଳି ଆଦେଶ ବଳବତ୍ତର ଥିବା ସତ୍ତ୍ୱେ ସେ ଅଧ୍ୟକ୍ଷ ପଦବୀରେ ବେଆଇନ ଭାବେ ରହିଥିଲେ। ପ୍ରକୃତରେ ବଦଳି ଆଦେଶ କିନ୍ତୁ ପ୍ରତ୍ୟାହୃତ ହୋଇନଥିଲା। ବେଆଇନ ଭାବେ ଚତୁରତାର ସହ ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ନେବା ଓ ଆର୍ଥିକ କ୍ଷମତାର ଦୁରୁପଯୋଗ କରୁଥିବା ଦର୍ଶାଇ ଆଠଗଡ ଉପଜିଲ୍ଲାପାଳ ଚଳିତ ବର୍ଷ ଜୁଲାଇ ୧୭ତାରିଖରେ ହାଇକୋର୍ଟରେ ଏକ ଆନ୍ତରୀଣ ଆବେଦନ ପତ୍ର ଦାଖଲ କରି ଥିଲେ। ହାଇକୋର୍ଟ ଏହି ମାମଲାର ପୁର୍ନବିଚାର କରିବା ସହ ଗତ ତା ୨୫-୦୮-୨୫ ରେ ତାଙ୍କର ଚୁଡାନ୍ତ ରାୟ ପ୍ରକାଶ କଲେ। ଆଜି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ସମସ୍ତ ମାମଲାର ଅନ୍ତ ଘଟିଛି ବୋଲି କୁହାଯାଉଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଏନ୍‌ଭିଡିଆ ପାଲଟିଲା ୫ ଟ୍ରିଲିୟନ ଡଲାର କମ୍ପାନି

ନୂଆଦିଲ୍ଲୀ,୩୦।୧୦: ସେମିକଣ୍ଡକ୍ଟର ଚିପ୍ ପ୍ରସ୍ତୁତକାରୀ ଆମେରିକୀୟ କମ୍ପାନି ଏନ୍‌ଭିଡିଆର ମାର୍କେଟ କ୍ୟାପ୍ ପ୍ରଥମ ଥର ପାଇଁ ୫ ଟ୍ରିଲିୟନ ଡଲାର ବା ୪୫୩ ଲକ୍ଷ କୋଟି ଟଙ୍କା ପାର୍ କରିଯାଇଛି । ଏହି ଉପଲବ୍ଧି ହାସଲ କରିବାରେ ଏନ୍‌ଭିଡିଆ ହେଉଛି ବିଶ୍ୱର ପ୍ରଥମ କମ୍ପାନି ।




ତେବେ ଏହି ଅଙ୍କ ଭାରତର ଜିଡିପିଠାରୁ ୯୦ ଲକ୍ଷ କୋଟି ଟଙ୍କା ଅଧିକ । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ମୁତାବକ, ଭାରତର ଜିଡିପି ଏବେ ରହିଛି ୪.୧୩ ଟ୍ରିଲିୟନ ଡଲାର ଅର୍ଥାତ୍ ୩୬୪ ଲକ୍ଷ କୋଟି ଟଙ୍କା । ଏନ୍‌ଭିଡିଆ ପରେ ମାଇକ୍ରୋସଫ୍ଟ ଏବଂ ଆପଲ ହେଉଛନ୍ତି ବିଶ୍ୱର ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ବହୁ ମୂଲ୍ୟବାନ କମ୍ପାନି ।

ମାଇକ୍ରୋସଫ୍ଟର ମାର୍କେଟ୍ କ୍ୟାପ୍ ୪.୦୩ ଟ୍ରିଲିୟନ ଡଲାର ବା ୩୫୬ ଲକ୍ଷ କୋଟି ଟଙ୍କା ରହିଛି । ସେହିଭଳି ଆପଲ୍‌ର ଏମ୍‌କ୍ୟାପ୍ ୪.୦୨ ଟ୍ରିଲିୟନ ଡଲାର ବା ୩୫୫ ଲକ୍ଷ କୋଟି ଟଙ୍କା । ଦିନକ ତଳେ

## ଭାରତର ଜିଡିପିଠାରୁ ୯୦ ଲକ୍ଷ କୋଟି ଟଙ୍କା ଅଧିକ

ଆପଲ୍ ୪ ଟ୍ରିଲିୟନ ଡଲାରର ମାର୍କେଟ୍ କ୍ୟାପ୍ ପାର୍ କରିଥିଲା । ଚତୁର୍ଥ ବହୁମୂଲ୍ୟ କମ୍ପାନି ଆଲ୍‌ଫାବେଟ୍‌ର ଏମ୍‌କ୍ୟାପ୍ ୩.୨୫ ଟ୍ରିଲିୟନ ଏବଂ ପଞ୍ଚମ ବହୁମୂଲ୍ୟ କମ୍ପାନି ଆମାଜନ୍‌ର ବଜାର ମୂଲ୍ୟ ୨.୪୫ ଟ୍ରିଲିୟନ ଡଲାର ରହିଛି ।

ବୁଧବାର କାରବାର ମଝିରେ ଏନ୍‌ଭିଡିଆର ସେୟାର ମୂଲ୍ୟରେ ୪.୫% ବୃଦ୍ଧି ଦେଖିବାକୁ ମିଳିଥିଲା । ଫଳରେ ଏହା ୨୧୦ ଡଲାର ବା ୧୮,୫୩୪ ଟଙ୍କାରେ କାରବାର କରୁଥିଲା । ଏଥିସହିତ କମ୍ପାନିର ଏମ୍‌କ୍ୟାପ୍ ବଢ଼ି ପ୍ରଥମ ଥର ୫.୧୩ ଟ୍ରିଲିୟନ ଡଲାର ପାର୍ କରିଯାଇଛି । ୩ ମାସ ତଳେ କମ୍ପାନିର ବଜାର ମୂଲ୍ୟ ୪ ଟ୍ରିଲିୟନ ଡଲାର ପାର୍ କରିଥିଲା ।

# ବଙ୍କର ନିର୍ମାଣ କରୁଛନ୍ତି ମାର୍କ



ନୂଆଦିଲ୍ଲୀ,୩୦।୧୦: ବିଶ୍ୱର ସବୁଠାରୁ ଧନୀ ଏବଂ ଶକ୍ତିଶାଳୀ ବ୍ୟକ୍ତିମାନେ ଏବେ ଆକାଶରେ ନୁହେଁ, ଭୂତଳରେ ଘର ନିର୍ମାଣ କରୁଛନ୍ତି। ଫେସବୁକ (ବର୍ତ୍ତମାନ ମେଟା) ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ହାୱାଇରେ ତାଙ୍କର ୧,୪୦୦ ଏକର ସମ୍ପତ୍ତି ପାଇଁ ଚର୍ଚ୍ଚାରେ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଏହି ସମ୍ପତ୍ତି ମଧ୍ୟରେ ଏକ ଭୂତଳ ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି, ଯେଉଁଠାରେ ବିଦ୍ୟୁତ କିମ୍ବା ଖାଦ୍ୟର କୌଣସି ଅଭାବ ରହିବ ନାହିଁ। ସମଗ୍ର କମ୍ପ୍ଲେକ୍ସଟି ଛଅ ଫୁଟ ଉଚ୍ଚ କାନ୍ଥ ଦ୍ୱାରା ଘେରି ରହିଛି ଏବଂ କର୍ମଚାରୀମାନଙ୍କୁ ଗୋପନୀୟତା ବଜାୟ ରଖିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯଦିଓ ଜୁକରବର୍ଗ ଏହାକୁ କେବଳ ଏକ ଛୋଟ ତହବିଲ ଭାବରେ ବର୍ଣ୍ଣନା କରୁଛନ୍ତି, ସ୍ଥାନୀୟ ଲୋକମାନେ ଏବଂ ଗଣମାଧ୍ୟମ ଏହାକୁ ଏକ ବଙ୍କର କହୁଛନ୍ତି। ପ୍ରଶ୍ନ ହେଉଛି, କୋଟିପତି ଏପରି ପ୍ରସ୍ତୁତି କାହିଁକି କରୁଛନ୍ତି ? ଲିଙ୍କଡଇନ ସହ-ପ୍ରତିଷ୍ଠାତା ରିଡ ହଫମ୍ୟାନ କିଛି ବର୍ଷ ପୂର୍ବରୁ ଆପୋକଲିପ୍ସ ଇନସୁରାନ୍ସ ବିଷୟରେ ଉଲ୍ଲେଖ କରିଥିଲେ। ଏହା ଏକ ସୁରକ୍ଷା ଯାହା ବିଶ୍ୱର ଶେଷ ପରି ପରିସ୍ଥିତିରେ ମଧ୍ୟ ଆପଣଙ୍କୁ ସୁରକ୍ଷା ଦେଇପାରିବ। ଏହି ଧାରଣାକୁ ମନରେ ରଖି ହଫମ୍ୟାନ ନିଜେ ନ୍ୟୁଜିଲାଣ୍ଡରେ ଏକ ଘର ତିଆରି କରିଥିଲେ। ଏହି ଧାରା ବର୍ତ୍ତମାନ ଅନ୍ୟ ଟେକ ଜାଏଣ୍ଟମାନଙ୍କ ମଧ୍ୟରେ ଦେଖାଯାଉଛି। ଆମେରିକାରୁ ୟୁରୋପ ପର୍ଯ୍ୟନ୍ତ, ଅନେକ କୋଟିପତି ଗୁପ୍ତ ଭାବରେ ନିଜର ନିରାପଦ ସ୍ଥାନ ନିର୍ମାଣ କରୁଛନ୍ତି। କେତେକଙ୍କ ପାଇଁ, ଏହା ଭବିଷ୍ୟତ ନିମନ୍ତେ ଏକ ସୁରକ୍ଷା। ଅନ୍ୟମାନଙ୍କ ପାଇଁ, ଏହା କେବଳ ନିବେଶ କରିବାର ଏକ ଉପାୟ। ଏହି ବଙ୍କରଗୁଡ଼ିକ ପଛରେ ଆଉ ଏକ ପ୍ରମୁଖ କାରଣ ହେଉଛି କୃତ୍ରିମ ବୁଦ୍ଧିମତ୍ତା (ଏଆଇ)। ଓପନ୍ ଏଆଇର ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ, ଆମେ ଖୁବଶୀଘ୍ର କୃତ୍ରିମ ସାଧାରଣ ବୁଦ୍ଧିମତ୍ତା (ଏଜିଆଇ) ର ଯୁଗରେ ପହଞ୍ଚିପାରୁ, ଅର୍ଥାତ୍ ଏପରି ମେଶିନ ଯାହା ମଣିଷ ପରି ବୁଦ୍ଧିମତ୍ତା ଏବଂ ବୁଝାମଣା ରଖିବ।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୦,୪୯୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୦,୪୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୦,୪୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୦,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୦,୪୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୦,୪୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୦,୬୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୦,୬୦୦ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୧,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୧,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୦,୪୯୦ ଓ ୧,୧୦,୪୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୧,୦୦୦ ଟଙ୍କା ହୋଇଛି ।

# ହ୍ୱାଟ୍ସଆପ୍‌ରେ ଶୀଘ୍ର ଯୋଡ଼ିପାରିବେ କଭର ଫଟୋ

ନୂଆଦିଲ୍ଲୀ,୩୦।୧୦: ଯଦି ଆପଣ ହ୍ୱାଟ୍ସଆପ୍ ବ୍ୟବହାର କରନ୍ତି, ତେବେ ଆପଣଙ୍କ ପାଇଁ ଏକ ବଡ଼ ଖବର ଅଛି। ଏହି ଫିଚର ବିଷୟରେ ଜାଣିବା ପରେ ଆପଣ ମାର୍କ ଜୁକରବର୍ଗଙ୍କୁ ଧନ୍ୟବାଦ ଜଣାଇବେ। ହ୍ୱାଟ୍ସଆପ୍ରେ ଏପର୍ଯ୍ୟନ୍ତ କଭର ଫଟୋ ବିକଳ୍ପ ନାହିଁ, କିନ୍ତୁ ଶୀଘ୍ର ଆପଣ ଏକ କଭର ଫଟୋ ଯୋଡିପାରିବେ। ଏହା ଫେସବୁକ୍ ଏବଂ ଲିଙ୍କଡିନ୍ ପରି ହେବ। ସୋସିଆଲ ନେଟୱାର୍କିଂ ଆକାଉଣ୍ଟଗୁଡ଼ିକୁ ପର୍ସନାଲ କରିବାରେ ପ୍ରୋଫାଇଲ ଫଟୋ ଏବଂ କଭର ଫଟୋ ଉଭୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏପର୍ଯ୍ୟନ୍ତ କଭର ଫଟୋ ଫିଚର କେବଳ ହ୍ୱାଟ୍ସଆପ୍ ବ୍ୟବସାୟ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ଥିଲା, କିନ୍ତୁ ବର୍ତ୍ତମାନ ମେଟା-ମାଲିକାନାଧୀନ ମେସେଜିଂ ପ୍ଲାଟଫର୍ମ ଏହାକୁ ସମସ୍ତ ବ୍ୟବହାରକାରୀଙ୍କ ପାଇଁ ରୋଲ ଆଉଟ କରିବାକୁ ପ୍ରସ୍ତୁତ ହେଉଛି। ଏହି ଫିଚର ବର୍ତ୍ତମାନ ଡେଭେଲପ୍‌ମେଣ୍ଟ ଷ୍ଟେଜରେ ଅଛି ଏବଂ ଆଗାମୀ ଅପଡେଟରେ ଜାରି ହୋଇପାରେ। ଫିଚର ଟ୍ରାକର




ର ଏକ ରିପୋର୍ଟ ଅନୁଯାୟୀ, ହ୍ୱାଟ୍ସଆପ୍ ଏକ ନୂତନ ଫିଚର ଉପରେ କାମ କରୁଛି, ଯାହା ବ୍ୟବହାରକାରୀଙ୍କୁ ସେମାନଙ୍କର ନିଜର କଭର ଫଟୋ ଅପଲୋଡ୍ କରିବାକୁ ଅନୁମତି ଦେବ। ଏହି ଚିତ୍ରଟି ଫେସବୁକ୍ ଏବଂ ଲିଙ୍କଡିନ୍ ରେ ଦେଖାଯିବା ପରି, ଜଣେ ବ୍ୟବହାରକାରୀଙ୍କ ପ୍ରୋଫାଇଲର ଶୀର୍ଷରେ ଦେଖାଯିବ। ବ୍ୟବହାରକାରୀମାନେ ସେମାନଙ୍କର ପ୍ରୋଫାଇଲ ସେଟିଂସକୁ ଯାଇ ସେମାନଙ୍କର କଭର ଫଟୋ ଚୟନ କରିପାରିବେ। ହ୍ୱାଟ୍ସଆପ ଏହି ଫିଚରରେ ଏକ ନୂତନ ଗୋପନୀୟତା ସେଟିଂ ମଧ୍ୟ ଯୋଡୁଛି, ଯାହା ବ୍ୟବହାରକାରୀମାନଙ୍କୁ ସେମାନଙ୍କର କଭର ଫଟୋ କିଏ ଦେଖିପାରିବ ତାହା ନିୟନ୍ତ୍ରଣ କରିବାକୁ ଅନୁମତି ଦେଉଛି। ପରୀକ୍ଷଣ ସମୟରେ ଦେଖାଯାଉଥିବା ବିକଳ୍ପଗୁଡ଼ିକ ହେଉଛି ସମସ୍ତେ, ମୋର ଯୋଗାଯୋଗ ଏବଂ କେହି ନୁହେଁ। ଏହି ବିକଳ୍ପଗୁଡ଼ିକ ସ୍ଥିତି ଏବଂ ପ୍ରୋଫାଇଲ ଫଟୋ ଗୋପନୀୟତା ସେଟିଂସ ସହିତ ସମାନ।

# ଏଲ୍‌ଆଇସିରୁ ଆହୁରି ପୁଞ୍ଜି ପ୍ରତ୍ୟାହାର ହେବ

ନୂଆଦିଲ୍ଲୀ,୩୦।୧୦: ରାଷ୍ଟ୍ରାୟତ୍ତ ବୀମା କମ୍ପାନି ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ରୁ ପୁଣି ଥରେ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏଥର ସରକାର କମ୍ପାନିର ୬.୫ ପ୍ରତିଶତ ଅଂଶଧନ ବିକିବେ। ସେଥିରୁ ୮୮୦୦-୧୩୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ମିଳିବା ଆଶା କରାଯାଉଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏହି ଅଂଶଧନ ବିକ୍ରି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଧାର୍ଯ୍ୟ କରିଥିବା ସାର୍ବଜନୀନ ଅଂଶଧନ ନିୟମ ପାଳନ କରିବା ଲାଗି କମ୍ପାନିରୁ ପୁଞ୍ଜି ପ୍ରତ୍ୟାହାର




## ୬.୫% ଅଂଶଧନ ବିକ୍ରି କରାଯିବ

କରାଯିବ। 'ସେବି' ନିୟମ ଅନୁସାରେ ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଥିବା କମ୍ପାନିରେ ଅତିକମ୍‌ରେ ୧୦ ପ୍ରତିଶତ ଅଂଶଧନ ସାର୍ବସାଧାରଣଙ୍କ ପାଖରେ ରହିବା ଦରକାର। ସେହି ନିୟମ ପାଳନ କରିବା ଲାଗି ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ପାଞ୍ଚ ବର୍ଷ ସମୟ ଦିଆଯାଇଛି। ପୂର୍ବରୁ ୨୦୨୨ ମେ'ରେ ଏଲ୍‌ଆଇସିର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୩.୫ ପ୍ରତିଶତ ଅଂଶଧନ ବିକ୍ରି କରାଯାଇଥିଲା। ସେଥିରୁ ସରକାର ୨୦,୫୫୭ କୋଟି ଟଙ୍କା ପାଇଥିଲେ। ସେବି ନିୟମ ପାଳନ କରିବାକୁ ହେଲେ ୨୦୨୭ ମେ' ସୁଦ୍ଧା ସରକାରଙ୍କୁ କମ୍ପାନିର ଆଉ ୬.୫ ପ୍ରତିଶତ ଅଂଶଧନ ବିକ୍ରି କରିବାକୁ ପଡ଼ିବ। ଅବଶ୍ୟ ଏହି ନିୟମ ପାଳନ କରିବାକୁ ଏଲ୍‌ଆଇସିକୁ 'ସେବି' ପକ୍ଷରୁ ୨୦୩୨ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ବର୍ତ୍ତମାନ ଏଲ୍‌ଆଇସିରେ କେନ୍ଦ୍ର ସରକାରଙ୍କ ୯୬.୫ ପ୍ରତିଶତ ଅଂଶଧନ ରହିଛି। ଆଗାମୀ ଦିନରେ କମ୍ପାନିରୁ ଏକକାଳୀନ ପୁଞ୍ଜିପ୍ରତ୍ୟାହାର ନ କରି ଅଳ୍ପ ଅଳ୍ପ ପରିମାଣର ଅଂଶଧନ ବିକ୍ରି କରିବା ବିକଳ୍ପ ଉପରେ ମଧ୍ୟ ସରକାର ବିଚାର କରୁଛନ୍ତି। ୨୦୨୨ରେ ଏଲ୍‌ଆଇସି ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଥିବା ବେଳେ ତାହାର ସେୟାର ପିଛା ଦାମ୍ ୯୪୯ ଟଙ୍କା ଥିଲା। ଏବେ ସେହି ମୂଲ୍ୟ ତା'ଠାରୁ କମ୍ ୯୦୦.୭୦ ଟଙ୍କା ରହିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପେଟ୍ରୋଲ ଏବଂ ଡିଜେଲ ଦାମ୍ ପ୍ରତିଦିନ ବଦଳିଥାଏ । ଆଜି ଅର୍ଥାତ୍ ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି । ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି ।



# ୧୪ ହଜାର ଛଟେଇ କରିବ ଆମାଜନ୍

ନୂଆଦିଲ୍ଲୀ,୩୦।୧୦: ଇ-କମର୍ସ କମ୍ପାନି ଆମାଜନ ବିଶ୍ୱରେ ୧୪ ହଜାର କର୍ମଚାରୀଙ୍କୁ ଛଟେଇ ନେଇ ଘୋଷଣା କରିଛି।

ଖର୍ଚ୍ଚ ହ୍ରାସ ଏବଂ କୋଭିଡ-୧୯ ମହାମାରୀ ସମୟରେ ହୋଇଥିବା ଅତ୍ୟଧିକ ନିଯୁକ୍ତିର ଉପଯୁକ୍ତ ପରିଚାଳନା ପାଇଁ କମ୍ପାନି ଏହି ଛଟେଇ କରିବ। ଆମାଜନରେ ମୋଟ ପ୍ରାୟ ୧୫ ଲକ୍ଷ କର୍ମଚାରୀ ବିଶ୍ୱରେ କାମ କରୁଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ ପ୍ରାୟ ୩.୫ ଲକ୍ଷ ହେଉଛନ୍ତି କର୍ପୋରେଟ୍ କର୍ମଚାରୀ।

ଏହି କର୍ପୋରେଟ୍ କର୍ମଚାରୀମାନଙ୍କ ମଧ୍ୟରୁ ୧୪ ହଜାର ବା ୪ ପ୍ରତିଶତ କର୍ମଚାରୀ ଛଟେଇ ହେବେ। ଏହି ଛଟେଇକୁ କମ୍ପାନି ରଣନୈତିକ ପୁନର୍ଗଠନ ବୋଲି କହିଛି।

ମାନ୍ଦାବସ୍ଥା ପାଇଁ ଏହି ଛଟେଇ ହେଉନାହିଁ, ବରଂ କମ୍ପାନିକୁ ପରବର୍ତ୍ତୀ ପର୍ଯ୍ୟାୟ ଡିଜିଟାଲ ରୂପାନ୍ତର ପାଇଁ ଅଧିକ ପ୍ରତିଯୋଗିତାକ୍ଷମ କରିବା ଲାଗି




ଏହା କରାଯାଉଛି। ମୁଖ୍ୟତଃ ମାନବ ସମ୍ବଳ, ରିଟେଲ, ଏଡବ୍ଲ୍ୟୁଏସ୍ ଏବଂ ଆଲେକ୍ସା ଓ ଫାୟାର ଟିଭି ଟିମ୍‌ରେ ଥିବା କର୍ମଚାରୀମାନେ ଏହାଦ୍ୱାରା ପ୍ରଭାବିତ ହେବେ।

## ଗୋଟିଏ କ୍ଲିକ୍‌ରେ ହଟାନ୍ତୁ ନାମ




ନୂଆଦିଲ୍ଲୀ,୩୦।୧୦: ଟ୍ରୁକଲର୍ ଆଜି କଲର୍ ଆଇଡି ପାଇଁ ବ୍ୟବହାର ହେଉଥିବା ସବୁଠାରୁ ବଡ଼ ଆପ୍। ଭାରତରେ ଏହାକୁ ବହୁଳ ବ୍ୟବହାର କରାଯାଏ। ଅତି କମ୍‌ରେ ୧୦ଜଣଙ୍କ ମଧ୍ୟରୁ ୮ ଲୋକ ଙ୍କ ଫୋନରେ ଟ୍ରୁକଲର ଆପ୍ ଅଛି। କହିବାକୁ ଗଲେ ଅନେକ ଲୋକ ଟ୍ରୁକଲରରେ ନିଜ ନାଁ ଦେଖି ଚିନ୍ତିତ ଥାନ୍ତି। ଏପରିକି ନିଜ ନା ହଟାଇ ଦେବାକୁ ଚାହାନ୍ତି। ଏହି ଖବର ଆପଣଙ୍କ ପାଇଁ। ଏବେ ଆପଣ ଦୁଇ ମିନିଟରେ ନିଜ ନାମ ଏହି ଆପ୍‌ରୁ ହଟାଇପାରିବେ।

କ'ଣ କରିବେ: -ସର୍ବପ୍ରଥମେ ଟ୍ରୁକଲର୍ ଆପ୍ ଖୋଲନ୍ତୁ। ନିଜ ଆକାଉଣ୍ଟରୁ ଲଗ୍‌ଇନ୍ କରନ୍ତୁ। ଏବେ ପ୍ରାଇଭେସି ନଚେତ ପ୍ରୋଫାଇଲ୍ ସେଟିଂକୁ ଯାଆନ୍ତୁ। ନିଜ ନାମ ହଟାନ୍ତୁ ନଚେତ ଡିଲିଟ୍ ପ୍ରୋଟେକ୍ଟେଡ୍ ଡାଟାରେ କ୍ଲିକ୍ କରନ୍ତୁ। ନିଜ ନମ୍ବରକୁ ଡିଲିଟ୍ କରିବାର ବିକଳ୍ପକୁ ବାଛନ୍ତି। ଏହାଛଡ଼ା ଆପଣ www.truecaller.com/unlistingକୁ ଯାଇ ନିଜ ନାମ ହଟାଇ ପାରନ୍ତି।

## ଆକ୍ଟିଭା ଗ୍ରାହକ ସଂଖ୍ୟା ୩.୫ କୋଟି ଟପିଲା



ଗୁରୁଗ୍ରାମ,୩୦।୧୦: ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ଚର୍ଚ୍ଚିତ ମଡେଲ୍ ଆକ୍ଟିଭାର ଗ୍ରାହକ ସଂଖ୍ୟା ୩.୫ କୋଟିରୁ ଅଧିକ ହୋଇଛି। ଭାରତରେ ଆକ୍ଟିଭା ୧୧୦, ଆକ୍ଟିଭା ୧୨୫ ଓ ଆକ୍ଟିଭା ଆଇ ଭଳି ମଡେଲ୍ ବିକ୍ରି ହେଉଛି। ୨୦୦୧ରେ ଆକ୍ଟିଭା ପ୍ରଥମେ ବଜାରକୁ ଆସିଥିଲା। ୨୪ ବର୍ଷ ମଧରେ କମ୍ପାନି ଏହି ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି। ହୋଣ୍ଡାର ବଜାର ଉପସ୍ଥିତିକୁ ବଢ଼ାଇବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଥିଲା। ବ୍ୟବହାର କରିବାକୁ ସହଜ, ସ୍ଥାୟୀ, ଭଲ ମାଇଲେଜ ଓ ମାନସିକ ଶାନ୍ତି ପ୍ରଦାନ କରୁଥିବାରୁ ଆକ୍ଟିଭା ଗ୍ରାହକଙ୍କ ମଧରେ ବେଶ୍ ଗ୍ରହଣୀୟ ହୋଇଥିଲା। କମ୍ପାନି ପକ୍ଷରୁ ନିୟମିତ ବ୍ୟବଧାନରେ ଆକ୍ଟିଭାକୁ ଅପ୍‌ଗ୍ରେଡ୍ କରାଯାଉଛି। ତେଣୁ ତାହା ପରିବାରଗୁଡ଼ିକର ପ୍ରଥମ ପସନ୍ଦର ଦୁଇଚକିଆ ଯାନ ହୋଇରହିଛି। ନିକଟରେ କମ୍ପାନି ପକ୍ଷରୁ ଆକ୍ଟିଭା ଓ ଆକ୍ଟିଭା ୧୨୫ର ଆନିଭର୍ସରି ଏଡିସନ୍ ଉନ୍ମୋଚନ କରାଯାଇଥିଲା।

## କାହିଁକି କମୁଛି ସୁନା ଦର

ନୂଆଦିଲ୍ଲୀ,୩୦।୧୦: ଗତକିଛି ଦିନ ହେବ ଲଗାତର ଭାବେ ସୁନା ଦର ହ୍ରାସ ପାଉଛି। ବିଶ୍ୱ ବୁଲିଅନ୍ ବଜାରରେ ସୁନା ନିରନ୍ତର ହ୍ରାସ ପାଇଚାଲିଛି। ୧୮ ଅକ୍ଟୋବର ଧନତେରସରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ସୁନା ମୂଲ୍ୟକୁ ଦେଖିଲେ ପ୍ରାୟ ୧୦,୩୭୦ ଟଙ୍କା ପାର୍ଥକ୍ୟ ଦେଖାଯାଉଛି। ବିଶେଷଜ୍ଞମାନେ ଆଗାମୀ ଦିନରେ ସୁନା ମୂଲ୍ୟରେ ଆହୁରି ୫ ରୁ ୧୦ ପ୍ରତିଶତ ହ୍ରାସ ପାଇବାର ପୂର୍ବାନୁମାନ କରିଛନ୍ତି। ଅକ୍ଟୋବର ୧୮ ତାରିଖ ପୂର୍ବରୁ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ୍ ପିଛା ୧୩୨,୭୮୦ ଟଙ୍କା ଥିଲା। ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୧୨୧,୭୧୦ ଟଙ୍କା ଏବଂ ୧୮ କ୍ୟାରେଟ୍ ସୁନାର ମୂଲ୍ୟ ୯୯,୫୯୦ ଟଙ୍କା ପହଞ୍ଚିଥିଲା। ମାତ୍ର ଏବେ, ଅକ୍ଟୋବର ୩୦ ତାରିଖରେ ୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ୍ ପିଛା ୧,୨୨,୪୧୦ ଟଙ୍କା ହୋଇଥିବା ବେଳେ ୨୨ କ୍ୟାରେଟ୍‌ର ମୂଲ୍ୟ ୧,୧୨,୨୧୦ ଏବଂ ୧୮ କ୍ୟାରେଟ୍ ସୁନାର ମୂଲ୍ୟ ୯୧,୮୧୦ ଟଙ୍କାରେ ପହଞ୍ଚିଛି।

# ମୋନ୍ଥା ପ୍ରଭାବରେ ଶାରଦ ଥୋଡୁଅ ଧାନ ଜମିରେ ଭାସୁଛି



**କଣାସ,୩୦।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ଝଡ ମନ୍ଥା ପ୍ରଭାବରେ ତିନିଦିନ ହେଲା ତୁହାକୁ ତୁହା ବର୍ଷା ସହିତ ପବନ ଜାରି ରହିଛି। ପୁରୀ ଜିଲ୍ଲାର ଭାତ ହାଣ୍ଡି ଭାବେ ପରିଚିତ କଣାସ ବ୍ଲକର ଅନେକ ଧାନ ଜମିରେ ଧନଥୋଡୁଅ ନେଉଥିବା ବେଳେ କେତେକ ଜମିରେ ଧାନ ପଡ଼ିଥିବା ବେଳେ ସୁଗୁଡିକ ପବନ ଯୋଗୁଁ ଧାନ ଜମିରେ ଶୋଇପଡ଼ିଥିବା ବେଳେ ଜମିରେ ହିଥିବା ବର୍ଷାଜଳରେ ବୁଡିଯାଇଥିବାରୁ ନଷ୍ଟ ହେବାକୁ ବସିଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। କଣାସ ବ୍ଲକ ତ୍ରିଲୋଚନପୁର, କଣାସ, ସିରେଇ, ଅଣ୍ଡାଳିସିଂହ, ବିଜିପୁର, ବିନ୍ଧଣ, ଖଣ୍ଡହତା, ଗଡ଼ସାହି, ବକୁ, ଅଡାଲ, ଦୋଛିଆଁ, ସାହୁପଡ଼ା, ଦେଇପୁର, ଗଡ଼ଖାରଦ ଗ୍ରାମପଞ୍ଚାୟତରେ ଅଧିକ ପରିମାଣର ଶାରଦ ଧାନ ଫସଲ ନଷ୍ଟ ହୋଇଥିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଗ୍ରାମ୍ୟ ମହାଜନଙ୍କ ଠାରୁ ଚଢ଼ାସୁଧରେ ଋଣ ଆଣି ଫସଲ କରିଥିଲେ। କିପରି ଋଣ ସୁଝିବେ ଚାଷୀମାନଙ୍କ ଚିନ୍ତା ବଢ଼ାଇଦେଇଛି। ସେହିପରି ଗଡ଼ସାନପୁଟ, ଗଡ଼ବଡପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର ପଞ୍ଚାୟତର ଚାଷୀମାନେ ପରିବା ଫସଲ ଉପରେ ନିର୍ଭର କରିଥାଆନ୍ତି। ପରିବା ଫସଲ ବନ୍ୟାଜଳରେ ବୁଡିଯିବାରୁ ନଷ୍ଟ ହୋଇଯାଇଛି। ଚାଷୀମାନେ ବନ୍ୟା ଛାଡିବାପରେ ପୁନଷ୍ଚ ଉକ୍ତ ଜମିମାନଙ୍କରେ ପରିବା ଫସଲ ପାଇଁ ମଞ୍ଜି ଲଗାଇଥିବା ବେଳେ ମନ୍ଥା ପ୍ରଭାବରେ ତିନିଦିନ ଧରି ତୁହାକୁ ତୁହା ବର୍ଷା ଲାଗିରହୀଥିବାରୁ ପରିବା ଫସଲ ନଷ୍ଟ ହୋଇଯାଇଥିବା ଚାଷୀମାନଙ୍କ ଠାରୁ ପ୍ରକାଶ।

# ଛାତ୍ରଛାତ୍ରୀ ସାଜନ୍ତୁ ସାଇବର ଆମ୍ବାସଡର

## ସତର୍କ, ସଚେତନତା ଦ୍ୱାରା ସାଇବର ଅପରାଧ ରୋକି ହେବ

**କାକଟପୁର /ଅସ୍ତରଙ୍ଗ,୩୦।୧୦ (ସଂଚାର ବ୍ୟୁରୋ):** ସାଇବର ଠକଙ୍କ ଉତ୍ପାତ ବଢ଼ି ଚାଲିଛି। ନୂଆ ନୂଆ କୌଶଳରେ ଅନଲାଇନି ଲୁଟେରା କଷ୍ଟ ଅର୍ଜିତ ଟଙ୍କା ଲୁଟି ନେଉଛନ୍ତି। ସାଇବର ଠକେଇ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ସାବଧାନତା ଓ ସଚେତନତା ହିଁ ସାଇବର ସୁରକ୍ଷାର ସର୍ବୋତ୍କୃଷ୍ଟ ଅସ୍ତ୍ର।ତେଣୁ ସଜାଗ ହେଲେ ହିଁ ସାଇବର ଠକେଇରୁ ରକ୍ଷା ମିଳିବ। ସାଇବର ସୁରକ୍ଷା କେବଳ ପୁଲିସର ଦାୟିତ୍ୱ ନୁହଁ, ଏହା ଆମ ସମସ୍ତଙ୍କ ସହାଭାଗୀ ଦାୟିତ୍ୱ। ଡିଜିଟାଲ ଜେନେରେସନ ରେ ଛାତ୍ର, ଛାତ୍ରୀ ସଚେତନତା ମଙ୍ଗ ଧରନ୍ତୁ। ଛାତ୍ର, ଛାତ୍ରୀ ସାଇବର ଆମ୍ବାସଡ଼ର ସାଜନ୍ତୁ। ଗୁରୁବାର ପୁରୀ ଜିଲ୍ଲା କାକଟପୁର ପୁଲିସ ପକ୍ଷରୁ ରେ ମଙ୍ଗଳା କଲେଜ ପରିସରରେ ଓ ଅସ୍ତରଙ୍ଗ ପୁଲିସ ପକ୍ଷରୁ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ଅଭିଯାନ ରେ ପରାମର୍ଶ ଦେଇଛନ୍ତି।

ଅସ୍ତରଙ୍ଗ ରେ ଥାନାଧିକାରୀ ଦୁର୍ଗା ଚରଣ ମହାପାତ୍ର ଓ କାକଟପୁର ରେ ଥାନାଧିକାରୀ ବସନ୍ତ କୁମାର ସାହୁ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଅତିଥି ଭାବେ ଯୋଗଦେଇଥିଲେ। ସେ ସାଇବର ଠକେଇର ବିଭିନ୍ନ ତରିକା ଉପରେ ଆଲୋକପାତ କରିବା ସହ ସାଇବର ଠକେଇ ରୁ ବର୍ତ୍ତିବା ପାଇଁ ୩ଟି ଉପାୟ ବତାଇଥିଲେ। ମୋବାଇଲି ରୁ ଆସୁଥିବା କୌଣସି ବି କଥାକୁ ସହଜରେ ବିଶ୍ୱାସ କରନ୍ତୁ ନାହିଁ। ଏମିତିକି ନିଜ ସମ୍ପର୍କୀୟ ବି ନୁହେଁ। କାରଣ ବର୍ତ୍ତମାନ ସମୟରେ ସାଇବର ଠକ ସମ୍ପର୍କୀୟଙ୍କ ଫୋନ୍ ଫଟୋ ଓ କଣ୍ଠରେ ଭିଡିଓ କଲ କରି ଟଙ୍କା ଲୁଟୁଥିବାର ନଜିର ରହିଛି। ସେହିପରି ଅନଲାଇନି ରେ ଆସୁଥିବା କୌଣସି ବି ଜିନିଷ ପ୍ରତି ଅଧିକ ଭୟଭିତ ହୁଅନ୍ତୁନି କି ଉତ୍ସାହିତ ମଧ ହୁଅନ୍ତୁ ନାହିଁ। ସାମାନ୍ୟ ବୁଦ୍ଧି ଖଟାନ୍ତୁ। ଅନଲାଇନି ଠକେଇ ନେଇ କୌଣସି ବି ଅଘଟଣ ଘଟିଲେ ପୁଲିସ କି ଏହା ସମ୍ବଧୀୟ ଜ୍ଞାନ ଥିବା ଲୋକଙ୍କୁ ତୁରନ୍ତ ଅବଗତ କରିବାକୁ ଉପଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ପାଢ଼ୀ ପରାମର୍ଶ ଦେଇଛନ୍ତି। ସେହିପରି ପାସୱାର୍ଡ ଓ ତଥ୍ୟ କୁ ଯତ୍ନର ସହିତ ସେଭ ରଖିବାକୁ ସେ କହିଛନ୍ତି।କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ କହିଥିଲେ ସାଇବର ସୁରକ୍ଷା ପାଇଁ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ଡିଜିଟାଲ ଆରେଷ୍ଟ, ଫାଇଲି ସାଙ୍ଗକୁ ଲୋଭନୀୟ ଅଫର ଦେଇ ସାଇବର ଠକ ଲୁଟୁଥିବା ବେଳେ ଏଥିପ୍ରତି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସାଇବର ଠକେଇର ବିଭିନ୍ନ ଉଦାହରଣ ଦେଇ ସତର୍କ ରହିଲେ ହିଁ ସାଇବର ସୁରକ୍ଷା ସମ୍ଭବ ବୋଲି ଅନ୍ୟ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହା ସହ ଗୀତ, ନାଚ ମାଧ୍ୟମରେ ସାଇବର ସଚେତନତା କରାଯାଇଥିଲା।






## ସାଇବର ଠକେଇ ବିରୋଧରେ ଗଞ୍ଜାମ ପୁଲିସର ସଚେତନତା ଅଭିଯାନ

**ଗଞ୍ଜାମ,୩୦।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ପୁଲିସ, ଗ୍ରାସୀମ କେମିକାଲର ସହଯୋଗରେ ଗ୍ରାସୀମ କେମିକାଲ କନଫରେନ୍ସ ହଲ୍‌ରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। କାର୍ଯ୍ୟକ୍ରମରେ ସାଇବର ଅପରାଧ ସମ୍ପର୍କିତ ବିଭିନ୍ନ ଦିଗ- ଯେପରିକି ଅନଲାଇନ ଠକେଇ, ଫିସିଂ ଲିଙ୍କ, ଭୁଲ ଆପ୍, ଓ ସୋସିଆଲ ମିଡିଆ ଠକବାଜି ସମ୍ପର୍କରେ ଉପସ୍ଥିତ ଥିବା ବରିଷ୍ଠ ଅଧିକାରୀ ବିସ୍ତୃତ ଆଲୋଚନା କରିଥିଲେ। ଅତିରିକ୍ତ ଏସପି ସୀମା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକମାନଙ୍କୁ ଅନଲାଇନ ଲେନଦେନ ସମୟରେ ସଚେତନ ରହିବା ଓ ସନ୍ଦେହାସ୍ପଦ କଲ୍ କିମ୍ବା ମେସେଜ ମିଳିଲେ ୧୯୩୦ ହେଲ୍ପଲାଇନକୁ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏସ୍‌ଡିପିଓ ଚନ୍ଦନ ଘଡ଼େଇ , ଲୋକମାନଙ୍କ ସହ ସାଇବର ଅପରାଧରେ ହୋଇଥିବା ବିଭିନ୍ନ ଘଟଣା ବିଷୟରେ ଅନୁଭୂତି ବାଣ୍ଟିଥିଲେ।ଥାନା ଅଧିକାରୀ ସୁମିତ୍ରା ପାତ୍ର" କାର୍ଯ୍ୟକ୍ରମକୁ ଡିଜିଟାଲ ଯୁଗରେ ସଚେତନତା ହିଁ ସର୍ବଶ୍ରେଷ୍ଠ ଅସ୍ତ୍ର ବୋଲି ସ୍ଥାନୀୟ ଜନସାଧାରଣ ଉଦ୍ୟସରେ କହିଥିଲେ।"ବିଶେଷ ଭାବରେ ଏହି କାର୍ଯ୍ୟକ୍ରମରେ ସାଇବର ଅପରାଧ ସମ୍ବନ୍ଧୀୟ ବିଭିନ୍ନ ମାମଲା ଓ ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା।

## ବିଶ୍ୱ ମିତବ୍ୟୟିତା ଦିବସ ପାଳିତ




**ଫୁଲବାଣୀ,୩୦।୧୦ (ସଂଚାର ବ୍ୟୁରୋ):** ଆଜି ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଠାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହୋଦୟ ଶ୍ରୀ କୁଶଳ ଚନ୍ଦ୍ର ନାଏକ ଯୋଗ ଦେଇ ସଞ୍ଚୟ କରିବା ନିମନ୍ତେ ଜନସାଧରଣଙ୍କୁ ପ୍ରେରିତ କରିଥିଲେ ଏବଂ ସଞ୍ଚୟ ପକ୍ଷ ପାଳନ ନିମନ୍ତେ ହୋଇଥିବା ବକ୍ତୃତା ପ୍ରତିଯୋଗିତା କୃତକାର୍ଯ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ସର୍ବାଧିକ ସ୍ୱଳ୍ପ ସଞ୍ଚୟ ସଂଗ୍ରହ କରିଥିବା ଅଭିକର୍ତ୍ତା ବବିତା ପତି, ବି. ସନ୍ତୋଷ ପାତ୍ର ଏବଂ କଳ୍ପନା କୁମାରୀ ପାତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ ମଧ ହୋଇଥିଲେ । ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଫୁଲବାଣୀ ଶ୍ରୀ ନରେନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିଭୁତି ଭୂଷଣ ମହାପାତ୍ର ସାଇବର୍ ସୁରକ୍ଷା ନିରିକ୍ଷକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ଶ୍ରୀ ସୌମ୍ୟ ରଞ୍ଜନ ପାତ୍ର ମଧ ଏହି ବୈଠକରେ ଉପସ୍ଥିତ ଥିଲେ ।

# ପଞ୍ଚଲିଙ୍ଗେଶ୍ୱର ମହାଦେବ ମନ୍ଦିର ପାଇଁ ନୂତନ ଟ୍ରଷ୍ଟି ନିଯୁକ୍ତ

**ନୀଳଗିରି,୩୦।୧୦ (ସଂଚାର ବ୍ୟୁରୋ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ମନ୍ଦିର ପାଇଁ ନୂତନ ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି। ଓଡିଶା ଦେବୋତ୍ତର ବିଭାଗ ପତ୍ରସଂଖ୍ୟା ୩୩୫୧ ତା ୨୪/୧୦/୨୫ଅନୁଯାୟୀ ୯ଜଣକୁ ଅଣବଂଶାନୁକ୍ରମିକ ଗଠନ ପାଇଁ ପ୍ରକାଶ କୁମାର କର ଅତିରିକ୍ତ ସହାୟକ ଦେବୋତ୍ତର କମିଶନର କଟକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନା ଅନୁଯାୟୀ ଓଡ଼ିଶା ସରକାରଙ୍କ ଆଇନବିଭାଗର ଚିଠିସଂଖ୍ୟା ୧୬୦୭୮ ତା ୯/୧୦/୨୫ ଅନୁମୋଦନ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ନୀଳଗିରିର ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ମହାଦେବ ମନ୍ଦିରର ନୂତନ ଟ୍ରଷ୍ଟବୋର୍ଡ ପାଇଁ ୯ଜଣ ଅଣବଂଶାନୁକ୍ରମିକ ଟ୍ରଷ୍ଟି ନିଯୁକ୍ତି କରିଛନ୍ତି। ଏହି ଟ୍ରଷ୍ଟରେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,, ନୀଳଗିରିର ମାନ୍ୟବର ବିଧାୟକ ସନ୍ତୋଷ କୁମାର ଖଟୁଆ, ଡିଏଫଓ ବାଲେଶ୍ୱର, ଉପଜିଲ୍ଲାପାଳ ନୀଳଗିରି, ଏସଡିପିଓ ନୀଳଗିରି, ତହସିଲଦାର ନୀଳଗିରି, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, କାଣ୍ଡଗରଡି ସରପଞ୍ଚ ରାଜେନ୍ଦ୍ର ରାଉତ, ଅସ୍ତିଆର ବରିଷ୍ଠସମାଜସେବୀ ମଧୁମାଧବ ଜେନାଙ୍କୁ ଦୁଇବର୍ଷ ପାଇଁ ଟ୍ରଷ୍ଟି ଭାବେ ନିଯୁକ୍ତି ଦିଆଯାଇଛି। ଉକ୍ତ ନଅଜଣଙ୍କ ମଧରୁ ଜଣକୁ ପରିଚାଳନା ଟ୍ରଷ୍ଟି ଭାବରେ ମନୋନୀତ କରିବାପାଇଁ ଏହି ପତ୍ରରେ ଉଲ୍ଲେଖ ରହିଛି। ବିଜ୍ଞପ୍ତି ପ୍ରକାଶନ ଠାରୁ ସେମାନେ ସେମାନଙ୍କର କାର୍ଯ୍ୟଭାର ଗ୍ରହଣ କରିବେ। ନୂତନକରି ନିଯୁକ୍ତି ପାଇଥିବା ଟ୍ରଷ୍ଟି ପୁରାତନ ଟ୍ରଷ୍ଟି ମାନଙ୍କ ଠାରୁ ଦାୟିତ୍ୱଗ୍ରହଣ କରି ସମସ୍ତ ଆୟ ବ୍ୟୟର ତର୍ଯ୍ୟମା କରିବା ସହିତ ଆବଶ୍ୟକ ସ୍ଥଳେ କମିଶନରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଡିଟରଙ୍କ ଦ୍ୱାରା ଅଡିଟ କରି ଦେବୋତ୍ତର କମିଶନରଙ୍କୁ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏତଦ୍ ଭିନ୍ନ ପରିଚାଳନା ଟ୍ରଷ୍ଟି ତୁରନ୍ତ ଦାୟିତ୍ୱରେ ରହିବା ସହିତ ସମସ୍ତ ଆୟବ୍ୟୟର ହିସାବ ରଖିବେ।

# ବିବିଧତା ମଧ୍ୟରେ ଏକତା ଭାବନାକୁ ପ୍ରୋତ୍ସାହିତ

### 'ଏକତା ପାଇଁ ଦୌଡ଼'

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳିତ

**କାକଟପୁର/ଅସ୍ତରଙ୍ଗ,୩୦।୧୦ (ସଂଚାର ବ୍ୟୁରୋ):** ସର୍ଦ୍ଦାରବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ପୁରୀ ଜିଲ୍ଲା ପୋଲିସ ପକ୍ଷରୁ କାକଟପୁର ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଉପଲକ୍ଷେ ଗୁରୁବାର ଦିନ "ଏକତା ପାଇଁ ଦୌଡ଼ "ଶୀର୍ଷକରେ କାକଟପୁର ପୋଲିସ ଦ୍ୱାରା ଏକ ମାରାଥନ ଦୌଡ଼ ଆୟୋଜିତ ହୋଇଥିଲା। ଏହି ମାରାଥନ ଗୁରୁବାର ସକାଳ ୭ଟାରୁ ମା "ମଙ୍ଗଳା ମନ୍ଦିର ନିକଟରୁ କାକଟପୁର ନୂତନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ଅଂଶ ଗ୍ରହଣ କରାଯାଇଥିଲା।ଦୌଡ଼ ଆରମ୍ଭ ପୂର୍ବରୁ ସମସ୍ତ ପ୍ରତିଯୋଗୀ ରାଷ୍ଟ୍ରୀୟ ଏକତା ଦିବସର ଶପଥ ଗ୍ରହଣ କରିଥିଲେ। ସ୍ଥାନୀୟ ଶିକ୍ଷାନୁଷ୍ଠାନର ଛାତ୍ର, ଛାତ୍ରୀଙ୍କ ମଧରେ ତର୍କ ଭଳି ବିଭିନ୍ନ ପ୍ରତିଯୋଗିତା ମଧ ଆୟୋଜନ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଛାତ୍ର, ଛାତ୍ରୀ ଙ୍କ ମଧରେ ସର୍ଦାର ପଟେଲ ଙ୍କ ଜୀବନୀ ଏବଂ ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱ କୁ ନେଇ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସର୍ଦାର ପଟେଲଙ୍କ ଭୂମିକା ଅତୁଳନୀୟ ଥିଲା। ଭାରତ ସ୍ୱାଧୀନ ହେବା ପରେ ଦେଶର ୫୬୨ଟି ରାଜାମାନଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକୁ ଏକତ୍ର କରିବାରେ ସେ ଅସାଧାରଣ ଭୂମିକା ତୁଲାଇଥିଲେ। ତାଙ୍କର ଦୃଢ଼ ଇଚ୍ଛାଶକ୍ତି, ରାଜନୈତିକ ଦୁରଦୃଷ୍ଟି ଓ ଦେଶପ୍ରେମ ଯୋଗୁଁ ଭାରତ ଏକ ଅଖଣ୍ଡ ରାଷ୍ଟ୍ରରେ ପରିଣତ ହୋଇଥିଲା। ତାଙ୍କର ଜନ୍ମ ଜୟନ୍ତୀ ଅବସରରେ ପ୍ରତିବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଆସୁଛି। ଯେଉଁ ସମୟରେ ଅନେକ ଦେଶୀୟ ରାଜ୍ୟ ବିଭାଜିତ ହୋଇଥିଲା, ସେହି ସମୟରେ ସ୍ୱର୍ଗତ ପଟେଲ ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ତାଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରିବା ଏବଂ ଆଗାମୀ ପିଢ଼ିକୁ ଏକତା ଓ ଅଖଣ୍ଡତାର ମୂଲ୍ୟବୋଧକୁ ବଜାୟ ରଖିବାକୁ ପ୍ରେରଣା ଦେବା ଲାଗି ଜାତୀୟ ଏକତା ଦିବସ ଏକ ବଳିଷ୍ଠ ସୁଯୋଗ।




## ହରିପୁରର ପ୍ରସିଦ୍ଧ ରାହାସ ଯାତ୍ରା ପ୍ରସ୍ତୁତି ଜୋରଦାର

**ଯାଜପୁର,୩୦।୧୦ (ସଂଚାର ବ୍ୟୁରୋ):** କଳା ଓ ସଂସ୍କୃତିର ପ୍ରମୁଖ କେନ୍ଦ୍ର ଭାବରେ ପରିଚିତ ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ଓ ନରସିଂହପୁର ଗ୍ରାମ ଏବେ ପରିଣତ ହେବାକୁଯାଉଛି ଏକ ପବିତ୍ର ଉତ୍ସବ ପରିସରରେ। ଆସନ୍ତା କାର୍ତ୍ତିକ ପୂର୍ଣ୍ଣମୀରୁ ଆରମ୍ଭ ହେବାକୁ ଥିବା ରାହାସ ଯାତ୍ରା ଓ କୁଞ୍ଜ ବେଶ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି।

ଏଥିପାଇଁ ସ୍ଥାନୀୟ ମନ୍ଦିର ଓ ମଠଗୁଡ଼ିକରେ ରଙ୍ଗ, ଆଲୋକ ଓ ଆଳଙ୍କାରିକ ତିଆରି ହେଉଛି। ଶ୍ରୀ ଶ୍ରୀ ରାଧା ବୃନ୍ଦାବନ ଚନ୍ଦ୍ର ଜିଉ, ହରିପୁର ରାଧା-ରାହାସ ବିହାରୀ ମନ୍ଦିର, ଜଗନ୍ନାଥ ମଠ, ନରସିଂହପୁର ମଦନମୋହନ ଜିଉ ମଠ ଓ ଗୋପିନାଥ ଜିଉ କୁଞ୍ଜରେ ଠାକୁର ଓ ବାରୁଆଳୀମାନେ ବିଶେଷ ପ୍ରସ୍ତୁତି ରେ ବ୍ୟସ୍ତ ଅଛନ୍ତି। ମନ୍ଦିରଗୁଡ଼ିକ ନୂତନ ରଙ୍ଗରେ ସଜଉଛି। କୁଞ୍ଜ ମଣ୍ଡପ ଗୁଡ଼ିକରେ ଜରୀ, ସୋଲ, ଜମୁରା, ଚାଳି, ବାଙ୍କ, ସିରିଆନା, କଦମ୍ବ, ଖୁଣ୍ଟି ଓ ଝାଳର ଦ୍ୱାରା ଶୃଙ୍ଗାର କାର୍ଯ୍ୟ ଚଳିଛି। ବିଜ୍ଞ କାରିଗରମାନେ ଦିନରାତି କାମ କରୁଛନ୍ତି ଯାହା ଦେଖି ଅଞ୍ଚଳର ଲୋକ ଭକ୍ତିର ମହୋତ୍ସବରେ ବୁଡିଯାଉଛନ୍ତି। ଏହି ରାହାସ ଓ କୁଞ୍ଜ ଯାତ୍ରା ଅବସରରେ ବିଭିନ୍ନ ଅପେରା ଦଳ ମନୋରଞ୍ଜନକାରୀ ନାଟକ ପରିବେଷଣ କରିବେ ବୋଲି ସୂଚନା ମିଳିଛି। ଏହା ସହିତ ଅଞ୍ଚଳରେ ମୀନା ବଜାର, ବାରୁଆଳୀ ଓ ବିଭିନ୍ନ ଦୋକାନ ଖୋଲା ପାଇଁ ପଡ଼ିଆ ସଜାଯାଉଛି। ସାଧାରଣ ଲୋକ, ଶିଳ୍ପୀ ଓ ଭକ୍ତମାନଙ୍କ ଉତ୍ସାହ ଦେଖି ହରିପୁର ରାହାସ ଯାତ୍ରା ଏବେ ଏକ ବଡ଼ ସାମୁଦାୟିକ ପର୍ବର ରୂପ ନେଇଛି।

# ସ୍ମାର୍ଟ ଅଙ୍ଗନବଡ଼ି କେନ୍ଦ୍ର ଉଦ୍‌ଘାଟିତ



**ନାଉଗାଁ,୩୦।୧୦ (ସଂଚାର ବ୍ୟୁରୋ):** ସ୍କୁଲ ପରି ଏବେ ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନେ ପାଇବେ ସ୍ମାର୍ଟ କ୍ଲାସର ସୁବିଧା। ଚାରି କାନ୍ଥ ଭିତରେ ମିଳିବ ଅତ୍ୟାଧୁନିକ ଜ୍ଞାନ କୌଶଳ। ସ୍ମାର୍ଟ ଯୁଗରେ ଅଙ୍ଗନୱାଡିକୁ ବି ସ୍ମାର୍ଟ କରିବାର ପ୍ରୟାସ କରିଛନ୍ତି ରାଜ୍ୟର ଅଗ୍ରଣୀ ସାମଜିକ ଅନୁଷ୍ଠାନ ସର୍ବୋତ୍ତମ ସୋସିଆଲ ଅର୍ଗନାଇଜେସନ ଓ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା। ଏହି ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକର ଦୁଇଟି ଓ ତିର୍ତୋଲ ଓ ନାଉଗାଁ ବ୍ଲକରେ ତିନୋଟି ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦଘାଟିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂପୁର ଜିଲ୍ଲାର ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ ବିଷ୍ଣୁପ୍ରୀୟା ସେଠୀ, ଆଞ୍ଚଳିକ ଶାଖା ପରିଚାଳକ ବିଜୟ କୁମାର ବେହେରା, ତିନୋଟି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତୃପ୍ତମୟୀ ମହାନ୍ତି, ଆସୁମଣି ସୋରେନ, ଓ ବାସନ୍ତୀ ମାଈଁ, ତିର୍ତୋଲ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରମାକାନ୍ତ ଭୂଇଁଆ ଓ ନାଉଗାଁ ଶାଖା ପରିଚାଳକ ଶଶାଙ୍କ ଜେନା ଯୋଗ ଦେଇଥିଲେ। କେନ୍ଦ୍ରରେ ବିଭିନ୍ନ ଖେଳ ମାଧମରେ ପାଠ ପଢ଼ିବେ ଦେଶର ଭବିଷ୍ୟତ। ଚାରିକାନ୍ଥ ଭିତରେ ବସି ଆଉ ବିରକ୍ତି ହେବେନି କୁନି କୁନି ପିଲା। କାନ୍ଥରେ ରଙ୍ଗ ବେରଙ୍ଗର ଛବି ସାଙ୍ଗକୁ ସ୍ମାର୍ଟ ଟିଭିରେ ପାଠ ପଢ଼ିବାର ସୁଯୋଗ ପାଇବେ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀ।



## ଅଇନିପଡା ଗ୍ରାମରେ ସାପ୍ତାହିକ ପାରାୟଣ

**ପଟ୍ଟାମୁଣ୍ଡାଇ,୩୦।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ, ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ କଳା ଓ ସଂସ୍କୃତି ପରିପୂର୍ଣ୍ଣ ଅଇନିପଡା ଗ୍ରାମରେ ପ୍ରତି ବର୍ଷ ପରି ଏ ବର୍ଷ ମଧ ଗ୍ରାମ ସପ୍ତା ପୂଜା ଆଜି ତା ୩୦.୧୦.୨୦୨୫ ତାରିଖ ଠାରୁ ଆରମ୍ଭ ହୋଇଯାଇଅଛି। ଏହି ପୂଜା ଆସନ୍ତା ନଭେମ୍ବର ମାସ ୫ ତାରିଖ (କାର୍ତ୍ତିକ ପୂର୍ଣ୍ଣିମା) ପର୍ଯ୍ୟନ୍ତ ସପ୍ତଦିନ ବ୍ୟାପି ଚାଲିବ। ସପ୍ତା ପୂଜା ପ୍ରାରମ୍ଭରେ ଅଧିବାସ ଓ କଳସ ବୁଡ଼ା କାର୍ଯ୍ୟ ସମ୍ପନ୍ନ ହେବା ପରେ ପ୍ରଭୁ ବାସୁଦେବଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଗ୍ରାମ ସପ୍ତା ଦୀର୍ଘ ୯ ବର୍ଷ ଧରି ପାଳିତ ହୋଇଆସୁଛି। ପ୍ରଥମ ଦିନ ଠାରୁ ୭ଦିନ ପର୍ଯ୍ୟନ୍ତ ଭାଗବତ ପାଠ ସମେତ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥାଏ। ଏଥି ସହ ପ୍ରତିଦିନ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥାନ୍ତି। ପୂଜକ ଭାବେ ବିଭୂତି ଭୂଷଣ ପଣ୍ଡା, ରଞ୍ଜନ କୁମାର ପଣ୍ଡା, ପୂଜାକାର୍ଯ୍ୟ ଓ ଭାଗବତ ପାଠ କରୁଛନ୍ତି। ଭାଗବତ ଶ୍ରୋତା ଭାବେ ପ୍ରେମାନନ୍ଦ ଗିରି ନିଷ୍ଠାର ସହିତ ପ୍ରତିଦିନ ଭାଗବତ ଶ୍ରବଣ କରୁଛନ୍ତି। ବାସୁଦେବ ପୂଜା କମିଟିର ସଭାପତି ସୁଧୀର ଓଝାଙ୍କ ତତ୍ୱାବଧାନରେ ପ୍ରମୁଖ କର୍ମକର୍ତ୍ତା ରୂପେ ସୋମନାଥ ନାୟକ, ସଞ୍ଜୟ କୁମାର ଦାସ, ସଞ୍ଜୟ କୁମାର ଓଝା, ରଞ୍ଜିତ କୁମାର ଦାସ ଉପସ୍ଥିତ ରହି ପ୍ରଭୁଙ୍କ ନିତିକାନ୍ତିରେ ସହଯୋଗ କରୁଛନ୍ତି।

# ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ନବରଙ୍ଗପୁର,୩୦।୧୦ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୧:୦୦ ସମୟରେ ନବରଙ୍ଗପୁର ଅଶୋକ ମେହେତା ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ଏକ ଦିନିଆ ଘରୋଇ ହିଂସାରୁ ମହିଳା ମାନଙ୍କୁ ସୁରକ୍ଷା ଅଧିନିୟମ ୨୦୦୫" ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିଁ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରପୌଦୀ କହଁର, ମହିଳା ଆଇନଜିବୀ କିଶୋରୀ ପଟ୍ଟନାୟକଙ୍କ ସମେତ ଡି ଆଇ ପି ଆର୍ ଓ ମନୋଜ ବେହେରା,ଡି ଡ଼ବ୍ଲୁ ଓ ରବୀନ୍ଦ୍ର ପାଲକା ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଆଇନଜୀବି ଶ୍ରୀମତୀ କିଶୋରୀ ପଟ୍ଟନାୟକ (ସଖୀ)ୱାନ ଷ୍ଟପ୍ ସେଣ୍ଟର ସାଧନ କର୍ମୀ ଭାବରେ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଆଇନଜୀବୀ କିଶୋରୀ ପଟ୍ଟନାୟକ ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍ ୨୦୦୫ ଅନୁଯାୟୀ ମହିଳାମାନଙ୍କୁ ଶାରୀରିକ,ଯୌନ,ବାକ ଓ ମାନସିକ ଏବଂ ଆର୍ଥିକ ନିର୍ଯାତନା ଦେଉଥିବା ଆତ୍ୟାଚାରୀଙ୍କ ବିରୁଦ୍ଧ ରେ କିଭଳି ପଦକ୍ଷେପ ନେବେ, ତା ସହିତ ସୁରକ୍ଷା ପ୍ରଦାନକାରୀ ଅଧିକାରୀ, ସେବା ପ୍ରଦାନକାରୀ,ପୋଲିସ ଏବଂ ମାଜିଷ୍ଟ୍ରେଟଙ୍କୁ ଆବେଦନ କରିବେ ଓ କିଭଳି ସାହାଯ୍ୟ ପାଇବେ ତା ଉପରେ ବିଶେଷ ତାଲିମ ଦେଇଥିଲେ। ଜିଲ୍ଲାରେ ବହୁଳ ଭାବେ ବାଲ୍ୟ ବିବାହ, ନାବାଳିକା ବୟସରେ ସନ୍ତାନ ଧାରଣ,ମହିଳା ମାନଙ୍କ ପ୍ରତି ନିର୍ଯାତନା କୁ ରୋକିବାକୁ ବିଶେଷ ସଚେତନତା କରିବାକୁ ସଭାରେ ମତ ପ୍ରକାଶ ପାଇଥିଲା।ପୋଲିସ ବିଭାଗରୁ ମହିଳା ସେଲ ଏବଂ ସ୍ଥାନୀୟ ଥାନାର ୪ ଜଣ ପୋଲିସ ଅଧିକାରୀ, ୧୦ ଟି ବ୍ଲକ୍ ରୁ ୧୦ ଜଣ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, "ସଖୀ "ର ୩ ଜଣ କର୍ମକର୍ତ୍ତା, ୨ଟି ଶକ୍ତି ସଦନ ର ୪ ଜଣ କର୍ମକର୍ତ୍ତା, ଜିଲ୍ଲା ମହିଳା ସଶକ୍ତିକରଣର ସମସ୍ତ କର୍ମକର୍ତ୍ତା, "ଆଭା"ସଂସ୍ଥା ର କର୍ମକର୍ତ୍ତା, ମେଡ଼ିକାଲ ଅଫିସର, ବାଲ୍ୟବିବାହ ନିରାକରଣ "ସଭା" ଏନ୍ ଜିଓର କର୍ମକର୍ତ୍ତା ସମସ୍ତେ ତାଲିମ ଗ୍ରହଣକାରି ଭାବେ ଯୋଗଦାନ କରିଥିଲେ।



## କାଳୀପୂଜା ଭସାଣିର ମୁଖ୍ୟ ଆକର୍ଷଣ ଅଘୋରି ବାବା

**ନୀଳଗିରି,୩୦।୧୦ (ସଂଚାର ବ୍ୟୁରୋ):** ନୀଳଗିରି ଶ୍ରୀଗୁଣ୍ଡିଚା ବଜାରଠାରେ ଦୀପାବଳିଠାରୁ ୯ଦିନ ଧରି ଚାଲିଥିବା ଓଡ଼ିଶା ପ୍ରସିଦ୍ଧ କାଳୀପୂଜା ବୁଧବାର ଉଦ୍‌ଯାପିତ ହୋଇଯାଇଥିବା ବେଳେ କାଳୀପୂଜା ଭଷାଣୀର ମୁଖ୍ୟ ଆକର୍ଷଣ ସାଜିଥିଲା ଅଘୋରି ବାବା। ଟିପି ଟିପି ବର୍ଷାରେ ଓଦା ହୋଇ ଭାବମୟ ପରିବେଶ ଓ ଭଷାଣି ଶୋଭାଯାତ୍ରାରେ ଅଘୋରୀ ବାବାଙ୍କ ଆକର୍ଷଣୀୟ ନୃତ୍ୟ କମ୍ପିଲା ନୀଳଗିରି ବଡଦାଣ୍ଡର ପରିବେଶ। ଭସାଣୀ ଉତ୍ସବ ପାଇଁ ନୀଳଗିରି ଶ୍ରୀଗୁଣ୍ଡିଚା ବଜାର ପୂଜା କମିଟି ତରଫରୁ ସୁଦୂର କେଉଁଝର ଜିଲ୍ଲାରୁ ଏହି ଅଘୋରି ବାବାଙ୍କ ୧୫ଜଣିଆ ଗ୍ରୁପକୁ ନିମନ୍ତ୍ରଣ କରାଯାଇଥିଲା। ଏଥିସହିତ ଚିତାକର୍ଷକ ଧାର୍ମିକ ଅଘୋରି ନୃତ୍ୟ ବେଶ ମନୋମୁଗ୍ଧ ହୋଇଥିବାର ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ନୀଳଗିରି କଦମସାହି ନିକଟ ପୋଲରେ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ରହିଥିଲେ। ହଜାର ହଜାର ଲୋକ ଏକତ୍ରୀତ ହୋଇ ମା'ଙ୍କୁ ମେଲାଣି ଦେଇଥିଲେ। ସୂଚନା ମୁତାବକ ନୀଳଗିରି ଶ୍ରୀଗୁଣ୍ଡିଚା ବଜାର କମିଟି ପ୍ରାୟ ୬୧ ବର୍ଷରୁ ଅଧିକ ସମୟ ଧରି ଆଜି ପର୍ଯ୍ୟନ୍ତ ମାକାଳୀଙ୍କ ପୂଜା କରିଆସୁଛନ୍ତି।



## ନାରାୟଣୀଙ୍କ ପୀଠରେ ୨୬ତମ ବିଶ୍ୱଶାନ୍ତି ଗୀତାଜ୍ଞାନ ଯଜ୍ଞ



**ଡେରାବିଶ,୩୦।୧୦ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବମ୍ଭ ଗ୍ରାମର ମା ନାରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଗତକାଲି ଠାରୁ ୨୬ ତମ ବାର୍ଷିକ ବିଶ୍ୱଶାନ୍ତି ଗୀତାଜ୍ଞାନ ଯଜ୍ଞ ଆରମ୍ଭ ହୋଇଯାଇଛି। ଚାରିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି ଯଜ୍ଞର ଗତକାଲି ସନ୍ଧ୍ୟାରେ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଘୋଡ଼ାନାଚ ପରିବେଶିତ ହୋଇଥିଲା। ଆଜି ନିକଟସ୍ଥ ଲୁଣାନଦୀର ଅର୍ଡାମୂଳ ଘାଟରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ସଂଗ୍ରହ କରାଯାଇ ଘଣ୍ଟ, ସଂକୀର୍ତନ ଓ ପାରମ୍ପରିକ ବାଜା ବାଣ ରୋଷଣୀରେ ଶହଶହ ଶ୍ରଦ୍ଧାଳୁ ଶୁଭ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ସ୍ଥଳକୁ ଆଣିଥିଲେ। ପରେ ବେଦଜ୍ଞ ପଣ୍ଡିତମାନଙ୍କୁ ଦ୍ୱାରା ଘଟସ୍ଥାପନ କରାଯାଇ ନାମଯଜ୍ଞର ଶୁଭରାମ୍ଭ କରାଯାଇଥିଲା।

## ସମ୍ ହସ୍ପିଟାଲ କ୍ୟାମ୍ପସ-୨ ପକ୍ଷରୁ ପିଙ୍କ ଅକ୍ଟୋବର କ୍ୟାମ୍ପେନ୍ ଉଦ୍‌ଯାପିତ



**ଭୁବନେଶ୍ୱର,୩୦।୧୦ (ସଂଚାର ବ୍ୟୁରୋ):** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨ ଫୁଲନଖରାରେ ଦୀର୍ଘ ଏକ ମାସ ଧରି ଜାରି ରହିଥିବା ପିଙ୍କ ଅକ୍ଟୋବର କ୍ୟାମ୍ପେନ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ହସ୍ପିଟାଲ୍‌ର ସର୍ଜିକାଲ୍ ଅଙ୍କୋଲୋଜି, କମ୍ୟୁନିଟି ମେଡିସିନ୍, ଏଣ୍ଡୋକ୍ରାଇନ୍ ସର୍ଜରୀ ବିଭାଗ ଏବଂ ଆସୋସିଏସନ୍ ଅଫ୍ ବ୍ରେଷ୍ଟ ସର୍ଜନସ୍ ଅଫ୍ ଇଣ୍ଡିଆ (ଏବିଏସ୍ଆଇ) ର ମିଳିତ ଆନୁକୂଲ୍ୟରେ ଏହି ପିଙ୍କ୍ ଅକ୍ଟୋବର କ୍ୟାମ୍ପେନ୍‌ର ଆୟୋଜନ କରାଯାଇଥିଲା।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଚଳିତ ବର୍ଷର ପ୍ରସଙ୍ଗ 'ଏଭ୍ରି ଷ୍ଟୋରୀ ଇଜ୍ ୟୁନିକ୍ ଆଣ୍ଡ ଏଭ୍ରି ଜର୍ନି ମ୍ୟାଟର୍‌ସ' ଉପରେ ଆଲୋକପାତ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ଯୋଗ ଦେଇ କହିଥିଲେ ଯେ ବର୍ତ୍ତମାନ ସମୟରେ ସ୍ତନ କର୍କଟ ରୋଗ ଏକ ମୁଖ୍ୟ ସମସ୍ୟା ରୂପେ ଦେଖାଦେଇଛି। ସାଧାରଣତଃ ମହିଳାମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ପ୍ରକାର କର୍କଟ ସମସ୍ୟା ମଧ୍ୟରେ ଏହାର ସ୍ଥାନ ଦ୍ୱିତୀୟ। ଏହା ଏକ ମାରାତ୍ମକ ରୋଗ ହୋଇଥିବାବେଳେ ଏଥିରେ ମୃତ୍ୟୁହାରର ସଂଖ୍ୟା ମଧ ଅଧିକ।

ଏକ ମାସ ବ୍ୟାପି ଚାଲିଥିବା ଏହି କ୍ୟାମ୍ପେନ୍ ପରିପ୍ରେକ୍ଷୀରେ ହସ୍ପିଟାଲ୍ ପରିସରରେ ବିଭିନ୍ନ ପ୍ରକାର ସଚେନତନତା ମୂଳକ କାର୍ଯ୍ୟକ୍ରମ ସହିତ ଏହାର ଆଖପାଖ ଅଞ୍ଚଳର ଲୋକମାନଙ୍କୁ ମଧ ସଚେତନ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ମାଧମରେ ଲୋକମାନେ କିଭଳି ଏହି ବ୍ୟାଧିକୁ ନେଇ ଭୟଭୀତ ନ ହୋଇ ଏହାର ଲକ୍ଷଣ ବିଷୟରେ ଜାଣିବା ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ସହ ପ୍ରାରମ୍ଭିକ ଅବସ୍ଥାରୁ ଚିକିତ୍ସା ଆରମ୍ଭ କରିବେ ସେ ସମ୍ପର୍କରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ପ୍ରଫେସର ସ୍ୱାଇଁ କହିଥିଲେ। ଏହି ଅବସରରେ ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ତାପସୀ ପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସ୍ତନ କର୍କଟର ଲକ୍ଷଣ, ଚିକିତ୍ସା ଓ ଲୋକମାନଙ୍କ ମନରେ ଥିବା ଭୟାବହତାକୁ କିଭଳି ଦୂର କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ।



# ସିନେମା



# ଷାଠିଏରେ ବି ଚମକୁଛନ୍ତି ଶାହରୁଖ୍



ବୟସ ବଢ଼େ ସିନା, ଶାହରୁଖଙ୍କର କିନ୍ତୁ ପ୍ରତିବର୍ଷ ବୟସ କମେ। ଏକଥା ଆମେ କହୁନୁ ମ, କହୁଛନ୍ତି କିଙ୍ଗ୍‌ଖାନ୍‌ଙ୍କର କିଛି ପ୍ରଶଂସକ।

ପ୍ରତିବର୍ଷ ଶାହରୁଖ୍ ଜନ୍ମଦିନ ପାଳନ୍ତି, ହେଲେ ବୃଦ୍ଧ ହେବା ପରିବର୍ତ୍ତେ କିପରି ଦିନକୁ ଦିନ ଯୁବା ହୁଅନ୍ତି; ତାହା ଏକ ବଡ଼ ପ୍ରଶ୍ନ। ଏକ୍ସରେ ଏକ ପୋଷ୍ଟରେ ଶାହରୁଖଙ୍କର ଜଣେ ପ୍ରଶଂସକ ଏପରି କିଛି ପଚାରିବାରୁ ବଢ଼ିଆ ଉତ୍ତର ଦେଇଛନ୍ତି କିଙ୍ଗ୍‌ଖାନ୍।

ଏକ୍ସରେ ଆସ୍କ ଶାହରୁଖ୍ ସେସନ୍‌ରେ ଜଣେ ପ୍ରଶଂସକ ମଜାଳିଆ ଭାବରେ ପଚାରିଥିଲେ କି ,''ତୁମେ ପ୍ରତିବର୍ଷ କାହିଁକି ଯୁବକ ଦେଖାଯାଉଛ ? ଏହା କଳା ଯାଦୁ ନା ସ୍କିନକେୟାର ଯାଦୁ?" ଯାହାର ଉତ୍ତର ବି ଏକ୍‌ଦମ୍ ମଜାଳିଆ ଅନ୍ଦାଜରେ ଦେଇଛନ୍ତି ଶାହରୁଖ୍। ସେ ଲେଖିଛନ୍ତି, ''ପ୍ରକୃତରେ ସତ ହେଉଛି ଦିଲ୍ ତୋ ବଚ୍ଚା ହୈ ଜୀ।

ସେଥିପାଇଁ। ଏହାଛଡ଼ା ଅନେକ କିଛି ଦେଖଣାହାରୀଙ୍କ ଆଖିରେ ଅଛି।" ସେହିପରି ଅନ୍ୟ ଜଣେ ପ୍ରଂଶସକ ଲେଖିଛନ୍ତି, ''ତୁମେ ଏତେ ସୁନ୍ଦର କେମିତି ଦେଖାଯାଉଛ ?'' ଯାହାର ଉତ୍ତରରେ କିଙ୍ଗ୍‌ଖାନ୍ କହିଛନ୍ତି, ''ମୋତେ ଲାଗୁଛି ବୟସ ମୋତେ ସୁଟ୍ କରୁଛି।''

"I think age suits me..... sexy at sixty!!! Superb at seventy....Enticing at eighty and so forth." ହାସ୍ୟରସ ବ୍ୟତୀତ ଶାହରୁଖ ଖାନ ସର୍ବଦା ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପ୍ରତି ଏକ ଶୃଙ୍ଖଳିତ ଆଭିମୁଖ୍ୟ ବଜାୟ ରଖନ୍ତି।

ଯାହାକି ତାଙ୍କୁ ଏତେ ବର୍ଷ ହେବା ପରେ ବି ଜଣେ ଯୁବକ ପରି ରଖିପାରିଛି।

ଏହାଛଡ଼ା ଏକ ପୁରୁଣା ସାକ୍ଷାତକାରରେ ସେ ତାଙ୍କର ଖାଦ୍ୟ ଏବଂ ଜୀବନଶୈଳୀ ପସନ୍ଦ ବିଷୟରେ ଖୋଲାଖୋଲି କହିଥିଲେ ଯାହା ତାଙ୍କୁ ଫିଟ୍ ଏବଂ ଉଜ୍ଜ୍ୱଳ ରହିବାରେ ସାହାଯ୍ୟ କରେ।

# 'କୁକୁ କି କୁଣ୍ଡଲି'ରେ ଭୁବନ ବାମ...



ଲୋକପ୍ରିୟ ୟୁଟ୍ୟୁବର ଭୁବନ ବାମ ଖୁବ୍ ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ତାଙ୍କୁ କରନ୍ ଜୋହରଙ୍କ ଧର୍ମା ପ୍ରଡକସନ୍‌ର ରୋମାଣ୍ଟିକ୍ କମେଡି 'କୁକୁ କି କୁଣ୍ଡଲି'ରେ ଦେଖିବାକୁ ମିଳିବ । ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ଜରିଆରେ ଭୁବନ ଏହି ସୂଚନା ଦେଇଛନ୍ତି । ସେହି ପୋଷ୍ଟରେ ନିକଟରେ ଧର୍ମା ପ୍ରଡକସନ୍ ସହ ଫିଲ୍ମ ଲାଗି ସେ ସାଇନ୍ କରିଥିବା କଣ୍ଟ୍ରାକ୍ଟର ଫଟୋ ରହିଛି । କ୍ୟାପସନ୍‌ରେ ଭୁବନ ଲେଖିଛନ୍ତି, ବନ୍ଧୁମାନେ ସ୍ୱପ୍ନ ଦେଖନ୍ତୁ । ସ୍ୱପ୍ନ ପୂରା ହୋଇଥାଏ । ଏଥିସହ ପ୍ରଶଂସକଙ୍କ ଅଜସ୍ର ଭଲପାଇବା ଲାଗି ସେମାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । 'କୁକୁ କି କୁଣ୍ଡଲି'ରେ ଭୁବନଙ୍କ ସହ ଅଭିନେତ୍ରୀ ୱାମିକା ଗବ୍ବି ନଜର ଆସିବେ । ନିର୍ଦ୍ଦେଶନା ଦାୟିତ୍ୱରେ ରହିବେ ଶରଣ ଶର୍ମା । ଏହାପୂର୍ବରୁ ଭୁବନ ଜିୟୋ ହଟଷ୍ଟାରର ସିରିଜ୍ 'ତାଜା ଖବର' ଜରିଆରେ ଅଭିନୟ ଜଗତରେ ପାଦ ରଖିଥିଲେ । 'କୁକୁ କି କୁଣ୍ଡଲି' ବ୍ୟତୀତ ତାଙ୍କ ହାତରେ ଆମାଜନ୍ ପ୍ରାଇମ୍ ଭିଡିଓର ଅପକମିଂ ୱେବ୍‌ସିରିଜ୍ 'ଦ ରିଭୋଲ୍ୟୁଶନାରିଜ୍' ମଧ୍ୟ ରହିଛି । ସେହି ୱେବ୍‌ସିରିଜ୍ ଆସନ୍ତାବର୍ଷ ରିଲିଜ୍ ହେବ ।
'ଦ ରିଭୋଲ୍ୟୁଶନାରିଜ୍'ରେ ଭୁବନଙ୍କ ସହ ରୋହିତ ସରାଫ୍, 'ଲାପତା ଲେଡିଜ୍' ଫେମ୍ ପ୍ରତିଭା ରାଣ୍ଟା, ଜେସନ୍ ଶାହ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ୩୧ ବର୍ଷୀୟ ଭୁବନ ବାମ ୨୦୧୫ରେ ନିଜର ୟୁଟ୍ୟୁବ୍ ଚ୍ୟାନେଲ 'ବିବି କି ଭାଇନ୍ସ' ଆରମ୍ଭ କରିଥିଲେ । ଏକ ଛୋଟ ରୁମ୍‌ରେ ମୋବାଇଲ୍ ଫୋନ୍ ସାହାଯ୍ୟରେ ଭିଡିଓ ରେକର୍ଡ କରୁଥିଲେ। ଭିଡିଓଗୁଡିକରେ ତାଙ୍କୁ ଭିନ୍ନ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳୁଥିଲା। ୟୁଟ୍ୟୁବ୍‌ରେ ଲୋକପ୍ରିୟତା ବଢ଼ିବା ପରେ ୨୦୧୬ରେ ସେ ମ୍ୟୁଜିକ୍ ଭିଡିଓ 'ତେରି ମେରି କାହାନୀ' ଲଞ୍ଚ କରିଥିଲେ। ସେହି ଭିଡିଓରେ ସେ ନିଜ ଗୀତ ଗାଇଥିଲେ । ଏହାପରେ ତାଙ୍କୁ ଦିବ୍ୟା ଦତ୍ତାଙ୍କ ସହ ଏକ ଶର୍ଟ ଫିଲ୍ମ 'ପ୍ଲସ ମାଇନସ୍'ରେ କାଷ୍ଟ କରାଯାଇଥିଲା। ସେହି ଫିଲ୍ମ ଲାଗି ତାଙ୍କୁ ଫିଲ୍ମଫେୟାର ପୁରସ୍କାର ମଧ୍ୟ ମିଳିଥିଲା ।



## ପାରୁଲଙ୍କୁ ମିଳିଲା ବଡ଼ ବ୍ରେକ୍

ଟିଭି ଅଭିନେତ୍ରୀ ପାରୁଲ ଗୁଲାଟିଙ୍କୁ ମିଳିଛି ବଡ଼ ବ୍ରେକ୍। ପ୍ରାୟ ୧୫ ବର୍ଷ ମନୋରଞ୍ଜନ ଶିଳ୍ପରେ କାମ କରିବା ପରେ ସେ ବଡ଼ ପରଦାରେ ନଜର ଆସିବାକୁ ଯାଉଛନ୍ତି। 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ଜରିଆରେ ସେ ବଲିଉଡରେ ପାଦ ଥାପିବେ। ଏହି ଫିଲ୍ମରେ ସେ କମେଡି କିଙ୍ଗ୍ କପିଲ ଶର୍ମାଙ୍କ ସହ ସ୍କ୍ରିନ୍ ଶେୟାର କରିବେ। ସମ୍ପର୍କରେ ପାରୁଲ କୁହନ୍ତି, କଠିନ ପରିଶ୍ରମର ପ୍ରତିଟି ଛୋଟ ପଦକ୍ଷେପ ଏବେ ଏକ ସୁନ୍ଦର ପୁରସ୍କାରରେ ପରିଣତ ହୋଇଛି। ମୋର ସ୍ୱପ୍ନ ସାକାର ହେବାକୁ ଯାଉଛି। ପ୍ରଥମ ଥର ପାଇଁ କମେଡି ଜଗତରେ ପ୍ରବେଶ କରୁଥିବାରୁ ବେଶ୍ ଉତ୍ସାହିତ।

## ବାପା ହେଲେ 'କ୍ୟାପ୍ଟେନ୍ ଆମେରିକା'



ହଲିଉଡ୍ ଅଭିନେତା ତଥା 'କ୍ୟାପ୍ଟେନ୍ ଆମେରିକା' ଷ୍ଟାର୍ କ୍ରିସ୍ ଇଭାନ୍ସ ଏବଂ ତାଙ୍କ ପତ୍ନୀ ଆଲବା ବାପ୍ଟିଷ୍ଟା ଏକ ଶିଶୁର ବାପା-ମା' ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, କ୍ରିସ୍ ଏବଂ ଆଲବା ଶନିବାର (ଅକ୍ଟୋବର ୨୫) ଆମେରିକାର ମାସାଚୁସେଟ୍‌ସ୍‌ରେ ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିଛନ୍ତି। ନିଜ ସମ୍ପର୍କକୁ ସର୍ବଦା ଗୋପନୀୟ ରଖିବାକୁ ପସନ୍ଦ କରୁଥିବା ଏହି ଦମ୍ପତି ଗର୍ଭଧାରଣ ଖବରକୁ ମଧ୍ୟ ଲୋକଲୋଚନରୁ ଦୂରରେ ରଖିଥିଲେ। ତେବେ ଶିଶୁର ନାମ କିମ୍ବା ଲିଙ୍ଗ ବିଷୟରେ ସେମାନେ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାଁନ୍ତି।

## ଅଲଗା ହେବ ଜୟ-ମାହି



ଲୋକପ୍ରିୟ ଟେଲିଭିଜନ କପଲ ଜୟ ଭାନୁଶାଳୀ ଏବଂ ମାହି ଭିଜଙ୍କ ସମ୍ପର୍କକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ଅନେକ ରିପୋର୍ଟ ଦାବି କରୁଛି ଏବଂ ଗଣମାଧ୍ୟମ ଦ୍ରୁତ ଗତିରେ ପ୍ରସାରିତ ହେଉଛି ଯେ ଜୟ ଏବଂ ମାହିଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଏପରି ମଧ୍ୟ କୁହାଯାଉଛି ଯେ ଏହି ଦମ୍ପତି କିଛି ମାସ ପୂର୍ବରୁ ଛାଡପତ୍ର ପାଇଁ ଆବେଦନ କରିଥିଲେ ଏବଂ ଛାଡପତ୍ର ପତ୍ରରେ ମଧ୍ୟ ସାଇନ କରିଛନ୍ତି। ଅଭିନେତା ଜୟ ଭାନୁଶାଳୀ ଏବଂ ମାହି ଭିଜ ୨୦୧୧ ମସିହାରେ ବିବାହ କରିଥିଲେ ଏବଂ ବର୍ତ୍ତମାନ ୧୪ ବର୍ଷ ପରେ ସେମାନେ ଅଲଗା ହେଉଛନ୍ତି। ହିନ୍ଦୁସ୍ତାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଜୟ ଭାନୁଶାଳୀ ଏବଂ ମାହି ଭିଜଙ୍କ ମଧ୍ୟରେ ବହୁତ ଦିନ ଧରି ଫାଟ ଥିଲା।

## ଗୁରୁତର ସୁଧୀର



୧୯୭୭ ମସିହାର କ୍ଲାସିକ୍ ଚଳଚ୍ଚିତ୍ର 'ଶିରିଡି କେ ସାଇବାବା'ରେ ସାଇ ବାବାଙ୍କ ଭୂମିକାରେ ଅଭିନୟ କରିଥିବା ଅଭିନେତା ସୁଧୀର ଦଲଭିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି। ୨୦୨୫ ଅକ୍ଟୋବର ୮ ତାରିଖରେ ସୁଧୀରଙ୍କୁ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତର ସୁଧୀରଙ୍କ ସ୍ୱାସ୍ଥ୍ୟ ଉପରେ ୨୪ଘଣ୍ଟା ନିରିକ୍ଷଣ ରଖି ଚିକିତ୍ସା ଜାରି ରଖିଛନ୍ତି। ରିପୋର୍ଟ ଅନୁଯାୟୀ, ସୁଧୀର ଦଲଭି ସେପ୍ସିସ୍ ନାମକ ଏକ ଗମ୍ଭୀର ରୋଗରେ ପୀଡ଼ିତ।



## 'ସ୍ପିରିଟ୍'ରେ ମୁହାଁମୁହିଁ ହେବେ ଡନ୍ ଲି-ପ୍ରଭାସ

ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ନିର୍ଦ୍ଦେଶିତ ତଥା ପ୍ରଭାସ ଅଭିନୀତ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ସ୍ପିରିଟ୍'କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। କୋରିଆନ୍ ଅଭିନେତା ଡନ୍ ଲି (Don Lee), ଯିଏ ମା ଡଙ୍ଗ-ସିଓକ୍ (Ma Dong-seok) ନାମରେ ମଧ୍ୟ ପରିଚିତ, ଏହି ପ୍ରୋଜେକ୍ଟରେ ସାମିଲ୍ ହୋଇଛନ୍ତି। ଏକ କୋରିଆନ୍ ଏଣ୍ଟରଟେନମେଣ୍ଟ ପୋର୍ଟାଲ୍ ରିପୋର୍ଟ ଅନୁଯାୟୀ, ଡନ୍ ଲି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ, ଯିଏକି ପ୍ରଭାସଙ୍କ ବିପକ୍ଷରେ ରହିବେ। ଏହା ଡନ୍ ଲିଙ୍କର ଭାରତୀୟ ସିନେମାରେ ପ୍ରଥମ ଅଭିନୟ ହେବ। ଏହି ଖବରକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବହୁଗୁଣିତ ହୋଇଛି। ଡନ୍ ଲି ଜଣେ ପ୍ରସିଦ୍ଧ କୋରିଆନ୍ ଷ୍ଟାର୍, ଯିଏକି ତାଙ୍କର ଦୃଢ଼ ଓ ଆକ୍ସନ୍ ଭୂମିକା ପାଇଁ ଜଣାଶୁଣା। ତାଙ୍କର ୨୦୧୬ର ଜମ୍ବି ଥ୍ରିଲର୍ ଫିଲ୍ମ

## ମମତା କୁଲକର୍ଣ୍ଣିଙ୍କ ଉଛୁଳିଲା ଆତଙ୍କୀ ପ୍ରେମ

# ଦାଉଦ୍ ଇବ୍ରାହିମ ନୁହନ୍ତି ଆତଙ୍କବାଦୀ





ଅଭିନେତ୍ରୀରୁ ସନ୍ଥ ବନିଥିବା ମମତା କୁଲକର୍ଣ୍ଣି ଏବେ ପୁଣି ଚର୍ଚ୍ଚାରେ । ଅଣ୍ଡରଓ୍ୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ ଉପରେ ବୟାନ ଦେଇ ବିବାଦୀୟ ହୋଇଛନ୍ତି । ଗୋରଖପୁରରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ମମତା କୁଲକର୍ଣ୍ଣି ଦାଉଦ ଇବ୍ରାହିମର ନାଁ କହିଲେ ସେ ଆତଙ୍କବାଦୀ ନୁହନ୍ତି । ତାଙ୍କୁ ଭୁଲରେ ଉପସ୍ଥାପନା କରାଯାଇଛି । ମମତା କୁଲକର୍ଣ୍ଣି ଆହୁରି କହିଛନ୍ତି ଯେ, ତାଙ୍କ ନାମ କେବେବି ବୋମା ବିସ୍ଫୋରଣ ଭଳି କୌଣସି ଷଡ଼ଯନ୍ତ୍ରରେ ଜଡିତ ହୋଇନାହିଁ । ଗଣମାଧ୍ୟମ ଏବଂ କିଛି ରାଜନୈତିକ ଶକ୍ତି ବର୍ଷ ବର୍ଷ ଧରି ଦାଉଦକୁ ନକାରାତ୍ମକ ଦୃଷ୍ଟିରେ ଚିତ୍ରଣ କରିଆସୁଛନ୍ତି। ପୂର୍ବରୁ, ମମତା ବାବା ଗୋରଖନାଥଙ୍କ ଆଶୀର୍ବାଦ ନେବାକୁ ଏବଂ ପ୍ରାର୍ଥନା କରିବା ପାଇଁ ଗୋରଖନାଥ ମନ୍ଦିର ଯାଇଥିଲେ। ୧୯୯୦ ଦଶକରେ ହିନ୍ଦୀ ସିନେମାରେ ତାଙ୍କର ସାହସିକ ଭୂମିକା ଏବଂ ହିଟ୍ ଫିଲ୍ମ ପାଇଁ ଜଣାଶୁଣା ମମତା ଏବେ ଏକ ଆଧାତ୍ମିକ ଜୀବନଯାପନ କରୁଛନ୍ତି ପ୍ରୟାଗରାଜ ମହାକୁମ୍ଭରେ କିନ୍ନର ଆଖଡ଼ାରେ ମହାମଣ୍ଡଳେଶ୍ୱର ନିଯୁକ୍ତ ହେବା ନେଇ ମମତା କୁଲକର୍ଣ୍ଣି ଚର୍ଚ୍ଚାରେ ଥିଲେ। କିନ୍ତୁ ପରେ ସେ ଏହି ପଦବୀରୁ ଇସ୍ତଫା ଦେଇଥିଲେ। ମାତ୍ର ଦୁଇ ଦିନ ପରେ, ତାଙ୍କୁ ମହାମଣ୍ଡଳେଶ୍ୱର ଭାବରେ ପୁନଃନିଯୁକ୍ତ କରାଯାଇଥିଲା। ତା'ପରେ ସେ ତାଙ୍କ ଗୁରୁଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ମମତା କୁଲକର୍ଣ୍ଣିଙ୍କ ନାଁ ଏବେ ଯମାୟୀ ମମତା ନନ୍ଦ ଗିରି ହୋଇଛି। ମମତା କହିଛନ୍ତି, "ମୁଁ ମୋ ଗୁରୁଙ୍କ ପ୍ରତି କୃତଜ୍ଞ ଯେ ମୋତେ ଏହି ପଦବୀରେ ପୁନଃନିଯୁକ୍ତ କରିଛନ୍ତି। ମୁଁ ମୋ ଜୀବନ କିନ୍ନର ଆଖଡ଼ା ଏବଂ ସନାତନ ଧର୍ମ ପାଇଁ ଉତ୍ସର୍ଗ କରିବି।"

# ବର କନ୍ୟା ବେଶରେ ସଞ୍ଜୟ-ମହିମା



ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀ ଏବଂ ଅଭିନେତା ସଞ୍ଜୟ ମିଶ୍ରଙ୍କର ଏକ ଭିଡିଓ ଅନଲାଇନରେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓରେ ଦୁହେଁ ବର-କନ୍ୟା ପୋଷାକରେ ନଜର ଆସିଛନ୍ତି। ୫୨ ବର୍ଷ ବୟସରେ ମହିମାଙ୍କୁ କନ୍ୟା ବେଶରେ ଦେଖି ଇଣ୍ଟରନେଟ୍‌ରେ ସେ ଦ୍ୱିତୀୟ ବିବାହ କଲେ କି ବୋଲି ଚର୍ଚ୍ଚା ହେଉଛି। ମହିମା ଚୌଧୁରୀ ଏକ ଲାଲ ବଧୂ ଶାଢ଼ି ଏବଂ ସଞ୍ଜୟ ମିଶ୍ର ଏକ କୁର୍ତ୍ତା ଏବଂ କୋଟ ପିନ୍ଧିଥିବା ବେଳର ଫଟୋ ଓ ଭିଡିଓ ଇଣ୍ଟରନେଟରେ ଦ୍ରୁତ ଗତିରେ ବ୍ୟାପିଗଲା। ଏହି ଯୋଡ଼ିକୁ ଏକ ସର୍ବସାଧାରଣ ସ୍ଥାନରେ ହସି ହସି ଫଟୋଗ୍ରାଫରଙ୍କୁ ପୋଜ୍ ଦେଉଥିବାର ଦେଖାଯାଇଥିଲା। ଫଳରେ ପ୍ରଶଂସକମାନେ ଅନୁମାନ କରିବା ଆରମ୍ଭ କରିଥିଲେ ଯେ ଏହି ଦୁଇ କଳାକାର ଏକ ବ୍ୟକ୍ତିଗତ ଉତ୍ସବରେ ବିବାହ କରିଛନ୍ତି ବୋଲି।

## ଭବ୍ୟତୋରଣ ନିର୍ମାଣ ସକାଶେ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ



**ବରପାଲି,୩୦।୧୦ (ସଂଚାର ବ୍ୟୁରୋ):** ବରପାଲିରୁ ବରଗଡ଼ ଯାଉଥିବା ୨୬ନମ୍ବର ଜାତିୟ ରାଜପଥ ଉପରେ ଶିତଳଷଷ୍ଠି ଯାତ୍ରା ର ଶତବାଷିକୀ ସ୍ମାରଣୀ ଭାବରେ ଭବ୍ୟତୋରଣ ନିର୍ମାଣ ସକାଶେ ଭୁମିପୁଜନ ସହ ଭିତ୍ତିପ୍ରସ୍ତର ସ୍ଥାପନ ପର୍ବ ସମ୍ପର୍ଣ୍ଣ ହୋଇଯାଇଛି। ବୁଧବାର ଦିନ ସକାଳ ସମୟରେ ବିଜେପୁର ବିଧାୟକ ସନତ ଗଡ଼ତିୟାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ଉଦଘାଟନ ସହ ଭୁମିପୁଜନ କରାଯାଇଥିଲା। ଶତାଧିକ ବର୍ଷର ମହାନ ଶିତଳଷଷ୍ଠି ଯାତ୍ରାର ସ୍ମାରକୀକୁ ଉଜ୍ଜିବିତ ରଖିବା ସହ ସର୍ବସାଧାରଣଙ୍କୁ ସ୍ୱାଗତ ଜଣାଇବା ଉଦେଶ୍ୟରେ ଏହି ଶୁଭ ଉଦଘାଟନ କାର୍ଯ୍ୟ ସମ୍ପାଦିତ ହେଲା ବୋଲି ବିଧାୟକ ଗଡ଼ତିୟା କହିଥିଲେ। କମିଟି ପକ୍ଷରୁ ବରପାଲି-ବରଗଡ଼ ମୁଖ୍ୟ ରାଜରାସ୍ତା ଉପରେ ଆୟୋଜନ କରାଯାଇଥିଲା। ଶୀତଳଷଷ୍ଠୀ ଯାତ୍ରା କମିଟୀ ସଭାପତି ଆନନ୍ଦ ବାବୁଙ୍କ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେରେ କମିଟି ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ସମେତ ବରପାଲି ଜମିଦାର ଲାଲବିକ୍ରମ ସିଂଦେଓ, ଯୁବ ନେତା ପ୍ରତାପ ସିଂ, ବରିଷ୍ଠ ଉପଦେଷ୍ଟା ପିନାକୀ ଦାଶ, ପଣ୍ଡିତ ହେମନ୍ତ ମିଶ୍ର, ପଣ୍ଡିତ ସଦାନନ୍ଦ ଦାଶ, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଅରୁଣ ପାଣ୍ଡେ, ଏନଏସି ଅଧକ୍ଷ ଦିନେଶ ଗହୀର, ତହସିଲଦାର ରୁକ୍ମଣ ମେହେର, ବିଡିଓ ସୁମନ୍ତ କୁମ୍ଭାର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ ଶତପଥୀ, ସହକାରୀ ଯନ୍ତ୍ରୀ ସଞ୍ଜୟ ପାତ୍ର, କନିଷ୍ଠ ଯନ୍ତ୍ରୀ ଦୁବରାଜ ହେମରମ ପ୍ରମୁଖଙ୍କସହ କମିଟିର ବରିଷ୍ଠ ସଦସ୍ୟ ଏବଂ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ।

## ସାମାଜିକ ବାସନ୍ଦର କରୁଣ ଚିତ୍ର
# ତିନି ଯୁବତୀଙ୍କ କାନ୍ଧରେ ବୁହାହେଲା ଶବ

**ଲାଞ୍ଜିଗଡ଼,୩୦।୧୦ (ସଂଚାର ବ୍ୟୋରୋ):** ଆଧୁନିକ ଯୁଗ ଓ ଆଧୁନିକ ଶିକ୍ଷା ସତ୍ୱେ ଆଜିବି ଲୋକଙ୍କ ମନରେ ବସା ବାନ୍ଧି ରହିଛି କୁସଂସ୍କାର। ଅଳନ୍ଧୁ ପରି ଜାବୁଡି ଧରିଛି ସାମାଜିକ କଟକଣା। ଏହି ଭେଦଭାବ, କଟକଣା ଏତେ ମଜବୁତଯେ'ଆଜିର ଶିକ୍ଷା, ସଂସ୍କାରବି ସେସବୁ ଆଗରେ ମଜବୁର ହୋଇଯାଉଛି। ଜୀବନ ଥିବା ମଣିଷତ ଏହି ସାମାଜିକ ଭେଦଭାବ, କଟକଣା ଓ ବାସନ୍ଦର ଶିକାର ହୋଇ ଯାହା ଯନ୍ତ୍ରଣା ଭୋଗୁଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ମଣିଷର ମୃତ୍ୟୁ ପରେ ଶବବି ଏଥିରୁ ବାଦ ପଡୁନାହିଁ। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି



କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ରେ। ଶିଳ୍ପର ସହର ଲାଞ୍ଜିଗଡ଼ରେ ମୃତ୍ୟୁର ଦୀର୍ଘ ୮ ଘଣ୍ଟା ପର୍ଯ୍ୟନ୍ତ ଶବକୁ କାନ୍ଧ ନ'ମିଳିବାରୁ ତିନି ଯୁବତୀ ଶବକୁ କାନ୍ଧରେ ବୋହି ମସାଣିକୁ ନେବା ଏବେ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏପରିକି ଜାତିଭାଇ ସମସ୍ତେ ମୁହଁ ଫେରାଇ ନେବା ପରେ ତିନିଜଣ ସମ୍ପର୍କୀୟ ଯୁବତୀ ଆଗେଇ ଆସି ଶବକୁ କାନ୍ଧ ଦେଇଛନ୍ତି। ଯେଉଁଠି ମହିଳାଙ୍କୁ ମଶାଣୀକୁ ଯିବା ମନା ହୋଇଥାଏ ସେଇଠି ଏହି ତିନି ଭଉଣୀ ସୃଷ୍ଟି କରିଛନ୍ତି ଉଦାହରଣ। ଶବକୁ ଉପଯୁକ୍ତ ସମ୍ମାନ ଦେଇଛନ୍ତି।ନିଜକୁ ସଭ୍ୟ, ଶିକ୍ଷିତ ବୋଲାଉଥିବା ସେହି ସମାଜର ବଡବଡ଼ିଆ ମାନଙ୍କ ମୁହଁରେ ସତେ ଯେମିତି ଚାପୁଡ଼ା ମାଡ଼ ଦେଇଛନ୍ତି।ଖବର ଅନୁଯାୟୀ ବୁଧବାର ସକାଳ ପ୍ରାୟ ୮ଟା ସମୟରେ ଲାଞ୍ଜିଗଡ଼ ପ୍ରଧାନୀପଡ଼ାର ଜଣେ ଯୁବକ ମହେନ୍ଦ୍ର ଦଳେଇଙ୍କ ମୃତ୍ୟୁ ଘଟିଥିଲା। କିଛି ବର୍ଷ ପୂର୍ବରୁ ତାଙ୍କ ବାପା ମାଆଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା।ସେତେବେଳେ ମଧ୍ୟ ଶବ ସଂସ୍କାର ପାଇଁ ସମସ୍ୟା ଦେଖାଦେଇଥିଲା। କିନ୍ତୁ ସବୁଠାରୁ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା ମହେନ୍ଦ୍ରଙ୍କ ମୃତ୍ୟୁ ପରେ। ସକାଳ ୮ଟାରେ ମୃତ୍ୟୁ ପରେ ତାଙ୍କ ବଡ଼ବାପା ଓ ଅନ୍ୟମାନେ ଶବ ସଂସ୍କାର ପାଇଁ ଜାତିଭାଇଙ୍କୁ ନେହୁରା ହୋଇଥିଲେ।କିନ୍ତୁ ସାମାଜିକ କଟକଣା ଭୟରେ କେହି ବାହାରିନଥିଲେ।ଏନେଇ ଅବିଭକ୍ତ କଳାହାଣ୍ଡି କ୍ଷତ୍ରିୟ ପାଇକ ସମାଜ କୋଳଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେସନିଆଙ୍କୁ ପଚାରିବାରୁ ଆମେ ମନା କଲା ସତ୍ୱେ ମଧ୍ୟ ତାଙ୍କ ପରିବାରର ଝିଅ ମାନଙ୍କୁ ଶବ ବୁହାଇ ଥିଲେ ବୋଲି ମତପ୍ରକାଶ କରିଛନ୍ତି।

## ଇଡ୍‌କୋ ବିରୋଧରେ ଗର୍ଜିଲେ ଆଦିବାସୀ

**ମାଲକାନଗିରି,୩୦।୧୦ (ସଂଚାର ବ୍ୟୁରୋ):** ଇଡ୍‌କୋ ପାଇଁ ରାଜ୍ୟ ସରକାର ମାଲକାନଗିରି ଜିଲ୍ଲାରେ ଜାଗା ଚିହ୍ନଟ କରିଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ତୀବ୍ର ବିରୋଧ କରୁଛନ୍ତି। ମାଲକାନଗିରି ବ୍ଲକ ଅନ୍ତର୍ଗତ ସିନ୍ଧ୍ରିମାଳ ପଞ୍ଚାୟତର ସୀମାଗୁଡ଼ି ନିକଟସ୍ଥ ଜଂଗଲକୁ ଛାଡ଼ିବୁ ନାହିଁ ବୋଲି ଆଜି ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଏକତ୍ର ହୋଇ ପ୍ରଶାସନ ବିରୋଧରେ ଗର୍ଜିଛନ୍ତି। ସେମାନେ ପାରଂପାରିକ ଅସ୍ତ୍ରଶସ୍ତ୍ର ସହ ରାଜରାସ୍ତାକୁ ଓହ୍ଲାଇ ଥିଲେ। ମରିବୁ ପଛେ ଛାଡ଼ିବୁ ନାହିଁ ଇଞ୍ଚେ ଜାଗା। ଏଭଳି ନାରା ଦେଇ ମାଲକାନଗିରି ଜିଲ୍ଲା ସଦର ମହକୁମା ଠାରୁ ୧୦ କିମି ଦୂର ସୀମାଗୁଡ଼ି ଜାତୀୟ ରାଜପଥରେ କରିଛନ୍ତି ଏକ ବିରାଟ ଶୋଭାଯାତ୍ରା। ଓଡ଼ିଶା ଶିଳ୍ପାଞ୍ଚଳ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ଼କୋ) ପାଇଁ ମାଲକାନଗିରି ପ୍ରଶାସନ ସୀମାଗୁଡ଼ି ନିକଟରେ ୪୨ ଏକାର ଜାଗା ଚିହ୍ନଟ କରିଥିବା ବେଳେ ଏହାକୁ ବିରୋଧ କରିଛି ଆଦିବାସୀ ମହାସଂଘ। ଏହି ଜାଗାରେ ବର୍ଷ ବର୍ଷ ଧରି ଆଦିବାସୀମାନେ ଚାଷ କରିବା ସହ ଜଂଗଲରୁ କାଠ ଓ ଅନ୍ୟାନ୍ୟ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ତେଣୁ ଏଠାରେ କୌଣସି କମ୍ପାନି ପ୍ରତିଷ୍ଠା ହେଲେ ଆଦିବାସୀମାନେ ଜୀବିକା ହରାଇବେ। ପ୍ରଶାସନ ଜବରଦସ୍ତ ଏ ଜାଗାକୁ ନେବାକୁ ଚେଷ୍ଟା କଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଆଦିବାସୀ ମହାସଂଘ ଚେତାବନୀ ଦେଇଛି। ଏ ନେଇ ସୀମାଗୁଡି ଠାରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଆଦିବାସୀ ମହାସଂଘର ସଭାପତି ବନ୍ଧୁ ମୁଦୁଲିଙ୍କ ନେତୃତ୍ୱରେ ଏହି ରାଲି ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

## ବ୍ଲକ ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ



**କଳାହାଣ୍ଡି,୩୦।୨୦(ସଂଚାର ବ୍ୟୁରୋ):** ରାଜ୍ୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୮ ରୁ ନଭେମ୍ବର ୦୩ ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳନ ହେଉଥିବା ବେଳେ ଗୁରୁବାର କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହ ରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଭିଜିଲାନ୍ସ ବିଭାଗର ଡ଼ିଏସପି ପ୍ରଦୀପ କୁମାର ଆଇଣ୍ଡ, ସମ୍ମାନିତ ଅତିଥି ଭାବେ ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ବିଇଓ ମହେଶ କୁମାର ଭାଟି, ଡିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପୁଷ୍ପରାଜ ମେହେର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ରେ ଉପସ୍ଥିତ ସମସ୍ତ ବ୍ଲକ ର ଅଧିକାରୀ, କର୍ମଚାରୀ, କଲେଜ ର ଅଧ୍ୟାପକ, ଅଧ୍ୟାପିକା, ବିଭିନ୍ନ ପଞ୍ଚାୟତ ର ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ଡିଗ୍ରୀ ମହାବିଦ୍ୟାଳୟ ଯୁଥ ରେଡ଼କ୍ରସ ଛାତ୍ରଛାତ୍ରୀ ମାନେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସମସ୍ତେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଶପଥ ପାଠ କରିଥିଲେ। ଉପସ୍ଥିତ ଅଧିକାରୀ ମାନେ ଦୁର୍ନୀତି ଆମ ସମାଜ ର ଏକ ବ୍ୟାଧି, ଏହାକୁ ଆମେ ସ୍ୱର ଉତ୍ତୋଳନ ସହ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ବୋଲି କହିଥିଲେ।କାର୍ଯ୍ୟକ୍ରମ କୁ ଜିପିଡ଼ିଓ ମିଲୁ ପ୍ରଧାନୀ ପରିଚାଳନା କରିଥିବା ବେଳେ ବିଇଓ ଶ୍ରୀ ଭାଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ



**କନ୍ଧମାଳ,୩୦।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଆଦିବାସୀ ମହା ବିଦ୍ୟାଳୟର ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ତଥା ମହା ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଜନ୍ମ ଦିବସ ପାଳନ ଅବସରରେ ରଚନା ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଓଡ଼ିଶା ପୋଲିସ ପକ୍ଷରୁ ବାଲିଗୁଡ଼ା ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ନେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ତଥା ଲୌହ ମାନବ ଙ୍କ ଜୀବନୀ ଉପରେ ରଚନା ଓ ବକ୍ତୃତା ପ୍ରତିଯୋଗିତା ଆଦିବାସୀ ମହାବିଦ୍ୟାଳୟରେ ଆୟୋଜନ କରିଥିଲେ। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଆଦିବାସୀ ମହାବିଦ୍ୟାଳୟର ଛତ୍ରା ଛାତ୍ରୀ ଭାଗ ନେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ବାଲିଗୁଡ଼ା ଆରକ୍ଷୀ ଅଧକାରୀ ରାମେନ୍ଦ୍ର ପ୍ରସାଦ ସମେତ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷଣ ପାଳ, ଅଧ୍ୟାପକ ତେଜେଶ୍ୱର ନାୟକ, ବିଭୂତି ଭୂଷଣ ଆଚାର୍ଯ୍ୟ, ସରୋଜ କୁମାର ପାଠି, ନୀଳାଞ୍ଚଳ ମହାରଣା ଥିବା ବେଳେ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓ ଅଧ୍ୟାପକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିଷୟରେ ଛାତ୍ର ଛାତ୍ରୀଙ୍କୁ ସୁନ୍ଦର୍ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ବକ୍ତୃତା ପ୍ରତିଯୋଗୀତାରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଭାଗ ନେଇଥିଲେ ବେଳେ ପ୍ରଥମ ସ୍ଥାନ ପଲ୍ଲବୀ ଦିଗାଲ, ଗୌରୀ ଦିଗାଲ ଓ ତୃତୀୟ ସ୍ଥାନରେ ସ୍ନେହାସ୍ରୀ ରଥ କୃତିତ୍ୱ ହୋଇଥିଲେ। କୃତିତ୍ୱ ଛାତ୍ରୀଙ୍କୁ ଏସ୍‌ଡିପିଓ ପୁରସ୍କୃତ କରିଥିଲେ।।

## ଦୁର୍ନୀତି ନିବାରଣ ସଚେତନତା ରାଲି ଆୟୋଜିତ

**ଛାତ୍ରଛାତ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଦେଲେ ସେଚେତନତାର ବାର୍ତ୍ତା**



**ବରଗଡ଼,୩୦।୧୦ (ସଂଚାର ବ୍ୟୁରୋ):** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ଅବସରରେ ଜିଲ୍ଲା ପ୍ରସାଶନ ଏବଂ ଦୁର୍ନୀତି ନିବାରଣ ବିଭାଗର ମିଳିତ ଉଦ୍ୟମରେ ଜିଲ୍ଲା, ବ୍ଲକ, ପଞ୍ଚାୟତ ଏବଂ ଗ୍ରାମାଞ୍ଚଳ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ସଦର ମହକୁମାଠାରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ଆରକ୍ଷୀ ଅକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଲିର ଶୁଭାରମ୍ଭ କରିଥିବା ବେଳେ ସାମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ଡିଏସପି ଭିଜିଲାନ୍ସ ସୁଷମା ତିର୍କୀ, ଇନ୍ସପେକ୍ଟର ଭିଜିଲାନ୍ସ ସୁଷମା ପଶାୟତ ଏବଂ ବରଗଡ଼ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଚେତନତା ରାଲିରେ ଛାତ୍ରଛାତ୍ରୀ ଏବଂ ମହିଳା ମାନେ ସମାଜରେ ଉତ୍କୋଚର କୁପ୍ରଭାବ ବିଷୟବସ୍ତୁ ଆଧାରିତ ବିଭିନ୍ନ ସ୍ଲୋଗାନ ସହ ଉକ୍ତ ବର୍ଷର ଥିମ୍ 'ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ' ମୂଳମନ୍ତ୍ରରେ ଦୀକ୍ଷିତ ହେବା ପାଇଁ ଲୋକଙ୍କୁ ସଚେତନ କରିଥିଲେ।

## ସ୍ୱେଚ୍ଛାସେବୀ ସଂଗଠନର ପଞ୍ଚମ ବାର୍ଷିକ ମହୋତ୍ସବ



**ବଲାଙ୍ଗିର,୩୦।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନର ବାର୍ଷିକ ଭେଟ କାର୍ଯ୍ୟକ୍ରମ ସମର୍ପଣ ଉତ୍ସବ ହୋଇଯାଇଛି। ସ୍ଥାନୀୟ କୋସଲ କଳା ମଣ୍ଡଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେପି ନେତା ଗୋପାଲଜି ପାଣିଗ୍ରାହୀ, ବଲାଙ୍ଗିର ପୌରଧ୍ୟକ୍ଷା ଲିକା ସାହୁ, ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବିଜେଡି ନେତା ଲକ୍ଷ୍ମଣ ମେହେର, ସ୍ୱରାଜ ଡାକ୍ତରଖାନା ଡାଇରେକ୍ଟର ସ୍ୱରାଜ ମିଶ୍ର ଓ ତାଙ୍କ ସ୍ତ୍ରୀ, ବ୍ୟବସାୟୀ ସମାଜ ସେବୀ କିଶୋର ରଥ ପ୍ରମୁଖ ଯୋଗଦେଇଥିଲେ। ଅସହାୟ ଶିଶୁ ଓ ଭିନ୍ନକ୍ଷମ ଶିଶୁମାନଙ୍କୁ ନେଇ ସମର୍ପଣ ଦିବସ ପାଳନ କରାଯାଇଥିଲା। ପରେ ବହୁ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ ଗାୟକ ଉମାକାନ୍ତ ବାରିକ ସମ୍ବଲପୁରୀ ଗୀତରେ ମଞ୍ଚ ଦୁଲୁକାଇଥିଲେ।

## ଜିଲ୍ଲାସ୍ତରୀୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ

**ବଲାଙ୍ଗିର,୩୦।୧୦ (ସଂଚାର ବ୍ୟୁରୋ):** "ଭାରତର ଲୌହ ପୁରୁଷ" ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ କୁ ସାରା ରାଜ୍ୟରେ ସର୍ଦ୍ଦାର @ ୧୫୦ ଉତ୍ସବ ଭାବେ ଆୟୋଜନ କରିବେ । ବଲାଙ୍ଗିର ଜିଲ୍ଲାରେ ମହାଆଡମ୍ବର ସହକାରେ ପାଳନ ନିମନ୍ତେ ଆଜି ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଠାରେ ଜିଲ୍ଲାପାଳ, ଗୌରବ୍ଧ ଶିବାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଏବଂ ଅତିରିକ୍ତ ଜିଲ୍ଲାପାଳ ଡାଃ ବିଜୟାନନ୍ଦ ସେଠୀ ଉପସ୍ଥିତ ଥିଲେ । ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ "ଏକତା ପଦଯାତ୍ରା" ଆୟୋଜନ କରାଯାଉଛି, ଏଥି ନିମନ୍ତେ ଜିଲ୍ଲା ସ୍ତରୀୟ କୋର କମିଟି ଓ ସବ କମିଟି ଗଠନ କରାଯାଇଛି । ଏହି ଏକତା ପଦଯାତ୍ରା ୩୧ ଅକ୍ଟୋବର ରୁ ୨୫ ନଭେମ୍ବର ମଧ୍ୟରେ ବଲାଙ୍ଗିର ଠାରେ ଆୟୋଜନ କରାଯିବ । ଏହି ପଦଯାତ୍ରାରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତରେ ପଦଯାତ୍ରା ଆୟୋଜିତ ହେବ । ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ସମାଜର ସବୁ ବର୍ଗର ଲୋକ ମାନଙ୍କୁ 'ଏକ ଭାରତ ଆତ୍ମନିର୍ଭର ଭାରତ'ର ବାର୍ତ୍ତା ଦେବା ।

## ଲାଇସେନ୍ସ ପ୍ରାପ୍ତ ଠିକାକାର୍ଯ୍ୟ ନପାଇ ଅସନ୍ତୁଷ୍ଟ ଠିକାଦାର



**ସୁବର୍ଣ୍ଣପୁର,୩୦।୧୦ (ସଂଚାର ବ୍ୟୁରୋ):** ଲାଇସେନ୍ସ ପ୍ରାପ୍ତ ଠିକାଦାର ଙ୍କୁ ଠିକା କାମ ନ ଦେଇ ରାଜନୈତିକ ଦଳୀୟ ଲୋକଙ୍କୁ ଦିଆଯାଉଛି କାମ ବୋଲି ଅଭିଯୋଗ କଲେ। ସୁବର୍ଣ୍ଣପୁର ଜିଲ୍ଲା ଠିକାଦାର ସଂଘ ତରଫରୁ ଅନେକ ଠିକାଦାର ଜିଲ୍ଲାପାଳ ଡ. ନୃପରାଜ ସାହୁ ଙ୍କୁ ଭେଟି ବିଭିନ୍ନ ବିଭାଗ ରେ ଠିକା କାମ ମିଳୁନଥିବା କହି ଜିଲ୍ଲାପାଳ ଜରିଆରେ ଅଧିକ୍ଷଣ ଯନ୍ତ୍ରୀ, କୋଠାବାଡ଼ି ଓ ରାସ୍ତା ନିର୍ମାଣ ବିଭାଗ, ସୋନପୁର ଙ୍କ ଉଦ୍ଦେଶ୍ୟ ରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଠିକାଦାର ସଂଘ କହିବା ମୁତାବକ ଠିକାଦାର ସରକାର ଙ୍କୁ ଟେକ୍ସ ଦେଉ ଥିବା ସ୍ୱତ୍ତେ ଅଣକୁଶଳୀ ନିର୍ଦ୍ଦିଷ୍ଟ ରାଜନୈତିକ ଦଳୀୟ ଲୋକଙ୍କୁ ଠିକା କାମ ବଣ୍ଟନ ପରେ ଉକ୍ତ ଠିକାଦାର ବୋଲାଉଥିବା ଦଳୀୟ ବ୍ୟକ୍ତି ଲାଇସେନ୍ସ ପ୍ରାପ୍ତ ଠିକାଦାର ଙ୍କୁ ଚଢ଼ା ଦରରେ ଠିକାକାମକୁ ବିକ୍ରି କରୁଛନ୍ତି। ଏହି ଦଲାଲ ଗିରି କୁ ସମ୍ପୂର୍ଣ୍ଣ ବନ୍ଦ କରି ଲାଇସେନ୍ସ ପ୍ରାପ୍ତ ଠିକାଦାର ଙ୍କୁ ଉଚିତ୍ ଉପାୟ ରେ ଠିକା କାମ ପ୍ରଦାନ କରିବାକୁ ଜିଲ୍ଲାପାଳ ଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଦଲାଲ ମାନଙ୍କୁ ଠିକା କାମ ଦେବା ଦ୍ୱାରା ନିମ୍ନ ମାନ ର କାମ ହେବାସହ ଅନେକ କାମ ଅଧପନ୍ତିରିଆ କାମ ପଡ଼ିଥିବା କହିଛନ୍ତି ଠିକାଦାର ସଂଘ। ଯଦି ୧୦ ଦିନ ଭିତରେ ଏହା ଉପରେ ବିଭାଗୀୟ କାର୍ଯ୍ୟନୁଷ୍ଠାନ ନ ନିଆ ଯାଏ ତାହେଲେ ଧର୍ମଘଟ, ବନ୍ଦ ଡାକରା ଦେବାକୁ ମଧ୍ୟ ଠିକାଦାର ସଂଘ ପଛଘୁଞ୍ଚା ଦେବେ ନାଇ କହି ଦାବୀ ପତ୍ର ରେ ଉଲ୍ଲେଖ ଅଛି।

## କନକତୁରାରେ ସଚେତନତା କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୩୦।୧୦ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର ହେମଗିରୀ ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କନକତୁରା ଠାରେ ୩୦ ଅକ୍ଟୋବର ୨୦୨୫ ଗୁରୁବାର ଦିନ ବିଦ୍ୟାଳୟର ଅଧ୍ୟକ୍ଷ ତେଜରାମ ସାହୁଙ୍କ ଅଧ୍ୟକ୍ଷତାରେ ସାଇବର ସିକ୍ୟୁରିଟି ଏବଂ ପୋକ୍ସୋ ଏକ୍ଟ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଯେଉଁଠାରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ହେମଗିରି ଥାନା ଅଧିକାରୀ ମନୋରଞ୍ଜନ ବିଶି ସରଳ ଏବଂ ମଧୁର ଭାଷାରେ ଛାତ୍ରଛାତ୍ରୀ ମାନଙ୍କୁ ସାମ୍ପ୍ରତିକ ପରିପ୍ରେକ୍ଷୀରେ କିପରି ଜନ ସାଧାରଣ ସାଇବର କ୍ରାଇମ ଶିକାରରୁ ନିଜକୁ କିପରି ସୁରକ୍ଷିତ ରଖି ପାରିବେ ଏବଂ ନାବାଳିକାଙ୍କ ଯୌନ ନିର୍ଯାତନା ବିରୋଧରେ ପୋକ୍ସୋ ନିୟମ ଆଧାରରେ କଣ ସବୁ ଆଇନ୍ ଗତ ପ୍ରାବଧାନ ରହିଛି ସେ ସବୁ ମୁଖ୍ୟ ବିଷୟ ବସ୍ତୁ ଉପରେ ଅବଗତ କରାଇଥିଲେ, ତାଙ୍କ ସହ ବଳିଙ୍ଗା ମହେନ୍ଦ୍ର ସାହୁ, ଇନ୍ସପେକ୍ଟର ସୁନୀଲ ସୁରେନ ପ୍ରମୁଖ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ସାହାଯ୍ୟ କରିଥିଲେ । ବିଶେଷ ଭାବେ ସଚେତନତା ରଥ ଆସି ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇବାରେ ମୁଖ୍ୟ ଆକର୍ଷଣ ସାଜିଥିଲା ।

## ବିଚାର ବିଭାଗୀୟ କର୍ମଚାରୀଙ୍କୁ ଶପଥ ପାଠ କରାଇଲେ ମାଜିଷ୍ଟ୍ରେଟ

**ଦିଗପହଣ୍ଡି, ୩୦।୧୦(ସଂଚାର ବ୍ୟୁରୋ):** ଦୁର୍ନୀତି ନିବାରଣ ସପ୍ତାହ ପାଳନ ପରିପ୍ରେକ୍ଷୀରେ ଗୁରୁବାର ଦିଗପହଣ୍ଡିସ୍ଥିତ ସିଭିଲ କୋର୍ଟ ସିନିୟର ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ବିଚାର ବିଭାଗୀୟ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଛନ୍ତି। ସିଭିଲ କୋର୍ଟ କମ୍ପ୍ଲେକ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ମାଜିଷ୍ଟ୍ରେଟ ଦୁର୍ନୀତି ନିବାରଣ ଆମର ସାମୂହିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିବା ସହ ଅନଲାଇନ ସେବା ମାଧ୍ୟମରେ ଦୁର୍ନୀତିକୁ ବହୁ ମାତ୍ରାରେ କମାଇ ଦିଆଯାଇ ପାରିବ ବୋଲି ମତ ପ୍ରକାଶ କରିଛନ୍ତି। ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଜେଏମଏଫସି କୋର୍ଟର ମାଜିଷ୍ଟ୍ରେଟ ନିଳିମା ଷଡ଼ଙ୍ଗୀ, ଅଞ୍ଜଳି ମହାରଣା, ସଂଗ୍ରାମ କେଶରୀ ପଣ୍ଡା,ପପୁନ ମହାରଣା, ରୁଦ୍ର ପ୍ରସାଦ ତାଣ୍ଡିଆ,ପିଲଟୁ ହେମ୍ବ୍ରମ, ନିରଞ୍ଜନ ଶବର, କେ. ନୋକେୟା ପ୍ରମୁଖ ଉପସ୍ଥିତ ଥିଲେ ।

**ଏସଡିଏମଓଙ୍କ ମୋବାଇଲ ଚୋରି**

## ଠାବ କଲା ନିଳଗିରି ପୁଲିସ

**ନୀଳଗିରି,୩୦।୧୦ (ସଂଚାର ବ୍ୟୁରୋ):** ନୀଳଗିରି ମେଡିକାଲର କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ତଥା ଏସ.ଡି.ଏମ.ଓ, ସରୋଜିନୀ ପ୍ରଧାନ ଆଜିକୁ ୪ଦିନ ତଳେ ନୀଳଗିରି ମେଡିକାଲରେ ଗର୍ଭବତୀ ମହିଳାଙ୍କୁ ଚିକିତ୍ସା କରୁଥିବାବେଳେ ହଠାତ୍ ଅଳ୍ପ ସମୟ ପାଇ ନିଜ ଟେବୁଲ୍ ଛାଡ଼ି ରୋଗୀ ଦେଖିବା ପାଇଁ ଯାଇଥିଲେ। ମାତ୍ର ତାଙ୍କର ମୋବାଇଲଟି ନିଜ ଟେବୁଲରେ ରଖି ଦେଇ ଯାଇଥିଲେ। ଫେରି ଆସି ଦେଖନ୍ତେ ମୋବାଇଲଟି ଚୋରି ହୋଇଯାଇଛି। ଏନେଇ ନିଳଗିରି ଥାନାରେ ଏକ ଅଭିଯୋଗ କରିଥିଲେ। ନିଳଗିରି ଥାନାର ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ମୋବାଇଲ୍ ଟ୍ରାକ କରି ମଲିୟାଣୀ ଗ୍ରାମର ଚନ୍ଦନ କୁମାର ମହାନ୍ତିଙ୍କ ନିକଟରୁ ଜବତ କରି ଡ଼ାକ୍ତରଙ୍କୁ ପ୍ରଦାନ କରିଛନ୍ତି। ଚୋରି ଦିନ ଚନ୍ଦନର ସ୍ତ୍ରୀ ସରୋଜିନୀ ମାଡାମଙ୍କ ପାଖକୁ ଯାଇଥିଲେ।

## ରକ୍ତଦାନ କରି ପ୍ରସୂତିଙ୍କ ଜୀବନ ବଞ୍ଚାଇଲେ ଦେବେନ୍ଦ୍ର

**ନବରଙ୍ଗପୁର,୩୦।୧୦(ସଂଚାର ବ୍ୟୁରୋ):** ଜଣେ ପ୍ରସୁତିମା'ଙ୍କୁ ଜରୁରୀ ସମୟରେ ରକ୍ତ ଦେଇ ଜୀବନଦାନ ଦେଇଛନ୍ତି ନବରଙ୍ଗପୁରର ଦେବେନ୍ଦ୍ର ଗଡ଼ନାୟକ। ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ପ୍ରସୁତି ନବଜାତ ଶିଶୁଙ୍କୁ ଜନ୍ମ ଦେଇଥିଲେ। କିଛି ସମୟ ପରେ ପ୍ରସୁତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା। ତାଙ୍କୁ ତୁରନ୍ତ ବି ପଜିଟିଭ୍ ରକ୍ତର ଆବଶ୍ୟକତା ପଡିଥିଲା। ଚିକିତ୍ସାଳୟର କାର୍ଯ୍ୟରତ କର୍ମଚାରୀ ଏବଂ ପ୍ରସୁତିଙ୍କ ପରିବାର ବର୍ଗ ରକ୍ତ ଯୋଗାଡ଼ କରିବା ପାଇଁ ସ୍ୱେଚ୍ଛାସେବୀ ବିକ୍ରମ ଦାଶଙ୍କ ସହ ଯୋଗାଯୋଗ କରିଥଲେ। ରକ୍ତ ଦେବା ପାଇଁ ବିକ୍ରମ ଦେବେନ୍ଦ୍ରଙ୍କୁ ଅନୁରୋଧ କରିଥିଲେ। ମଙ୍ଗଳବାର ବାତ୍ୟା 'ମୋନ୍ଥା'ର ପ୍ରଭାବ ଓ ପ୍ରତିକୂଳ ପାଗରେ ଦେବେନ୍ଦ୍ର ଡିଏଚଏଚ ରକ୍ତଭଣ୍ଡାରକୁ ଆସି ସ୍ୱେଚ୍ଛାକୃତ ରକ୍ତଦାନ କରି ପ୍ରସୁତି ମାଙ୍କ ଜୀବନ ବଂଚାଇଛନ୍ତି। ଦେବେନ୍ଦ୍ର ଏହା ପୂର୍ବରୁ ଏଭଳି ଜରୁରୀ ରୋଗୀ ଓ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ଭାବେ ୩୯ଥର ରକ୍ତଦାନ କରି ସାରିଥିବା କହିଛନ୍ତି।

## ଥାନା ପକ୍ଷରୁ ହେଉନି ପୁଲିସ ସମିତି ବୈଠକ, ତେଜୁଛି ଅସନ୍ତୋଷ



**ବେତନଟୀ,୩୦।୧୦ (ସଂଚାର ବ୍ୟୁରୋ):** ସରକାରଙ୍କ ପକ୍ଷରୁ ପ୍ରତି ଥାନାରେ ନିୟମିତ ଭାବେ ପୋଲିସ ସମିତି ବୈଠକ କରାଯିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ବେତନଟୀ ଥାନା ପକ୍ଷରୁ ଏହି ପୋଲିସ ସମିତି ବୈଠକ ସଠିକ ଭାବେ କରାଯାଉନାହିଁ। ଫଳରେ ବିଭିନ୍ନ ମହଲରୁ ଅସନ୍ତୋଷ ବୃଦ୍ଧିପାଉଛି। ସାଧାରଣ ଲୋକମାନେ ଥାନାକୁ ଯାଇ ବିଭିନ୍ନ ସ୍ଥାନୀୟ ସମସ୍ୟା ଗୁଡିକ ଅଭିଯୋଗ କରିବା ପାଇଁ ଆଗଭୋର ହେଉ ନ ଥିବା ବେଳେ ସରକାରଙ୍କ ପକ୍ଷରୁ କରାଯାଉଥିବା ପୋଲିସ ସମିତି ବୈଠକ ଏହାର ଶୂନ୍ୟ ସ୍ଥାନ ପୂରଣ କରି ପାରୁଥିଲା। ଥାନା ଅଞ୍ଚଳରେ ସ୍ଥାନୀୟ ଲୋକମାନେ ଏହି ପୋଲିସ ସମିତି ବୈଠକରେ ଉପସ୍ଥିତ ରହି ଆଇନଗତ ସମସ୍ୟା ଗୁଡିକୁ ବୈଠକରେ ଉପସ୍ଥାପନା କରିବା ପାଇଁ ସୁଯୋଗ ପାଉଥିବାବେଳେ ଏହାର ସମାଧାନ ପାଇଁ ବୈଠକ ଗୁରୁତ୍ୱ ଦେଉଥିଲା। ବେତନଟୀ ଥାନା ପକ୍ଷରୁ ପ୍ରାୟ ଏକ ବର୍ଷ ହେବ ପୋଲିସ ସମିତି ବୈଠକ ବସି ନ ଥିବାରୁ ଥାନା ଅଞ୍ଚଳରେ ବାଲି, ମୋରମ ଚୋରି ବୃଦ୍ଧି ପାଉଛି। ଏଭଳିକି ଚୋରି ଛିନତାଇ କରୁଥିବା ଅଭିଯୁକ୍ତମାନେ ଏହି ଥାନା ଅଞ୍ଚଳରୁ ସହଜରେ ଖସି ପଳାଇ ଯାଉଛନ୍ତି। ଅଭିଯୁକ୍ତ ମାନଙ୍କୁ ଧରିବାରେ ପୋଲିସ ସକ୍ଷମ ହେଉନାହିଁ। ବାଇକ ଚୋରି ସବୁବେଳେ ବେତନଟୀ ବଜାର ରେ ବୃଦ୍ଧି ପାଉଥିବା ବେଳେ ଚୋରି ବାଇକକୁ ଉଦ୍ଧାର କରିବା ଅଭିଯୁକ୍ତକୁ ଚିହ୍ନଟ କରିବା ପାଇଁ ଆଖି ଦୃଶିଆ ପଦକ୍ଷେପ ବେତନଟୀ ପୋଲିସ ପକ୍ଷରୁ ନିଆ ଯାଉ ନ ଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି।

## ବାତ୍ୟା 'ମୋନ୍ଥା'ର ପ୍ରଭାବ: ଦୁଇଟି ପରିବାରର ଘର କାନ୍ଥ ଭାଙ୍ଗିଲା



**ଘୁ ଉଦୟଗିରି,୩୦।୧୦ (ସଂଚାର ବ୍ୟୁରୋ):** ସବୁଠି ବାତ୍ୟା ମୋନ୍ଥାର ପ୍ରଭାବ । ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତର ତାରାବାଡି ଗ୍ରାମରେ ବାତ୍ୟା ମୋନ୍ଥାର ପ୍ରଭାବରେ ଦୁଇଟି ଘର ଭାଙ୍ଗିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ହରିବନ୍ଧୁ ଦିଗାଲ ଓ ତାଙ୍କ ସ୍ତ୍ରୀ ଘରେ ରହିଥିବା ବେଳେ ସକାଳ ସମୟ ୮ଟାରେ ହଠାତ୍ ଘର କାନ୍ଥ ବାହାର ଆଡ଼କୁ ପଡିଯାଇଥିଲା । ସେଥିରେ କାହାର କିଛି କ୍ଷତି ହୋଇନାହିଁ। ଯଦି ଭିତରକୁ ପଡ଼ି ଥାଆନ୍ତା ତେବେ ଅଘଟଣ ହେବାର ସମ୍ଭାବନା ଥିଲା। ସେହିପରି ଅଶୋକ ଦିଗାଲଙ୍କ ଘର କାନ୍ଥ ଭାଙ୍ଗିଛି । ରାତିରେ ଉପରେ କାନ୍ଥ ଟିକେ ଭାଙ୍ଗିଥିଲା,ସକାଳେ ପୁଣି ଆଉ ଭାଙ୍ଗିବା ଦେଖି ସେମାନେ କାନ୍ଥ ଠେସ ଦେଇ ରଖିଛନ୍ତି । କାନ୍ଥ ଭାଙ୍ଗିବା ପରେ ଘରର ଟିଣ ମଧ୍ୟ ନଷ୍ଟ ହୋଇଛି । ତେବେ ଖବର ପାଇ ରାଜସ୍ୱ ବିଭାଗ ପକ୍ଷରୁ ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ସହଯୋଗ କରିଥିବା ଦେଖିବାକୁ ମିଳିଛି। ସେପଟେ ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷାର ବିକଳ ଚିତ୍ର ଗଂଜାମଜିଲ୍ଲା ଧରାକୋଟ ବ୍ଲକରେ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ଯୋଗୁଁ ଏଠାରେ ଚାଷୀମାନେ ବ୍ୟାପକ ଫସଲ କ୍ଷତି ସାମ୍ନା କରିଛନ୍ତି। ଚାଷୀମାନଙ୍କର ଖେତରେ ଥିବା ଧାନ ଏବଂ ବଗିଚାରେ ଥିବା ପନିପରିବା ନଷ୍ଟ ହୋଇଛି। ଧାନଖେତରେ ପାଣି ଲହଡ଼ି ଭାଙ୍ଗୁଥିବା ବେଳେ ବଗିଚାରେ ପନିପରିବା ନଷ୍ଟ ହୋଇଛି। ପରିବା ଗଛ ପଚିବା, ଫୁଲ ଝଡ଼ିବା ଭଳି ସମସ୍ୟା ଉପୁଜିଛି।

## ରାସ୍ତାରେ ଯାଉଥିବା ଯାତ୍ରୀଙ୍କ ମନମୋହିଲା ଇନ୍ଦ୍ରଧନୁ



**କୋରାପୁଟ,୩୦।୧୦(ସଂଚାର ବ୍ୟୁରୋ):** ଗୁରୁବାର ଅପରାହ୍ଣରେ କୋରାପୁଟ ଆକାଶରେ ଇନ୍ଦ୍ରଧନୁ ଦେଖାଯାଇଛି। ଗୁରୁବାର ଅପରାହ୍ଣ ୫ଟା ସମୟରେ କୋରାପୁଟ ଭବାନୀନଗରସ୍ଥିତ ପୂର୍ବ ଆକାଶରେ ଏହା ଦେଖିବାକୁ ମିଳିଛି। ଅପରାହ୍ଣରେ ହଠାତ ଝିପିଝିପି ବର୍ଷା ପରେ ଏହା ଦେଖିବାକୁ ମିଳିଛି। ଇନ୍ଦ୍ରଧନୁର ସାତରଙ୍ଗ ଦେଖିବାକୁ ରାସ୍ତାରେ ଯାଉଥିବା ଯାତ୍ରୀ କିଛି ସମୟ ପାଇଁ ସେଠାରେ ଅଟକି ରହି ଏହାର ଉପଭୋଗ କରିଥିଲେ।